# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୮/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, March 18/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୧୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 115 ମୂଲ୍ୟ ₹୭/-


# ସୁରକ୍ଷା ନାହିଁ, ଯାଉଛି ଜୀବନ

**ପଥର ଖାଦାନ ଓ କ୍ରଶର ୟୁନିଟ୍‌ଗୁଡ଼ିକରେ ଆବଶ୍ୟକ ସୁରକ୍ଷା ଉପକରଣ ଅଭାବ, ଚିକିତ୍ସା ସୁବିଧା ନ ମିଳିବାରୁ ଅକାଳରେ ଶ୍ରମିକମାନେ ମୃତ୍ୟୁବରଣ କରୁଛନ୍ତି। ସରକାରୀ ଅନୁପାଳନ ବିନା ଗଢ଼ି ଉଠିଥିବା ପଥର କ୍ରଶର ୟୁନିଟ୍‌ରେ ଏଭଳି ଅବ୍ୟବସ୍ଥା ବିଭିନ୍ନ ସମୟରେ ଲାଗି ରହୁଥିଲେ ସୁଦ୍ଧା କୋହଳ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଦୁର୍ଘଟଣାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି। ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରାହାଡପୁରସ୍ଥିତ ପଥର କ୍ରଶରରେ ରବିବାର ଜଣେ ଶ୍ରମିକ ଚକା ବେଲ୍ଟ ଖୋଲିବାବେଳେ ଚାପି ହୋଇ ମୃତ୍ୟୁବରଣ କରିବା ପରେ ଶ୍ରମିକଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

## କ୍ରଶରରେ ଚାପିହୋଇ ଶ୍ରମିକ ମୃତ



**ଯାଜପୁର, ୧୭।୩ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା କଳାପଥର ଖାଦାନ ଏବଂ କ୍ରଶରଗୁଡିକରେ ନିୟମିତ ବ୍ୟବଧାନରେ ଅଘଟଣ ଘଟି କାର୍ଯ୍ୟରତ ଶ୍ରମିକମାନଙ୍କ ଜୀବନ ଯାଉଛି। ଗରିବ ଲୋକଙ୍କ ଜୀବନକୁ ବାଜି ଲଗାଇ କେତେଜଣ ଖାଦାନ ଓ କ୍ରଶର ମାଲିକ ଆଇନକୁ ଫାଙ୍କି କେବଳ ଲାଭ ଉପାର୍ଜନ କରିବାରେ ଲାଗିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାହାଡ଼ପୁର କଳାପଥର ଖାଦାନ ନିକଟସ୍ଥ ଶିବ ଶକ୍ତି ଷ୍ଟୋନ କ୍ରଶରରେ କାମ କରୁଥିବା ସମୟରେ ଚକା ବେଲ୍ଟ ଛିଡ଼ିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଶ୍ରମିକ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁଡା ଜିଲା ବରିକୁଲ ଅଞ୍ଚଳର ଶ୍ୟାମସୁନ୍ଦର ହାଁସଦା(୩୦) ଓ ଗୁରୁତର ଶ୍ରମିକ ହେଲେ ସେହି ଅଞ୍ଚଳର ଅନିଲ ସୋରେନ(୩୦)। ଗୁରୁତର ଅନିଲଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିରେ ଅନ୍ୟ କେତେଜଣ ଶ୍ରମିକ ଅଳ୍ପକେ ବର୍ତ୍ତିଯାଇଥିବା ଚର୍ଚ୍ଚା ହେଉଛି। ଏହି ଘଟଣାକୁ କ୍ରଶର ମାଲିକ ଚପାଇ ଦେବାକୁ ଉଦ୍ୟମ କରୁଥିବାବେଳେ ରାହାଡପୁର ଗ୍ରାମବାସୀ ରମ୍ପେଇ ଛକଠାରେ ଆନ୍ଦୋଳନ କରିଥିଲେ। ପରେ ଜେନାପୁର ଥାନା ପୋଲିସ ଓ ପ୍ରଶାସନ ଘଟଣାସ୍ଥଳକୁ ପହଞ୍ଚି ଉପଯୁକ୍ତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜେନାପୁର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ଏ ନେଇ ଖବର ଦିଆଯାଇଛି । ପଶ୍ଚିମବଙ୍ଗରୁ ଆସି ଏଠାରେ ପହଞ୍ଚିବା ପରେ ସେମାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯିବ । ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ଧର୍ମଶାଳା ତହସିଲ ଅଞ୍ଚଳର ସମସ୍ତ ଲିଜ୍‌ପ୍ରାପ୍ତ, ବେଆଇନ କଳାପଥର ଖାଦାନ ଏବଂ କ୍ରଶରଗୁଡିକରେ ସଦାସର୍ବଦା ବିନା ସୁରକ୍ଷାରେ ଶ୍ରମିକମାନଙ୍କୁ ନିୟୋଜନ କରାଯାଉଛି। ଏହା ପୋଲିସ ଓ ପ୍ରଶାସନିକ ☞ପୃଷ୍ଠା-୧୧

# ଭୂପେଶ ବଘେଲଙ୍କ ନାଁରେ ଏତଲା

## ମହାଦେବ ବୁକ୍ ବେଟିଂ ଦୁର୍ନୀତି ମାମଲା



**ରାୟପୁର, ୧୭।୩**

ବିବାଦୀୟ ମହାଦେବ ବୁକ୍ ଅନ୍‌ଲାଇନ ବେଟିଂ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନାଁରେ ଛତିଶଗଡ଼ର ଆର୍ଥିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏତଲା ଦାଏର କରିଛି। ୬,୦୦୦ କୋଟି ଟଙ୍କାର ଏହି ଦୁର୍ନୀତି ମାମଲାରେ ବଘେଲ ସାମିଲ ଥିବା ଅଭିଯୋଗ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅଭିଯୋଗ ଆଧାରରେ ଗତ ୪ ତାରିଖରେ ଏତଲା ଦାଏର ହୋଇଥିବାବେଳେ ଶନିବାର ରାତିରେ ଏହା ସାମ୍ନାକୁ ଆସିଛି। ଏଫ୍‌ଆଇଆର୍‌ରେ ଥିବା ଅଭିଯୁକ୍ତ ଏବଂ ସନ୍ଦିଗ୍ଧଙ୍କ ତାଲିକାରେ ବଘେଲଙ୍କ ନାଁ ରହିଛି। ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ବଘେଲ ଛତିଶଗଡ଼ର ରାଜନନ୍ଦଗାଁଓରୁ ପ୍ରାର୍ଥୀ ହୋଇଛନ୍ତି। ମହାଦେବ ବୁକ୍ ଦୁର୍ନୀତି ମାମଲାରେ ଇଡି ପୂର୍ବରୁ ବ୍ୟାପକ ଚଢ଼ାଉ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଦୁର୍ନୀତିରେ ସରକାରୀ ଅଧିକାରୀମାନେ ☞ପୃଷ୍ଠା-୧୧






# ଇଲେକ୍ଟୋରାଲ ବଣ୍ଡରୁ ଭାଜପାକୁ ୬,୯୮୬.୫ କୋଟି

- **ସାନି ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦେଲେ ଇସି**
- **ଡିଏମ୍‌କେକୁ ଫ୍ୟୁଚର ଗେମିଂ ଆଣ୍ଡ୍ ହୋଟେଲ ସର୍ଭିସେସ୍ ଦେଇଛି ୫୦୯ କୋଟି**
- **ବିଜେଡି ଚତୁର୍ଥ ସର୍ବାଧିକ ୯୪୪.୫ କୋଟି ଟଙ୍କା ପାଇଛି**

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ଭାରତର ନିର୍ବାଚନ କମିଶନର(ଇସିଆଇ) ରବିବାର ଇଲେକ୍ଟୋରାଲ ବଣ୍ଡର ସାନି ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ପୂର୍ବରୁ ଇସିଆଇ ଉକ୍ତ ତଥ୍ୟଗୁଡ଼ିକୁ ଜଉମୁଦା ଲଫାପାରେ ସୁପ୍ରିମକୋର୍ଟରେ ଦାଖଲ କରିଥିଲା। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସେଗୁଡ଼ିକୁ ସାର୍ବଜନୀନ କରାଯାଇଛି। ୨୦୧୯ ଏପ୍ରିଲ ୧୨ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିଲେ। ଉକ୍ତ ତଥ୍ୟ ଅନୁଯାୟୀ ୨୦୧୮ରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଭାଜପା ଏଥିରୁ ସର୍ବାଧିକ ୬,୯୮୬.୫ କୋଟି ଟଙ୍କା ଚାନ୍ଦା ପାଇଛି। ଏହା ପଛକୁ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ ପାଇଥିବା ଚାନ୍ଦା ପରିମାଣ ୧,୩୯୭ କୋଟି ହୋଇଥିବାବେଳେ କଂଗ୍ରେସକୁ ୧,୩୩୪ କୋଟି ଏବଂ ବିଆର୍‌ଏସ୍‌କୁ ୧,୩୨୨ କୋଟି ଟଙ୍କା ମିଳିଛି। ଓଡ଼ିଶାର ଶାସକ ଦଳ ବିଜେଡି ନିର୍ବାଚନୀ ବଣ୍ଡରୁ ଚତୁର୍ଥ ସର୍ବାଧିକ ଚାନ୍ଦା ପାଇଛି। ଏହି ଦଳକୁ ମିଳିଥିବା ଚାନ୍ଦା ପରିମାଣ ୯୪୪.୫ କୋଟି ଟଙ୍କା। ସେହିପରି ତାମିଲନାଡୁର ଶାସକ ଦଳ ଡିଏମ୍‌କେ ବଣ୍ଡରୁ ୬୫୬.୫ କୋଟି ପାଇଥିବାବେଳେ ଆନ୍ଧ୍ରପ୍ରଦେଶର ଶାସକ ଦଳ ୱାଇଏସ୍‌ଆର୍ କଂଗ୍ରେସ ୪୪୨.୮ କୋଟି ଟଙ୍କା ପାଇଛି। ଇଲେକ୍ଟୋରାଲ ବଣ୍ଡର ସର୍ବାଧିକ କ୍ରେତା ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ସର୍ବାଧିକ ୧,୩୬୮ କୋଟି ଟଙ୍କାର ବଣ୍ଡ କିଣିଥିବାବେଳେ ଡିଏମ୍‌କେକୁ ୫୦୯ କୋଟି ଟଙ୍କା ଚାନ୍ଦା ଦେଇଥିବା ରବିବାର ପ୍ରକାଶିତ ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟରୁ ଜଣାପଡ଼ିଛି। ଡିଏମ୍‌କେକୁ ଚାନ୍ଦା ଦେଇଥିବା ଅନ୍ୟ ବଡ଼ ଦାତାମାନଙ୍କ ମଧ୍ୟରେ ଅଛନ୍ତି ମେଘା ☞ପୃଷ୍ଠା-୧୧

# ଆଦର୍ଶ ଆଚରଣବିଧି ଲାଗି ବନ୍ଦ ରହିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଭୁବନେଶ୍ୱର, ୧୭।୩ (ସୁନିତ୍ ମିଶ୍ର)**

ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିସାରିଛନ୍ତି। ଦେଶରେ ବର୍ତ୍ତମାନ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ମେ ୧୩ ତାରିଖରୁ ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ନିର୍ବାଚନ ହେବାକୁ ଥିବାବେଳେ ଜୁନ୍ ୪ରେ ଭୋଟ୍ ଗଣତି ହେବ। ତେଣୁ ଏହାପରେ ଯାଇ ଆଦର୍ଶ ଆଚରଣବିଧି ହଟିବ। ତେଣୁ ଏହି ସମୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ ବୋଲି କୁହାଯାଇଛି।


**ଆଜିର ସମ୍ପାଦକୀୟ**

ବିଦେଶୀ ହୋଇପାରନ୍ତି ଦୂତ


**ଆଜିର ମନ୍ତବ୍ୟ**

"କଂଗ୍ରେସ ଇଭିଏମ୍‌କୁ ନୁହେଁ, ବରଂ ଇଲେକ୍ଟ୍ରୋନିକ୍ ଭୋଟିଂ ଜାଲିଆତିକୁ ବିରୋଧ କରୁଛି। ଭିଭିପିଏଟି ସ୍ଲିପ୍ ସହ ୧୦୦ ପ୍ରତିଶତ ଭୋଟ ଗଣତି କରାଗଲେ ମତଦାନ ବ୍ୟବସ୍ଥାର ବିଶ୍ୱସନୀୟତା ରହିବ।

-ଜୟରାମ ରମେଶ, କଂଗ୍ରେସ ନେତା









ମୁମ୍ବାଇରେ ନ୍ୟାୟ ସଂକଳ୍ପ ପଦଯାତ୍ରା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀ।

## ନ୍ୟାୟ ଯାତ୍ରା ଶେଷ ଦିନରେ ଶକ୍ତି ଦେଖାଇଲେ ବିରୋଧୀ

**ମୁମ୍ବାଇ,୧୭।୩:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଜାନୁଆରୀ ୧୪ରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଣିପୁରରୁ ଆରମ୍ଭ ହୋଇଥିଲା। ଦେଶର ପୂର୍ବରୁ ପଶ୍ଚିମ ୬,୭୦୦ କିଲୋମିଟର ଅତିକ୍ରମ କରିବା ପରେ ରବିବାର ମୁମ୍ବାଇର ଶିବାଜୀ ପାର୍କରେ ଏହି ଯାତ୍ରା ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ଅନୁଷ୍ଠିତ ରାଲିରେ ଇଣ୍ଡିଆ ମେଣ୍ଟର ନେତାମାନେ ଯୋଗଦେଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ରାଲିରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଥିଲେ, ରାହୁଲ ନ୍ୟାୟ ଯାତ୍ରା ଜରିଆରେ ଭାରତର ସମ୍ବିଧାନ ଓ ଭ୍ରାତୃତ୍ୱର ସୁରକ୍ଷା ପାଇଁ ସାରା ଦେଶକୁ ବାର୍ତ୍ତା ଦେଇଛନ୍ତି। ସେହିପରି ଏନ୍‌ସିପି-ଏସ୍‌ସିପି ମୁଖ୍ୟ ଶରଦ ପାୱାର କହିଥିଲେ, ଏହି ସହରରୁ ମହାତ୍ମା ଗାନ୍ଧୀ 'ଭାରତ ଛାଡ଼'ର ଡାକରା ଦେଇଥିଲେ। ଆଜି ଆମେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ପ୍ରତିଜ୍ଞା ନେବା ବୋଲି ପାୱାର କହିଛନ୍ତି।

## ୟୁଟ୍ୟୁବର ଏଲ୍‌ଭିଶ ଯାଦବ ଗିରଫ

ନଏଡା,୧୭।୩



ୟୁଟ୍ୟୁବର ତଥା ଓଟିଟି୨ ବିଜେତା ଏଲ୍‌ଭିଶ ଯାଦବଙ୍କୁ ସାପ ବିଷ ମାମଲାରେ ରବିବାର ଗିରଫ କରାଯାଇଛି। ନଏଡା ପୋଲିସ ଏଲ୍‌ଭିଶଙ୍କୁ ଜେରା ପାଇଁ ଡାକିଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରି ଏକ ସ୍ଥାନୀୟ କୋର୍ଟରେ ହାଜର କରାଇଥିଲା। ତାଙ୍କ ଗିରଫଦାରି ବେଳର ଏକ ଭିଡିଓ ଫୁଟେଜ୍ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଏଲ୍‌ଭିଶଙ୍କ ବିରୋଧରେ ରେଭ୍ ପାର୍ଟିଗୁଡ଼ିକୁ ସାପ ବିଷ ଯୋଗାଉଥିବା ଓ ନିଜେ ବ୍ୟବହାର କରୁଥିବା ଅଭିଯୋଗ ରହିଥିଲା। ମାନେକା ଗାନ୍ଧୀଙ୍କ ପିପୁଲ ଫର ଆନିମଲ୍ସ ପକ୍ଷରୁ ନଏଡା ସେକ୍ଟର ୫୧ରେ ଏକ ରେଭ୍ ପାର୍ଟି ଚାଲିଥିବାବେଳେ ଷ୍ଟିଙ୍ଗ୍ ଅପରେଶନ୍‌ରେ ସେ ଧରାପଡ଼ିଥିଲେ। ଏଲ୍‌ଭିଶଙ୍କ ସହ ଆଉ ୫ ଜଣଙ୍କ ନାମରେ ବଣ୍ୟପ୍ରାଣୀ (ସୁରକ୍ଷା) ଆଇନ ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୧୨୦ଏ (ଆପରାଧିକ ଷଡ଼ଯନ୍ତ୍ର) ବଳରେ ମାମଲା ରୁଜୁ ହୋଇଥିଲା। ଅନ୍ୟ ୫ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇଥିବାବେଳେ ରେଭ୍ ପାର୍ଟି ଏବଂ ସାପ ବିଷ ଯୋଗାଣରେ ଏଲ୍‌ଭିଶଙ୍କ ଭୂମିକାକୁ ନେଇ ତଦନ୍ତ ଚାଲିଥିଲା। ଗତ ବର୍ଷ ନଭେମ୍ବର ୫ରେ ହୋଇଥିବା ଉକ୍ତ ପାର୍ଟିରୁ କୋବ୍ରା ଓ କ୍ରାଇଟ୍ ପ୍ରଜାତିର ସାପ ବିଷର ନମୁନା ଜବତ ହୋଇଥିବା ଫରେନ୍‌ସିକ୍ ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ସେହି ପାର୍ଟିରେ ଏଲ୍‌ଭିଶ ଉପସ୍ଥିତ ନ ଥିଲେ।

## ୨୦୧୮ ମାର୍ଚ୍ଚରୁ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ତଥ୍ୟ ପାଇଁ ସୁପ୍ରିମକୋର୍ଟରେ ପିଟିଶନ

ନୂଆଦିଲ୍ଲୀ,୧୭।୩(ପି.ଟି.)

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ ହେବା ଦିନଠାରୁ ସମ୍ପୂର୍ଣ୍ଣ ଅବଧିର ତଥ୍ୟ ଭୋଟରମାନେ ଜାଣିବାକୁ ହକ୍‌ଦାର। ତେଣୁ ୨୦୧୮ ମାର୍ଚ୍ଚ ୧ରୁ ୨୦୧୯ ଏପ୍ରିଲ ୧୧ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରିର ସବିଶେଷ ତଥ୍ୟ ସାର୍ବଜନୀନ କରିବା ପାଇଁ ନିବେଦନ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ଗତ ମାସ ୧୫ରେ ସୁପ୍ରିମକୋର୍ଟ ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିବା ସହ ଏହାର ସବିଶେଷ ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏସ୍‌ବିଆଇ ଇସିଆଇଙ୍କ ନିକଟରେ ୨୦୧୯ ଏପ୍ରିଲ ୧୨ରୁ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ ବଣ୍ଡ୍ ବିକ୍ରି ତଥ୍ୟ ଦାଖଲ କରିଥିଲା। ୨୦୧୮ ମାର୍ଚ୍ଚରୁ ୨୦୧୯ ଏପ୍ରିଲ ମଧ୍ୟରେ ୪,୦୦୨ କୋଟି ଟଙ୍କାର ୯,୧୫୯ଟି ବଣ୍ଡ୍ ବିକ୍ରି ହୋଇଥିବାବେଳେ ତାହାର ତଥ୍ୟ ଦେବା ପାଇଁ ସିଟିଜେନ୍ସ ରାଇଟ୍ସ ଟ୍ରଷ୍ଟ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଉକ୍ତ ତଥ୍ୟରେ ଆଲଫାନ୍ୟୁମେରିକ୍ କ୍ରମାଙ୍କରେ ଇଲେକ୍ଟୋରାଲ ବଣ୍ଡ୍ କେତ୍ରାଙ୍କ ନାମ ପ୍ରକାଶ କରିବା ସହ ସେମାନେ କିଣିଥିବା ତାରିଖ, ଦାନ ରାଶିର ପରିମାଣ ଏବଂ ଦଳର ନାଁ ଉଲ୍ଲେଖ କରିବାକୁ ପିଟିଶନରେ କୁହାଯାଇଛି।

### ସଂକ୍ଷେପରେ

## ଅରୁଣାଚଳ, ସିକିମ ବିଧାନସଭା ଭୋଟ ଗଣତି ଜୁନ୍ ୨ରେ

**ନୂଆଦିଲ୍ଲୀ,୧୭।୩(ପି.ଟି.):** ନିର୍ବାଚନ ତାରିଖ ଘୋଷଣାର ଦିନକ ପରେ ଭାରତର ନିର୍ବାଚନ କମିଶନର (ଇସିଆଇ) ଅରୁଣାଚଳପ୍ରଦେଶ ଏବଂ ସିକିମ ବିଧାନସଭାର ଭୋଟଗଣତି ତାରିଖ ବଦଳାଇଛନ୍ତି। ସେଠାରେ ଜୁନ୍ ୪ ପରିବର୍ତ୍ତେ ଜୁନ୍ ୨ରେ ବିଧାନସଭା ପାଇଁ ହୋଇଥିବା ଭୋଟ୍‌ର ଗଣନା କରାଯିବ। ତେବେ ଉକ୍ତ ରାଜ୍ୟର ଲୋକ ସଭା ଭୋଟ ଗଣନା ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅରୁଣାଚଳପ୍ରଦେଶ ଏବଂ ସିକିମ ବିଧାନସଭା କାର୍ଯ୍ୟକାଳ ଜୁନ୍ ୨ରେ ଶେଷ ହେଉଥିବାରୁ ସେଠାରେ ଭୋଟଗଣତି ତାରିଖରେ ପରିବର୍ତ୍ତନ କରାଯାଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ଉଭୟ ରାଜ୍ୟରେ ଏପ୍ରିଲ ୧୯ରେ ମତଦାନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୨୭ ରହିଛି।

### ଅଗୁଷ୍ଟା ହେଲିକପ୍ଟର ଦୁର୍ନୀତି ମାମଲା

## ସୁପ୍ରିମକୋର୍ଟ ଗଲେ ଅଭିଯୁକ୍ତ ମିଶେଲ

**ନୂଆଦିଲ୍ଲୀ,୧୭।୩:** ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ଜେଲରେ ଥିବା ଅଭିଯୁକ୍ତ କ୍ରିଷ୍ଟିଆନ ମିଶେଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୀବନ ଧାରଣ ଏବଂ ସ୍ୱାଧୀନତା ଅଧିକାର ଅନୁଯାୟୀ ତାଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯିବାକୁ ସେ ଅଦାଲତଙ୍କୁ ନିବେଦନ କରିଛନ୍ତି। ବ୍ରିଟିଶ୍ ନାଗରିକ ମିଶେଲ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି ଯେ, ସେ ଏପର୍ଯ୍ୟନ୍ତ ଜେଲରେ ୫ ବର୍ଷ ୩ ମାସ କଟାଇ ସାରିଲେଣି। ଯଦି ସେ ଲାଞ୍ଚ ମାମଲାରେ ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ ସର୍ବାଧିକ ଦଣ୍ଡ ପରିମାଣ ୫ ବର୍ଷ ରହିଛି। ହେଲିକପ୍ଟର କିଣା ଦୁର୍ନୀତି ମାମଲାର ତଦନ୍ତ ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବାରୁ ବିଚାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ତେଣୁ ତାଙ୍କୁ ଅଧିକ ଦିନ ବିଚାର ବିଭାଗୀୟ ହାଜତରେ ରଖିବା ବେଆଇନ ବୋଲି ମିଶେଲ କହିଛନ୍ତି। ସୋମବାର ସୁପ୍ରିମକୋର୍ଟ ତାଙ୍କ ଆବେଦନର ଶୁଣାଣି କରିବେ।

# ନମାଜ ପାଠରୁ ବିଦେଶୀ ଛାତ୍ରଙ୍କୁ ଆକ୍ରମଣ

### ଗୁଜରାଟ ବିଶ୍ୱବିଦ୍ୟାଳୟରେ ହିଂସା

ଅହମଦାବାଦ/ନୂଆଦିଲ୍ଲୀ,୧୭।୩

ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟର 'ଏ' ବ୍ଲକ୍ ହଷ୍ଟେଲରେ ବିଦେଶୀ ଛାତ୍ରମାନେ ନମାଜ ପାଠ କରିବାରୁ ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ଏକ ଗୋଷ୍ଠୀ ପକ୍ଷରୁ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ୫ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଶ୍ରୀଲଙ୍କା ଓ ତାଜିକିସ୍ତାନର ଜଣେ ଲେଖାଏ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାମୁଛା ପିନ୍ଧି 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିବା ଜଣେ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି। କିନ୍ତୁ ଅହମଦାବାଦ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ।

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଗୁଜରାଟ ୟୁନିଭର୍ସିଟିରେ ଆଫଗାନିସ୍ତାନ, ତାଜିକିସ୍ତାନ, ଶ୍ରୀଲଙ୍କା ଓ ଅନ୍ୟ କେତେକ ରାଷ୍ଟ୍ରର ପ୍ରାୟ ୩୦୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। 'ଏ' ବ୍ଲକ୍ ହଷ୍ଟେଲରେ ପ୍ରାୟ ୭୫ ଛାତ୍ରୀଛାତ୍ର ରୁହନ୍ତି। ଶନିବାର ରାତି ପ୍ରାୟ ୧୦ଟା ୫୦ରେ ଉକ୍ତ ହଷ୍ଟେଲକୁ ୨ ଡଜନରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରବେଶ କରିଥିଲେ। ଛାତ୍ରାବାସରେ ରହୁଥିବା ବିଦେଶୀ ଛାତ୍ରମାନେ ସେଠାରେ ନମାଜ ପାଠ କରୁଥିବାରୁ ସେମାନେ ଆପତ୍ତି ଉଠାଇଥିଲେ। ଅଣଛାତ୍ର ଗୋଷ୍ଠୀ ସେମାନଙ୍କୁ କୌଣସି ମସ୍‌ଜିଦକୁ ଯାଇ ନମାଜ ପାଠ କରିବାକୁ କହିଥିଲେ।


ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ଆହତ ଛାତ୍ରଙ୍କୁ ଭେଟୁଛନ୍ତି କଂଗ୍ରେସ ବିଧାୟକ ଇମ୍ରାନ୍ ଖେଡାୱାଲା ଏବଂ ପୂର୍ବତନ ବିଧାୟକ ଗ୍ୟାସୁଦ୍ଦିନ୍ ଶେଖ୍।

ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଣଛାତ୍ର ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ବିଦେଶୀ ଛାତ୍ରଙ୍କ ଉପରେ ଟେକାମାଡ଼ ସହ ସେମାନଙ୍କ ରୁମ୍‌ଗୁଡ଼ିକରେ ଭଙ୍ଗାରୁଜା କରିଥିଲେ। କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଯିବା ପରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ କମିଶନର ଜିଏସ୍ ମଲିକ୍ କହିଛନ୍ତି, ୨୦-୨୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପାଇଁ ଏକ ୯ ଜଣିଆ ଟିମ୍ ଗଠନ କରାଯାଇଛି। ଗୃହମନ୍ତ୍ରୀ ହର୍ଷ ସାଙ୍ଘଭୀ ପୋଲିସ ଅଧିକାରୀମାନଙ୍କ ସହ ବୈଠକ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ନୀରଜ ଗୁପ୍ତା କହିଛନ୍ତି, ହଷ୍ଟେଲରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ସରକାର ଓ ପୋଲିସ ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇଛନ୍ତି। ତଦନ୍ତ ଚାଲିଛି। ସେହିପରି ଗୁଜରାଟ ସରକାର ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସୱାଲ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି।

## ପୁଟିନ୍‌ଙ୍କ ନିର୍ବାଚନ ବେଳେ ୟୁକ୍ରେନ୍‌ର ଆକ୍ରମଣ

ମସ୍କୋ,୧୭।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଉ ୬ ବର୍ଷ କ୍ଷମତାରେ ରହିବା ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ମତଦାନର ଅନ୍ତିମ ଦିନ ୟୁକ୍ରେନ୍ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଶନିବାର ଏହି ରାତିଅଧିଆ ଅତର୍କିତ ଆକ୍ରମଣରେ ୩୫ଟି ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସେଥିରୁ ୪ଟି ଡ୍ରୋନ୍ ମସ୍କୋ ଅଞ୍ଚଳକୁ ଟାର୍ଗେଟ କରି ଛଡ଼ାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତମାସରେ ଆର୍କଟିକ୍ ଜେଲରେ ୭୧ ବର୍ଷୀୟ ପୁଟିନ୍‌ଙ୍କ ବଡ଼ ସମାଲୋଚକ ଏଲେକ୍ସି ନାଭାଲ୍‌ନିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଆଖିଦୃଶିଆ ପ୍ରାର୍ଥୀମାନଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯାଇଛି। ତେଣୁ ଶୁକ୍ରବାରଠାରୁ ଚାଲିଥିବା ୩ ଦିନିଆ ମତଦାନ ବେଳେ ତାଙ୍କୁ ବିଶେଷ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିନାହିଁ। ପୁଟିନ୍ ପୁଣିଥରେ ନିର୍ବାଚିତ ହେବା ନିଶ୍ଚିତ ବୋଲି କୁହାଯାଉଛି।


ଡ୍ରୋନ୍ ମାଡ଼ ପରେ ବେଲ୍‌ଗୋରୋଡ୍‌ର ଏକ କୋଠା ଭାଙ୍ଗିଯାଇଛି।

## ଅନିଶ୍ଚିତତାରେ ଋଷି ସୁନକଙ୍କ ନେତୃତ୍ୱ

ଲଣ୍ଡନ,୧୭।୩(ପି.ଟି.)

ଚଳିତବର୍ଷ ଶେଷ ଭାଗରେ ବ୍ରିଟେନ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଶାସକ ଦଳ କଞ୍ଜରଭେଟିଭ୍ ପାର୍ଟିରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଗୋଟିଏ ଗୋଷ୍ଠୀ ଦାବି ଉଠାଇଛନ୍ତି। ଫଳରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନେତୃତ୍ୱକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏଥିରୁ ବର୍ତ୍ତିବା ଲାଗି ସୁନକ ଉଦ୍ୟମ ଚଳାଇଥିବାବେଳେ ଜଣେ ମନ୍ତ୍ରୀ ତାଙ୍କୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଆଗୁଆ ନିର୍ବାଚନ ସମ୍ଭାବନାକୁ ୪୩



ବର୍ଷୀୟ ବ୍ରିଟିଶ ଭାରତୀୟ ନେତା ଖଣ୍ଡନ କରିଛନ୍ତି। ସେ ପ୍ରଚାରକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ଆସନ ହରାଇବା ଆଶଙ୍କାରେ ଥିବା ଦଳର କେତେଜଣ ବିଦ୍ରୋହୀ ନେତାଙ୍କ ମଧ୍ୟରେ ଅସନ୍ତୋଷର ସ୍ୱର ଦେଖାଯାଇଛି। ତେବେ ସାଧାରଣ ନିର୍ବାଚନରେ ସୁନକ କଞ୍ଜରଭେଟିଭ୍ ପାର୍ଟିର ନେତା ରହିବେ ବୋଲି ପରିବହନ ମନ୍ତ୍ରୀ ମାର୍କ ହାର୍ପର ଦୃଢ଼ୋକ୍ତି କରିଛନ୍ତି। ସୁନକଙ୍କ ସ୍ଥାନରେ ପୂର୍ବତନ ପ୍ରତିଦ୍ୱନ୍ଦ୍ୱୀ ନେତା ତଥା ବର୍ତ୍ତମାନର ହାଉସ୍ ଅଫ୍ କମନ୍ସ ନେତା ପେନି ମର୍ଡାଉଣ୍ଟ ନେତୃତ୍ୱ ନେବା ନେଇ ଚାଲିଥିବା ଗୁଜବକୁ ହାର୍ପର ଖଣ୍ଡନ କରିଛନ୍ତି।

## ଦତ୍ତାତ୍ରେୟ ଆର୍‌ଏସ୍‌ଏସ୍‌ର ସରକାର୍ଯ୍ୟବାହ ପୁନଃ ନିର୍ବାଚିତ

ନାଗପୁର,୧୭।୩

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ମୁଖ୍ୟାଳୟ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ୩ ଦିନିଆ ଅଖିଳ ଭାରତୀୟ ପ୍ରତିନିଧି ସଭାରେ ଦତ୍ତାତ୍ରେୟ ହୋସାବଲେ ଆଉ ୩ ବର୍ଷ ପାଇଁ ସରକାର୍ଯ୍ୟବାହ (ସାଧାରଣ ସମ୍ପାଦକ) ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ସେ ଆର୍‌ଏସ୍‌ଏସ୍‌ର ସରକାର୍ଯ୍ୟବାହ ଭାବେ ୨୦୨୭ ପର୍ଯ୍ୟନ୍ତ ରହିବେ। ୨୦୨୧ରୁ ଦତ୍ତାତ୍ରେୟ ଏହି ପଦବୀରେ ରହି କାର୍ଯ୍ୟ କରିଆସୁଛନ୍ତି।

## ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲଙ୍କୁ ଇଡି ସମନ

ନୂଆଦିଲ୍ଲୀ,୧୭।୩(ପି.ଟି.)

ଦିଲ୍ଲୀ ଜଳ ବୋର୍ଡ ଅନିୟମିତତା ଅଭିଯୋଗ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ ଜାରି କରିଛି। ଅନ୍ୟପକ୍ଷରେ ଲୋକ ସଭା ନିର୍ବାଚନରେ ପ୍ରଚାରରୁ କେଜ୍‌ରିୱାଲଙ୍କୁ ଦୂରେଇ ରଖିବା ପାଇଁ ଏହା ଏକ ସହାୟକ ଯୋଜନା ବୋଲି ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଅଭିଯୋଗ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ(ପିଏମ୍‌ଏଲ୍‌ଏ) ଅନୁଯାୟୀ, ସୋମବାର ଇଡିର ଏପିଜେ ଅବଦୁଲ କଲାମ ରୋଡ୍‌ରେ ଥିବା କାର୍ଯ୍ୟାଳୟରେ ହାଜର ହୋଇ ବୟାନ ରେକର୍ଡ କରାଇବାକୁ କେଜ୍‌ରିୱାଲଙ୍କୁ କୁହାଯାଇଛି। ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ମଧ୍ୟ ଆପ୍ ଆବାହକ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ଏହି ମାମଲାରେ ହାଜର ହେବା ପାଇଁ ଇଡି କେଜ୍‌ରିୱାଲଙ୍କୁ ୮ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନାହାନ୍ତି। ଏହି ମାମଲାରେ ୨୧ ତାରିଖରେ ହାଜର ହେବା ପାଇଁ ଇଡି ପୁଣିଥରେ ତାଙ୍କୁ ସମନ ଜାରି କରିଛି।

## ସିଏଏ ସ୍ଥଗିତ ପାଇଁ ସୁପ୍ରିମକୋର୍ଟ ଗଲେ କେରଳ ସରକାର

ନୂଆଦିଲ୍ଲୀ, ୧୭।୩(ପି.ଟି.)

ନାଗରିକତ୍ୱ ସଂଶୋଧନ ନିୟମାବଳୀ, ୨୦୨୪ର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ପାଇଁ କେରଳ ସରକାର ସୁପ୍ରିମକୋର୍ଟରେ ସାନି ପିଟିଶନ ଦାଏର କରିଛନ୍ତି। ଉକ୍ତ ନିୟମାବଳୀ ପକ୍ଷପାତମୂଳକ, ମନମାନି ଏବଂ ଧର୍ମନିରପେକ୍ଷ ସିଦ୍ଧାନ୍ତର ଉଲ୍ଲଂଘନ କରୁଥିବା କେରଳ ଦର୍ଶାଇଛି। ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାର୍ଲାମେଣ୍ଟରେ ଗୃହୀତ ହେବାର ୪ ବର୍ଷ ପରେ କେନ୍ଦ୍ର ସରକାର ଗତ ୧୧ ତାରିଖରେ ଏହାର କାର୍ଯ୍ୟକାରିତା ନେଇ ଆନୁଷଙ୍ଗିକ ନିୟମାବଳୀର ବିଜ୍ଞପ୍ତି ଜାରି କରିଥିଲେ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ବିନା କାଗଜପତ୍ରରେ ଭାରତ ଆସି ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଏହି ଆଇନ ଅଣାଯାଇଥିଲା। ଧର୍ମ ଆଧାରରେ ପ୍ରଣୀତ ହୋଇଥିବା ନିୟମାବଳୀ ଅସାମ୍ବିଧାନିକ ବୋଲି କେରଳ କହିଛି।

## ପାର୍ଟନରଙ୍କୁ ବାହାହେଲେ ବହିର୍ବ୍ୟାପାର ମନ୍ତ୍ରୀ

କାନ୍‌ବେରା,୧୭।୩

ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ପେନି ୱଙ୍ଗ୍ ନିଜ ଦୀର୍ଘଦିନର ମହିଳା ପାର୍ଟନର ସୋଫିଏ ଆଲ୍ଲୋଉଆଚେଙ୍କୁ ବିବାହ କରିଛନ୍ତି। ନିଜ ସମଲିଙ୍ଗୀ ବିବାହ ସମ୍ପର୍କରେ ୱଙ୍ଗ୍ ରବିବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହି ସ୍ୱତନ୍ତ୍ର ଦିନରେ ଆମ ସହ ପରିବାର ଓ ସମ୍ପର୍କୀୟମାନେ ଖୁସି ଶେୟାର କରିପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିସହ ନିଜ ପାର୍ଟନରଙ୍କ ସହିତ ମାଲେସୀୟ-ଚାଇନା ରୀତିନୀତିରେ ବିବାହ ବେଳର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି।

ୱଙ୍ଗ୍ ଏବଂ ଆଲ୍ଲୋଉଆଚେ ପ୍ରାୟ ୨ ଦଶନ୍ଧି ଧରି ଏକାଠି ରହିଆସୁଛନ୍ତି। ସାଉଥ୍ ଅଷ୍ଟ୍ରେଲିଆ ରାଜଧାନୀ ଏଡେଲାଇଡେରେ ଉଭୟେ ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା 'ଦି ସିଡ୍‌ନି ମର୍ନିଂ ହେରାଲ୍ଡ'ରେ ରିପୋର୍ଟ ପ୍ରକାଶ ପାଇଛି। ସିନେଟରେ ୱଙ୍ଗ୍ ସାଉଥ୍ ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରନ୍ତି। ୨୦୦୨ରୁ ସେ ଲେବର ପାର୍ଟିର ସିନେଟର ରହିଆସିଛନ୍ତି। ୱଙ୍ଗ୍ ହେଉଛନ୍ତି ଅଷ୍ଟ୍ରେଲିଆ ସରକାରରେ କ୍ୟାବିନେଟ ମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ପ୍ରଥମ ଏସିଆ ଜନ୍ମିତ ବ୍ୟକ୍ତି। ଅନ୍ୟପକ୍ଷେ ଏଡେଲାଇଡେ ୟୁନିଭର୍ସିଟି ଛାତ୍ର ସଂସଦର ପୂର୍ବତନ ଅଧ୍ୟକ୍ଷା ଆଲ୍ଲୋଉଆଚେ ୱଙ୍ଗ୍‌ଙ୍କଠାରୁ ବୟସରେ ୭ ବର୍ଷ ସାନ। ସାଉଥ୍ ଅଷ୍ଟ୍ରେଲିଆର ସ୍ୱାସ୍ଥ୍ୟ ଓ ମାନବ ସେବା ବିଭାଗରେ ସେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ୨୦୧୧ ଡିସେମ୍ବରରେ ସେ ଆଇଭିଏଫ୍ ପଦ୍ଧତିରେ ଉଭୟଙ୍କ ପ୍ରଥମ ସନ୍ତାନ ଆଲେକ୍‌ଜାଣ୍ଡ୍ରାଙ୍କୁ ଜନ୍ମ ଦେଇଥିଲେ। ୨୦୧୫ରେ ଏହି ଯୋଡ଼ିଙ୍କ ଦ୍ୱିତୀୟ ଝିଅ ହନ୍ନାହ ଜନ୍ମ ହୋଇଥିଲେ। ପ୍ରକାଶ ଯେ, ଅଷ୍ଟ୍ରେଲିଆରେ ୨୦୧୭ରୁ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ପ୍ରଦାନ କରାଯାଇଆସୁଛି।

### ପ୍ରାୟ ୨୦ ବର୍ଷ ହେଲା ଏକାଠି ରହୁଛନ୍ତି


ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ପେନି ୱଙ୍ଗ୍ (ବାମ)ଙ୍କ ସହ ମହିଳା ସମଲିଙ୍ଗୀ ପାର୍ଟନର ସୋଫିଏ ଆଲ୍ଲୋଉଆଚେ।

# ଆୟୁଷ, ଏନ୍‌ଏଚ୍‌ଏମ୍ ଡାକ୍ତରଙ୍କ ଭୋଟ ବର୍ଜନ ଡାକରା

## ମୁଖ୍ୟ ନିର୍ବାଚନ କମିଶନରଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୧୭।୩(ଅସମାପିକା ସାହୁ)**

ରାଜ୍ୟ ସ୍ୱାସ୍ଥ୍ୟସେବାରେ ନିୟୋଜିତ ସମସ୍ତ ଆୟୁଷ ଡାକ୍ତର, ଆର୍‌ବିଏସ୍‌କେ ଡାକ୍ତର, ଅନ୍ୟ ପାରାମେଡିକାଲ ଷ୍ଟାଫ୍ ସହିତ ଏନ୍‌ଏଚ୍‌ଏମ୍ ଡାକ୍ତର ଓ କର୍ମଚାରୀ ଆଉ ରାଜ୍ୟ ସରକାରଙ୍କ ସହିତ ମିଶି କାର୍ଯ୍ୟ କରିବେ ନାହିଁ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବୟକଟ କରିଥିବାବେଳେ ଭୋଟ ବର୍ଜନ କରିବେ ବୋଲି ରବିବାର ଘୋଷଣା କରିଛନ୍ତି। ଏ ନେଇ ସେମାନେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ସ୍ମାରକପତ୍ର ମଧ୍ୟ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟ ସ୍ୱାସ୍ଥ୍ୟସେବାରେ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଦାୟୀ ରହିବ ବୋଲି ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ସଭାପତି କାଳୀ ପ୍ରସାଦ ସାହୁ କହିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି, ରାଜ୍ୟ ସରକାର ଅନ୍ୟ ଠିକା କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇବା ସହ ଦରମା ବୃଦ୍ଧି କରିଥିବାବେଳେ ଏନ୍‌ଏଚ୍‌ଏମ ଡାକ୍ତର ଓ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି। ଦୀର୍ଘଦିନ ଧରି ଧର୍ମଘଟ ଆଶଙ୍କାରେ ଦୁଇଥର ଏସମା ଆଇନ ଲଗାଇ ନ୍ୟାଯ୍ୟ ଦାବିକୁ ଚୁପ କରାଇଛନ୍ତି। ତେବେ ଦାବି ନେଇ ବାରମ୍ବାର ଆଲୋଚନା ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷ କ୍ୟାବିନେଟ ବୈଠକରେ ଏହି ସମ୍ପର୍କରେ କୌଣସି ନିଷ୍ପତ୍ତି ହେଲା ନାହିଁ। ଫଳରେ ରାଜ୍ୟର ସମସ୍ତ ଠିକା ଆୟୁଷ ଡାକ୍ତର ଓ ଏନଏଚ୍‌ଏମ କର୍ମଚାରୀ ଆଗାମୀ ନିର୍ବାଚନରେ ରାଜ୍ୟ ସରକାରଙ୍କ ବିପକ୍ଷରେ ପ୍ରଚାର କରିବା ସହିତ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସେମାନେ ନିଜ ପରିବାର, ବନ୍ଧୁ ଓ ପରିଜନଙ୍କୁ ସାମିଲ କରିବେ। ଏଥିସହ ରାଜ୍ୟର ପିଏଚ୍‌ସି ଓ ସିଏଚ୍‌ସିକୁ ଆସୁଥିବା ସମସ୍ତ ରୋଗୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ। ସେମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ଓ ଅବିଚାର ଉପରେ ସୁଚିନ୍ତିତ ମତାମତ ଦେବା ସହ ଭୋଟ ବର୍ଜନ ପାଇଁ ଲୋକଙ୍କୁ ନିବେଦନ କରିବେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଦେଶର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯାଇଛି। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ, ଏନ୍‌ଏଚ୍‌ଆର୍‌ଏମ୍ ଏମଡି, ବିଭିନ୍ନ ଜିଲା ପ୍ରଶାସନ ପ୍ରମୁଖଙ୍କୁ ଜଣାଇଥିବା ମହାସଂଘ ସଭାପତି ସାହୁ କହିଛନ୍ତି।

ସେପଟେ ରାଜ୍ୟ ଆୟୁଷ ଡାକ୍ତର ଛାତ୍ର ସଙ୍ଗଠନ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛି। ମୁଖ୍ୟ ଦାବି ଓ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସହାୟତା ସହଯୋଗ ମିଳି ନ ଥିବାରୁ ସେମାନେ ନିଜ ସହ ପରିବାର ଓ ବନ୍ଧୁବର୍ଗ ଅନୁରୂପ ଭାବେ ସରକାରୀ ଦଳ ସପକ୍ଷରେ ଭୋଟଦାନରୁ ବିରତ ରହିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏପରିକି ଆସନ୍ତା ଦିନରେ ବଡ଼ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ଦିଆଯାଇଛି। ଆୟୁଷ ବିକାଶ ପରିଷଦ ପକ୍ଷରୁ ଡା. ତ୍ରୈଲୋକ୍ୟ ନାଥ ମହାରଣା ରାଜ୍ୟ ସରକାରଙ୍କ ଆୟୁଷ ପ୍ରତି ଥିବା ହୀନମନ୍ୟତାକୁ ନାପସନ୍ଦ କରିଛନ୍ତି। ରାଜ୍ୟ ସରକାର ସମସ୍ତଙ୍କ ପ୍ରତି ସହାନୁଭୂତି ଦେଖାଉଥିବା ବେଳେ ୫-ଟି ଅନ୍ତର୍ଗତ ଆୟୁଷ ଚିକିତ୍ସା, ଶିକ୍ଷା ବ୍ୟବସ୍ଥା ପ୍ରତି କାହିଁକି ଅଣଦେଖା କଲେ ତାହା ସମସ୍ତଙ୍କୁ ବିସ୍ମୟ କରିଛି ବୋଲି ସେ କହିଛନ୍ତି।



ଲୋକପ୍ରିୟ ଟିଭି ଧାରାବାହିକ 'ରାମାୟଣ'ର ସୀତା ଭାବେ ପରିଚିତ ଅଭିନେତ୍ରୀ ଦୀପିକା ଚିଖ୍‌ଲିଆ ଓ ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ବ୍ୟବସାୟୀ ହେମନ୍ତ ଟୋପିୱାଲା ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। **(ଫଟୋ– ଯଜ୍ଞେଶ୍ୱର ମହାନ୍ତି)**

# କ୍ୟାପିଟାଲ ହସ୍ପିଟାଲକୁ କ୍ୱାଲିଟି ସାର୍ଟିଫିକେଟ

**ଭୁବନେଶ୍ୱର, ୧୭।୩(ଅସମାପିକା ସାହୁ)**

କ୍ୟାପିଟାଲ ହସ୍ପିଟାଲକୁ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ(ଏନ୍‌କ୍ୟୁଏଏସ୍) କାର୍ଯ୍ୟକ୍ରମ ଅଧୀନରେ କ୍ୱାଲିଟି ସାର୍ଟିଫିକେଟ୍ ମିଳିଛି। ଫଳରେ ଦେଶର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନ ପାଇଛି। ଏନ୍‌କ୍ୟୁଏଏସ ପକ୍ଷରୁ ହସ୍ପିଟାଲକୁ ସାମଗ୍ରିକ ଭାବେ ୯୦ ପ୍ରତିଶତ ମାର୍କ ମିଳିଛି। ତେବେ ଗତବର୍ଷ ଜୁଲାଇ ୭ରେ ଏନ୍‌କ୍ୟୁଏଏସ୍‌ର ଏକ ଦଳ ୩ଦିନ ଧରି କ୍ୟାପିଟାଲ ହସ୍ପିଟାଲର ୧୮ଟି ବିଭାଗକୁ ଯାଞ୍ଚ କରିଥିଲା। ବିଭିନ୍ନ ବିଭାଗରେ ଜୀବାଣୁମୁକ୍ତ ପରିବେଶ, ଅତ୍ୟାଧୁନିକ ଅସ୍ତ୍ରୋପଚାର, ରୋଗୀଙ୍କ ସୁରକ୍ଷା, ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁବିଧା, ମାନବସମ୍ବଳ ଭଳି ବିଭିନ୍ନ ବିଷୟ ଉପରେ ତଦାରଖ କରିଥିଲା। ତେବେ ସମସ୍ତ ବ୍ୟବସ୍ଥାକୁ ତଦାରଖ କରି ଏନ୍‌କ୍ୟୁଏଏସ୍ ତରଫରୁ ସାମଗ୍ରିକ ଭାବେ ୮୮ ପ୍ରତିଶତ ମାର୍କ ମିଳିଛି।

ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ପ୍ରଥମଥର ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଏହି ସାର୍ଟିଫିକେଟ ମିଳିଛି। ହସ୍ପିଟାଲର ଏହିଭଳି ପ୍ରଦର୍ଶନର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ସମସ୍ତ କର୍ମଚାରୀଙ୍କର ଓ ଏହା ଆଗାମୀ ଦିନରେ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଆହୁରି ଉତ୍ସାହ ଯୋଗାଇ ଦେବ। ଏହି କ୍ୱାଲିଟି ସାର୍ଟିଫିକେଟ ଦ୍ୱାରା ହସ୍ପିଟାଲର ଗୋଟିଏ ବେଡ୍ ପିଛା ୧୦ ହଜାର ଟଙ୍କା ମିଳିବ। କ୍ୟାପିଟାଲ ହସ୍ପିଟାଲରେ ପାଖାପାଖି ୭୫୦ ବେଡ୍ ରହିଛି। ଯେଉଁ ଅର୍ଥ ମିଳିବ ସେଥିରୁ ୮୦ ପ୍ରତିଶତ ଆର୍‌କେଏସ୍‌କୁ ଯିବ। ୧୦ ପ୍ରତିଶତ ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯିବ। ବାକି ୧୦ ପ୍ରତିଶତ ରୋଗୀଙ୍କ କାର୍ଯ୍ୟରେ ଲାଗିବ। କିଭଳି ଭାବରେ ହସ୍ପିଟାଲରେ ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦିଆଯିବ ସେଥିପାଇଁ ସବୁବେଳେ ଗୁରୁତ୍ୱ ଦିଆଯାଉଛି। କର୍ମଚାରୀଙ୍କ ମନୋବଳ ବଢ଼ାଇବା ପାଇଁ ଆମେ ବିଭିନ୍ନ ସମୟରେ ଭୋଜି କରିବା, ଆୱାର୍ଡ ଦେବା ଭଳି କାର୍ଯ୍ୟକ୍ରମ କରୁ। ଭବିଷ୍ୟତରେ ରୋଗୀମାନଙ୍କୁ ଆହୁରି ଉଚ୍ଚ ଗୁଣାତ୍ମକମାନର ଚିକିତ୍ସା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନିର୍ଦ୍ଦେଶକ ସାହୁ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ 'ରାମାୟଣ'ର ସୀତା

## ଘରକୁ ଫେରିବା ବେଳେ ସମ୍ବଲପୁରୀ ଶାଢ଼ି ନେବେ କହିଲେ ଦୀପିକା

**ପୁରୀ, ୧୭।୩(ଅଜିତ ମହାନ୍ତି)**

ଲୋକପ୍ରିୟ ଟିଭି ଧାରାବାହିକ 'ରାମାୟଣ'ର ସୀତା ଭାବେ ପରିଚିତ ଅଭିନେତ୍ରୀ ଦୀପିକା ଚିଖ୍‌ଲିଆ ଓ ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ବ୍ୟବସାୟୀ ହେମନ୍ତ ଟୋପିୱାଲା ରବିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଦୀପିକା ଓ ତାଙ୍କ ସ୍ୱାମୀ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହ ଏବଂ ପରେ ଭିତରବେଢ଼ାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରିସରରେ ଉଭୟ କିଛି ସମୟ ବିତାଇବା ପରେ ଫେରିଥିଲେ। ଏହି ଅବସରରେ ସେବାୟତଙ୍କ ପକ୍ଷରୁ ଉଭୟଙ୍କୁ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ଦୀପିକା କହିଥିଲେ ଯେ, 'ଓଡ଼ିଶାର ଏହି ପବିତ୍ର ଧାମରେ ପହଞ୍ଚି ବହୁତ ଖୁସି ଲାଗୁଛି। ମହାପ୍ରଭୁଙ୍କ ଡୋରି ଲାଗିଛି, ସେଥିପାଇଁ ଆମେ ଦୁହେଁ ଏଠାକୁ ଆସିଛୁ। ମହାପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣୁଛୁ। ଜଗନ୍ନାଥ ଧାମ ସହ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବୁ। କେବଳ ଓଡ଼ିଶା ନୁହେଁ ସବୁ ରାଜ୍ୟର କଳା ସଂସ୍କୃତି ବେଶ୍ ଉଚ୍ଚକୋଟୀର। ମୋତେ ସମ୍ବଲପୁରୀ ଶାଢ଼ି ବହୁତ ଭଲ ଲାଗେ, ତେଣୁ ଫେରିବାବେଳେ ନେଇକି ଯିବି ବୋଲି ଦୀପିକା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୧୯୮୮ ମସିହାରେ ପ୍ରଯୋଜକ ରାମାନନ୍ଦ ସାଗରଙ୍କ ପୌରାଣିକ ଧାରାବାହିକ 'ରାମାୟଣ' ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ଏହି ଧାରାବାହିକ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏଥିରେ 'ସୀତା' ଚରିତ୍ରରେ ଅଭିନୟ କରି ଦୀପିକା ଘରେ ଘରେ ପରିଚିତ ହେବା ସହ ବିପୁଳ ପ୍ରଶଂସା ସାଉଣ୍ଟିଥିଲେ। ଏହି ଧାରାବାହିକକୁ ଆଜି ବି ଲୋକେ ମନେ ରଖିଥିବାବେଳେ ଏହାର କଳାକାରମାନେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛନ୍ତି।

# ବ୍ରିଜ୍ ତଳକୁ କନ୍ୟାଯାତ୍ରୀ ଗାଡ଼ି ଖସି ୨ ମୃତ, ୩୫ ଆହତ

**କୁନ୍ଦୁରା, ୧୭।୩**
**(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଭୁସାଙ୍ଗଗୁଡା ପଞ୍ଚାୟତ ଖଟଲାପଦର ନିକଟସ୍ଥ କୋଲାବ ନଦୀ ବ୍ରିଜଠାରେ ରବିବାର ଏକ ମିନି ଟ୍ରକ (ଓଡି ୧୦-୭୯୧୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ୨ ଜଣ ହେଲେ ସୁତି ବାଲିଆ (୬୨) ଓ ଲଛମା ରାମପୁରିଆ (୧୭)। ଲଛମା ଧଳପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ପ୍ରାୟ ୩୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ରହିଛନ୍ତି।

ଖବରରୁ ଜଣାପଡିଛି, ରବିବାର ପ୍ରାୟ ୪୦ କନ୍ୟାଯାତ୍ରୀଙ୍କୁ ଧରି ଏହି ମିନି ଟ୍ରକଟି ବୈପାରିଗୁଡା ବ୍ଲକର ଧଳପୁର ଗ୍ରାମରୁ ବାହାରି କୋଟପାଡ଼ ବ୍ଲକ ଶସାହାଣ୍ଡି ନିକଟସ୍ଥ ଧୁଡସାପାଲି ଗ୍ରାମକୁ ଏକ ବାହାଘରରେ ଯୋଗଦେବାକୁ ଯାଉଥିଲା। ଖୋଟଲାପଦର ବ୍ରିଜ ନିକଟରେ ମିନି ଟ୍ରକଟି ଭାରସାମ୍ୟ ହରାଇ ନଦୀ(୪୦ ଫୁଟ ତଳ)କୁ ଖସି ପଡ଼ିଥିଲା। ଏହି ଖବର ପ୍ରଚାର ହୋଇଯିବା ପରେ ଘଟଣା ସ୍ଥଳରେ ଜିରାଗୁଡା, କୁନ୍ଦୁରା, କାଳିଆକାଦ, ରାଇକୁନ୍ଦୁରା, ସାଗରଗୁଡା ଅଞ୍ଚଳର ଯୁବକ ଓ ସ୍ଥାନୀୟ ଅଞ୍ଚଳର ସାମାଜିକ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ଓ ଗୁରୁତରଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ୨ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏନେଇ ସୂଚନା ପାଇ କୁନ୍ଦୁରା ଥାନା ଭାରପ୍ରାପ୍ତ ଅଧିକାରୀ ଦୀପାଞ୍ଜଳି ପ୍ରଧାନ, ଏଏସ୍‌ଆଇ ସ୍ୱରୂପା ମଲ୍ଲିକ, ଏଏସ୍‌ଆଇ ମୀନକେତନ ପାତ୍ର ଏବଂ ପୁରୁଷୋତ୍ତମ ରାୟ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ କରିଛନ୍ତି। ପୋଲିସ ଦୁର୍ଘଟଣା ସମ୍ପର୍କରେ ଲୋକଙ୍କୁ ପଚରାଉଚରା କରିଛି। ୩୬/୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।



ବ୍ରିଜ୍ ତଳକୁ ଖସିପଡିଥିବା ମିନିଟ୍ରକ୍

# ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ସମ୍ବଲପୁର ବାନ୍ଧକଳା ଉପହାର

**ସମ୍ବଲପୁର, ୧୭ । ୩**
**(ଭବାନୀ ଶଙ୍କର ଭୋଇ)**

ମୁମ୍ବାଇସ୍ଥିତ ନୀତା-ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ ଚାଲିଥିବା ସ୍ୱଦେଶ କର୍ମଶାଳାରେ ରବିବାର ଭୁଟାନର ପ୍ରଧାନମନ୍ତ୍ରୀ ସେରିଙ୍ଗ ତୋବଗେ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସାଂସ୍କୃତିକ କେନ୍ଦ୍ରରେ ସମ୍ବଲପୁରୀ ବାନ୍ଧକଳା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ବାନ୍ଧକଳାର କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ। ବରପାଲିର ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧକଳା ଶିଳ୍ପୀଦମ୍ପତି ମକରଧ୍ୱଜ ମେହେର ଏବଂ ସୁକାନ୍ତି ମେହେର ଭୁଟାନର ପ୍ରଧାନମନ୍ତ୍ରୀଙ୍କୁ ସମ୍ବଲପୁରୀ ବାନ୍ଧକଳା ବିଷୟରେ ବୁଝାଇଥିଲେ। ତୋବଗୋ ପ୍ରାୟ ଅଧଘଣ୍ଟା କାଳ ସମ୍ବଲପୁରୀ ବାନ୍ଧକଳା ବିଷୟରେ ଡିଜାଇନଠାରୁ ଆରମ୍ଭ କରି ସୂତା ବାନ୍ଧିବା, ମଙ୍ଗାରେ କପଡା ବୁଣିବା ପର୍ଯ୍ୟନ୍ତ ସବୁ ବିଷୟରେ ଉତ୍ସୁକତାର ସହ ପଚାରି ବୁଝିଥିଲେ ବୋଲି ବାନ୍ଧଶିଳ୍ପୀ ସୁକାନ୍ତୀ ମେହେର ଜଣାଇଛନ୍ତି। ଏହି ସମୟରେ ଓଡ଼ିଶାର ଆରାଧ୍ୟ ଜଗନ୍ନାଥଙ୍କ ଫ୍ରେମ କରାଯାଇଥିବା ସମ୍ବଲପୁରୀ ଡିଜାଇନକୁ ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହା ପୂର୍ବରୁ ସଚିନ ତେନ୍ଦୁଲକର, ମୁକେଶ ଅମ୍ବାନୀ, ନିତା ଅମ୍ବାନୀ, ରାଧିକା ମର୍ଚାଣ୍ଟ ପ୍ରମୁଖ ଆସି ପ୍ରଦର୍ଶନୀରେ ସମ୍ବଲପୁରୀ ବାନ୍ଧକଳା ଦେଖି ଖୁସି ପ୍ରକଟ କରିଥିବା ମେହେର କହିଛନ୍ତି। ସୂଚନାଯୋଗ୍ୟ ଯେ, ଓଡ଼ିଶାରୁ ସୁକାନ୍ତୀ ମେହେର ଚୟନ ହୋଇ ଦୀର୍ଘ ଦୁଇମାସ ହେବ ମୁମ୍ବାଇରେ ସମ୍ବଲପୁରୀ ବାନ୍ଧକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରୁଥିବା ଜଣାପଡିଛି।



# ଶେଫାଳୀ ସରନ୍ କେନ୍ଦ୍ର ସରକାରଙ୍କ ନୂଆ ମୁଖପାତ୍ର



**ନୂଆଦିଲ୍ଲୀ, ୧୭।୩(ପି.ଟି.)**

ବରିଷ୍ଠ ଭାରତୀୟ ସୂଚନା ସେବା (ଆଇଆଇଏସ୍)ର ବରିଷ୍ଠ ଅଧିକାରୀ ଶେଫାଳୀ ବି ସରନ୍ କେନ୍ଦ୍ର ସରକାରଙ୍କ ନୂଆ ମୁଖପାତ୍ର ନିଯୁକ୍ତ ହୋଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୩୧ ତାରିଖରେ ମନୀଷ ଦେଶାଇଙ୍କ ଅବସର ପରେ ୧୯୯୦ ବ୍ୟାଚ୍‌ର ଏହି ଅଫିସର ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ (ପିଆର୍‌ଡିଜି) ଭାବେ ଦାୟିତ୍ୱ ତୁଲାଇବେ। ପୂର୍ବରୁ ସରନ୍ ନିର୍ବାଚନ କମିଶନ ଏବଂ ଅର୍ଥ ମନ୍ତ୍ରଣାଳୟର ମୁଖପାତ୍ର ଭାବେ କାର୍ଯ୍ୟ କରିଥିଲେ। ନୀଲମ କପୁର, ଦୀପକ ସାନ୍ଧୁ, ଶକୁନ୍ତଳା ମହାୱାଲ ଏବଂ ଏନ୍.ଜେ. କ୍ରିଷ୍ଣାଙ୍କ ପରେ ପିଆଇବିର ମୁଖ୍ୟ ହେବାରେ ସେ ପଞ୍ଚମ ମହିଳା ଅଫିସର। ଅନ୍ୟପକ୍ଷରେ ଅଲ୍ ଇଣ୍ଡିଆ ରେଡିଓର ନ୍ୟୁଜ୍ ମହାନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇଆଇଏସ୍ ଅଫିସର ମୌସମୀ ଚକ୍ରବର୍ତ୍ତୀଙ୍କୁ ନିଯୁକ୍ତି ଦିଆଯାଇଛି। ସେ ବସୁଧା ଗୁପ୍ତାଙ୍କ ସ୍ଥାନରେ ଏପ୍ରିଲରେ ଦାୟିତ୍ୱ ଗ୍ରହଣ କରିବେ।



GN AUTONATION: SAMBALPUR, BARGARH - 9311772663, JHARSUGUDA – 9311772664. MINERVA AUTOMOBILES: BOLANGIR, SONEPUR, NUAPADA - 7574891578, BHAWANIPATNA – 7574891577; KRISHNA AUTOMOTIVE: ROURKELA, SUNDARGARH – 7574891580

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିଲଭର ଗାନ୍ଧୀ ଅଫ ଇଣ୍ଡିଆ ପୁସ୍ତକ ଉନ୍ମୋଚନ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କର୍ମଶାଳା, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ୍, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସୌକିନ୍, ଏକାମ୍ର ହାଟ, ସମୟ: ଅପରାହ୍ନ ୫ଟା।
- କବି ପ୍ରସନ୍ନ ମିଶ୍ରଙ୍କ ଜୟନ୍ତୀ ଉପଲକ୍ଷେ ଫାଲଗୁନ ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ମୋ ସ୍କୁଲ ଅଭିଯାନରେ ଐତିହାସିକ ସତ୍ୟବାଦୀ ହାଇସ୍କୁଲର ଡକ୍ୟୁମେଣ୍ଟେଶନ ପ୍ରସ୍ତୁତ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ୨୦ତମ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାଧିବାସ, ସ୍ଥାନ: ପାଟପୁର ହାଟସାହି, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ପଡିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଲୋକେଶ୍ୱର ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ଓ ପାରାୟଣ, ସ୍ଥାନ: ଧବଳେଶ୍ୱର ପୀଠ ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ତାରେଶ୍ୱର ଦେବ ମନ୍ଦିର ପରିସର, ବାଙ୍କୋଇ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ସାର୍ବଜନିନ ଦୋଳ ମେଳନ ଉତ୍ସବ, ସ୍ଥାନ: ଅଲ୍ଲୀପୁର,ଖଇରା, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିରିଂ ବ୍ଲକ, ନରଣପୁର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ
- ବୁଢ଼ୀ ଜାଗୁଳାଇ ପୀଠର ବାର୍ଷିକୋତ୍ସବ, ସ୍ଥାନ: ବୁଢ଼ୀ ଜାଗୁଳାଇ ମନ୍ଦିର ପରିସର, ଆର୍ତ୍ତୁଂ, ବାସୁଦେବପୁର, ସମୟ: ସକାଳ ୮ଟା।
- ସାରସ୍ୱତ ସାଧକ, ପ୍ରଶାସକ ସ୍ୱର୍ଗତ ନରହରି ବେହେରାଙ୍କ ୫୯ତମ ଜୟନ୍ତୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ସାଳନ୍ଦୀ ବାଇପାସ୍, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- କେନ୍ଦୁଝରର ଟ୍ରକ ମାଲିକ ସଂଘ ପକ୍ଷରୁ ୨୪ ଘଣ୍ଟିଆ କେନ୍ଦୁଝର ଜିଲ୍ଲା ବନ୍ଦ ଡାକରା, ସମୟ : ସକାଳ ୬ ରୁ ଆରମ୍ଭ।
- ଆନ୍ଦୋଳନକୁ ସମର୍ଥନ କରି ଆନନ୍ଦପୁର ଉପଖଣ୍ଡ, ପାଟଣା ବଜାର ବନ୍ଦ, ସ୍ଥାନ: ଆନନ୍ଦପୁର କଚେରି ପଡ଼ିଆ ଓ ପାଟଣା ବ୍ଲକ୍ ମୁଖ୍ୟାଳୟ ବଜାର, ସମୟ: ସକାଳ ୬ ଟା।

## ବ୍ରହ୍ମପୁର
- ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ନାମଯଜ୍ଞ ଆରମ୍ଭ, ସ୍ଥାନ:ବୁଗୁଡା ଏକଡାଳ, ସମୟ: ସକାଳ ୬ଟା୩୦ ।
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: ବୁଗୁଡା ଏନଏସି, ସୂର୍ଯ୍ୟନଗର, ସମୟ: ସକାଳ ୮ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଳସ ଯାତ୍ରା, ସ୍ଥାନ: ବେଲଗୁଣ୍ଠା ବ୍ଲକ ଦୁବୁଲୁଣ୍ଡା, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- କଂଗ୍ରେସ କର୍ମୀଙ୍କୁ ନେଇ ସାଙ୍ଗଠନିକ ବୈଠକ, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ, ସମୟ : ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର
- ସ୍ୱରାଜ ବିଦ୍ୟାପୀଠ ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ସ୍ୱରାଜ ବିଦ୍ୟାପୀଠ ପରିସର, ସମୟ: ଅପରାହ୍ନ ୪ଟା୩୦ ।

## ସମ୍ବଲପୁର
- ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ନିର୍ବାଚନ ତାଲିମ ଶିବିର, ସ୍ଥାନ: ବିଇଡି ମହାବିଦ୍ୟାଳୟସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଷୋହଳ ପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ପତ୍ରାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ସୁବର୍ଣ୍ଣପୁର
- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗାଁ, ସମୟ: ସକାଳ ୬ଟା।
- ପ୍ରଥମ ଡିଉଜ ବଲ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ବିନିକା ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବିଶ୍ୱଶାନ୍ତି ଶ୍ରୀ ଶ୍ରୀ ହରିନାମ ସଂକୀର୍ତ୍ତନ, ସ୍ଥାନ: ନାଗେନପାଲି: ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଆରଆଇଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ବସନ୍ତ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଧର୍ମଗଡ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷ ପୂର୍ତ୍ତି ଉପଲକ୍ଷେ ତାରିଣୀ ମନ୍ଦିରରେ କଳସ ଯାତ୍ରା, ନାମଯଜ୍ଞ, ସ୍ଥାନ: ପୁରୁଣାପଡା ଭବାନୀପାଟଣା, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଅଣଜଳସେଚିତ ଅଞ୍ଚଳ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୧ଟା।
- କୋମନା ଲୋକ ମହୋତ୍ସବର ୨ୟ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ରାତି ୯ଟା।

## ବୌଦ୍ଧ
- ହରଭଙ୍ଗା ବ୍ଲକ ପରଗଳପୁର ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ପରଗଳପୁର ଗ୍ରାମ୍ୟ ମଣ୍ଡପ: ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ (ଚାରିଛକ)ଠାରେ ବଉଲ ନାଟକ ଓ ଲୋକକଳା ମହୋତ୍ସବ ଉଦଯାପିତ, ସ୍ଥାନ: ବିଜୟ କଳାମଣ୍ଡପ ବ୍ରାହ୍ମଣୀ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀ, ସ୍ଥାନ: ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ ଟା।
- ଭିତ୍ତିଭୂମି ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପାରାଦୀପ ବିଜୟଚନ୍ଦ୍ରପୁର, ସମୟ: ସକାଳ ୮ଟା।
- ହରିହରାନନ୍ଦ ଧ୍ୟାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ହରିହରାନନ୍ଦ ଧ୍ୟାନମନ୍ଦିର ପରିସର, ଅବଦଲପୁର, ନାଉଗାଁ, ସମୟ: ସକାଳ ୯ଟା।

## ନୟାଗଡ଼
- ରାମଚରିତ ମାନସ ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: ପଶ୍ଚିମମୁଖା ହନୁମାନ ମନ୍ଦିର ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ନିର୍ବାଚନରେ ମିଡିଆ ସାର୍ଟିଫିକେଟ ଏବଂ ମନିଟରିଂ କମିଟିର ଭୂମିକା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ବ୍ରହ୍ମ ସନାତନ ଯଜ୍ଞ, ସ୍ଥାନ:ଅଭିରାମ ପରମହଂସ ଆଶ୍ରମ, ପାଣିଓଲା, ଡେରାବିଶ, ସମୟ:ସକାଳ ୮ଟା।
- ମା' କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ସପ୍ତମ ଜନ୍ମବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜେମାଶୁଣୀ ପୀଠ, ସମୟ: ସକାଳ ୬ଟା।
- ନୀଳାଚଳ ବାସନ୍ତ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ : ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସନ୍ତ୍ୟୁତଙ୍କ ଧାରଣାର ୬ଷ୍ଠ ଦିନ ସ୍ଥାନ : କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଆଦର୍ଶ ବିଜ୍ଞାନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଯାଜପୁର ବ୍ଲକ୍‌ର ଗୋବିନ୍ଦପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞର ନଗର ଭ୍ରମଣ,ସ୍ଥାନ: ଧର୍ମଶାଳା ବ୍ଲକ କୁମାରୀ ଓ ଦେଉଳିପାଳ ଗ୍ରାମ,ସମୟ: ଅପରାହ୍ନ ୧ଟା।
- ବ୍ୟାସନଗର ପ୍ରିମିୟର ଲିଗ୍, ସ୍ଥାନ : ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ : ଅପରାହ୍ନ ୩ଟା୩୦, ପ୍ରଥମ ସେମି ଫାଇନାଲ ଏବଂ ରାତି ୭ଟାରେ ଦ୍ୱିତୀୟ ସେମିଫାଇନାଲ।

# ଝଡ଼ବର୍ଷା ନେଇ ପାଣିପାଗ ବିଭାଗର ସତର୍କତା ଜାରି

**ଭୁବନେଶ୍ୱର, ୧୭।୩ (ଅନୁରାଧା ମହାରଣା)**

ରାଜ୍ୟର ଅଧିକାଂଶ ଜିଲାରେ ଦିନର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଥିବାବେଳେ ରବିବାର କିଛି ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୫ ଦିନ ଯାଏ ରାଜ୍ୟରେ ଝଡ଼ବର୍ଷାର ସମ୍ଭାବନା ଥିବାରୁ ୨ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ କମିପାରେ ବୋଲି ଆଞ୍ଚଳିକ ପାଣପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ଝଡ଼ବର୍ଷା ନେଇ ରାଜ୍ୟର ଅଧାରୁ ଅଧିକ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଥିବାବେଳେ ୨୦ ତାରିଖ ପାଇଁ ରାଜ୍ୟର ୮ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ ଘଡ଼ଘଡ଼ି ଓ ବିଜୁଳି ବିପଦରୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି।

ସୋମବାର ରାଜ୍ୟର ୨୦ରୁ ଅଧିକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ମାତ୍ର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା ଓ ଢେଙ୍କାନାଳ ଆଦି ୮ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ତେବେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼କୁ ୟେଲୋ ୱାର୍ନିଂ ରହିଛି। ୧୯ ତାରିଖ ଅପରାହ୍ନ ବେଳକୁ ରାଜ୍ୟର ଅଧିକାଂଶ ଜିଲାରେ ଝଡ଼ବର୍ଷାର ସମ୍ଭାବନା ରହିଛି। ୪୦-୫୦ କି.ମି. ବେଗରେ ପବନ ବୋହିବା ସହ ବର୍ଷା ହୋଇପାରେ। ଘଡ଼ଘଡ଼ି ବିଜୁଳି ପାଇଁ ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ୧୨ ଜିଲାକୁ ୟେଲୋ ୱାର୍ନିଂ ରହିଛି। ୨୦ ତାରିଖରେ ମଧ୍ୟ ଝଡ଼ବର୍ଷା ନେଇ ୪ ଜିଲାକୁ ଅରେଞ୍ଜ ୱାର୍ନିଂ ଓ ୫ ଜିଲାକୁ ୟେଲୋ ୱାର୍ନିଂ ରହିଛି।

# ଶ୍ରୀମନ୍ଦିର ସେବାୟତ ରଜତ ପ୍ରତିହାରୀଙ୍କ ପରଲୋକ

**ପୁରୀ, ୧୭।୩(ଅଜିତ୍ ମହାନ୍ତି)**



ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ଗରାବଡୁ ନିଯୋଗ ସମ୍ପାଦକ ରଜତ ପ୍ରତିହାରୀଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୬ବର୍ଷ ହୋଇଥିଲା। ପ୍ରତିହାରୀ କିଛିଦିନ ହେବ ଅସୁସ୍ଥ ଥିବାବେଳେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି। ସ୍ୱର୍ଗତଃ ପ୍ରତିହାରୀ ଶ୍ରୀମନ୍ଦିରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଆଣିବାକୁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଏଥିସହ ଚନ୍ଦନଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ଇତ୍ୟାଦି ପର୍ବପର୍ବାଣି ଏବଂ ମହାପ୍ରଭୁଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ ସେନେଇ ସର୍ବଦା ପ୍ରୟାସ କରୁଥିଲେ। ସେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ବିଶେଷକରି ସେବାୟତକୁଳର ଝିଅମାନେ କିଭଳି ଆଗକୁ ବଢ଼ିବେ ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ହେବ ସେନେଇ ମଧ୍ୟ ପ୍ରତିହାରୀ ସବୁବେଳେ ଚେଷ୍ଟା କରୁଥିଲେ। ତାଙ୍କ ବିୟୋଗରେ ସେବାୟତ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ବିମାନ ଯୋଗେ ମୁମ୍ବାଇରୁ ଭୁବନେଶ୍ୱର ଅଣାଯାଇଥିଲା। ପରେ ସେଠାରୁ ଗାଡ଼ିରେ ପୁରୀକୁ ଅଣାଯାଇ ବାଲିସାହିସ୍ଥିତ ବାସଭବନରେ ରଖାଯାଇଥିଲା। ସେଠାରେ ଶ୍ରୀମନ୍ଦିର ସେବାୟତ, ପୁରୀ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଆତ୍ମୀୟ ସ୍ୱଜନମାନେ ଶେଷ ଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ପ୍ରତିହାରୀଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ। ଏହି ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶ୍ରୀମନ୍ଦିର ନିଯୋଗଗୁଡ଼ିକର ସଦସ୍ୟ, ହିଞ୍ଜଳ ଯାଗାର ସଦସ୍ୟ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ।



ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ରବିବାର ପୁରୀ ଜଗନ୍ନାଥବଲ୍ଲଭରେ ବେଣ୍ଟ ନୀତି ସମ୍ପନ୍ନ କରାଯିବା ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବେହେରା, ୧୭।୩ (ଭୂପେଶ ତିୱାରୀ)**



ଘନଶ୍ୟାମ ପୋଡ଼



ଜନ୍ମେଜୟ ସାହୁ

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅଞ୍ଚଳରୁ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ୨ ଦାଦନ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ଏହି ଖବର ଏଠାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୋମବାର ସେମାନଙ୍କ ମୃତଦେହ ଗାଁରେ ପହଞ୍ଚିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ଧର୍ମଗଡ଼ ବ୍ଲକ ଖଇରପଦର ଗ୍ରାମର ପ୍ରଦ୍ୟୁମ୍ନ ସାହୁଙ୍କ ଏକମାତ୍ର ପୁଅ ଜନ୍ମେଜୟ ଓରଫ ପିଣ୍ଟୁ (୨୧) ଏବଂ ଛଞ୍ଚାଣବାହାଲି ପଞ୍ଚାୟତ ବେହେରାଗୁଡାର ଘନଶ୍ୟାମ ପୋଡ଼ (୪୦)। ଗତ ଜାନୁଆରୀ ୧୭ରେ ଝାଡ଼ଖଣ୍ଡ ରାଜ୍ୟର ଚନ୍ଦ୍ରପୁରା ଅଞ୍ଚଳକୁ ଯାଇ ପିଣ୍ଟୁ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କାର୍ଯ୍ୟରତ ସମୟରେ ବିଦ୍ୟୁତ୍ ଆଘାତରେ ଆସି ମୃତ୍ୟୁବରଣ କରିଥିଲେ। ତାଙ୍କ ପିତା ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାରର ଏକମାତ୍ର ପୁଅକୁ ହରାଇ ସମସ୍ତେ ଭାଙ୍ଗିପଡ଼ିଛନ୍ତି। ସେହିପରି ଗତ ୪ମାସ ତଳେ ଘନଶ୍ୟାମ ସ୍ତ୍ରୀ ଦୁତିକାଙ୍କ ସହ ପେଟପାଟଣା ପାଇଁ ତେଲଙ୍ଗାନାକୁ ଯାଇଥିଲେ। ତେଲଙ୍ଗାନାର ଖମାମ ନିକଟରେ ଏକ ଇଟା ଭାଟିରେ କାମ କରୁଥିଲେ। ହେଲେ ଶନିବାର ହଠାତ ଛାତିରେ ଯନ୍ତ୍ରଣା ହେବା ପରେ ସାଙ୍ଗସାଥୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦାଦନ ଯନ୍ତ୍ରଣା, ଆନ୍ଧ୍ରରୁ ଗ୍ରାମକୁ ଆସିଲା ମୃତଦେହ

**ପଟ୍ଟାଙ୍ଗି, ୧୭।୩(ଶରତ ଧଳ)**

ପଡ଼ୋଶୀ ଆନ୍ଧ୍ର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ଗ୍ରାମକୁ ଆସିଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରରୁ ୨ କି.ମି. ଦୂର ଡୁମୁରିଗୁଡ଼ା ଗ୍ରାମରେ।

ଖବରରୁ ଜଣାପଡ଼ିଛି, ଡୁମୁରିଗୁଡ଼ା ଗ୍ରାମରୁ ୬ଜଣ ବାବୁଲା ମାଝୀ, ଧନପତି ମାଝୀ, ବନ୍ଧୁ ପାମିୟା, କଡ୍ରିଆ ସୁରେନ୍ଦ୍ର, ସନୁ ମାଝୀ ଓ କଡ୍ରିଆ ପ୍ରଫୁଲ୍ଲ କାମ କରିବାକୁ ଆନ୍ଧ୍ରକୁ ମାସେ ତଳେ ଯାଇଥିଲେ। ସେମାନେ ଆନ୍ଧ୍ରର ଗୁଣ୍ଡୁୱାଡା ଜିଲାର ଏମପିପାଡ ଅଞ୍ଚଳରେ ଜଣେ ଜମିମାଲିକଙ୍କ ବିରି ବାଡ଼ରେ ଶ୍ରମିକ ଭାବେ କାମ କରୁଥିଲେ। କାମ କରୁଥିବା ସମୟରେ ସନୁ (୬୫) ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନୁଙ୍କ ମୃତ୍ୟୁ ହୋଇଥିଲା। ବିରିବାଡ ମାଲିକ ସମସ୍ତଙ୍କ ମଜୁରି ବାବଦ ପ୍ରାପ୍ୟ ଦେଇ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଡୁମୁରିଗୁଡା ଗ୍ରାମକୁ ପଠାଇ ଦେଇଥିଲେ। ତେବେ ଆମ୍ବୁଲାନ୍ସଟି ଏହି ଗ୍ରାମଠାରୁ କିଛି ଦୂରରେ ମୃତଦେହ ଓହ୍ଲାଇ ଦେଇ ତରବରିଆ ଭାବେ ଚାଲି ଯାଇଥିଲା। ଗ୍ରାମବାସୀ ଓ ସନୁଙ୍କ ସମ୍ପର୍କୀୟମାନେ ଭୋରରୁ ସମସ୍ତ ଘଟଣା ଜାଣିବା ପରେ ଆମ୍ବୁଲାନ୍ସ ଛାଡି ଚାଲି ଯାଇଥିବା ସ୍ଥାନରୁ ତାଙ୍କ ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ସମ୍ପର୍କରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ ଅବଗତ ଅଛି। ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କିପରି ସରକାରୀ ସହାୟତା ମିଳିବ ସେ ନେଇ ଚେଷ୍ଟା କରିବି ବୋଲି କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ପାପଯୁକ୍ତ ରବି ହେତୁ କୃତ୍ତିକା ନକ୍ଷତ୍ର ମନ ଅନୁଯାୟୀ କୌଣସି କାମକୁ ସହଜରେ କରିପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ମନ କଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ଖୋଜି ପାଉ ନ ଥିବେ। କର୍ମକ୍ଷେତ୍ରରେ ମନ୍ଥର ଗତି ସହ ଅଫିସରେ ଫାଇଲ୍ ଚାପର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** — ଆଜି ଶୁକ୍ର ସହ ମଙ୍ଗଳ ଯୋଗରୁ ଦ୍ୱିଜା ନକ୍ଷତ୍ରର ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ। ସମ୍ବେଦନଶୀଳ କଥାରେ କିମ୍ବା ପାରିବାରିକ ଜୀବନରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। ଗୃହକୁ ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ମିଥୁନ** — ବୁଧ ସହ ରାହୁ ରହିଥିବାରୁ ଆର୍ଦ୍ରା ନକ୍ଷତ୍ରର ଆକସ୍ମିକ କଳହ ସୃଷ୍ଟି ଯୋଗୁ ନିଜ ଲୋକମାନେ ଦୂରେଇ ଯିବାର ଆଶଙ୍କା ରହିଛି। କର୍ମ କ୍ଷେତ୍ର, ଯାନବାହନ, ଦୋକାନବାଡି, ସଭା ସମିତିରୁ ଉପକୃତ ହେବେ। ପ୍ରତ୍ୟେକ ସମୟରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ନିରପେକ୍ଷ ବିଚାରକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ।

**କର୍କଟ** — ଆଜି ଶନି ଓ ମଙ୍ଗଳ ସ୍ଥିତିଜନିତ ପୁଷ୍ୟା ନକ୍ଷତ୍ରର ବିବାଦୀୟ ସ୍ଥିତିରେ ନିଜର ଲୋକମାନେ ଶତ୍ରୁତା କରି ପାରନ୍ତି। ଗୁରୁତ୍ୱପୂର୍ଣ୍ଣ ବିଚାରକମଣ୍ଡଳୀର ସଭାରେ ଆଲୋଚନା ଅସମାପ୍ତ ରହିପାରେ। ପରିସ୍ଥିତି ଭିନ୍ନ ମୋଡ଼ ନେବା କାରଣରୁ ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବ। ପାରିବାରିକ ସ୍ତରରେ ବୁଝାମଣା ଠିକ୍ ରହିବ।

**ସିଂହ** — କାର୍ଯ୍ୟସାଧନରେ ମନ୍ଥରଗତି କାରଣରୁ କିମ୍ବା ପରିଜନଙ୍କ ସ୍ୱାସ୍ଥ୍ୟହାନିଜନିତ ମନ ଉଦ୍‌ବେଗ ରହିବ। ମଘା ନକ୍ଷତ୍ର କୌଣସି କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ଷ୍ଟେସନେରୀ ଜିନିଷ, ନୂତନ ବସ୍ତ୍ର ଅଳଙ୍କାର କିମ୍ବା ଗାଡିମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ।

**କନ୍ୟା** — ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନ ସକାଶେ ଶାରୀରିକ ଅସାମର୍ଥ୍ୟତା ପ୍ରକାଶ ପାଇବ। ହିତାକାଂକ୍ଷୀଙ୍କ ସାହାଯ୍ୟ ମନୋଭାବରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିପାରେ। ଚିତ୍ରା ନକ୍ଷତ୍ରର ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବା ଫଳରେ ଦୁଶ୍ଚିନ୍ତା ବଢ଼ିଯାଇପାରେ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ପ୍ରଶାସନ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ତୁଳା** — ଧନାଧିପ ଉଚ୍ଚସ୍ଥ ଯୋଗୁ ଧନାଗମ, ମିଷ୍ଟାନ୍ନ ପ୍ରାପ୍ତି, ବନ୍ଧୁବତ୍ସଳ ସାଙ୍ଗକୁ ମୁହଁରେ ହସ ଲାଗି ରହିବ। ତଥାପି ସାମୟିକ ବ୍ୟସ୍ତତା କାରଣରୁ ଅଫିସରେ କାମ ଗୋଳମାଳିଆ ଧରିପାରେ। ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ବିଛା** — ମନରେ ବିଭିନ୍ନ ଭାବରାଜି ଉଦ୍ରେକ ହେବାରୁ କାର୍ଯ୍ୟଧାରା ନିୟନ୍ତ୍ରିତ ରହି ନ ପାରେ। ଏକାଧିକ ପାପଗ୍ରହ ଚତୁର୍ଥସ୍ଥ ପରିବାର ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ନୁହେଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭାସମିତିରେ ପ୍ରଶଂସିତ ହେବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ରହିପାରନ୍ତି।

**ଧନୁ** — ସମୟ ପ୍ରତିକୂଳ ନ ଥିଲେ ମଧ୍ୟ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଦିଗରୁ ପୁରୁଣା କଥାକୁ ବାରମ୍ବାର ଦୋହରାଇବା ଠିକ୍ ନ ହୋଇପାରେ। ମୂଲ୍ୟବାନ୍ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ।

**ମକର** — ଆଜିର କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ପାଇଁ ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। ପରିବାର ମଧ୍ୟରେ ନିଜର ପ୍ରାଧାନ୍ୟତାକୁ ସହାନୁଭୂତିର ସହ ଜାହିର କରିବା ଠିକ୍ ହେବ।

**କୁମ୍ଭ** — ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବାର ସ୍ପଷ୍ଟ ସୂଚନା ରହିଛି। ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସମସ୍ୟା ପିଛା ଛାଡୁ ନ ଥିବାରୁ ଶତଭିଷା ନକ୍ଷତ୍ରର ସହଜରେ କାମ ହାସଲ କଷ୍ଟକର ହେବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ଝମେଲା ହେତୁ ବ୍ୟସ୍ତ ରହିପାରନ୍ତି।

**ମୀନ** — ଗୁରୁଙ୍କ ଅନୁଗ୍ରହରୁ ନିରପେକ୍ଷ ବିଚାର ସାଙ୍ଗକୁ ସୁସଂଯତ କାର୍ଯ୍ୟକଳାପ କାରଣରୁ ଶାନ୍ତି ଓ ସନ୍ତୋଷ ପାଇବେ। ସାମୟିକ କୌଣସି ଜିନିଷର ଅଭାବଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଶିଳ୍ପ, ପ୍ରକଳ୍ପ ପ୍ରଭୃତି ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ। ରେବତୀ ନକ୍ଷତ୍ରର ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି।

ଆଜି ମାର୍ଚ୍ଚ ୧୮ ତାରିଖ, ଫାଲଗୁନ ଶୁକ୍ଳ ନବମୀ ସୋମବାର, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ସକାଳ ଘ.୦୫।୫୫ ଗତେ, ଘ.୦୭।୨୫ ମଧ୍ୟେ, ଘ.୧୦।୪୩ ଗତେ, ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ୦୭।୨୫ ଗତେ, ଘ.୦୮।୫୫ ମଧ୍ୟେ ରାହୁକାଳ।

# ଉଦ୍ୟୋଗୀ ହେବା ପାଇଁ ନିରନ୍ତର ଉଦ୍ୟମ ଲୋଡ଼ା

**ଗଞ୍ଜାମର ଗ୍ରାମାଞ୍ଚଳରୁ ଜୀବନ ଆରମ୍ଭକରି ଗ୍ରାମ୍ୟ ପରିବେଶରେ ମାଧମିକ ଶିକ୍ଷା ଶେଷ କରିଥିଲେ। ଅତି ନିକଟରୁ କ୍ଷୁଦ୍ର ବ୍ୟବସାୟ ମାଧମରେ ପରିଚାଳନାଗତ ଦକ୍ଷତା ଆହରଣ କରିପାରିଥିଲେ। ମାତ୍ର ଜୀବନରେ ଆଗକୁ ବଢ଼ିବାର ଆଶା ସବୁ ବାଧାକୁ ଅତିକ୍ରମ କରିଥିଲା। ଉଦ୍ୟୋଗୀ ମଣିଷ ପାଇଁ ନିରନ୍ତର ଉଦ୍ୟମ ହିଁ ସର୍ବଶ୍ରେଷ୍ଠ ବୋଲି ସେ ପ୍ରମାଣିତ କଲେ। ନା ଥିଲା ଅର୍ଥ, ସମ୍ପତ୍ତି ବା ପ୍ରୋତ୍ସାହନ, କିନ୍ତୁ ସେ ଆଜି ଜଣେ ପରିଚିତ ଶିଳ୍ପପତି। ସରୋଜ କୁମାର ପାତ୍ର, ପରିଚାଳନା ନିର୍ଦ୍ଦେଶକ, ସୌକିନ୍ ଇଣ୍ଡଷ୍ଟ୍ରିଜ ପ୍ରା.ଲିଃଙ୍କ ଧରିତ୍ରୀ ସହ ଏକ ଆଳାପ...**


ସରୋଜ କୁମାର ପାତ୍ର

**ପ୍ର– ବୃତ୍ତିଗତ ପୂର୍ବରୁ ଜୀବନ କିପରି ଥିଲା?**

ଉ– ଗଞ୍ଜାମ ସୋରଡ଼ା ଥାନାର ନୂଆଗଡ଼ରେ ମୋର ଜନ୍ମ। ଗ୍ରାମ୍ୟ ପରିବେଶରେ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ପରେ ଡି. ଫାର୍ମାରେ ନାମ ଲେଖାଇଲି। ଏଥିରେ ସଫଳ ଭାବେ ଉତ୍ତୀର୍ଣ୍ଣ ହେବା ପରେ ମୋ ବାପାଙ୍କ ବ୍ୟବସାୟସ୍ଥଳ ରେଙ୍ଗାଲିଠାରେ ଏକ ଔଷଧ ଦୋକାନ ଆରମ୍ଭ କଲି। ମାତ୍ର ଏମ୍‌ବିଏ ଶିକ୍ଷା ପ୍ରତି ମୋର ଅହେତୁକ ଆଗ୍ରହ ରହିଥିଲା। ଏଥିପାଇଁ ଗ୍ରାଜୁଏଶନର ଆବଶ୍ୟକତା ଥିବାରୁ ପୁନଶ୍ଚ ମୁଁ ରେଙ୍ଗାଲି କଲେଜରେ ଡିଗ୍ରୀରେ ନାମ ଲେଖାଇ ଉତ୍ତୀର୍ଣ୍ଣ ହେଲି। ପ୍ରତିଯୋଗିତାମୂଳକ ପରୀକ୍ଷା ମ୍ୟାଟ୍‌ରେ ସପ୍ତମ ସ୍ଥାନରେ ରହି ଏମ୍‌ବିଏ ପଢ଼ିବା ପାଇଁ ଦିଲ୍ଲୀ ଗଲି। ସେଠାରେ ଘଟଣାକ୍ରମେ ଆଇଆଇଏମ୍‌ଟି ଅନୁଷ୍ଠାନରେ ଏମ୍‌ବିଏ ପଢ଼ିଲି।

**ପ୍ର– ଚାକିରି ଜୀବନରୁ ବାହାରି ଉଦ୍ୟୋଗପତି ହେବାପାଇଁ ମନ ବଳାଇଲେ କିପରି?**

ଉ– ଏମ୍‌ବିଏ ପାସ୍ ପରେ ମୁଁ ଏକ କମ୍ପାନୀରେ ଚାକିରି ଜୀବନ ଆରମ୍ଭ କଲି। ଏହି ସମୟରେ ମୁଁ ଦିଲ୍ଲୀର ପ୍ରଗତି ମଇଦାନରେ ହେଉଥିବା ପ୍ରାୟ ବ୍ୟବସାୟିକ ପ୍ରଦର୍ଶନୀଗୁଡ଼ିକ ବୁଲିବାକୁ ଯାଇଥାଏ। ୨୦୦୨ ମସିହାର ଶେଷ ଆଡ଼କୁ ମୁଁ ତକିଆ ତିଆରି ବ୍ୟବସାୟ ଆରମ୍ଭକଲି।

**ପ୍ର– ସୌକିନ୍ ବ୍ରାଣ୍ଡକୁ କିପରି ସାରା ଓଡ଼ିଶାରେ ପରିଚିତ କରାଇପାରିଲେ?**

ଉ– ଉତ୍ପାଦର ଗୁଣବତ୍ତା, ଗ୍ରାହକଙ୍କ ଚାହିଦା ଓ ମୂଲ୍ୟକୁ ସନ୍ତୁଳିତ ରଖିଲେ ଜିନିଷର ଲୋକପ୍ରିୟତା ବଢ଼େ। ମୁଁ ମଧ ଏହି ଧାରାକୁ ଆପଣାଇଥିଲି। ଏହାପରେ କେତେକ ନାମୀ କମ୍ପାନୀ ପାଇଁ ମୁଁ ଓଇଏମ୍ ଭାବେ ତକିଆ ତିଆରିକରି ଯୋଗାଇଦେଇଥିଲି। ଧୀରେ ଧୀରେ ମୋର ବ୍ୟବସାୟ ବୃଦ୍ଧି ଘଟିଲା ଏବଂ ଏହାକୁ ଚିହ୍ନିତ କରିବା ପାଇଁ ସୌକିନ୍ ନାମ ରଖିଲି। ଏହା ପରେ ଏକ ନାମୀ ଗଦି କମ୍ପାନୀର ବିତରକ ଭାବେ କାର୍ଯ୍ୟ ଆରମ୍ଭକଲି।

**ପ୍ର– ସାମ୍ପ୍ରତିକ ବଜାରରେ ଆପଣଙ୍କ ବ୍ରାଣ୍ଡର ଚାହିଦା କିପରି ଅଛି?**

ଉ– ପୂର୍ବରୁ ବିଛଣା କହିଲେ ଲୋକମାନେ ଶପ ବା ମସିଣା ଉପରେ କିଛି ଲୁଗା ବା ହାତ ତିଆରି ତୁଳା ଗଦି ବ୍ୟବହାର କରୁଥିଲେ। ମାତ୍ର ଆଜିର ଯୁଗରେ ସେ ଟ୍ରେଣ୍ଡ ପରିବର୍ତ୍ତିତ ହୋଇଛି। ସୌକିନ୍‌ବ୍ରାଣ୍ଡର ଚାହିଦା ଉତ୍ପାଦନକୁ ବଳିଯାଉଛି।

**ପ୍ର–ସୌକିନ୍ ବ୍ରାଣ୍ଡ ଲୋକପ୍ରିୟ ହେବାର ରହସ୍ୟ କ'ଣ?**

ଉ– ଗ୍ରାହକ ଚାହିଦା ଓ ବଜାର ଆବଶ୍ୟକତା ପୂରଣ ସହ ଭ୍ୟାଲୁ ଫର୍ ମନି ବ୍ରାଣ୍ଡର ସଙ୍କଳ୍ପ ହୋଇଥିବାରୁ ଆମେ ଗୁଣାତ୍ମକ ସହ ଉଚିତ ମୂଲ୍ୟର ଉତ୍ପାଦ ତିଆରି କରିଥାଉ। ବିଶେଷ କରି ଆମର ଅର୍ଥୋ ରେଞ୍ଜଗୁଡ଼ିକ ଅନ୍ୟ ବ୍ରାଣ୍ଡଠାରୁ ଭିନ୍ନ (ୟୁନିକ୍) ହୋଇଥିବାବେଳେ ଆମେ ଗ୍ରାହକଙ୍କୁ ଟେଷ୍ଟେଡ୍, ଟ୍ରଷ୍ଟେଡ୍ ଏବଂ ରେଜଲ୍ଟ ଓରିଏଣ୍ଟେଡ୍ ଉତ୍ପାଦ ଯୋଗାଇ ଦେବା ସହ ୧୦୦% ରିଅଲ ଅର୍ଥୋ ମ୍ୟାଟ୍ରେସ୍ ବଜାରରେ ଉପଲବ୍ଧ କରାଉଛୁ।

**ପ୍ର– ଆଗାମୀ ଦିନରେ ବ୍ୟବସାୟ ଅଭିବୃଦ୍ଧିର କ'ଣ ଲକ୍ଷ୍ୟ ରହିଛି?**

ଉ– ଆମ ରାଜ୍ୟରେ ଉତ୍ପାଦନ ଶିଳ୍ପକୁ ଉନ୍ନତକରି ଆମ ଦେଶ ଛଡ଼ା ଆନ୍ତର୍ଜାତିକ ସ୍ତରରେ ସୌକିନ୍ ବ୍ରାଣ୍ଡକୁ ପରିଚିତ କରାଇବା।

**ପ୍ର– ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**

ଉ– ପ୍ରଥମେ ଉଦ୍ୟୋଗୀ ହେବା ପାଇଁ ଏକ ଧୈର୍ଯ୍ୟଶୀଳ ବ୍ୟକ୍ତି ହେବାର ଆବଶ୍ୟକତା ରହିଛି। ପରେ ସେ ଭାବୁଥିବା ଉଦ୍ୟୋଗ ପ୍ରତି ନିଜର ବ୍ୟକ୍ତିଗତ ଅଭିଜ୍ଞତା ଓ ପରିଚାଳନାଗତ ଜ୍ଞାନକୁ ବେଶ୍ ସାଉଁଟିବା ଦରକାର।



କଟକ ମାଛୁଆ ବଜାରସ୍ଥିତ ଏକ ମଣ୍ଡପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ରବିବାର ପଖାଳ ଦିବସ ପାଳନ କରାଯାଉଛି।

# ପଖାଳ ଦିବସ ପାଳି କୃଷକଙ୍କୁ ସମ୍ବର୍ଦ୍ଧିତ କଲେ

**କଟକ, ୧୭।୩ (ଶିଳ୍ପା ପ୍ରିୟଦର୍ଶିନୀ)**

ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ରବିବାର କଟକ ମାଛୁଆ ବଜାରସ୍ଥିତ ଏକ ମଣ୍ଡପରେ ପଖାଳ ଦିବସ ପାଳନ କରାଯାଇଛି। ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ପାଳନ କରାଯାଉଥିବାବେଳେ ଏହି ଦିବସକୁ ଆଗୁଆ ପାଳନ କରିଛି ଉକ୍ତ ଅନୁଷ୍ଠାନ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଭିନେତା କୁନା ତ୍ରିପାଠୀ, ଏସିପି ଅମିତାଭ ମହାପାତ୍ର, ଏଜିଏ ଦେବକାନ୍ତ ମହାନ୍ତି, କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ହାସ୍ୟ ଅଭିନେତା ରାଜୁ ଦାସ, ମିଟୁ ମିଥୁନ, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ସମ୍ପର୍କରେ ଟ୍ରଷ୍ଟର ସଭାପତି ମନୋଜ ପଣ୍ଡା କହିଛନ୍ତି, ଓଡ଼ିଶାବାସୀଙ୍କ ପ୍ରିୟ ଖାଦ୍ୟ ପଖାଳ। ଆଜିର ଦିନକୁ କୃଷକ ଭାଇମାନଙ୍କ ପାଇଁ ଉତ୍ସର୍ଗ କରିଛୁ। କାହିଁକି ନା ସେମାନଙ୍କ ଉଦ୍ୟମରେ ଆମେ ଖାଦ୍ୟ ପାଉଛୁ।

# ସବୁ ଦଳର ପ୍ରାର୍ଥୀ ତାଲିକା ଘୋଷଣା ଉପରେ ରହିଛି ନଜର

**ଭୁବନେଶ୍ୱର, ୧୭।୩ (ସୁନିତ୍ ମିଶ୍ର)**

**ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ**

- ପ୍ରାର୍ଥୀ ତାଲିକା ଶର୍ଟ ଲିଷ୍ଟ ହୋଇ ଦିଲ୍ଲୀ ପଠାଯାଇଛି: ପ୍ରତାପ
- ଦ୍ୱନ୍ଦ୍ୱରୁ ବାହାରି ପାରୁନାହାନ୍ତି ବିଜେଡି, ଭାଜପା ନେତା
- କର୍ମୀ ଦ୍ୱନ୍ଦ୍ୱରେ ଥିବା ସର୍ଭେ ପରେ ବି ସ୍ପଷ୍ଟ କରୁନାହାନ୍ତି
- ୧୯ରେ କଂଗ୍ରେସର ୩ୟ ସ୍କ୍ରିନିଂ କମିଟି ବୈଠକ

୨୦୨୪ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ସାଙ୍ଗକୁ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ଆସନ୍ତା ଏପ୍ରିଲ ୧୯ରୁ ଦେଶର ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ମେ' ୧୩ ତାରିଖରୁ ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ଭୋଟ ହେବ। ଏଭଳି ସ୍ଥିତିରେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପାଇଁ ପ୍ରାର୍ଥୀ ଚୟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ସବୁ ଲୋକ ସଭା ଏବଂ ବିଧାନସଭା ଆସନରେ କିପରି ଉପଯୁକ୍ତ ପ୍ରାର୍ଥୀ ଦେବେ ତାକୁ ନେଇ ୩ ଦଳ ନିଜର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକ ଶନିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ ନିର୍ବାଚନମଣ୍ଡଳୀ ୱାରି ଦଳର ସାଙ୍ଗଠନିକ ସ୍ଥିତି ଏବଂ ପ୍ରାର୍ଥୀ ଚୟନ ନେଇ ସମୀକ୍ଷା କରୁଥିବା ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ତା'ର ପ୍ରଦେଶ ନିର୍ବାଚନ କମିଟି ବୈଠକ ଶେଷ କରିଦେଇଥିବା ବେଳେ ଦୁଇଥର ଦିଲ୍ଲୀରେ ସ୍କ୍ରିନିଂ କମିଟି ବୈଠକ କରିସାରିଛି। ତେବେ ଆସନ୍ତା ୧୯ରେ ପ୍ରାର୍ଥୀ ଚୟନ ନେଇ ଦିଲ୍ଲୀରେ କଂଗ୍ରେସ ପକ୍ଷରୁ ତୃତୀୟ ଥର ଲାଗି ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି। ଏହାରି ଭିତରେ ୩ ଦଳର ନେତୃତ୍ୱଙ୍କ ଲାଗି ବର୍ତ୍ତମାନ ପ୍ରାର୍ଥୀ ଚୟନ କରିବା ବିଷୟଟି ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି।

କିଛିଦିନ ତଳେ ରାଜ୍ୟରେ ବିଜେଡି–ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ଯେଉଁଭଳି ଚର୍ଚ୍ଚା ଆଲୋଚନା ଚାଲିଥିଲା, ବର୍ତ୍ତମାନ ସ୍ଥିତିରେ ସେଭଳି କିଛି ଆଉ ଆଭାସ ମିଳୁନାହିଁ। ଉଭୟ ଦଳର ନେତାମାନେ ମେଣ୍ଟ ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛନ୍ତି। ହେଲେ ରାଜ୍ୟର ଏକ ନମ୍ବର ଏବଂ ଦୁଇ ନମ୍ବର ଦଳ ପରସ୍ପର ବିରୋଧରେ ସେଭଳି କୌଣସି କଠୋର ଆଭିମୁଖ୍ୟ ଗ୍ରହଣ କରୁଥିବାର ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ବି ଦୁଇ ଦଳର ନେତା ଏବଂ କର୍ମୀମାନେ ମେଣ୍ଟ ବିଷୟ ନେଇ ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି। ଏନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ଗୋଇନ୍ଦା ରିପୋର୍ଟ ପ୍ରଦାନ କରୁଥିଲେ ସୁଦ୍ଧା ବିଜେଡି ଏବଂ ଭାଜପା ନେତୃତ୍ୱ ଖୋଲାଖୋଲି ଖଣ୍ଡନ କରୁ ନ ଥିବା ବେଳେ କୌଣସି ରାଜନୈତିକ କାର୍ଯ୍ୟକ୍ରମ ମଧ କରୁନାହାନ୍ତି। ଏପରି ସ୍ଥିତିରେ ଭାଜପା ପକ୍ଷରୁ ଦୁଇ ଥର ସେଣ୍ଟ୍ରାଲ ଇଲେକ୍ସନ କମିଟି(ସିଇସି) ବୈଠକ ବସି ପାଖାପାଖି ୩୦୦ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇସାରିଛି। କିନ୍ତୁ ଓଡ଼ିଶାକୁ ଏହି ଦୁଇଟି ଯାକ ତାଲିକାରେ ସାମିଲ କରାଯାଇନାହିଁ। ତେଣୁ ଶନିବାର ଭାଜପାର ବସିଥିବା ରାଜ୍ୟ ନିର୍ବାଚନ କମିଟି ବୈଠକରେ ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ଆସନରେ ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ପ୍ରାର୍ଥୀ ତାଲିକା ଶର୍ଟ ଲିଷ୍ଟ କରାଯାଇଛି। ନିର୍ବାଚନ ପାଇଁ ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ରାଜ୍ୟରେ ପୂରା ଦମ୍ ଲଗାଇ ଲଢ଼ିବା ପାଇଁ ଦଳ ପ୍ରସ୍ତୁତ ହୋଇଛି। ତାଲିକା ଦିଲ୍ଲୀ ପଠାଯିବ। ଖୁବ୍‌ଶୀଘ୍ର ଦିଲ୍ଲୀରୁ ପ୍ରାର୍ଥୀ ଘୋଷଣା ହେବ ବୋଲି ପ୍ରତାପ କହିଛନ୍ତି।

ଅନ୍ୟପଟେ ବିଜେଡିରୁ ଟିକେଟ ନେବା ପାଇଁ ପ୍ରବଳ ଆଶାୟୀ ରହିଛନ୍ତି। କହିବାକୁ ଗଲେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ଏକାଧିକ ଆଶାୟୀ ଏବେ ଟିକେଟ ଚିନ୍ତାରେ ନବୀନ ନିବାସ ଚାରିପାଖରେ ବୁଲୁଛନ୍ତି। ହେଲେ ମେଣ୍ଟ ବିଷୟ ଚର୍ଚ୍ଚା ପରଠାରୁ ଏ ପର୍ଯ୍ୟନ୍ତ ଦଳର ଆଗଧାଡ଼ିର ନେତାମାନେ ମଧ ଦ୍ୱନ୍ଦ୍ୱ ଭିତରୁ ବାହାରି ପାରିନାହାନ୍ତି। ଦଳର କାର୍ଯ୍ୟକ୍ରମ ଦେଖିବା ପରେ ସେମାନଙ୍କୁ ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କିଛି ସ୍ପଷ୍ଟ ସୂଚନା ମିଳୁ ନ ଥିବା ମତ ରଖୁଛନ୍ତି। ଏବେ ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଆଧାରରେ ଦଳର ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟାକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଛଡା ବିଭିନ୍ନ ସର୍ଭେ ସଂସ୍ଥାକୁ ରାଜ୍ୟରେ ଶାସକ ଏବଂ ବିରୋଧୀ ସବୁ ଦଳ ନିୟୋଜିତ କରିଛନ୍ତି। ସେମାନଙ୍କ ରିପୋର୍ଟ ଆଧାରରେ ହିଁ ଦଳ ପ୍ରାୟ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡୁଛି। ତେଣୁ ବିଜେଡି କେବେସୁଦ୍ଧା ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ଆଗକୁ କି ପଦକ୍ଷେପ ନେବ ତାକୁ ନେଇ ସବୁଆଡେ ଚର୍ଚ୍ଚା ଲାଗିରହିଛି। ସେହିପରି କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଘୋଷଣା କରିବ ବୋଲି ବହୁ ଆଗରୁ ଦମ୍ଭୋକ୍ତି ଦେଖାଉଥିଲା। ହେଲେ ମେଣ୍ଟ ଆଲୋଚନା ପରଠାରୁ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ପ୍ରକାଶ ନ କରି ମେଣ୍ଟ ହେବ ନା ନାହିଁ ତାକୁ ଅପେକ୍ଷା କରିଛି। ଯଦି ବିଜେଡି–ଭାଜପା ମଧ୍ୟରେ ମେଣ୍ଟ ହୁଏ ତେବେ ଉଭୟ ଦଳର ଅସନ୍ତୁଷ୍ଟମାନଙ୍କୁ ଦଳ କଂଗ୍ରେସରେ ସାମିଲ କରି ଟିକେଟ ଦେବାକୁ ଆଶା ରଖିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି। ଭାଜପା ଭଳି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ବିଭିନ୍ନ ରାଜ୍ୟ ଲାଗି ପ୍ରାର୍ଥୀ ତାଲିକା ପ୍ରକାଶ କରିଥିଲେ ମଧ ଓଡ଼ିଶାକୁ ଏ ପର୍ଯ୍ୟନ୍ତ ସାମିଲ କରିନାହାନ୍ତି। ଆସନ୍ତା ମଙ୍ଗଳବାର ସ୍କ୍ରିନିଂ କମିଟି ପରେ ଦଳ ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ମୁମ୍ବାଇଠାରେ ରବିବାର ଆୟୋଜିତ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ସାମିଲ ହେବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଗସ୍ତ କରିଛନ୍ତି।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୩୩ ମାମଲା ଫଇସଲା

## ୯,୧୫,୯୪,୨୦୦ ଟଙ୍କା ଆଦାୟ

**କଟକ, ୧୭।୩ (କାର୍ତ୍ତିକ ସାହୁ)**

ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରସ୍ଥ ବିଭିନ୍ନ ବିଚାରପତିଙ୍କ କୋର୍ଟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ–ଇନ୍–ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ତଥା ବିଚାରପତି ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଚାରପତି ଡ. ଏସ୍.କେ. ପାଣିଗ୍ରାହୀ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଏମ୍.ଏସ୍. ସାହୁ, ବିଚାରପତି ଏ. କେ. ମହାପାତ୍ର, ବିଚାରପତି ଭି. ନରସିଂହ, ବିଚାରପତି ବି. ପି. ଶତପଥୀ, ବିଚାରପତି ମୁରାହରି ଶ୍ରୀ ରମଣ, ବିଚାରପତି ଗୌରୀଶଙ୍କର ଶତପଥୀ ଓ ବିଚାରପତି ଏସ୍. ଏସ୍. ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବେଞ୍ଚରେ ମାମଲାଗୁଡ଼ିକ ଫଇସଲା ହୋଇଥିଲା।

ଏହି ଲୋକ ଅଦାଲତରେ ମୋଟ ୧୩୩ଟି ମାମଲା ଫଇସଲା ହୋଇଥିଲା। ଏଥିରେ ବୀମା, ୧୩୮ ଧାରା ଅଧୀନ ଏନ୍‌ଆଇ ଆକ୍ଟ ସମେତ ଅନ୍ୟାନ୍ୟ ମାମଲାଗୁଡ଼ିକର ସହମତି ଭିତ୍ତିରେ ଫଇସଲା କରାଯାଇଥିଲା। ଏଥିରେ ମୋଟ ୯,୧୫,୯୪,୨୦୦ ଟଙ୍କା ଆଦାୟ କରାଯାଇଥିଲା। ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀ ସମେତ କେତେକ ପ୍ରାଇଭେଟ୍ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଭୂଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଲୋକ ଅଦାଲତରେ ଅଂଶଗ୍ରହଣ କରିଥିଲେ।


ହାଇକୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**କଟକ ସଦର, ୧୭।୩ (ସୁଶାନ୍ତ କୁମାର ଜେନା)**

କଟକ–ପାରାଦୀପ ରାସ୍ତାର ରାମକୁମାରପୁର ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଜିଲା କିଶନ ନଗର ଥାନା ଅନ୍ତର୍ଗତ ବୋଦର ଗ୍ରାମର ବିଜୟ ମଲ୍ଲିକ(୨୧) ଓ ପ୍ରଶାନ୍ତ ମଲ୍ଲିକ(୨୦)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଶନିବାର ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୦୫କେ–୮୮୫୩) କଟକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ନଂ. ଓଡ଼ି୦୨ଏସି–୪୨୫୮) ସହ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ବିଜୟ ଓ ପ୍ରଶାନ୍ତ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପରେ ଉଭୟଙ୍କ ମୃତଦେହ କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଷ୍ଟ୍ର ପ୍ରଗତିରେ ଟ୍ୟାକ୍ସ ପେସାଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଟ୍ୟାକ୍ସ ବାର ଆସୋସିଏଶନର ଏକ ଦିବସୀୟ ଜାତୀୟ ସମ୍ମିଳନୀ 'ଜ୍ଞାନ ପ୍ରଭା'



**ଯାଜପୁରରୋଡ୍, ୧୭।୩ (ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ଓ ପୂର୍ବ ଭାରତ ଅଲ୍ ଇଣ୍ଡିଆ ଫେଡେରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିଶନର ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଯଯାତି ହୋଟେଲଠାରେ ଏକଦିବସୀୟ ଜାତୀୟ ସମ୍ମିଳନୀ 'ଜ୍ଞାନ ପ୍ରଭା' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୪ ପର୍ଯ୍ୟାୟରେ ଜିଏସ୍‌ଟି ଓ ଟ୍ୟାକ୍ସ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବି.ଆର. ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରାଷ୍ଟ୍ର ପ୍ରଗତିରେ ଟ୍ୟାକ୍ସ ପେସାଦାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବାରକାଉନସିଲର ଭାଇସ୍ ଚେୟାରମ୍ୟାନ ରାଜୀବ ମହାନ୍ତି, ରାଜ୍ୟ ବାର କାଉନ୍‌ସିଲ ସଭ୍ୟ ବିଭୁପ୍ରସାଦ ତ୍ରିପାଠୀ ଯୋଗଦେଇ ଜିଏସ୍‌ଟି, ଆଇଟିସି ଓ କର ଆଦାୟର ବିଭିନ୍ନ ଆଇନ ଉପରେ ତର୍ଜମା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତାଭାବେ ଫାଉଣ୍ଡର ଏ ଟୁ ଜେଡ ଟ୍ୟାକ୍ସ କର୍ପୋରେଶନ ଲିମିଟେଡ୍ ନୂଆଦିଲ୍ଲୀର ବିମଲ ଜେନ ଅଂଶଗ୍ରହଣ କରି ଟିକସଦାତାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ହାଇକୋର୍ଟର ସିନିୟର ଆଡ୍‌ଭୋକେଟ ବାସୁଦେବ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଓ ବକ୍ତା ଭାବେ କୋଲକାତା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁବାସ ଅଗ୍ରୱାଲ, ଦିଲ୍ଲୀ ଇନ୍‌କମ ଟ୍ୟାକ୍ସର ମୁଖ୍ୟ କମିଶନର ଗୋପାଳ ଧଳ ପ୍ରମୁଖ ଯୋଗଦେଇ କରଦାତାମାନେ କିପରି ସରଳ ଉପାୟରେ କର ଦେବେ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଓଡ଼ିଶା ରାଜ୍ୟ ମାନବାଧିକାର ସଦସ୍ୟ ଅସୀମ ଅମିତାଭ ଦାଶ ପ୍ରମୁଖ ଯୋଗଦେଇ ଟ୍ୟାକ୍ସ ଆଇନଜୀବୀମାନେ ଓଡ଼ିଶା ରାଜସ୍ୱ ଅଭିବୃଦ୍ଧି କରିବାରେ ସହାୟକ ହେଉଛନ୍ତି ବୋଲି କହିଥିଲେ। ସମସ୍ତ ପର୍ଯ୍ୟାୟରେ ଯାଜପୁର ଜିଲା ବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଇଏଫ୍‌ଟିପିର ପୂର୍ବ ଭାରତ ଜାତୀୟ ସଭାପତି ନାରାୟଣ ପି.ଜେନ. ଜିଏସ୍‌ଟି ଓ ଇନକମ ଟ୍ୟାକ୍ସ ସେମିନାର ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ରୋଟାରିଆନ ସସ୍ମିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ୪ ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ ସାମିଲ ହୋଇଥିଲେ।

## ବଲାଙ୍ଗୀରରେ ସେକ୍ସ ର୍ୟାକେଟ ଠାବ

**ବଲାଙ୍ଗୀର, ୧୭।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟ ଖର୍ସେଲପଡ଼ାର ଏକ ଘରେ ଚାଲିଥିବା ସେକ୍ସ ର୍ୟାକେଟକୁ ଟାଉନ ଥାନା ପୋଲିସ ଠାବ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଟାଉନ ଥାନା ପୋଲିସର ଏକ ଟିମ୍ ରବିବାର ରାତିରେ ଅତର୍କିତ ଚଢ଼ାଉ କରିଥିଲେ। ପରେ ସେଠାରେ ଥିବା ୪ଜଣ ଯୁବତୀଙ୍କ ସହ ୪ ଯୁବକଙ୍କୁ ଠାବ କରାଯାଇଥିଲା। ବଲାଙ୍ଗୀର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଟାଉନ ଥାନା ଆଇଆଇସି ମନବୋଧ ବିଶ୍ୱଜିତ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ତେବେ ସେଠାରେ କେବେଠାରୁ ଏହି ସେକ୍ସ ର୍ୟାକେଟ ଚାଲିଥିଲା ପୋଲିସ ତାହାର ତଦନ୍ତ ଚଳାଇଛି।

ଦ୍ୱାଦଶାହ ଉପଲକ୍ଷେ



ଁ ଲଳିତ ମୋହନ ମିଶ୍ର
ବଲାଙ୍ଗୀର
ଆବିର୍ଭାବ: ୧୩।୧୧।୧୯୪୦
ତିରୋଧାନ: ୦୭।୦୩।୨୦୨୪

ଆପଣଙ୍କର ନିୟମାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟ ମନୋବୃତ୍ତି, ପରୋପକାର ମନୋଭାବ ସର୍ବଦା ଆଲୋକବର୍ତ୍ତିକା ପରି ଆମର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ପରି ବିରଳ ବ୍ୟକ୍ତିତ୍ୱ, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଜ୍ଞାନ, ଧର୍ମ ଏବଂ କର୍ମ ଆମ ହୃଦୟରେ ଜୀବନ୍ତ ହୋଇ ରହିଥିବା ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ଲଳିତାରାଣୀ, ଶିଶିରକାନ୍ତ, ସମ୍ପା, ଶ୍ରେୟାଂସ, ଦୀପ୍ତିମୟୀ, ସଞ୍ଜୟ କୁମାର, ସୌରଭ, ସୌନକ, ଜ୍ୟୋତିର୍ମୟୀ, ମନୋଜକୁମାର, ଓମ୍ ଏବଂ ବନ୍ଧୁବର୍ଗ।
Contact No.: 9674650905

> ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ– ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ– ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। –ଶ୍ରୀମା



# ବିଦେଶୀ ସାଜିପାରନ୍ତି ଦୂତ

ଭାରତକୁ ଏକ ଧର୍ମନିରପେକ୍ଷ ଦେଶ ବୋଲି କୁହାଯାଉଥିଲା। ଏବେ ଅବଶ୍ୟ ତାହା ମଳିନ ପଡ଼ିଗଲାଣି। ଏଠାରେ ପ୍ରତ୍ୟେକ ଧର୍ମକୁ ସମାନ ଗୁରୁତ୍ୱ ଦିଆଯିବାର ନିୟମ ସମ୍ବିଧାନରେ ଉଲ୍ଲିଖିତ ରହିଛି। ହେଲେ ଅନେକ ସ୍ଥାନରେ ଉପୁଜୁଥିବା ସ୍ଥିତିକୁ ଦେଖିଲେ ଏହି ଦେଶ ସରକାରୀ ଭାବେ ଧର୍ମନିରପେକ୍ଷତା ବଜାୟ ରଖିଥାଇପାରେ। ନିକଟରେ ତା'ର ବଡ଼ ଦୃଷ୍ଟାନ୍ତ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର 'ଘୋ'କୁ ଦେଖି ସମାଲୋଚକମାନେ ଏଭଳି ମନ୍ତବ୍ୟ ଦେଇଥିଲେ। ଏବେ ମୋଦିଙ୍କ ରାଜ୍ୟ ଗୁଜରାଟର ଅହମଦାବାଦଠାରେ ଗୁଜରାଟ ବିଶ୍ୱବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ମାର୍ଚ୍ଚ ୧୬ ରାତି ସାଢ଼େ ୧୦ଟାରେ କେତେକ ବିଦେଶୀ ଛାତ୍ର ହଷ୍ଟେଲ କ୍ୟାମ୍ପସରେ ନମାଜ ପାଠ କରିଥିଲେ। ଏଥିରେ ଅତିଷ୍ଠ ହୋଇ ୨୦ରୁ ୨୫ ଲୋକ ହଷ୍ଟେଲ ପରିସରରେ ପଶି ସେମାନଙ୍କୁ ଏଭଳି ନ କରିବାକୁ ପ୍ରତିବାଦ କରିଥିଲେ। ହଷ୍ଟେଲରେ ନୁହେଁ, ମସ୍‌ଜିଦରେ ନମାଜ ପାଠ କରିବାକୁ କହିଥିଲେ। ଏହା ପରେ ସେହି ବିଦେଶୀ ଛାତ୍ରଙ୍କ ସହ ସେମାନଙ୍କ ବଚସା ହୋଇଥିଲା। ଫଳସ୍ୱରୂପ ଗଣ୍ଡଗୋଳର ସୂତ୍ରପାତ ହେବାରୁ ବିଦେଶୀ ଛାତ୍ରଙ୍କ ଉପରେ ସେମାନେ ଆକ୍ରମଣ କରିଥିଲେ। ପରିସ୍ଥିତି ତୀବ୍ର ହେବାରୁ ଆହତ ଦୁଇ ଛାତ୍ରଙ୍କୁ ଅହମଦାବାଦସ୍ଥିତ ଏସ୍‌ଭିପି ହସ୍ପିଟାଲରେ ଭର୍ତ୍ତି ହେବାକୁପଡ଼ିଛି। ସୂଚନା ଦିଆଯାଇପାରେ ଯେ, ଗୁଜରାଟ ବିଶ୍ୱବିଦ୍ୟାଳୟରେ ଆଫ୍ରିକା, ଆଫଗାନିସ୍ତାନ ଓ ଶ୍ରୀଲଙ୍କା ସମେତ ଅନ୍ୟାନ୍ୟ ଦେଶରୁ ପ୍ରାୟ ୩୦୦ ଛାତ୍ର ପାଠ ପଢ଼ୁଛନ୍ତି।

ଦେଖିବାକୁ ଗଲେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତରେ କମ୍ ବିଦେଶୀ ଛାତ୍ର ପାଠ ପଢ଼ିବାକୁ ଆସିଥାଆନ୍ତି। ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ଦୁର୍ବ୍ୟବହାର କରାଗଲେ ଅନ୍ତର୍ଜାତୀୟ ବିଦ୍ୟାର୍ଥୀଙ୍କ ସଂଖ୍ୟା ଆହୁରି ହ୍ରାସ ଘଟିବା ନିଶ୍ଚିତ। ଭାରତର ସମ୍ବିଧାନ ପ୍ରତ୍ୟେକ ଧର୍ମର ବ୍ୟକ୍ତିଙ୍କୁ ସେମାନଙ୍କ ବିଶ୍ୱାସ ଅନୁଯାୟୀ ପୂଜାପାଠ କିମ୍ବା ରୀତିନୀତି ଅନୁପାଳନ କରିବା ଲାଗି ସୁଯୋଗ ଦେଇଛି। ବିବିଧତା ଭିତରେ ଏକତା ରହୁଥିବାରୁ ଭାରତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥିଲା। କିନ୍ତୁ ସଂଖ୍ୟାଗରିଷ୍ଠ ବର୍ଗରୁ କେତେକ ଧର୍ମରକ୍ଷକ ସାଜି ଗତ ଏକ ଦଶନ୍ଧି ହେବ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରିଚାଲିଛନ୍ତି। ଫଳରେ ସଂଖ୍ୟାଲଘୁ ଭୟଭୀତ ହେବା ସ୍ୱାଭାବିକ। ଅନ୍ୟପକ୍ଷରେ ପାକିସ୍ତାନ କିମ୍ବା ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ ହୋଇଥିବାରୁ ସେମାନଙ୍କ ଉପରେ ସଂଖ୍ୟାଗରିଷ୍ଠ ମୁସଲମାନ ସମ୍ପ୍ରଦାୟ ଅତ୍ୟାଚାର କରୁଥିବା ଖବର ମିଳୁଛି। କିନ୍ତୁ ଆମେ ଭାରତୀୟ ଯଦି ପାକିସ୍ତାନ କିମ୍ବା ବାଂଲାଦେଶୀଙ୍କ ସ୍ତରକୁ ଓହ୍ଲାଇଯିବା ତେବେ ତାଙ୍କ ଓ ଆମ ଭିତରେ କୌଣସି ପାର୍ଥକ୍ୟ ରହିବ ନାହିଁ।

> ଏଠାକୁ ଯେତିକି ବିଦେଶୀ ଛାତ୍ର ଅସୁଛନ୍ତି ସେମାନଙ୍କ ପ୍ରତି ଉଚିତ ବ୍ୟବହାର କରାଗଲେ ସେମାନେ ଯେତେବେଳେ ସ୍ୱଦେଶ ଫେରିବେ ସେତେବେଳେ ଭାରତ ପାଇଁ ଦୂତ ସାଜିପାରନ୍ତି। କିନ୍ତୁ ଅପ୍ରୀତିକର ସ୍ଥିତି ଉପୁଜୁଥିବାରୁ ବିଦେଶୀ ଛାତ୍ରଙ୍କ ଆଗମନ ହ୍ରାସ ପାଇଯାଇପାରେ। ଏହାଦ୍ୱାରା ଭାରତ ଆର୍ଥିକ ଦୃଷ୍ଟିରୁ ମଧ୍ୟ କ୍ଷତି ସହିବ। ଧର୍ମ ପଛରେ ଦୌଡ଼ି ଅର୍ଥନୀତିକୁ ଦୁର୍ବଳ କରିଦେଲେ ଦେଶବାସୀ କୌଣସି ସ୍ତରରେ ଲାଭ ପାଇପାରିବେ ନାହିଁ।

କେତେକେ କହୁଛନ୍ତି, ଭାରତ ବିଶ୍ୱରେ ଏକ ପ୍ରଭାବଶାଳୀ ରାଷ୍ଟ୍ର ହେବାକୁ ଯାଉଛି। ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ଭାବେ ଉଭା ହେବ। ବ୍ୟକ୍ତି ବା ରାଷ୍ଟ୍ର ପାଇଁ ଉଚ୍ଚାକାଂକ୍ଷା ରହିବା ଭଲ। କିନ୍ତୁ ତାହାକୁ ପୂରଣ କରିବା ଲାଗି ଆବଶ୍ୟକ ଉପାଦାନଗୁଡ଼ିକ କିଭଳି ରହିଛି, ତାହା ଉପରେ ଗଭୀର ଅନୁଶୀଳନ ଦରକାର। ସଂକୀର୍ଣ୍ଣ ମନ ନେଇ ଆଗକୁ ବଢ଼ି ହୁଏନାହିଁ। ଗୁଜରାଟ ବିଶ୍ୱବିଦ୍ୟାଳୟରେ ଯେଉଁ ଅନ୍ତର୍ଜାତୀୟ ଛାତ୍ରଙ୍କ ଉପରେ ଆକ୍ରମଣ ହେଲା, ନିଶ୍ଚିତ ଭାବେ ସେମାନଙ୍କ ଦେଶରେ ଭାରତ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି ହୋଇଯାଇଥିବ। ସାଧାରଣତଃ ଆମେରିକା ହେଉ ବା ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ର ବର୍ଣ୍ଣବୈଷମ୍ୟର ଶିକାର ହେଲେ ଏଠାରେ ଆମେ ନିନ୍ଦା କରିଥାଉ। ଅନୁରୂପ ଘଟଣା ଭାରତରେ ଘଟିଲେ ବିଶ୍ୱ ଦରବାରରେ ଆମେ ନିନ୍ଦିତ ହେବା ଥୟ।

ଗୋଟେ ଦେଶର ବୈଜ୍ଞାନିକ, ଆର୍ଥନୀତିକ, ବାଣିଜ୍ୟିକ, ସାମାଜିକ ଓ ସାଂସ୍କୃତିକ ସମୃଦ୍ଧି ଘଟିଲେ ସେହି ରାଷ୍ଟ୍ର ଉନ୍ନତ ହୋଇଥାଏ। ଏଠାକୁ ଯେତିକି ବିଦେଶୀ ଛାତ୍ର ଅସୁଛନ୍ତି ସେମାନଙ୍କ ପ୍ରତି ଉଚିତ ବ୍ୟବହାର କରାଗଲେ ସେମାନେ ଯେତେବେଳେ ସ୍ୱଦେଶ ଫେରିବେ ସେତେବେଳେ ଭାରତ ପାଇଁ ଦୂତ ସାଜିପାରନ୍ତି। କିନ୍ତୁ ଅପ୍ରୀତିକର ସ୍ଥିତି ଉପୁଜୁଥିବାରୁ ବିଦେଶୀ ଛାତ୍ରଙ୍କ ଆଗମନ ହ୍ରାସ ପାଇଯାଇପାରେ। ଏହାଦ୍ୱାରା ଭାରତ ଆର୍ଥିକ ଦୃଷ୍ଟିରୁ ମଧ୍ୟ କ୍ଷତି ସହିବ। ଧର୍ମ ପଛରେ ଦୌଡ଼ି ଅର୍ଥନୀତିକୁ ଦୁର୍ବଳ କରିଦେଲେ ଦେଶବାସୀ କୌଣସି ସ୍ତରରେ ଲାଭ ପାଇପାରିବେ ନାହିଁ। ଅତଏବ ଏଭଳି ସ୍ଥଳେ ଗୁଜରାଟ ବିଶ୍ୱବିଦ୍ୟାଳୟର ବିଦେଶୀ ଛାତ୍ରଙ୍କୁ ଯେଉଁମାନେ ଆକ୍ରମଣ କରିଛନ୍ତି, ତୁରନ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ତାହା ହେଲେ ବିଦେଶୀ ରାଷ୍ଟ୍ରଗୁଡ଼ିକୁ ବାର୍ତ୍ତାଯିବ ଯେ ଧର୍ମନିରପେକ୍ଷତାରେ ବିଶ୍ୱାସୀ ଭାରତ ସରକାର ଠିକ୍ ସମୟରେ ଉଚିତ ପଦକ୍ଷେପ ନେଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 5 | | | | | | | | 2 |
| | | | | 8 | 9 | 3 | | 4 |
| | | 7 | | 6 | | | | |
| 1 | | 5 | | 2 | | | | |
| | 8 | | | | | 6 | | 9 |
| | | 9 | 4 | | | 8 | | |
| | | | | 7 | 6 | | 2 | |
| 7 | | | 1 | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 9 | 8 | 1 | 4 | 5 | 6 | 7 |
| 1 | 5 | 8 | 9 | 6 | 7 | 2 | 3 | 4 |
| 7 | 6 | 4 | 2 | 5 | 3 | 1 | 9 | 8 |
| 8 | 9 | 5 | 6 | 4 | 2 | 3 | 7 | 1 |
| 3 | 4 | 1 | 5 | 7 | 8 | 9 | 2 | 6 |
| 6 | 2 | 7 | 3 | 9 | 1 | 8 | 4 | 5 |
| 5 | 1 | 2 | 4 | 3 | 6 | 7 | 8 | 9 |
| 9 | 8 | 6 | 7 | 2 | 5 | 4 | 1 | 3 |
| 4 | 7 | 3 | 1 | 8 | 9 | 6 | 5 | 2 |

ଗତକାଲିର ଉତ୍ତର



# ସବାଇ ଘାସରୁ ଶିଳ୍ପ ସମ୍ଭାବନା

ଅଧ୍ୟାପକ ଗୋପବନ୍ଧୁ

ସବାଇ ଗ୍ରାସ୍ ବା ବୁବେଇ ଘାସ ମୟୂରଭଞ୍ଜ ଜିଲାର ଏକ ବିଶାଳ ଅଞ୍ଚଳରେ ଲୋକଙ୍କୁ କର୍ମନିଯୁକ୍ତି ପ୍ରଦାନ କରିଥାଏ। ବିଶେଷକରି ମୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୂଳିଆପଦା, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକରେ ଅନେକଙ୍କ ପାଇଁ ଏହା ଜୀବିକା ନିର୍ବାହର ଏକ ପ୍ରମୁଖ ମାଧ୍ୟମ। ଏହି ନିର୍ବାଚନମଣ୍ଡଳୀ ସଂଲଗ୍ନ ଅନ୍ୟାନ୍ୟ ବ୍ଲକର କିଛି ଅଞ୍ଚଳରେ ମଧ୍ୟ ଏହା ପରିବାର ଗୁଜରାଣ ପାଇଁ ସର୍ବନିମ୍ନ ଅର୍ଥ ଉପାର୍ଜନର ମାଧ୍ୟମ। ସମ୍ପୃକ୍ତ ଅଞ୍ଚଳରେ ଏହା ଚାଷର ମାନ୍ୟତା ପାଏ। କୃଷକମାନେ ଉଚ୍ଚ ସମତଳ ପଡ଼ିଆଗୁଡ଼ିକରେ ବୁବେଇ ଚାଷ କରନ୍ତି। ପୂର୍ବେ ଏହି ଘାସର ଚାହିଦା ବହୁତ ଥିଲା। ଚାଷୀମାନେ ଏସବୁ ବିକ୍ରିକରି ବେଶ୍ ରୋଜଗାର କରୁଥିଲେ। ଏବେ ଏହାର ଚାହିଦା କମି କମି ଯାଉଥିବା ଯୋଗୁ ଚାଷୀମାନେ ଏହା ଉପରେ ବିଶେଷ ଧ୍ୟାନ ଦେଉନାହାନ୍ତି। ସମ୍ପୃକ୍ତ ଅଞ୍ଚଳରେ ଏହି ଘାସ ତଥା ଏଥିରୁ ତିଆରି ହେଉଥିବା ଦଉଡ଼ିର କିଣାବିକା ପାଇଁ ହାଟ ବସେ। ସ୍ଥାନୀୟ ଅଞ୍ଚଳର ଅର୍ଥନୀତିରେ ଏହାର ଯୋଗଦାନ କିଛି କମ୍ ନୁହେଁ। ଅନେକ ଲୋକ ଏଥିରେ ନିୟୋଜିତ ହୁଅନ୍ତି ଓ ବେଶ୍ କିଛି ରୋଜଗାର ମଧ୍ୟ କରନ୍ତି।

ବୁବେଇ ଘାସକୁ ଅନେକ ପର୍ଯ୍ୟାୟରେ ବିକ୍ରି କରାଯାଏ। ପ୍ରଥମେ ଚାଷୀ ଏହାକୁ କାଟି ଶୁଖାଇ ବିକ୍ରି କରେ। ଏହାକୁ ବର୍ଷରେ ଦୁଇଥର କଟାଯାଇ ଥାଏ। କିଛି ବ୍ୟବସାୟୀ ଏହାକୁ କିଣି ଗଚ୍ଛିତ ରଖନ୍ତି ଓ ଦାମ୍ ବଢ଼ିଲେ ବିକ୍ରିକରି ଲାଭବାନ୍ ହୋଇଥା'ନ୍ତି। ସାଧାରଣତଃ ଖରାଦିନେ ଏହାର ଚାହିଦା ବେଶି ରହେ। କିଛି ଘାସ ପେପର ମିଲ୍‌କୁ ଯାଏ। ପେପର ତିଆରି ପାଇଁ ଏହା କଞ୍ଚାମାଲ୍ ଭାବେ ବ୍ୟବହାର ହୁଏ। ବାକିତକ ଦଉଡ଼ି ତିଆରିରେ ବ୍ୟବହାର ହୁଏ। ଏଥିରୁ ତିଆରି ଦୁଇପ୍ରକାର ଦଉଡ଼ିର ବ୍ୟବସାୟ ହୁଏ। ଗୋଟିଏ ହେଉଛି ରାଫ୍ ଓ ଅନ୍ୟଟି ହେଉଛି ପଲିଶ୍। କେତେକ ପରିବାର ଅର୍ଥାଭାବ ଯୋଗୁ ବୋଲାଯାଇଥିବା ଦଉଡ଼ିକୁ ପଲିଶ୍ ନ କରି ଓଜନ ଦରରେ ବିକ୍ରି କରିଦିଅନ୍ତି। ବେପାରୀମାନେ ଏହାକୁ କିଣିନେଇ ପଲିଶ୍ କରି ବିକନ୍ତି। କେତେକେ ନିଜେ ପଲିଶ୍ କରି ବିକନ୍ତି। ଏଥିରୁ ବହୁତ ଲାଭ ହୁଏ ଭାବିବା ଅନୁଚିତ। ତେଲଲୁଣର ସଂସାରକୁ ଆଗେଇନେବା ପାଇଁ ଏହା ଉପରେ ଆଶ୍ରା କରିବାକୁ ବାଧ୍ୟହୁଅନ୍ତି।

ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଗାଁକୁ ଗଲେ ଦେଖିବେ ପ୍ରାୟ ପ୍ରତ୍ୟେକ ପରିବାରର ବୁଢ଼ାରୁ ଛୁଆ ପର୍ଯ୍ୟନ୍ତ ସକାଳୁ ସନ୍ଧ୍ୟା ଯାଏ ଘର ପିଣ୍ଡା କିମ୍ବା ସାମ୍ନା ଅଗଣାରେ ବସି ବୁବେଇ ଦଉଡ଼ି ବଳୁଛନ୍ତି। ଏହା ତାଙ୍କ ନିତିଦିନିଆ କାମ। ପୁଣି ସକାଳୁ ସକାଳୁ ଦେଖିବେ ଗୋଟିଏ ଚକ୍ରି ଘୂରାଇ ଓଦା ଦଉଡ଼ିକୁ ପାଗ ଦେଉଛନ୍ତି। ଦଉଡ଼ି



ଶୁଖିଗଲା ପରେ ତାକୁ ପଲିଶ୍ କରିବା ପାଇଁ ରାଞ୍ଜି ଦିଆଯାଏ। ଏ କାମ ଉଦୁଉଦିଆ ଖରାବେଳେ କରାଯାଏ। ଦେଖିବେ ଖରାବେଳେ ରାସ୍ତାକଡ଼ରେ ସ୍ତ୍ରୀଲୋକମାନେ ଗୋଟିଏ ଗଛ ଦେହରେ ଦଉଡ଼ି ଗୋଛାକୁ ଛନ୍ଦି ରାଞ୍ଜି ଦେଉଥାନ୍ତି। ଯେଉଁ ଦଉଡ଼ି ଯେତେ ପଲିଶ୍ ଓ ଗୋଟିଏ ସାଇଜ୍‌ର ହେବ ତାହାର ଦାମ୍ ସେହି ଅନୁସାରେ ଅଧିକ ହେବ। ସନ୍ଧ୍ୟାବେଳେ ପଲିଶ୍ ଦଉଡ଼ିର ବଣ୍ଡିଲ ବନା ହୁଏ। ଗୋଟିଏ ବଣ୍ଡିଲରେ ପାଖାପାଖି ଏକ କେଜି ଦଉଡ଼ି ଥାଏ। ବଣ୍ଡିଲ ବନାଇବା କାମ ପ୍ରାୟତଃ ପୁରୁଷମାନେ କରନ୍ତି। ଛୋଟ ଛୋଟ ବଣ୍ଡିଲକୁ ନେଇ ପଚିଶ ତିରିଶ କେଜିର ବଡ଼ ବଣ୍ଡିଲ ତିଆରି ହୁଏ। ତହିଁ ଆରଦିନ ସକାଳୁ ସେଗୁଡ଼ିକୁ ସାଇକେଲରେ ନେଇ ପାଖ ହାଟରେ ବିକ୍ରି କରାଯାଏ। ଯେତେକ ଟଙ୍କା ମିଳେ ସେଥିରୁ ବୁବେଇ ଘାସ କିଣିବା ପାଇଁ ମୂଳ ଟଙ୍କା ରଖି ବାକିତକ ଘରସଉଦା ଲାଗି ଖର୍ଚ୍ଚ କରାଯାଏ। ଏହି ପ୍ରକାରେ ଆର୍ଥିକଚକ୍ର ଚାଲେ।

ଯେଉଁମାନେ ଏହାକୁ ଜୀବିକା ରୂପେ ଗ୍ରହଣ କରିଥା'ନ୍ତି, ସେମାନେ ପ୍ରାୟତଃ ଗରିବ ଓ କ୍ୱଚିତ୍ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର। ଅନେକେ ଏହାକୁ ଆନୁଷଙ୍ଗିକ କର୍ମସଂସ୍ଥାନ ରୂପେ ଗ୍ରହଣ କରନ୍ତି। ଅନ୍ୟାନ୍ୟ କାମ କଲାପରେ ଯେଉଁ ସମୟ ବଳେ ସେ ସମୟରେ ଏମାନେ ବୁବେଇ ବଳନ୍ତି। ଏମାନେ ପ୍ରାୟତଃ କ୍ଷୁଦ୍ରଚାଷୀ ଅଥବା ନାମକୁମାତ୍ର ଚାଷୀ ହୋଇଥା'ନ୍ତି। ଅନେକେ ଶ୍ରମିକଭାବେ କାମ କରନ୍ତି। ଯେଉଁ ସମୟରେ କାମଦାମ ମିଳେନାହିଁ ସେତେବେଳେ ଘରେ ବସି ବୁବେଇ ବଳନ୍ତି। ଏହା ବହୁତ ଲାଭଦାୟକ ହୋଇଥିବା ଯୋଗୁ ଏହାକୁ ଲୋକମାନେ ଆପଣେଇଥାଆନ୍ତି ତାହା ନୁହେଁ, ବରଂ ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ପାଇବା ଯୋଗୁ ଏ କାମକୁ ଗ୍ରହଣ କରିଥା'ନ୍ତି। ଜଣେ ଦିନସାରା ବୁବେଇ ବଳିଲେ ହାରାହାରି ଏକଶହ ଟଙ୍କା ରୋଜଗାର କରିଥାଏ। ପରିଶ୍ରମ ତୁଳନାରେ ଆୟ ବହୁତ କମ୍। ତଥାପି ଲୋକେ 'ବସିବା ଅପେକ୍ଷା କାଶିବା ଭଲ' ନ୍ୟାୟରେ ଏହାକୁ ଜୀବିକା ରୂପେ ଗ୍ରହଣ କରନ୍ତି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସବାଇ ଗ୍ରାସ୍‌କୁ ମାଡାଗାସ୍କାରରୁ ମୟୂରଭଞ୍ଜକୁ ଆଣିଥିବାର ସୂଚନା ମିଳେ। ଏହାର ଦଉଡ଼ି ଦୃଢ଼ ଓ ଦୀର୍ଘସ୍ଥାୟୀ ହୋଇଥିବା ଯୋଗୁ ଇଂରେଜମାନେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଭିନ୍ନ ପ୍ରକାର ବନ୍ଧାବନ୍ଧି କାମ ପାଇଁ ଏହାକୁ ବ୍ୟବହାର କରୁଥିଲେ। ଫଳରେ ଏଥିରୁ ଦଉଡ଼ି ତିଆରି ପାଇଁ ବିଭିନ୍ନ ଅଞ୍ଚଳରେ ଲୋକମାନେ ନିୟୋଜିତ ହେଲେ। କ୍ରମେ ଦଉଡ଼ିର ଚାହିଦା ବଢ଼ିଲା। ବିଶେଷକରି ନିର୍ମାଣ କାର୍ଯ୍ୟରେ ଏହାର ବହୁଳ ଉପଯୋଗ ହେଲା। ଏବେ ମଧ୍ୟ ଏଥିପାଇଁ ଏହାର ବହୁଳ ବ୍ୟବହାର ହେଉଛି। ସାରା ଭାରତବର୍ଷର ବିଭିନ୍ନ ସ୍ଥାନକୁ ଏହି ଦଉଡ଼ି ପ୍ରେରଣ ହୁଏ। ପ୍ଲାଷ୍ଟିକ୍ ଦଉଡ଼ି ଏହି ଦଉଡ଼ିର ବିକଳ୍ପ ହୋଇପାରିବ ନାହିଁ। ଯେହେତୁ ବୁବେଇ ଦଉଡ଼ି ଖସରା ନୁହେଁ, ତେଣୁ ଏହାର ଲୋକପ୍ରିୟତା ଅତୁଟ ରହିଛି।

ସବାଇ ଘାସର ଚାଷ କ୍ରମେ ଉଜୁଡ଼ି ଯାଉଛି। କାରଣ ମାଟିର ଉର୍ବରତା କମି କମି ଯାଉଛି। ଏହି ଚାଷ ଆଉ ଲାଭଦାୟକ ହେଉନାହିଁ। ଏହାଛଡ଼ା ପ୍ଲାଷ୍ଟିକ୍ ଦଉଡ଼ିର ଆବିର୍ଭାବ ବୁବେଇ ଦଉଡ଼ିର ବହୁଳ ବ୍ୟବହାରକୁ ସୀମିତ କରିଛି। ଏହି କାର୍ଯ୍ୟରେ ଲିପ୍ତ ଲୋକଙ୍କ ରୋଜଗାର ପରିଶ୍ରମ ତୁଳନାରେ ବହୁତ କମ୍। ଏବେ ଯୁବତୀଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଉଛନ୍ତି। ଯେଉଁମାନେ ଏ ଜୀବିକାକୁ ବଞ୍ଚାଇ ରଖିଛନ୍ତି ଖୁସିରେ ନୁହେଁ, ବରଂ ବାଧ୍ୟବାଧକତାରେ, ବିକଳ୍ପର ଅଭାବରେ। ସାଧାରଣତଃ ଉଚ୍ଚ ଓ ସମତଳ ଜାଗାରେ ସବାଇ ଘାସ ଚାଷ ହୁଏ। ଏ ସମସ୍ତ ସ୍ଥାନରେ ଧାନଚାଷ ଭଲ ହୁଏନାହିଁ। ଏ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ସୁବର୍ଣ୍ଣରେଖା ନଦୀର ଜଳ ଆଣିବା ପାଇଁ କେନାଲ ଖୋଳାସରିଛି। ହେଲେ ଚାଳିଶ ବର୍ଷ ହେଲା ଜଳର ଦେଖାନାହିଁ। ସମ୍ପୃକ୍ତ ଅଞ୍ଚଳରେ କୌଣସି ଶିଳ୍ପ ମଧ୍ୟ ନାହିଁ, ଯେଉଁଠାରେ କର୍ମନିଯୁକ୍ତିର ସମ୍ଭାବନା ତିଆରି ହେବ। ଲୋକମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ। ସତେଯେମିତି ଏମାନଙ୍କୁ ନିଜ ହାତରେ ନିଜକୁ ଗଢ଼ିବା ନୀତିରେ ଛାଡ଼ି ଦିଆଯାଇଛି। ଏହି ଅଞ୍ଚଳ ପଶ୍ଚିମବଙ୍ଗ ସହିତ ସଂଯୁକ୍ତ, ପଶ୍ଚିମବଙ୍ଗର ଯେଉଁ ଅଞ୍ଚଳ ଦିନେ ନକ୍ସଲପ୍ରବଣ ଥିଲା।

ଏ ଅଞ୍ଚଳରେ ସବାଇ ଘାସ ସହିତ ବାଉଁଶ ପ୍ରବଳମାତ୍ରାରେ ଉପଲବ୍ଧ। କାଗଜ କାରଖାନା ପାଇଁ କଞ୍ଚାମାଲ୍‌ର ଅଭାବ ହେବନାହିଁ। ତେଣୁକରି ବୃହତ୍ ପେପର ମିଲ୍ ସ୍ଥାପନ ପାଇଁ ଲୋକମାନେ ଦାବିକରି ଆସିଛନ୍ତି। ସରକାରୀ ହେଉ ଅବା ବେସରକାରୀ ଭାବେ ଏ ଦିଗରେ ଉଦ୍ୟମ ହେବା ଉଚିତ୍। ବୁବେଇ ଦଉଡ଼ିରୁ ବିଭିନ୍ନ ପ୍ରକାର ଗୃହ ଉପକରଣ ତିଆରି ହୁଏ, ଯେପରି ସୋଫା, ପାପୋଛ, ଖେଳଣା ଇତ୍ୟାଦି। ଏହି ସାମଗ୍ରୀଗୁଡ଼ିକୁ ଅଧିକ ଲୋକପ୍ରିୟ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଲୋଡ଼ା। ଏହା ସହିତ କର୍ମସଂସ୍ଥାନ ସୃଷ୍ଟି ପାଇଁ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ବିଷୟରେ ମଧ୍ୟ ଚିନ୍ତା କରାଯିବା ଉଚିତ୍। ସମ୍ପୃକ୍ତ ଅଞ୍ଚଳ ଶାଳ ଜଙ୍ଗଲରେ ଭରପୂର। ତେଣୁ ଶାଳପତ୍ର ତିଆରି ସାମଗ୍ରୀର ଉତ୍ପାଦନ ପାଇଁ ଶିଳ୍ପର କଥା ଚିନ୍ତା କରାଯାଇପାରିବ, ଯାହାର ସର୍ବକାଳୀନ ଚାହିଦା ଯଥେଷ୍ଟ ରହିଛି। ଲୋକଙ୍କ ଆର୍ଥିକ ଅବସ୍ଥାରେ ବିକାଶ ଆଣିବା ସରକାରଙ୍କ ଦାୟିତ୍ୱ। ଲୋକପ୍ରତିନିଧିମାନେ ମଧ୍ୟ ଏ ଦିଗରେ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ।

ଦର୍ଶନ ବିଭାଗ(ଅବସରପ୍ରାପ୍ତ),
ବାରିପଦା, ମୟୂରଭଞ୍ଜ
ମୋ:୭୦୦୮୯୭୬୧୮୦



# ସାଇବର ଅପରାଧ ଓ ଶିଶୁ ସୁରକ୍ଷା

ରାଜୀବ କୁମାର ନାୟକ

ବର୍ତ୍ତମାନ ଇଣ୍ଟରନେଟ୍ ଦୈନନ୍ଦିନ ଜୀବନର ଏକ ପ୍ରମୁଖ ଅଂଶ ପାଲଟି ଯାଇଛି। ଇଣ୍ଟରନେଟ୍ ମାଧ୍ୟମରେ ବନ୍ଧୁ ସୃଷ୍ଟି, ଭାବ ପ୍ରକାଶ, ବନ୍ଧୁତା ସ୍ଥାପନ, ଫଟୋ, ଭିଡିଓ ଇତ୍ୟାଦି ଶେୟାର କରିବା, ଖେଳ ଖେଳିବା, ଜିନିଷ କିଣାବିକା କରିବା ଏକ ପ୍ରକାର ଦୈନନ୍ଦିନ ବ୍ୟାପାରରେ ପରିଣତ ହୋଇଯାଇଛି। ଇଣ୍ଟରନେଟ୍ ମାଧ୍ୟମରେ ସମଗ୍ର ପୃଥିବୀର କୋଟି କୋଟି ଜନତା ଯୋଡ଼ିହେଉଥିବା କାରଣରୁ ଏହାର କୁପ୍ରଭାବ ମଧ୍ୟ ପଡୁଛି। ମହିଳା ଏବଂ ଶିଶୁ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଏହି କାରଣରୁ ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଉଥିବା ଜଣାଯାଏ। ପ୍ରମୁଖ ସାଇବର ଅପରାଧ ମଧ୍ୟରେ ହ୍ୟାକିଙ୍ଗ୍ ବା ଡାଟା ଚୋରି, ମାଲାଓ୍ୱର ଶଫ୍ଟୱେର ନାମରେ ଏକ କୋଡ୍ ତିଆରି କରି ଅନ୍ୟର କାମରେ ଅନ୍ତରାୟ ସୃଷ୍ଟି କରିବା, ଆଇଡେଣ୍ଟିଟି ଥେଫ୍ଟ ବା ପରିଚୟ ଚୋରି, ସୋସିଆଲ ଇଞ୍ଜିୟରିଂ ବା ଅନ୍ୟଜଣଙ୍କର ଛଦ୍ମ ପରିଚୟରେ ଠକାମି କରିବା ତଥା ଶଫ୍ଟୱେର ପ୍ରାଇଭେସି ଅର୍ଥାତ୍ ଶଫ୍ଟୱେର ମାଧ୍ୟମରେ ଅନ୍ୟ ଜଣକର ବ୍ୟକ୍ତିଗତ ପ୍ରୋଫାଇଲ ବା ଡାଟାରେ ହସ୍ତକ୍ଷେପ କରିବା ଇତ୍ୟାଦି। ଶିଶୁମାନେ ଏକ ସମ୍ବେଦନଶୀଳ ଗୋଷ୍ଠୀ ହୋଇଥିବାରୁ ସେମାନେ ଅନେକ ସମୟରେ ଇଣ୍ଟରନେଟ ତଥା ସାଇବର ଅପରାଧ ସମ୍ବନ୍ଧରେ ସଚେତନ ନ ଥାନ୍ତି, ଫଳତଃ ସେମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନେକ ସମୟରେ ମାଆ ବାପା ଶିଶୁଙ୍କୁ ପାଠ ପଢ଼ିବା ନାଁରେ ମୋବାଇଲ ଫୋନ୍ ଧରାଇ ଦେଉଥିବାରୁ ଶିଶୁ ତା'ର ସଦ୍ ବ୍ୟବହାର ଯେତିକି ମାତ୍ରାରେ କରୁଛି ତା' ସହ ଉତ୍କଣ୍ଠା କାରଣରୁ ଭିନ୍ନ ଭିନ୍ନ ସାଇଟ୍‌ରେ ପ୍ରବେଶର ଇଚ୍ଛା ଫଳରେ ସେ ଅସୁବିଧାରେ ମଧ୍ୟ ପଡ଼ିବାର ସମ୍ଭାବନା ବଢୁଛି।

ଶିଶୁକୁ ଛୋଟ ନଜରରେ ଦେଖିବା, ରାଗିବା ଭଳି, ଆଘାତ ଦେବା ଭଳି ବାର୍ତ୍ତା ପ୍ରେରଣ (ମେସେଜ), ବାରମ୍ବାର ଫୋନ କରିବା, ଭୟ ଦେଖାଇବା, ଉତ୍ପୀଡ଼ନ, ଚାପଗ୍ରସ୍ତ କରିବା, କାମୋଦ୍ଦୀପକ ଚିତ୍ର, ଭିଡିଓ ଇତ୍ୟାଦି ମାଧ୍ୟମରେ ହଇରାଣ କରିବା ସାଇବର ଅପରାଧର ଅଂଶବିଶେଷ। ଏସବୁ ଶିଶୁର ପାଠପଢ଼ାକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ। ଏଥିରୁ ମୁକ୍ତି ପାଇବା ସକାଶେ ଶିଶୁକୁ ଖୁବ୍ ସଚେତନ ହେବା/ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ବିଶେଷକରି କୈଶୋର ଅବସ୍ଥା(୧୧ରୁ ୧୮ ବର୍ଷ)ର ଶିଶୁ ଏସବୁର ସହଜ ଶିକାର ହୋଇଥାନ୍ତି, କାହିଁକିନା ଶିଶୁ ଏ ବୟସରେ ଖୁବ୍ ଚପଳ ଥାଏ। ତେଣୁ ଏହି ବୟସର ପିଲାଙ୍କୁ ସବୁବେଳେ ନଜରରେ ରଖିବା ଆବଶ୍ୟକ।

ସାମାଜିକ ଗଣମାଧ୍ୟମ ଯଥା– ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ ଇତ୍ୟାଦିର ବହୁଳ ବ୍ୟବହାର ଫଳରେ ଶିଶୁଟିଏ ଅସୁବିଧାରେ ପଡିବାର ସମ୍ଭାବନା ବୃଦ୍ଧି ପାଇଥାଏ। ଅନଲାଇନ ଗେମ୍ ମାଧ୍ୟମରେ ଶିଶୁଟିଏ ହଜାର ସଂଖ୍ୟାରେ ପିଲାଙ୍କ ସହିତ ସଂଯୁକ୍ତ ହୋଇଯାଇ ପାରୁଛି, ଫଳରେ ତାଙ୍କ ସହିତ କଥାହେବା, ମତାମତ ଶେୟାର କରିବା, ବନ୍ଧୁ ସାଜିବା, ଗୋଟିଏ ଗ୍ରୁପ୍ ବା ଟିମ୍‌ରେ ରହିବାକୁ ପଡିଥାଏ। ପୁନଶ୍ଚ ଦେୟମୁକ୍ତ ଅନ୍‌ଲାଇନ ଖେଳ ଯେଉଁଥିରେ



ବ୍ୟକ୍ତିଗତ ବିବରଣୀ ପ୍ରଦାନ କରିବାକୁ ପଡ଼ିଥାଏ ଖୁବ୍ ସହଜରେ ବ୍ୟକ୍ତିଗତ ତଥ୍ୟସବୁ ଅନ୍ୟ ଜଣକ ପାଖକୁ ଚାଲି ଯାଇଥାଏ। ଅପ୍ରସିଦ୍ଧ ଦେୟମୁକ୍ତ ଖେଳ ନାଁରେ ଠକାମିର ଶିକାର ହେବା ମଧ୍ୟ ଅନେକ ସମୟରେ ଦେଖାଯାଇଥାଏ। ତେଣୁ ସତର୍କତା ସ୍ୱରୂପ ଅନ୍‌ଲାଇନ ଖେଳର ବନ୍ଧୁଙ୍କ ସହିତ ପ୍ରତ୍ୟକ୍ଷ ବନ୍ଧୁତାରୁ ଦୂରେଇ ରହିବା ସହିତ ବାହାରେ ଖେଳିବାକୁ ପ୍ରାଧାନ୍ୟ ଦେବା କଥା। ଆଉମଧ୍ୟ ଅନଲାଇନ ଗେମ୍ ଅପେକ୍ଷା ଇନ୍‌ଡୋର ବା ଆଉଟ୍‌ଡୋର ଗେମ୍ ଖେଳି ଅନ୍‌ଲାଇନ ଗେମ୍‌ଠାରୁ ଯେତେ ଦୂରେଇ ରହିବା ସେତେ ଭଲ।

ସ୍ଥଳ ବିଶେଷରେ ବୟସ୍କ ବ୍ୟକ୍ତି ନିଜ ପ୍ରୋଫାଇଲରେ ଶିଶୁଟିଏର ଫଟୋଦେଇ ବା ପୁଅଟିଏ ଝିଅଟିଏର ଫଟୋ ଦେଇ ଏପରିକି ଆଗ୍ରହର ବିଷୟ ସମାନ ରଖି ଆବେଗିକ ସମ୍ପର୍କ ରଖିବାର ପ୍ରୟାସ କରା ଯାଇଥାଏ। ଏପରି ସ୍ଥଳେ ହୃଦୟକୁ ଛୁଇଁଲା ଭଳି ମତାମତ, ଉପହାର ପ୍ରଥମେ ପ୍ରଥମେ ଅର୍ପଣ କଲାପରେ କିଛିଦିନ ପରେ ଖରାପ ବାର୍ତ୍ତା ପ୍ରେରଣ, ଫଟୋ, ଭିଡିଓ ଇତାଦି ନିଜେ ଶେୟାର କରିବା ସହିତ ଅପରକୁ ଶେୟାର କରିବାକୁ ଉତ୍ସୁକା ଯାଇଥାଏ ଏବଂ ପରବର୍ତ୍ତୀ ସମୟରେ ଏହିସବୁ ଜିନିଷକୁ ନେଇ ବ୍ଲାକମେଲ କରା ଯାଇଥାଏ। ଏଭଳି ସ୍ଥଳେ ସମ୍ପୃକ୍ତ ବ୍ୟକ୍ତି ଏଭଳି କାର୍ଯ୍ୟ ନ କରିବାକୁ ଅନୁରୋଧ କରିବା ସହିତ ଗୁରୁଜନ ବିଶେଷ କରି ମାତାପିତାଙ୍କ ଆଗରେ ବିଷୟଟିକୁ ଉପସ୍ଥାପନ କରିବା ଉଚିତ।

ସାଇବର ଅପରାଧରୁ ଶିଶୁମାନଙ୍କୁ ମୁକ୍ତ ରଖିବା ନିମିତ୍ତ ମାଆମାନେ ବିଶେଷ ଭାବରେ ସଚେତନ ହେବା ଆବଶ୍ୟକ। ପ୍ରଥମତଃ ପିଲାମାନଙ୍କ ସହିତ ସମ୍ଭାବ୍ୟ ବିପଦ ସମ୍ବନ୍ଧରେ ଆଲୋଚନା କରିବା ବିଧେୟ। ସାମାଜିକ ଗଣମାଧ୍ୟମକୁ ଦାୟିତ୍ୱର ସହ ବ୍ୟବହାର କରିବାକୁ ପରାମର୍ଶ ଦେବା ଆବଶ୍ୟକ। ପିଲାମାନଙ୍କ ପାଖରେ ବ୍ୟବହାରରେ ପରିବର୍ତ୍ତନ ଯେମିତିକି ଅଧିକ ସମୟ ଅନ୍‌ଲାଇନରେ ବିନିଯୋଗ କରିବା ଏବଂ ଏଭଳି ଅଧିକ ବ୍ୟବହାରକୁ କେହି ବାରଣ କଲେ ସେ କିଛି ଭୁଲ୍ କରୁନାହିଁ ବୋଲି ସଫେଇ ଦେବା ବା ଏସବୁ କାମ ଲୁଚାଇ କରିବା ଇତ୍ୟାଦି ଦେଖିଲେ ତାକୁ ଅଲଗା କାମରେ ଲଗାଇବାକୁ ଚେଷ୍ଟିତ ହେବା ଆବଶ୍ୟକ। ଅନ୍‌ଲାଇନ ଗେମ୍ ଅପେକ୍ଷା ପିଲାମାନେ ଯେମିତି ଅଫ୍‌ଲାଇନ ଗେମ୍‌ରେ ବେଶି ମନୋନିବେଶ କରିବେ ସେଥିପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ। ଇମେଲ୍ ବ୍ୟବହାର କରୁଥିଲେ ମଝିରେ ମଝିରେ ପାସ୍‌ୱାର୍ଡ ପରିବର୍ତ୍ତନ କରିବା ଉଚିତ। ବ୍ୟବହାର ପରେ ପ୍ରତିଥର ଲଗ୍ କରିବା ଆବଶ୍ୟକ। ସନ୍ଦେହ ଲାଗୁଥିବା କୌଣସି ଲିଙ୍କ୍ ବା ଆଟାଚମେଣ୍ଟକୁ ଖୋଲିବା ଉଚିତ ନୁହେଁ। ବ୍ୟବହାର କରୁ ନ ଥିବା ବେଳେ ୱେବ୍ କ୍ୟାମେରାକୁ ଘୋଡାଇ ରଖିବା ଉଚିତ। ସବୁବେଳେ ଶଫ୍ଟୱେର ଅପ୍‌ଡେଟ୍ ରଖିବା ସହିତ ଆଣ୍ଟି ଭାଇରସ୍ ନିହାତି ଭାବରେ ଇନ୍‌ଷ୍ଟଲ୍ କରିଥିବା ଆବଶ୍ୟକ। ଠିକ୍ ସେମିତି ନିରାପଦ ବ୍ରାଉଜର ଟୁଲ୍ ସହିତ ଅପଡେଟ ଭର୍ସନ ବ୍ୟବହାର କରିବା ଉଚିତ।

ସାଇବର ଅପରାଧର ଶିକାର ନ ହେବା ସକାଶେ ଶପିଂ ବା ବ୍ୟାଙ୍କିଙ୍ଗ ଆପ୍, ଯେତେଦୂର ସମ୍ଭବ ସର୍ବସାଧାରଣ କମ୍ପ୍ୟୁଟର ବ୍ୟବହାର ନ କରିବା କରିବା ଉଚିତ। ଆହୁରି ମଧ୍ୟ ମାତାପିତାମାନେ ସମ୍ଭାବ୍ୟ ସାଇବର ଅପରାଧ ସମ୍ବନ୍ଧରେ ନିଜ ସନ୍ତାନ ସନ୍ତତିଙ୍କ ସହିତ ଆଲୋଚନା କରିବା ଉଚିତ। ସାଇବର ଅପରାଧର ଶିକାର ହେଲେ ତୁରନ୍ତ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରେ ଜଣେ ରିପୋର୍ଟ କରିବା ବିଧେୟ।

ପଦରପଡ଼ା, ବୌଦ୍ଧ
ମୋ: ୯୪୩୭୫୭୧୮୩୧

## ଏଇ ଭାରତରେ

କୃଷକଙ୍କ ହିତ ପାଇଁ ଯେଉଁ କେତେଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ହରିୟାଣାର ନିଶା ସୋଲାଙ୍କି ଅନ୍ୟତମ। ନିଶା ହରିୟାଣାର ପ୍ରଥମ ଡ୍ରୋନ୍ ପାଇଲଟ୍। ସେ ମହାରଣା ପ୍ରତାପ ବିଶ୍ୱବିଦ୍ୟାଳୟ ସହିତ ମିଶି କୃଷକମାନଙ୍କୁ ଡ୍ରୋନ୍ ଉଡାଣ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। କୃଷକମାନେ ଏହି ପ୍ରଶିକ୍ଷଣ ପାଇ ଡ୍ରୋନ୍ ମାଧ୍ୟମରେ କୀଟନାଶକ ସ୍ପ୍ରେଠାରୁ ଆରମ୍ଭ କରି ଅନ୍ୟ ସବୁ କାର୍ଯ୍ୟ ସହଜରେ କରିପାରୁଛନ୍ତି। କୀଟନାଶକ ସ୍ପ୍ରେ ଯେଉଁଠି ୧ ଘଣ୍ଟା ଲାଗିବା କଥା ସେ କ୍ଷେତ୍ରରେ ଡ୍ରୋନ୍ ମାଧ୍ୟମରେ ମାତ୍ର କିଛି ମିନିଟ୍‌ରେ ହୋଇପାରୁଛି। ପାରମ୍ପରିକ ପଦ୍ଧତିରେ ଯେଉଁଠି ୨୦୦ ଲିଟର ପାଣି କୀଟନାଶକ ସ୍ପ୍ରେ ପାଇଁ ଦରକାର ସେଠାରେ ମାତ୍ର ୧୦ ଲିଟର ପାଣିରେ ସମାନ ପରିମାଣ ଜମିରେ ଏହା ସ୍ପ୍ରେ ହୋଇପାରୁଛି। ଏହା ସହ କୃଷକମାନଙ୍କୁ ସ୍ୱାସ୍ଥ୍ୟଗତ ପ୍ରଭାବରୁ ବି ମୁକ୍ତ କରାଯାଉଛି। ନିଶା ଜଣେ ଏଗ୍ରିକଲ୍‌ଚର ଇଞ୍ଜିନିୟର। ସେ ଶିକ୍ଷା ଶେଷ ପରେ ଡ୍ରୋନ୍ ପାଇଲଟିଂ ପ୍ରଶିକ୍ଷଣ ନେଇ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେ ହରିୟାଣାର ପ୍ରାୟ ସବୁ ଜିଲାରେ ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୭୫

- ସମସ୍ତିପୁର ବୋମା ବିସ୍ଫୋରଣରେ ଆହତ ବ୍ୟକ୍ତିମାନଙ୍କୁ ବିହାର ସରକାରଙ୍କ ୩୧ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ।
- ଇରାନ୍ ଓ ଇରାକ୍ ମଧ୍ୟରେ ଏକ ରାଜିନାମା ଫଳରେ ଉଭୟ ଦେଶ ମଧ୍ୟରେ ବହୁଦିନ ଧରି ରହିଆସିଥିବା ସୀମା ବିବାଦର ସମାଧାନ ଘଟିଛି।
- ଆର୍ଜେଣ୍ଟିନା ସାମରିକ ବିଭାଗର ଏକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୪୨ ଯାତ୍ରୀଙ୍କ ସମେତ ୫୨ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଦୂର ବନକୋଲୁଁ ଭାସି ଆସେ ତା'ର ମଧୁର ଗୀତି
ରହି ରହି ମୋର ମରମେ ବାଜେ ତା' ବିଧୁର ଯତି।
ବନର ବିହଗୀ ପରାଏ ତାହାର ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ ଶିମୁଳିପାଳ!
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ

ମହାଶୟ,
ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ପତ୍ର ନଂ–୫୬୨୨, ତା୦୧.୦୩.୨୦୨୪ ଅନୁଯାୟୀ ତା୧୫.୦୩.୨୦୨୪ ଠାରୁ ତା ୨୦.୦୩.୨୦୨୪ ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କର ଟର୍ମିନାଲ ଇଲ୍‌ନେସ କ୍ଷେତ୍ରରେ ଆନ୍ତଃଜିଲା ବଦଳି ନିମନ୍ତେ ଜିଲା ସ୍ୱାସ୍ଥ୍ୟ ଭବନ, ବକ୍ସିବଜାର, କଟକଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହେବ। କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆନ୍ତଃ ଜିଲା ବଦଳି ନିମନ୍ତେ ଅସାଧୁ ଉପାୟ ଅବଲମ୍ବନ କରି ଡାକ୍ତରଙ୍କ ଦ୍ୱାରା ଲିଖିତ ମିଥ୍ୟା ପ୍ରମାଣପତ୍ର ଦ୍ୱାରା ଆବେଦନ କରିଛନ୍ତି। ଯାହାକୁ ବିଭିନ୍ନ ଜିଲାର ଶିକ୍ଷାଧିକାରୀମାନେ ସୁପାରିସ କରିଛନ୍ତି। ଏହି କ୍ଷେତ୍ରରେ ଆବେଦନ କରିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ବରିଷ୍ଠ ଚିକିତ୍ସକଙ୍କ ଦ୍ୱାରା ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରି ଯେଉଁମାନଙ୍କର ଟର୍ମିନାଲ ଇଲ୍‌ନେସ ହୋଇଛି ସେମାନଙ୍କୁ ଆନ୍ତଃ ଜିଲା ବଦଳିର ସୁଯୋଗ ଦିଆଯାଉ ଓ ଅସାଧୁ ଶିକ୍ଷକମାନଙ୍କୁ ଏହି ବଦଳି ସୁଯୋଗରୁ ବାଦ୍ ଦିଆଯାଉ। ଏକ ତାଲିକା ପ୍ରସ୍ତୁତ କରି ଆବେଦନ ସମୟରେ ଅସାଧୁ ଶିକ୍ଷକମାନଙ୍କର ଅଣ୍ଡରଟେକିଂ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

–ପ୍ରଶାନ୍ତ କୁମାର ନାୟକ, କଳାହାଣ୍ଡି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୃଷ୍ଟି କରାଯାଇଥିବା ସମର୍ଥନ

ଭୁବନେଶ୍ୱର, ୧୭।୩ (ସମରେଶ ପଟ୍ଟନାୟକ)

ବିଜୁ ଜନତା ଦଳ (ବିଜେଡି)ର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସପକ୍ଷରେ ୧୬ ମାର୍ଚ୍ଚରେ ସାଂସଦ ସସ୍ମିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତଙ୍କ ଭଳି ନେତା ବିବୃତି ଦେଇ ସମର୍ଥନ ଜଣାଇଛନ୍ତି। ତା'ପଛର କାରଣ ହେଲା ବବିଙ୍କ ଭିଣୋଇ ତଥା ଅଭିନେତାରୁ ରାଜନୀତିକୁ ଆସିଥିବା ଅରିନ୍ଦମ ରଏ ବିଜେଡି ଛାଡ଼ି ନିକଟରେ ଭାଜପାରେ ଯୋଗଦେବା ପରେ ବିଭିନ୍ନ ରାଜନୈତିକ ଚର୍ଚ୍ଚା ହେଉଛି। ଭାଜପାରେ ଯୋଗଦେବା ଅବସରରେ ସେ ଗଣମାଧ୍ୟମକୁ କହିଥିଲେ ଯେ, ବିଜେଡିରେ ତାଙ୍କୁ ଗୁରୁତ୍ୱ ଦିଆ ନ ଯିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି।

ଅନ୍ୟପଟେ ଅରିନ୍ଦମଙ୍କ ଦଳ ପରିବର୍ତ୍ତନ ପଛରେ ଫିଲ୍ମ ବିବାଦ ରହିଥିବା କେତେକେ କହୁଛନ୍ତି। ରଏଙ୍କ 'ରାମ୍' ଚଳଚ୍ଚିତ୍ରକୁ ଅଭିନେତା ମନୋଜ ମିଶ୍ରଙ୍କ ସମର୍ଥକମାନେ ଅକ୍ଟୋବର ୨୦୨୩ରେ ପଶ୍ଚିମ ଓଡ଼ିଶାରେ ବିରୋଧ କରିଥିବା ନେଇ ଅଭିଯୋଗ ଆସିଥିଲା। ଏହା ପରେ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ (ୟୁସିସି)ର କର୍ମକର୍ତ୍ତା ମନୋଜଙ୍କୁ ଦୁଇବର୍ଷ ପାଇଁ ବାସନ୍ଦ ନିଷ୍ପତ୍ତି ଶୁଣାଇଥିଲେ। ସେଥିରେ ଉତ୍କ୍ଷିପ୍ତ ହୋଇ ମନୋଜ ମଧ୍ୟ ୟୁସିସି କର୍ମକର୍ତ୍ତାଙ୍କୁ ସମାଲୋଚନା କରିଥିଲେ। ତେବେ ଏହି ବିବାଦ ଭିତରକୁ କେତେକ ନେତା ପ୍ରବେଶ କରି ପଶ୍ଚିମ ଓଡ଼ିଶାକୁ ବାରମ୍ବାର ଅଣଦେଖା କରାଯାଉଛି ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ଭବତଃ ଏହି ଫିଲ୍ମ ବିବାଦରୁ ବିବାଦୀୟ ହୋଇପଡ଼ିଥିବା ଅରିନ୍ଦମଙ୍କୁ ବିଜେଡିରେ କମ୍ ଗୁରୁତ୍ୱ ଦିଆଯାଇଥିଲା ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଗୁପ୍ପୁରଟାପୁର ଚାଲିଛି।

କିନ୍ତୁ ବବି କାହିଁକି ସହଯୋଗୀମାନଙ୍କ ସମର୍ଥନ ଲୋଡ଼ିଲେ, ତାହା ରାଜନୈତିକ ମହଲରେ ଆଲୋଚନାର ବିଷୟ ପାଲଟିଛି। ବିଜେଡିରେ ବବିଙ୍କ ଗୁରୁତ୍ୱ ପୂର୍ବାପେକ୍ଷା ହ୍ରାସ ପାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। ଏହା ସୃଷ୍ଟି ପଛରେ ଗୋଟିଏ ଭିଡିଓ ଯଥେଷ୍ଟ ହୋଇଥିଲା। ସେହି ଭିଡିଓରେ ଓଡ଼ିଶାବାସୀ ଦେଖିଲେ ବବି କେମିତି ଗାଡ଼ିରୁ ଡେଇଁ ଟ୍ରାଫିକ୍ ପରିଚାଳନା କଲେ ଏବଂ କାର୍ତ୍ତିକ ପାଣ୍ଡିଆନଙ୍କ ଗାଡ଼ି ପାଇଁ ବାଟ ଦେଖାଇଥିଲେ। ଏହା ଦର୍ଶକଙ୍କ ମନରେ ଯେଉଁ କୌତୂହଳ ସୃଷ୍ଟି କରିଥିଲା, ତା'ର ରାଜନୈତିକ ପ୍ରଭାବ ଯଥେଷ୍ଟ ପଡ଼ିଥିଲା। ସାଧାରଣରେ ଚିନ୍ତା କରାଗଲା ଏହା ବବିଙ୍କର ଅସଲ ଛବି ପ୍ରଦର୍ଶନ କରୁଛି। ପରବର୍ତ୍ତୀ ସମୟରେ ରାଜନୈତିକ ଛବିରେ ବବିଙ୍କ ଗୁରୁତ୍ୱ ରହି ନ ଥିଲା। ଏକ ଲମ୍ବା ସମୟ ଧରି ସେ ପ୍ରଭାବଶାଳୀ ହୋଇଆସିଥିଲେ ଓ ଏହି ଘଟଣା ପରେ ଯେଉଁଭଳି ନୀରବ ହୋଇଗଲେ ସେଥିରେ ଚିନ୍ତା କରାଗଲା ଯେ ଦଳ ଭିତରେ ତାଙ୍କର କାନ୍ତି କମିଯାଇଛି। ଏବେ ସସ୍ମିତ, ଅନନ୍ତ ଓ ସୁଶାନ୍ତଙ୍କ ଦ୍ୱାରା ପ୍ରଣବଙ୍କୁ ପ୍ରଶଂସା କରାଇବା ପଛରେ ଏକ ବିଧିବଦ୍ଧ ଯୋଜନା ରହିଛି ବୋଲି କୁହାଯାଉଛି। ନିର୍ବାଚନ ଆସି କାନ୍ଧ ଉପରେ ଚଢ଼ିଲାଣି। ଏହି ସମୟରେ ଏଭଳି ବାର୍ତ୍ତା ବିତରଣ କରାଯିବା ଦ୍ୱାରା ବିଜେଡି ଭାବମୂର୍ତ୍ତି କେତେ ଉଜ୍ଜ୍ୱଳ ହେଉଛି ତାହା ଏବେ ଚାରିଆଡ଼େ ଆଲୋଚନାର ବିଷୟ ପାଲଟିଛି।



ଲୋକ ସଭା ନିର୍ବାଚନ ପୂର୍ବରୁ ଭୋଟର ସଚେତନତା ପାଇଁ ବେଙ୍ଗାଲୁରୁରେ କର୍ନାଟକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରବିବାର ଆୟୋଜିତ 'ଭୋଟ୍-ଏ-ଥନ୍' ଶୀର୍ଷକ ମାରାଥନ୍‌ରେ ଲୋକେ ଭାଗ ନେଇଛନ୍ତି।

# ନୂଆ ମୁହଁ ଖୋଜୁଛନ୍ତି ଭୋଟର



ବିଭୁ ପ୍ରସାଦ ମିଶ୍ର



ଲିଙ୍କନ ସୁବୁଦ୍ଧି



ସତ୍ୟ ନାରାୟଣ ପ୍ରଧାନ



ସତ୍ୟବ୍ରତ ନାୟକ



ସୁରମା ପାଢ଼ୀ

## ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ନୟାଗଡ଼/ରଣପୁର, ୧୭।୩ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାର ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଶାସକ ଦଳର ସତ୍ୟ ନାରାୟଣ ପ୍ରଧାନ ବିଧାୟକ ଅଛନ୍ତି। ହେଲେ ଦଳରେ ଗୋଷ୍ଠୀ କନ୍ଦଳ ଓ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ଆସନ୍ତା ନିର୍ବାଚନରେ ଶାସକ ଦଳ କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ସମସ୍ତଙ୍କ ରହିଛି ନଜର। ଅନ୍ୟପକ୍ଷେ ଯଦି ମେଣ୍ଟ ହୁଏ, ପୁରୁଣା ହିସାବ ଅନୁସାରେ ରଣପୁର ନିର୍ବାଚନମଣ୍ଡଳୀଟି ଭାଜପା ଦଖଲକୁ ଯାଇପାରେ। ଏଠାରେ ଭାଜପାର ଆଖିଦୃଶିଆ ସଙ୍ଗଠନ ନ ଥିଲେ ମଧ୍ୟ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଏକକ ଆଶାୟୀ ପ୍ରାର୍ଥୀ ଥିବା ଶୁଣିବାକୁ ମିଳୁଛି।

ରଣପୁର ନିର୍ବାଚନମଣ୍ଡଳୀ ରଣପୁର ବ୍ଲକର ୩୭ ପଞ୍ଚାୟତ, ରଣପୁର ଏନ୍‌ଏସି ଏବଂ ଓଡ଼ଗାଁ ବ୍ଲକର ଗୋଡ଼ିପଡ଼ା ଓ ଶରଣକୁଳ ଜୋନର ୧୮ଟି ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀ ଏକଦା କଂଗ୍ରେସର ଗଡ଼ ଥିଲା। କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ରମାକାନ୍ତ ମିଶ୍ର ୨୦୦୪ ନିର୍ବାଚନରେ ପରାସ୍ତ ହେବା ପରେ ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ସେବେଠାରୁ କଂଗ୍ରେସର ଦୁର୍ଗ ଭୁଶୁଡ଼ି ପଡିଛି। ଭାଜପା-ବିଜେଡି ମେଣ୍ଟ ଯୋଗୁ ସୁରମା ପାଢ଼ୀ ୨୦୦୪ରେ ବିଧାୟକ ହୋଇ ମନ୍ତ୍ରୀ ପଦ ହାତେଇଥିଲେ। ମେଣ୍ଟ ଭାଙ୍ଗିବା ପରେ ୨୦୦୯ଠାରୁ ଏଯାବତ ବିଜେଡି ଦଖଲରେ ଏହି ନିର୍ବାଚନମଣ୍ଡଳୀ ରହିଛି। ଶାସକ ଦଳ ପ୍ରତି ଲୋକଙ୍କର ସମର୍ଥନ ଅଛି। କିନ୍ତୁ ନିର୍ବାଚନମଣ୍ଡଳୀର ଜନସାଧାରଣ ନୂଆଁ ମୁହଁ ଖୋଜୁଥିବା ଚର୍ଚ୍ଚା ହେଉଛି। ୨୦୦୯ରେ ସତ୍ୟ ନାରାୟଣ ପ୍ରଧାନ, ୨୦୧୪ରେ ରବି ନାରାୟଣ ମହାପାତ୍ର, ୨୦୧୯ରେ ସତ୍ୟ ନାରାୟଣ ପ୍ରଧାନ ବିଜେଡିରୁ ଟିକେଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଶାସକ ଦଳ ଦଖଲରେ ରଣପୁର ନିର୍ବାଚନମଣ୍ଡଳୀ ରହିଥିବାବେଳେ ସ୍ଥାନୀୟ ବିଧାୟକ ଜନସାଧାରଣଙ୍କ ସମସ୍ୟା ବୁଝୁ ନ ଥିବା ଅଭିଯୋଗ ହେଉଛି। ଫଳରେ ତାଙ୍କ ଲୋକପ୍ରିୟତା ହ୍ରାସ ପାଉଥିବା କୁହାଯାଉଛି।

ଅନ୍ୟପକ୍ଷେ ଶାସକ ଦଳ ବିରୋଧରେ ଅନେକ ଇସ୍ୟୁ ରହିଥିବାବେଳେ ବିରୋଧୀ ଭାଜପା ଓ କଂଗ୍ରେସ ଏହାର ଫାଇଦା ନେଇପାରୁନାହାନ୍ତି। ନିର୍ବାଚନ ବିଗୁଲ ବାଜିଯାଇଥିବାରୁ ଭାଜପା, ବିଜେଡି ଓ କଂଗ୍ରେସ ତତ୍ପର ହୋଇ ଉଠିଛନ୍ତି। କଂଗ୍ରେସର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ୨୦୦୪ଠାରୁ ସଙ୍ଗଠନକୁ ସଜାଡୁଥିବାବେଳେ ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ପୁତୁରା ବିଭୁ ପ୍ରସାଦ ମିଶ୍ର ୨୦୨୪ରୁ ଅନୁରୂପ ଭାବେ ଆଶାୟୀ ହୋଇ ସଭାସମିତି କରି ଭୋଟରଙ୍କୁ ଆପଣେଇବାକୁ ଚେଷ୍ଟା କରୁଛନ୍ତି। ତେବେ ବିଜେଡିର ଆଲୋକ ପଟ୍ଟନାୟକ, ଲିଙ୍କନ ସୁବୁଦ୍ଧି, ରବି ମହାପାତ୍ର ଆଶାୟୀ ରହିବା ସହ ନିଜର କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଏଭଳି ସ୍ଥଳେ ପୁରୁଣା ମୁହଁ ଅପେକ୍ଷା ଭୋଟର ନୂଆ ନେତାଙ୍କୁ ଚାହୁଁଥିବା ସାଧାରଣରେ ଆଲୋଚନା ହେଉଛି।

# ବିଜେଡି, ଭାଜପା ସରକାର ଶ୍ରମିକ ବିରୋଧୀ: କଂଗ୍ରେସ

ଭୁବନେଶ୍ୱର, ୧୭।୩(ସୁନିତ୍ ମିଶ୍ର)

ବିଜେଡି ଓ ଭାଜପା ସରକାର ଶ୍ରମିକ, କର୍ମଚାରୀ ବିରୋଧୀ। ଶ୍ରମିକ କର୍ମଚାରୀଙ୍କୁ କଂଗ୍ରେସ ସରକାର ସମୟରେ ମିଳିଥିବା ଅଧିକାରକୁ ବିଜେଡି ଓ ଭାଜପା ସରକାର ଛିନ୍ନ କରି ବିଦେଶୀ ପୁଞ୍ଜିପତିମାନଙ୍କୁ ସାହାଯ୍ୟ କରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କଶ୍ମୀରରୁ କନ୍ୟାକୁମାରୀ ପଦଯାତ୍ରା ଓ ମଣିପୁରଠାରୁ ମୁମ୍ବାଇ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଜରିଆରେ ଶ୍ରମିକ, କୃଷକ, ଯୁବକ, ମହିଳା ଓ ଦଳିତମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏହି ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବର୍ତ୍ତମାନ ମୁମ୍ବାଇଠାରେ ସମ୍ପୂର୍ଣ୍ଣ ହେବ। ଏହି ଅବସରରେ ରାହୁଲ ଗାନ୍ଧୀ ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସହିତ ତାଙ୍କ କାର୍ଯ୍ୟସ୍ଥଳରେ ମିଶିବା ସହ ସେମାନଙ୍କ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଆସନ୍ତା ନିର୍ବାଚନରେ ଶ୍ରମିକ କର୍ମଚାରୀ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ କଂଗ୍ରେସକୁ ସମର୍ଥନ କରିବ ଏବଂ ଓଡ଼ିଶାରେ ବିଜେଡି ଓ ଭାଜପା ବିରୋଧରେ ସମସ୍ତ ଶ୍ରମିକ, କର୍ମଚାରୀ ଭୋଟ ଦେବେ ବୋଲି ଦୃଢ଼ ବିଶ୍ୱାସ ରଖିଥିବା କଂଗ୍ରେସ ନେତା ତଥା ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।




ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆଙ୍କ ସହ କଂଗ୍ରେସ ନେତା ମନୋରଞ୍ଜନ ଦାଶ।

# ଦେବଗଡ଼ ଜିଲାରେ ପଦାଧିକାରୀମାନଙ୍କୁ ନିଯୁକ୍ତ କଲା ବିଜେଡି

## ଲକ୍ଷ୍ମୀଧର ବିଶ୍ୱାଳ ଖୋର୍ଦ୍ଧା ଜିଲା ସମ୍ପାଦକ

ଭୁବନେଶ୍ୱର, ୧୭।୩(ସୁନିତ୍ ମିଶ୍ର)

ଦେବଗଡ଼ ଜିଲା ବିଜେଡି କମିଟିରେ ପଦାଧିକାରୀ ଭାବେ ୪୪ ଦଳୀୟ ନେତାଙ୍କୁ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ୭ ଜଣଙ୍କୁ ଉପଦେଷ୍ଟା, ୮ ଜଣଙ୍କୁ ଉପସଭାପତି, ୧୬ ଜଣଙ୍କୁ ସାଧାରଣ ସମ୍ପାଦକ ଏବଂ ୧୩ ଜଣଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲା ବିଜେଡିର ସମ୍ପାଦକ ଭାବେ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ନିଯୁକ୍ତ କରିଥିବା ବେଳେ ଜଗତ୍‌ସିଂହପୁର ଜିଲା ବିଜୁ ମହିଳା ଜନତା ଦଳର ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ପ୍ରତିମା କୁମାରୀ ମହାରଣାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦୁଇଟି ଚିଠି ଜାରି କରାଯାଇଛି।

# ମେଣ୍ଟ ପାଲଟୁଛି ବଙ୍କୁଲି ବେଣ୍ଟ

ଭବନେଶ୍ୱର, ୧୭।୩ (ସୁନିତ୍ ମିଶ୍ର)

ରାଜ୍ୟ ଭାଜପାରେ ଏବେ ମେଣ୍ଟ ପାଇଁ ଘୋର ବିରୋଧ ସୃଷ୍ଟି ହେଉଛି। ସାଧାରଣ କର୍ମୀ ଚିନ୍ତା କରୁଛନ୍ତି ଯେ, ଆଜି ଏଭଳି ଏକ ମୁହୂର୍ତ୍ତ ପହଞ୍ଚିଛି ଯେଉଁଥିରେ ଓଡ଼ିଶା ଭୋଟର ବିଜେଡି ପ୍ରତି ସମ୍ପୂର୍ଣ୍ଣ ଭାବେ ବିମୁଖ ହୋଇପଡ଼ିଛି। ବିଭିନ୍ନ କାରଣ ଥିବାବେଳେ ମୁଖ୍ୟ କାରଣ ଭାବେ ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱକୁ ତାଙ୍କରି ଦଳ ଭିତରେ ହ୍ରାସ କରାଯାଉଛି ବୋଲି ଭାଜପାର କେତେକ ନେତା ମତ ଦେଉଛନ୍ତି। ଏହାର ପ୍ରମାଣ ଭାବେ ପଦାକୁ ଆସୁଥିବା ନବୀନଙ୍କ ଭିଡିଓଗୁଡ଼ିକୁ ଉଦାହରଣ ଭାବେ ଦେଖାଯାଉଛି। ସେମାନେ କହୁଛନ୍ତି ଯେ, ଏସବୁ ଭିଡିଓ ସାଧାରଣ ଭୋଟରଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ସେଥିପାଇଁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କଠାରୁ ଆରମ୍ଭ କରି ପ୍ରାୟ ଅଧିକାଂଶ ଦଳୀୟ ନେତା ମେଣ୍ଟକୁ ବିରୋଧ କରିବା ସହ ଏକାକୀ ଯିବା ପାଇଁ ପସନ୍ଦ କରୁଛନ୍ତି। ନେତାମାନଙ୍କ ସମର୍ଥନକୁ ଦେଖିଲେ ମନମୋହନ ମଧ୍ୟ ୩ ଥର ମେଣ୍ଟ ହେବନାହିଁ ବୋଲି କହିସାରିଲେଣି।

ଗୋଟିଏ ପଟେ ରାଜ୍ୟ ଶାଖାର ଏଭଳି ମନ୍ତବ୍ୟ ଜୋର୍ ଧରୁଥିବା ବେଳେ ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦିଙ୍କର ତାଙ୍କ ନିର୍ବାଚନ ପରବର୍ତ୍ତୀ ସମୟ ପାଇଁ ଏନ୍‌ଡିଏର ଭାବମୂର୍ତ୍ତିକୁ ଶକ୍ତିଶାଳୀ କରିବାକୁ ଚାହୁଁଥିବା ଭଳି ମନେହେଉଛି। ଏପରିସ୍ଥଳେ ଆନ୍ଧ୍ର ପ୍ରଦେଶର ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ସହିତ ଭାଜପାର ମେଣ୍ଟ ହୋଇଯାଇଛି। ସେହିଭଳି ଭାବେ ଓଡ଼ିଶାରେ ନବୀନ ପଟ୍ଟନାୟକ ଓ ତାଙ୍କ ବିଜୁ ଜନତା ସହିତ ମେଣ୍ଟ ହେଲେ ଏନ୍‌ଡିଏ ଗ୍ରହଣୀୟତା ପରବର୍ତ୍ତୀ ସମୟରେ ବୃଦ୍ଧି ପାଇବ ବୋଲି ଭାଜପା କେନ୍ଦ୍ର ନେତୃତ୍ୱ ଭାବୁଥିବାର ଲକ୍ଷଣ ଦେଖାଯାଉଛି। ଉତ୍ତର ଓ ପଶ୍ଚିମ ଭାରତରେ ଭାଜପାର ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିବା ଫଳରେ ଅନେକ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ହରିୟାଣା ମୁଖ୍ୟମନ୍ତ୍ରୀ ଥିବା ମନୋହରଲାଲ୍ ଖଟ୍ଟରଙ୍କୁ ବିଦା କରାଯାଇ ଅନ୍ୟ ଜଣଙ୍କୁ ସେହି ସ୍ଥାନରେ ଅବସ୍ଥାପିତ କରିବା ବିଷୟକୁ ଉଦାହରଣ ଭାବେ ଦର୍ଶାଯାଉଛି। ସେହିଭଳି ଉତ୍ତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ଲୋକପ୍ରିୟତା ବୃଦ୍ଧି ପାଇବା ଫଳରେ ଭାଜପାର କେନ୍ଦ୍ର ନେତୃତ୍ୱ ଚିନ୍ତାମଗ୍ନ ହୋଇପଡ଼ିଛନ୍ତି ବୋଲି କେତେକ ମହଲରେ ଆଲୋଚନା କରାଯାଉଛି। ସବୁ ପର୍ଯ୍ୟବେକ୍ଷକ ଏକମତ ହେଉଛନ୍ତି ଯେ, ୨୦୨୪ ଲୋକ ସଭା ନିର୍ବାଚନ ଫଳାଫଳ ପୂର୍ବରୁ ଯେଉଁଭଳି ଭାବେ ଚିନ୍ତା କରାଯାଉଥିଲା ସେଥିରେ ପରିବର୍ତ୍ତନ ଘଟିପାରେ। ତେଣୁ ଓଡ଼ିଶା ଭାଜପାରେ ତୀବ୍ର ବିରୋଧ ଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ମେଣ୍ଟ ସମ୍ପର୍କରେ କୌଣସି ସ୍ପଷ୍ଟ ମତ ଦଳର କେନ୍ଦ୍ର ନେତୃତ୍ୱ ଦେଉନାହାନ୍ତି, ଯାହାକି ଗୁଜବ ସୃଷ୍ଟିକାରୀଙ୍କୁ ଖୋରାକ ଯୋଗାଉଛି।

# ଭାଜପାରେ ମାହାଙ୍ଗାର ସମାଜିକ କର୍ମୀ ସୁମନ୍ତ ଘଡ଼େଇ

ଭୁବନେଶ୍ୱର, ୧୭।୩(ସୁନିତ୍ ମିଶ୍ର)

ମାହାଙ୍ଗା ନିର୍ବାଚନମଣ୍ଡଳୀର ଯୁବ ସାମାଜିକ କର୍ମୀ ସୁମନ୍ତ ଘଡ଼େଇ ରବିବାର ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂହଦେଓ ଓ ସମୀର ମହାନ୍ତି ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ସହ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ସୁମନ୍ତଙ୍କ ସମେତ ଗୋକନ ପଞ୍ଚାୟତର ପୂର୍ବତନ ସରପଞ୍ଚ, ଯୁବନେତା ସ୍ନେହାଂଶୁ ପରିଡ଼ା, ବିକାଶ କୁମାର ଗୋଚ୍ଛାୟତ, ଜନ୍ମେଜୟ ବେହେରା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁଶାସନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଓ ଭାଜପାର ନୀତି ଆଦର୍ଶ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସୁମନ୍ତ କହିଛନ୍ତି।

# ସୁବର୍ଣ୍ଣପୁର ଦେଖିନାହିଁ ବିଧାୟିକା

ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ରାଜନୀତିରେ ବହୁ ମହିଳା ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ପୌରାଧ୍ୟକ୍ଷ ଓ ଜିଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଏ ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳରୁ ଜଣେ ହେଲେ ମହିଳା ବିଧାୟକ ପଦ ମଣ୍ଡନ କରିପାରି ନାହାନ୍ତି। ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକର ନାରୀ ବିକାଶ ଓ ମହିଳା ସଶକ୍ତୀକରଣ ଅଭିଯାନ ଜିଲାର ମହିଳା ନେତ୍ରୀଙ୍କ ପାଇଁ କେବଳ ସ୍ଲୋଗାନରେ ସୀମିତ ରହିଛି।

ସୁବର୍ଣ୍ଣପୁର ଜିଲା ରାଜନୀତିରେ ପୁରୁଷଙ୍କ ଆଧିପତ୍ୟ ଥିବାରୁ କୌଣସି ଦଳ ଏ ପର୍ଯ୍ୟନ୍ତ ମହିଳାଙ୍କୁ ସୁଯୋଗ ଦେଇନାହାନ୍ତି। ୨୦୦୯ରେ ଭାଜପା ପ୍ରାକ୍ତନ ପୌରାଧ୍ୟକ୍ଷା ଦମୟନ୍ତୀ ବାରିକ୍‌ଙ୍କୁ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିଥିଲା। କିନ୍ତୁ ସେ ପରାଜିତ ହୋଇଥିଲେ। ବିଜେଡି ଓ କଂଗ୍ରେସ ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇନାହାନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଜିଲାରେ ସରପଞ୍ଚ, ସମିତି ସଭ୍ୟଙ୍କ ଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟ, କାଉନସିଲର, ପଞ୍ଚାୟତ ସମିତି ଅଧ୍ୟକ୍ଷ, ପୌରାଧ୍ୟକ୍ଷ ଓ ଜିଲା ପରିଷଦ ଅଧ୍ୟକ୍ଷ ପଦରେ ମହିଳାମାନେ ରହିଛନ୍ତି। ଏହା ସହ ରାଜନୈତିକ ଦଳର ପଦାଧିକାରୀ ଭାବେ ମଧ୍ୟ ଏକାଧିକ ମହିଳା ଦାୟିତ୍ୱ ନିର୍ବାହ କରୁଛନ୍ତି। କିନ୍ତୁ ସେହି ସ୍ତରରୁ ଆଉ ମହିଳା ନେତ୍ରୀ ଆଗକୁ ଉଠି ପାରୁନାହାନ୍ତି। ଅର୍ଥାତ୍ ପ୍ରତିଦ୍ୱନ୍ଦିତା ପାଇଁ ସୁଯୋଗ ମିଳୁ ନ ଥିବାରୁ ନାରୀ ନେତ୍ରୀମାନେ ନୀତି ଓ ନିଷ୍ପତ୍ତି ନେବାର ବୃହତ୍ ମଞ୍ଚ ବିଧାନସଭାରେ ଦୃଶ୍ୟମାନ ହେଉନାହାନ୍ତି। ସୋନପୁର ଉପଖଣ୍ଡ ଜିଲା ହେବା ପୂର୍ବରୁ ବଲାଙ୍ଗୀର ଜିଲା ଅଧୀନରେ ଥିଲା। ପୂର୍ବରୁ ସୁବର୍ଣ୍ଣପୁର ଜିଲାରେ ସୋନପୁର, ବୀରମହାରାଜପୁର ଓ ବିନିକା ବିଧାନସଭା ଆସନ ଥିଲା। ୨୦୦୯ ସୀମା ପୁନର୍ନିର୍ଦ୍ଧାରଣ ପରେ ବିନିକା ଆସନ ବିଲୀନ ହୋଇ ଯାଇଥିଲା। ଏବେ ଜିଲାରେ ସୋନପୁର ଓ ବୀରମହାରାଜପୁର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଜିଲାରେ ୨ଲକ୍ଷ ୨୫ହଜାର ୮୦୯ଜଣ ମହିଳା ଓ ୨ଲକ୍ଷ ୪୨ହଜାର ୮୫୦ଜଣ ପୁରୁଷ ମତଦାତା ଅଛନ୍ତି।

# ବିଜେଡିରେ ମିଶିଲେ ବାପି ସର୍ଖେଲଙ୍କ ସ୍ତ୍ରୀ

ଭୁବନେଶ୍ୱର/ ପାରାଦୀପ, ୧୭।୩ (ସୁନିତ୍ ମିଶ୍ର/ଶରତ ରାଉତ)



ଶଙ୍ଖ ଭବନରେ ବାପି ସର୍ଖେଲଙ୍କ ସ୍ତ୍ରୀ ମୋନିଦୀପା ସର୍ଖେଲଙ୍କୁ ବିଜେଡିକୁ ସ୍ୱାଗତ କରାଯାଉଛି।

ଜଗତସିଂହପୁର ଜିଲା ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ମୋନିଦୀପାଙ୍କ ନେତୃତ୍ୱରେ ପାରାଦୀପ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଛବିଲତା ରାଉତ ଏବଂ ୯ଜଣ କାଉନସିଲରଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖଭବନଠାରେ ରାଜ୍ୟ ସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଓ ଜଗତସିଂହପୁର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଏବଂ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଛି।

ଏହି ଅବସରରେ ମୋନିଦୀପା ସର୍ଖେଲ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ତାଙ୍କୁ ଏବଂ ତାଙ୍କ ସହ ଆସି ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ସହପର୍ଯ୍ୟବେକ୍ଷକ ସନ୍ତୋଷ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣପର୍ବରେ ପାରାଦୀପ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଛବିଲତା ରାଉତ, କାଉନସିଲର ଜୟନ୍ତୀ ମାଦେଳି, ସ୍ୱପ୍ନାରାଣୀ ଜେନା, ବନିତା ରାଉତ, ଶୁକ୍ରମୁନି ନାଗ, ସୌଦାମିନୀ ସାହୁ, ଚୁନିବାଳା ପରିଡ଼ା, କମଳା ଜଗନ୍ନାଥ ରାଓ, ଯୁବନେତା ମିଟୁ ସ୍ୱାଇଁଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ଶ୍ରମିକସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି)ଙ୍କ ସ୍ତ୍ରୀ ହେଉଛନ୍ତି ମୋନିଦୀପା। ତେବେ ବାପିଙ୍କ ସ୍ତ୍ରୀ ବିଜେଡିରେ ମିଶିବା ଦ୍ୱାରା ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ିଥିବାରୁ ଗୋଳମାଳିଆ ପରସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ବାପି ଏପର୍ଯ୍ୟନ୍ତ କଂଗ୍ରେସରୁ ଇସ୍ତଫା ଦେଇନାହାନ୍ତି କିମ୍ବା ଦଳ ତାଙ୍କୁ ବହିଷ୍କାର କରିନାହିଁ। ଏଭଳିସ୍ଥିତିରେ କଂଗ୍ରେସର ରାଜ୍ୟ ଯୁବ ସଭାପତି ନିରଞ୍ଜନ ନାୟକ ପାରାଦୀପ ନିର୍ବାଚନମଣ୍ଡଳୀର କିଛି ସ୍ଥାନରେ ବୁଲି ଏଥର କଂଗ୍ରେସ ଆସୁଛି ବୋଲି ହୋର୍ଡିଂ ଲଗାଇଛନ୍ତି ଏନେଇ ପାରାଦୀପରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି।

ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ ବାପି ସର୍ଖେଲ ୨୦୧୪ ଓ ୨୦୧୯ ପାଇଁ କଂଗ୍ରେସ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। କିନ୍ତୁ ଦ୍ୱିତୀୟ ସର୍ବାଧିକ ଭୋଟ ୪୪ ଓ ୪୮ ହଜାର ପାଇଥିଲେ। ଗତ ୨୦୨୦ ପରଠାରୁ ସେ ଆଉ କଂଗ୍ରେସ ଦଳର ଚିହ୍ନ ବ୍ୟବହାର କରୁ ନ ଥିଲେ। ଗତ ୩ ବର୍ଷ ହେଲା ସେ ବିଜେଡି କିମ୍ବା ଭାଜପାରେ ମିଶିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ରବିବାର ସର୍ଖେଲଙ୍କ ସ୍ତ୍ରୀ ଦଳରେ ମିଶିବା ଫଳରେ ଚଳିତ ନିର୍ବାଚନ ପାଇଁ ଦଳରେ ଏକାଧିକ ଆଶାୟୀ ସୃଷ୍ଟି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବର୍ତ୍ତମାନ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା, ଶ୍ରମିକନେତା ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ଏହାମଧ୍ୟରେ ଦେବାଶିଷଙ୍କୁ ରାଜ୍ୟ ସଭା ସଦସ୍ୟ ଭାବେ ଦିଲ୍ଲୀ ପଠାଇ ଦିଆଯାଇଛି। ପ୍ରମୋଦଙ୍କୁ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ)ଅଧ୍ୟକ୍ଷ କରାଯାଇଛି। ଶ୍ରମିକନେତା ସନ୍ତୋଷଙ୍କ ଚର୍ଚ୍ଚା କମ୍ ରହୁଥିଲା ବେଳେ କେବଳ ବସନ୍ତ ଓ ସମ୍ବିତ ଦୌଡ଼ରେ ଥିଲେ। ଏବେ ମୋନିଦୀପା ସାମିଲ ହେବା ପରେ ପୁଣି କିଛି ରୋଚକ ଘଟଣା ଘଟିପାରେ ବୋଲି କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି।

### ପାରାଦୀପରେ ବଢ଼ିଲା ରାଜନୈତିକ ଉଷ୍ମତା

## ସଂକ୍ଷେପରେ

### କୋଶଲ ସେନା ଜିଲା ନୂତନ କର୍ମକର୍ତ୍ତା

**ଲୋଇସିଂହା, ୧୮।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା କୋଶଲ ସେନା ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଯୋଗେନ୍ଦ୍ର କର୍ମୀ ଜିଲା ସଭାପତି, ସମ୍ପାଦକଭାବେ ଇନ୍ଦ୍ରମଣୀ ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏନେଇ ରାଜ୍ୟ ସଭାପତି କୌସ୍ତୁବ ସାହୁ ପ୍ରେସ ଇସ୍ତାହାର ମଧ୍ୟମରେ ଜଣାଇଛନ୍ତି।

### ରାସ୍ତାରେ ଭାସୁଛି ମଇଳା ପାଣି

**ଖଡ଼ିଆଳ, ୧୭।୩(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଖୁଦପେଜ ଗ୍ରାମର ମୁଖ୍ୟ ରାସ୍ତା କାଦୁଅ ପଚପଚ ହୋଇପଡିଛି। ଏହି ରାସ୍ତାରେ ଯାତାୟାତ ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପକ୍କା ରାସ୍ତା ସହ ଉଭୟପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ମଇଳା ପାଣି ରାସ୍ତାରେ ଭାସୁଛି। ଏହି ରାସ୍ତାରେ ଯାତାୟାତ କରି ଗ୍ରାମବାସୀ ବିଭିନ୍ନ ପ୍ରକାର ସଙ୍କ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପକ୍କା ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଗ୍ରାମବାସୀ ଲିଖିତଭାବେ ଜଣାଇ ଆସୁଛନ୍ତି । ହେଲେ ସେମାନଙ୍କ ଦାବି ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସରପଞ୍ଚ ଯଶୋଦା ଶତପଥୀଙ୍କୁ ପଚାରିବାରୁ ଏହି ରାସ୍ତାକୁ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସାମିଲ କରାଯାଇଛି। ଖୁବଶୀଘ୍ର ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

### ସାନ ଗୌନ୍ତିଆ ଧ୍ରୁବଲ ବରିହାଙ୍କ ପରଲୋକ

**ଖପ୍ରାଖୋଲ, ୧୭।୩(ଅଭୟ ତ୍ରିପାଠୀ)**



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ରେଙ୍ଗାଲଜୁରୀ ଗ୍ରାମର ସାନ ଗୌନ୍ତିଆ ଧ୍ରୁବଲ ବରିହାଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୫ ବର୍ଷ ହେଉଥିଲା। ସେ କିଛି ମାସ ହେଲା କିଡ଼ନୀ ରୋଗରେ ପୀଡିତ ଥିଲେ। ଗାଁର ପ୍ରତ୍ୟେକ ପର୍ବପର୍ବାଣୀ ଓ ନାମଯଜ୍ଞରେ ଦୀର୍ଘବର୍ଷ ଧରି କର୍ତ୍ତାଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ଜଣେ ମୃଦଙ୍ଗ ବାଦକ ଭାବେ ମଧ ବେଶ୍ ଜଣାଶୁଣା ଥିଲେ। ମୃତ୍ୟୁବେଳକୁ ସ୍ତ୍ରୀ, ଦୁଇ ପୁଅ, ଝିଅ ଜ୍ୱାଇଁ, ନାତୁଣୀନାତି ଓ ଗଣ୍ୟମାଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବଡ଼ ପୁଅ ଶ୍ରବଣ କୁମାର ପରମ୍ପରା ଅନୁସାରେ ମୃତଦେହକୁ ମାଟିରେ ପୋତି ସଂସ୍କାର କରିଥିଲେ।

# ଚାଷୀଙ୍କ ସରକାର ହେଲେ ରାଜ୍ୟର ପରିବର୍ତ୍ତନ ହେବ

**ପାଟଣାଗଡ, ୧୭।୩(ସଚ୍ଚିଦାନନ୍ଦ ମହାକୁର)**



ସମାବେଶରେ ମଞ୍ଚାସୀନ ଅତିଥି।

**ନବନିର୍ମାଣ କୃଷକ ସଂଗଠନ ଓ ଜିଲା କୃଷକ ମହାସଂଘର ସିଂହାସନ ଖାଲିକର ମହାସମାବେଶ**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଯୋଗୀମୁଣ୍ଡ ସାପ୍ତାହିକ ବଜାରରେ ନବନିର୍ମାଣ କୃଷକ ସଂଗଠନ ଓ ଜିଲା କୃଷକ ମହାସଂଘ ପକ୍ଷରୁ ସିଂହାସନ ଖାଲିକର ମହାସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର କର୍ମକର୍ତ୍ତାମାନେ ଆଗାମୀ ଦିନରେ ଚାଷୀଙ୍କ ସରକାର ହେଲେ ଓଡ଼ିଶାର ପରିବର୍ତ୍ତନ ହେବାସହ ଚାଷୀଙ୍କ ପାଇଁ ଉପକାର ହେବ ବୋଲି କହିଥିଲେ। ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀଭାବେ ଚାଷୀନେତା ଜତି ପଧାନଙ୍କୁ ବିଧାନସଭାକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଜିଲା କୃଷକ ମହାସଂଘ ସଭାପତି ଜତି ପଧାନଙ୍କ ନେତୃତ୍ୱରେ ଚାଷୀମାନେ ଯୋଗୀମୁଣ୍ଡା ପେଟ୍ରୋଲ ପମ୍ପଠାରୁ ଶୋଭାଯାତ୍ରାରେ ବାହାରି ସପ୍ତାହିକ ବଜାରଠାରେ ପହଞ୍ଚିଥିଲେ। ଓଡ଼ିଶା ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସୂଚନା ଅଧିକାର ମଞ୍ଚର ରାଜ୍ୟ ଆବାହକ ପ୍ରଦୀପ ପଧାନ, ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଛା, ସୋନପୁର ନବନିର୍ମାଣ କୃଷକ ସଂଗଠନର ଚାଷୀ ନେତ୍ରୀ ସୋନାଲି ବିଶି, ଓଡ଼ିଶା ନବ ନିର୍ମାଣ କୃଷକ ସଂଗଠନର ରାଜେନ୍ଦ୍ର ମିଶ୍ର, ଜିଲା କୃଷକ ମହାସଂଘର ଆବାହକ ମଧୁସୂଦନ ଖେତୀ ଓ ଦିଲ୍ଲୀରୁ ଆସିଥିବା ଦୁଇଜଣ ଚାଷୀନେତା ରାହୁଲ ସୁକ୍ଳା ଓ ସୁଦାମ ଯାଦବ ଯୋଗଦେଇ ରାଜ୍ୟ ସରକାର ହୁଅନ୍ତୁ ବା କେନ୍ଦ୍ର ସରକାର ସବୁବେଳେ ଚାଷୀଙ୍କ ପ୍ରତି ଅଣଦେଖା କରିଚାଲିଛନ୍ତି। ଏପରିକି ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ଚାଷୀଙ୍କ ସ୍ଥିତ ଆହୁରି ସଙ୍ଗୀନ। ଗତ ୭୪ବର୍ଷ ଭିତରେ ପାଟଣାଗଡ ନିର୍ବାଚନ ମଣ୍ଡଳୀରୁ ଦଳୀୟ ନେତାମାନେ ବିଧାୟକ ହୋଇଛନ୍ତି। କିନ୍ତୁ ଆଜି ଯାଏ ଚାଷୀଙ୍କର କୌଣସି ସମସ୍ୟାର ସମାଧାନ ପାଇଁ ଆନ୍ତରିକତା ଦେଖାଇ ନାହାନ୍ତି। ଉତ୍କଟ ଖାଦ୍ୟାଭାବ ଓ କାମଧନ୍ଦାର ଅଭାବ ଯୋଗୁ ହଜାର ହଜାର ଚାଷୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ଓ ସ୍ଥାନୀୟ ବିଧାୟକଙ୍କ ଉଦାସୀନତା ଯୋଗୁ ଅଞ୍ଚଳର ଚାଷୀମାନଙ୍କର ସମସ୍ୟା ଦିନକୁଦିନ ଉତ୍କଟ ରୂପ ଧାରଣ କରୁଛି। ଯାହାଫଳରେ ଚାଷୀମାନଙ୍କର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ଚାଷୀ ଓ ସାଧାରଣ ଜନତା ଏକହୋଇ ଚାଷୀଙ୍କ ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟରେ ଚାଷୀ ସରକାର ଗଠନ କରିବା ପାଇଁ ନିର୍ବାଚନ ମଣ୍ଡଳୀରୁ ଚାଷୀ ନେତା ପଧାନଙ୍କୁ ବିଧାନସଭାକୁ ପଠାଇବାକୁ ଆହ୍ୱାନ କରିଥିଲେ। ସମାବେଶରେ ହଜାର ହଜାର ସଂଖ୍ୟକ ଚାଷୀ ଓ ମହିଳା ପୁରୁଷ ଯୋଗଦେଇଥିଲେ।

# ଆଚରଣବିଧି ଲାଗୁ: ହଟିଲା ହୋର୍ଡ଼ିଂ

**ଖଡ଼ିଆଳ, ୧୭।୩(ସୁଜିତ କୁମାର ପ୍ରଧାନ)**

ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ନେଇ ତାରିଖ ଘୋଷଣା ପରେ ଆଚରଣ ବିଧି ଲାଗୁ ହୋଇଛି। ଏହା ଲାଗୁ ହେବା ପରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ପ୍ରଚାର ଫଳକକୁ କଳା ପଲିଥିନ ଆବଦ୍ଧ କରାଯଇଛି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜନଗହଳି ସ୍ଥାନରେ ଲାଗିଥିବା ସମସ୍ତ ପ୍ରଚାର ହୋର୍ଡ଼ିଂ ଏବଂ ଫଳକକୁ ହଟାଇ ଦିଆଯାଇଛି।

# କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ଲାଠୋର, ୧୭।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କଲୋନୀ ପଡ଼ାଠାରେ ରବିବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗୋବିନ୍ଦ କଲେତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଅନୀଲ ମେହେର, ସାଧୁଚରଣ ମେହେର, ଜୋନ ୩ ସଭାପତି ଧନଞ୍ଜୟ ମେହେର ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ଦଳ କିପରି ଭଲ ପ୍ରଦର୍ଶନ କରିବ ତାହା ଉପରେ ନେତୃବୃନ୍ଦ ଆଲୋଚନା କରିଥିଲେ। ଏହି ଅବସରରେ ବିଜେଡ଼ି ଏବଂ ଭାଜପାର ୩ ଶହରୁ ଊର୍ଦ୍ଧ୍ୱ କର୍ମୀ ନିଜ ଦଳ ଛାଡି କଂଗ୍ରେସ ଦଳରେ ଯୋଗଦେଇଥିଲେ। ଦଳୀୟ ନେତୃବୃନ୍ଦ ସେମାନଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ପାଟଣାଗଡ଼ ବ୍ଲକ ସଭାପତି ପତିତପାବନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କଂଗ୍ରେସ ଯୁବନେତା ଚନ୍ଦନ ସାହୁ।



ନେତୃବୃନ୍ଦ ଦଳରେ ଯୋଗଦେଇଥିବା ଜଣେ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରୁଛନ୍ତି।

# ଦେଓଗାଁ ଚାମ୍ପିୟନ, ବ୍ରାହ୍ମଣୀଜୋର ରନର ଅପ




ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବଲାଙ୍ଗୀର, ୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)**

**ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ କ୍ରିକେଟ**

ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ କ୍ରିକେଟ ବଲାଙ୍ଗୀର ପାଟଣା କପ ୨୦୨୪ ଉଦ୍‌ଯାପିତ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ଦେଓଗାଁ ଗ୍ରାମପଞ୍ଚାୟତ କ୍ରିକେଟ ଟିମ୍ ଓ ବ୍ରାହ୍ମଣୀଜୋର ଗ୍ରାମପଞ୍ଚାୟତ ଟିମ୍ ମୁହାଁମୁହିଁ ହୋଇଥିଲେ। ଏଥିରେ ଦେଓଗାଁ ଦଳ ଚାମ୍ପିୟନ୍ ହୋଇ ବିଜୟୀ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ୍ ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଉପବିଜେତା ବ୍ରାହ୍ମଣୀଜୋର ଟିମ୍ ରନର ଅପ ଟ୍ରଫି ସହ ୧୫ ହଜାର ଟଙ୍କା ଚେକ୍ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି ତଥା ରାଜ୍ୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଅର୍କେଶ ନାରାୟଣ ସିଂଦେଓ, ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ।

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ଶନିବାର ପୂର୍ବାହ୍ନରେ ପ୍ରଥମ ସେମିଫାଇନାଲ ଖେଳ ବଲାଙ୍ଗୀର ଜୋନର ୱାର୍ଡ ନମ୍ବର ୧୪ ଟିମ୍ ଏବଂ ଭୁତିଆରବାହାଲ ଜୋନର ବ୍ରାହ୍ମଣୀଜୋର ମଧ୍ୟରେ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଜରାସିଂହା ଜୋନର ଦେଓଗାଁ ଏବଂ ହର୍ଡଟାଲ ଜୋନର ଝାଙ୍କରପାଲି ମଧ୍ୟରେ ହୋଇଥିଲା। ଉଭୟ ସେମିଫାଇନାଲରୁ ଜିତିଥିବା ଦଳ ବ୍ରାହ୍ମଣୀଜୋର ଏବଂ ଦେଓଗାଁ ଫାଇନାଲ ମ୍ୟାଚ୍ ଖେଳିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ବଲାଙ୍ଗୀରର ଉଦୟୀମାନ୍ ଯୁବ କଣ୍ଠଶିଳ୍ପୀ ପ୍ରିଆନ ପ୍ରିୟଦର୍ଶନଙ୍କ ସଙ୍ଗୀତକୁ ବେଶ ଉପଭୋଗ କରିଥିଲେ ସମବେତ ଦର୍ଶକ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପରିଚାଳନା କରିଥିଲେ। ଶ୍ରୀପଦା ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପାଟଣା କପ ଆୟୋଜକ କମିଟି ସଭାପତି ରାଜେନ୍ଦ୍ର ହୋତା, ନାଗରିକ କମିଟିର ସଭାପତି ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଲକ୍ଷ୍ମଣ କୁମାର ମେହେର, ଘରୋଇ ବସ ମାଲିକ ସଂଘ ସଭାପତି ଦୁର୍ଗାପ୍ରସାଦ ବେହେରା, ପ୍ରଦ୍ୟୁତ ମିଶ୍ର, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ବିଜୁ ମହିଳା ଜନତା ଦଳ ସଭାପତି ଦମୟନ୍ତୀ ବାଗ, ପୂର୍ବତନ ପୌର ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ ନନ୍ଦ, ଆଇଟି ସେଲର ବିଭୂତି ଭୂଷଣ ମିଶ୍ର, ଦେବବ୍ରତ ବେହେରା, ଲେଙ୍କା ସାହୁ, ସାଗର ସଙ୍ଗମ ଶତପଥୀଙ୍କ ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ପିକ୍‌ଅପ୍‌ରେ ଗୋରୁ ଚାଲାଣ, ୩ ଗିରଫ

**ଉଦ୍ଧାର ଗୋରୁଙ୍କୁ ଗୋଶାଳା ଜିମା ଦେଲା ପୋଲିସ**

**କଣ୍ଟାବାଞ୍ଜି, ୧୭।୩(ଗୁରୁଦୟାଲ ହଂସ)**

କଣ୍ଟାବାଞ୍ଜି–ତୁରେକେଲା ପିଡବ୍ଲୁଡି ରାସ୍ତାର ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଏକ ପିକ୍‌ଅପ୍‌ରେ ଗୋରୁ ଚାଲାଣ ବେଳେ ଶନିବାର ରାତିରେ ପୋଲିସ ରାମସେନାର ଅଭିଯୋଗକ୍ରମେ ଧରିଥିଲା। ଚାଲାଣରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରାଉତମୁଣ୍ଡାର ଦିଲୀପ କେତକୀ(୨୯), ଟିଟିଲାଗଡ ଥାନା ଜଡାମୁଣ୍ଡାର ବିଶିକେଶନ ନାଗ (୪୨) ଓ ହୃଷୀକେଶ ନାଗ(୨୦)। ଏ ନେଇ ଥାନାରେ ଏକ ମାମଲା(୧୦୩/୨୪) ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ଉପକାରାଗାରାକୁ ପଠାଇ ଦିଆଯାଇଛି। ଉଦ୍ଧାର ସମସ୍ତ ଗୋରୁଙ୍କୁ ସ୍ଥାନୀୟ ଗୋଶାଳାକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। କଣ୍ଟାବାଞ୍ଜି ପୋଲିସ ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୯ଟା ବେଳେ ତୁରେକେଲା ଥାନା ରାମୋଡ ଗାଁରୁ ଏକ ପିକ୍‌ଅପ ଭ୍ୟାନରେ ଗୋରୁ ଚାଲାଣ ହେଉଥିଲା। ରାମସେନାର ଧର୍ମାନନ୍ଦ ଜୁଏଡ ଘଟଣାସ୍ଥଳରୁ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଧର୍ମାନନ୍ଦ ଏବଂ ତାଙ୍କ ସାଥୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଏସ୍‌ସିଏସ୍‌ଟି ଆଇନ ସଚେତନତା ଶିବିର

**ଟିଟିଲାଗଡ଼, ୧୭।୩ (ଶରତ ମିଶ୍ର)**

ତାଲୁକ ସ୍ତରୀୟ ଆଇନ ସେବା ସମିତି ଟିଟିଲାଗଡ ପକ୍ଷରୁ ରବିବାର ବ୍ଲକ ଅନ୍ତର୍ଗତ ଘଣ୍ଟବାହାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏସ୍‌ସିଏସ୍‌ଟି ଓ ଏଟ୍ରୋସିଟି ଆଇନ ସମ୍ବନ୍ଧୀୟ ସଚେତନତା ଶିବିର ରବିବର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଶିବିରରେ ଯୋଗଦେଇ ଏସ୍‌ସିଏସ୍‌ଟି ବର୍ଗଙ୍କ ବିକାଶ ତଥା ବିଭିନ୍ନ ଅଧିକାର, ଆଇନ ସହାୟତା, ସରକାରି ଯୋଜନା ନେଇ ସାମ୍ବିଧାନିକ ବ୍ୟବସ୍ଥା ସମ୍ବନ୍ଧରେ ଅବତାରଣା କରିଥିଲେ। ସମିତି ଫ୍ରଣ୍ଟ ଅଫିସ ରିଟେନର କାର୍ତ୍ତିକ ଛତର ସଭା ପରିଚାଳନା କରିଥିଲେ। ମଞ୍ଚାସୀନ ସରକାରୀ ଅଧିବକ୍ତା ସୁଧିର ମିଶ୍ର, ଭିମରାଜ ବାଗ ପ୍ରମୁଖ ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ନାଏବ ସରପଞ୍ଚ କ୍ଷିରାବତି ଜାନୀ, ୱାର୍ଡସଭ୍ୟା ତିଳୋତ୍ତମା ଛତର, ବିଲୟା ଦୀପ, ଆଇନଜୀବୀ ପରମାନନ୍ଦ ଛତର, ସମାଜସେବୀ କିଶୋର ସାହୁ, କୈଳାସ ଜାନୀ, ରବିନ୍ଦ୍ର ମାଝି, ଇନ୍ଦ୍ର ଜାନୀ, ଯୋଗିନ୍ଦ୍ର ଛତର, ତୁଳାରାମ ଛତର, ହରିଶ୍ଚନ୍ଦ୍ର ଛତର, ଚନ୍ଦ୍ର ଛତର, ଅନିରୁଦ୍ଧ ଛତର, ରାଜୁ ସିକା ତଥା ସ୍ଥାନୀୟ ମହିଳା ଗୋଷ୍ଠୀ ସଦସ୍ୟା ସହାୟତା କରିଥିଲେ। ସମିତି କିରାଣୀ ଜୀବର୍ଦ୍ଧନ ଛତ୍ରିଆ, ନରେନ୍ଦ୍ର ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ।




ଆଇନ ସଚେତନତା ଶିବିରରେ ଅତିଥିବୃନ୍ଦ।

# ପୁରୁଷ ତୁଳନାରେ ମହିଳା ଭୋଟର ଅଧିକ

- ନିର୍ବାଚନ ପୂର୍ବପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଲେ ଜିଲାପାଳ, ଏସ୍‌ପି
- ଜିଲାରେ ୧୨ ହଜାର ୫୩୬ ନୂତନ ଭୋଟର
- ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି



ଜିଲାପାଳ, ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ନୂଆପଡା, ୧୭।୩(ମକାରୁ ବେମାଲ)**

ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେଲା ପରେ ରବିବାର ନୂଆପଡା ଜିଲାପାଳ ହେମକାନ୍ତ ସାୟ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ସଂକ୍ରାନ୍ତୀୟ ପୂର୍ବପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ନୂଆପଡା ଜିଲାରେ ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ୭୧–ନୂଆପଡା ଓ ୭୨–ଖଡିଆଳ ଥିବା ବେଳେ ୧୧ କଳାହାଣ୍ଡି ସଂସଦୀୟ କ୍ଷେତ୍ର ରହିଛି। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ପୂର୍ବରୁ ଜିଲାରେ ସଂକ୍ଷିପ୍ତ ଭୋଟର ସଂଶୋଧନ କରାଯାଇଥିଲା। ସେହି ଅନୁଯାୟୀ ଜିଲାର ଜନସଂଖ୍ୟା ତୁଳନାରେ ଭୋଟର ସଂଖ୍ୟା ୭୪.୩୪% ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଆଦର୍ଶ ସଂଖ୍ୟାଠାରୁ ଢେର ଅଧିକ। ଜିଲାରେ ମୋଟ ଜନସଂଖ୍ୟା ୬ ଲକ୍ଷ ୬୪ହଜାର୫୭୩ ଥିବା ବେଳେ ମୋଟ ଭୋଟର ସଂଖ୍ୟା ୪ ଲକ୍ଷ ୯୪ ହଜାର ୪୧୬ ରହିଛି। ମହିଳା ଭୋଟର ୨ ଲକ୍ଷ ୪୮ ହଜାର ୨୦୪, ପୁରୁଷ ଭୋଟର ୨ ଲକ୍ଷ ୪୬ହଜାର୨୦୪ ରହିଥିବା ବେଳେ ୪୦ଜଣ ଅନ୍ୟ ଭୋଟର ଅଛନ୍ତି। ପୁରୁଷ ଭୋଟର ତୁଳନାରେ ମହିଳାଙ୍କ ଭୋଟର ଅଧିକ ରହିଛି। ଚଳିତ ନିର୍ବାଚନରେ ଜିଲାରେ ୧୨ ହଜାର ୫୩୬ ଜଣ ନୂତନ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ଯାଉଛନ୍ତି। ମୋଟ ୬୦୩ଟି ବୁଥ କରାଯାଇଛି। ସେଥିମଧ୍ୟରୁ ୫୫୧ଟି ବୁଥରେ ଲୋକଙ୍କୁ ଇଭିଏମ ଓ ଭିଭିପିଏଟି ସମ୍ପର୍କରେ ସଚେତନ କରାଯାଇଛି ବୋଲି ଜିଲାପାଳ ସାୟ ସୂଚନା ଦେଇଛନ୍ତି ।

ଜିଲାର ଉତ୍ତର–ପଶ୍ଚିମ ଭାଗରେ ପଡୋଶୀ ଛତିଶଗଡ଼ ସୀମା ରହିଥିବାବେଳେ ଦକ୍ଷିଣ–ପୂର୍ବ ପାର୍ଶ୍ୱରେ ପଡୋଶୀ କଳାହାଣ୍ଡି, ବଲାଙ୍ଗୀର, ବରଗଡ ଜିଲା ସୀମା ଲାଗିଛି । ଜିଲାରେ ୪ଟି ଆନ୍ତଃରାଜ୍ୟ ସୀମା ତନଖି ଫାଟକ ଥିବାବେଳେ ୭ଟି ଆନ୍ତଃଜିଲା ରାସ୍ତା ରହିଛି। ସଂପ୍ରତି ସମସ୍ତ ସୀମାରେ କଡାକଡି ଯାଞ୍ଚ ଚାଲିଛି। ପଶ୍ଚିମ ଭାଗରେ ଛତିଶଗଡ଼ର ମହାସମୁନ୍ଦ, ଗରିଆବନ୍ଧ ଜିଲା ଆସୁଛି । ବିଶେଷ କରି ସୁନାବେଡା ଅଭୟାରଣ୍ୟ ଓ ପାଟଦର୍ହା ଗରିଆବନ୍ଧ ସୀମାକୁ ଲାଗିଛି । ଏ ସବୁ ଅଞ୍ଚଳରେ ମାଓବାଦୀ ଗତିବିଧି ରହିଛି। ବର୍ତ୍ତମାନ ପଡୋଶୀ ରାଜ୍ୟ ଆରକ୍ଷୀ ଅଧିକ୍ଷକଙ୍କ ସହ ଯୋଗସୂତ୍ର ରଖି କୋମ୍ବିଂ ଅପରେଶନ ଜାରି ରହିଛି। ଜିଲାରେ ୬ଟି ସିଆରପିଏଫ କ୍ୟାମ୍ପ ରହିଛି। ନିର୍ବାଚନ ପାଇଁ ୪ଟି କମ୍ପାନୀ ଓ ୨ଟି ରାଜ୍ୟ ସଶସ୍ତ୍ର ବାହିନୀ ମଗାଯାଇଛି। ଚତୁର୍ଥ ପର୍ଯ୍ୟାୟରେ ଭୋଟ ହେବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥା ହୋଇଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଜିଆର ରେଡ୍ଡୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶଥାଉକି ଜିଲାରେ ମେ ୧୩ରେ ଭୋଟ ଗ୍ରହଣ ହେବ । ସେଥିପାଇଁ ଏପ୍ରିଲ ୨୫ ସୁଦ୍ଧା ନାମାଙ୍କନ ଦାଖଲ ସରିବ। ଚଳିତ ନିର୍ବାଚନରେ ପିଙ୍କ ବୁଥ ବଦଳରେ ସାକ୍ଷୀ ବୁଥ ଖୋଲାଯିବ । ନୂଆପଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ୨୦ ଲେଖାଏ ସାକ୍ଷୀ ବୁଥ ସହ ଉଭୟ ବୁଥରେ ଗୋଟିଏ ଲେଖାଏ ଦିବ୍ୟାଙ୍ଗ ବୁଥ, ୫ ଟି ଲେଖାଏ ଯୁବ ବୁଥ୍ ଖୋଲାଯିବ । ପ୍ରତି ବୁଥରେ ସମସ୍ତ କର୍ମଚାରୀ ୩୦ବର୍ଷରୁ କମ୍ ରହିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।

# କୋଶଲି ସମିତିର ବଛରକିଆ ଉତ୍ସବ

**ଟିଟିଲାଗଡ଼, ୧୭।୩ (ଶରତ ମିଶ୍ର)**

ବିଶ୍ୱର ଅନେକ ଭାଷା ପରି କୋଶଲି ଭାଷା ବହୁ ପ୍ରାଚୀନ, ସମୃଦ୍ଧ। ପଶ୍ଚିମ ଓଡ଼ିଶା ଅଞ୍ଚଳର ମାତୃଭାଷା କୋଶଲିରେ ପ୍ରବନ୍ଧ, କବିତା, ଛାନ୍ଦ, ଗଳ୍ପ, ଭ୍ରମଣ କାହାଣୀ, ବ୍ୟାକରଣ ଆଦି ଅନେକ ସାହିତ୍ୟ ଗ୍ରନ୍ଥ ରଚନା ସହ ଚଳଚ୍ଚିତ୍ର ନିର୍ମାଣ ହୋଇ ଏହାର ସମୃଦ୍ଧି, ଆଦୃତାକୁ ପରିପୃଷ୍ଟ କରିପାରିଛି। ସ୍ୱର୍ଗତ ପ୍ରୟାଗଦତ୍ତ ଯୋଷୀଙ୍କଠାରୁ ଆରମ୍ଭ କରି ଅନେକ କୋଶଲି ପଣ୍ଡିତ, ବିଦ୍ୱାନ କୋଶଲି ଭାଷାର ସାମ୍ବିଧାନିକ ସ୍ୱୀକୃତି ନେଇ ସଂଗ୍ରାମ ଜାରି ରଖିଛନ୍ତି। କୋଶଲି ଭାଷା ଦେଶବିଦେଶରେ ସମ୍ମାନୀତ ହୋଇଛି। କୋଶଲି କବି ପଦ୍ମଶ୍ରୀ ହଲଧର ନାଗଙ୍କଠାରୁ ଆରମ୍ଭ କରି ଅନେକ ଲେଖକ, କବି ନିଜ ଲେଖନୀ ଚାଳନା କରି ଆମ ମାତୃଭାଷାକୁ ବିଶ୍ୱପଟରେ ପ୍ରସିଦ୍ଧ କରିଛନ୍ତି। କୋଶଲିକୁ ସରକାରୀସ୍ତରରେ ସ୍ୱୀକୃତି ପୂର୍ବକ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ଦେଲେ ଭାଷାର ସଂରକ୍ଷଣ ସହ ସାହିତ୍ୟ କ୍ଷେତ୍ରରେ ଏହା ଆହୁରି ପରିପୃଷ୍ଟ ହୋଇପାରିବ। କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ରବିବାର ଆୟୋଜିତ 'ବଛରକିଆ ଉଚ୍ଛବ' ଅବସରରେ ମଞ୍ଚାସୀନ ବିଦ୍ୱାନଗଣ ଏହିପରି ମତ ରଖିଛନ୍ତି।

ସମିତି ସଭାପତି ଅଧାପକ ଦିଲୀପ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ଅଜାମ୍ବର ମଲ୍ଲ, ଡ. ଦୋଳଗୋବିନ୍ଦ ବିଶି, ଡ. ଛାୟାକାନ୍ତ ଷଡଙ୍ଗୀ, ଡ. ସଞ୍ଜୟ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ରାଜୀବ ଲୋଚନ ପାଢୀ ପ୍ରମୁଖ ମତବ୍ୟକ୍ତ କରି କୋଶଲି କବି ନିଜ ଲେଖନୀକୁ ଆହୁରି ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମଧସୁଦନ ଦାଶଙ୍କୁ ଝୁଁପି ସନମାନ, କଳାକାର ସନମାନ ନୀଲମଣି ସାହୁ, ସଙ୍ଗଠନ ସନମାନ ଜ୍ୟୋତିପ୍ରକାଶ ଗଡତ୍ୟା, ସ୍ୱର୍ଗତ ଅଶ୍ୱିନୀ ମହାନ୍ତିଙ୍କର ସୁରତାଥି ସେବା ସନମାନ ମହେନ୍ଦ୍ର ପାଣିଗ୍ରାହୀ, ସ୍ୱର୍ଗତ ଚତୁର୍ଭୁଜ ସାଆଁନ୍ତଙ୍କର ସୁରତାଥି ସବଦଗିରି ସନମାନ, ନିଗମାନନ୍ଦ ଦାସ, ସ୍ୱର୍ଗତ ପ୍ରଶାନ୍ତ ନାଏକଙ୍କର ସୁରତାଥି କୋସଲି କଲା ସନମାନ ଫାଲଗୁନି ରଣାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ରାଏତ ସରତା ତମର ସଙ୍ଗେର ଲେଖକ ଡ. ସଞ୍ଜୟ ମିଶ୍ର, ଆଲସ୍ୱର ଇଫାଲେ ସେଫାଲେ–ଡ. ଗୋବର୍ଦ୍ଧନ ସାହୁ, କେନ ଚେରେର ଗମନ କେତେ – ସେବକ ଚରଣ ଦାଶ, ବ୍ରଜ ବିଲାସ– ବ୍ରଜମୋହନ ମେହେର, ନୁରା–ସୁଜିତ ଶତପଥୀ, ଏକତାରା ଜୁଲଜୁଲ–ସୁଶାନ୍ତ ବାଗ, ଖମନ–ଭିକାରି ମିଶ୍ର, ଅବଗି ନୁଆଁ– ଗଜାନନ ମିଶ୍ର, ଲହୁର୍ ଲହ– ବିନୟ ଦାଶ, ଅଂଘେ ଉକିଆ–ଆନନ୍ଦ ଚନ୍ଦ୍ର ସାହୁ, ସେନବାରି–ତରୁଣ ଦୀପ, ଦଲଦଲି– ସ୍ୱର୍ଗତ ଚତୁର୍ଭୁଜ ସାଆନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ନୁକୋ ବହି ସନମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିବୃନ୍ଦ କୋଶଲି ଭାଷା ସାହିତ୍ୟର ସିନ୍ଧୁକ 'ଝୁଁପି'ର ଉନ୍ମୋଚନ କରିଥିଲେ। ଶିଶୁ ସାହିତ୍ୟିକ କବି ବୃନ୍ଦାବନ କୁମ୍ଭାରଙ୍କ ୨୪ତମ ପୁସ୍ତକ କବିତା ସଙ୍କଳନ ଫୁଲମାଳର ଉନ୍ମୋଚନ ହୋଇଥିଲା। ସଭାର ଦ୍ୱିତୀୟାର୍ଦ୍ଧରେ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କ ସଂଯୋଜନାରେ ମଞ୍ଚାସୀନ ସେବକ ଚରଣ ଦାଶ, ଆନନ୍ଦ ଚନ୍ଦ୍ର ସାହୁ, ଟିକେଲାଲ ବେହେରା, ସୁଶାନ୍ତ ବାଗ, ମଧୁ ଦାଶ, ଲାଲିଚନ୍ଦ୍ର ବଗର୍ତ୍ତି, ସୁଜିତ ଦାଶଙ୍କ ସମେତ କବି ଗଣ ସ୍ୱରଚିତ କବିତା ପାଠ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ, ଚିତ୍ତରଞ୍ଜନ ଚାନ୍ଦ, ଲକ୍ଷ୍ମୀଧର ମାଝି, ସତ୍ୟନାରାୟଣ ଶର୍ମା, ଦୁବ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସମ୍ବର୍ଦ୍ଧିତ ହେଲେ ପ୍ରତିଭା**

# ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ପ୍ରଶାସନର ଗୁରୁତ୍ୱ

**ବୌଦ୍ଧ, ୧୭।୩(ଅଜିତ କୁମାର ବାରିକ)**



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

**ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ଖବରଦାତା ସମ୍ମିଳନୀ**

- ମେ ୨୦ରେ ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀରେ ମତଦାନ
- ସକାଳ ୭ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ ଭୋଟ ଗ୍ରହଣ
- ଜିଲାର ସମସ୍ତ ମତଦାତା ମତଦାନ କରିବାକୁ ଜିଲାପାଳଙ୍କ ଅନୁରୋଧ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଗତ ଶନିବାର ଦିନ ନିର୍ବାଚନ କମିଶନର ତାରିଖ ଘୋଷଣା କରିବା ସହ ଆଚରଣ ବିଧି ଲାଗୁ କରିଛନ୍ତି। ବୌଦ୍ଧ ଜିଲାରେ ନିର୍ବାଚନ ପରିଚାଳନା ନେଇ ରବିବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋନାଲ କହିଥିଲେ, ବୌଦ୍ଧ ଜିଲାରେ କନ୍ଧମାଳ ଲୋକସଭା, ବୌଦ୍ଧ ବିଧାନସଭା ଓ କଣ୍ଟାମାଳ ବିଧାନସଭା ପାଇଁ ଆସନ୍ତା ମେ ୨୦ ତାରିଖରେ ଭୋଟଗ୍ରହଣ ହେବ। ଏହି ସାଧାରଣ ନିର୍ବାଚନ ଯେପରି ସ୍ୱଚ୍ଛ, ନିର୍ମଳ, ଅବାଧ, ମୁକ୍ତ ଓ ନିରପେକ୍ଷ ହୋଇପାରିବ ସେନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ଓ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଥିଲେ। ନିର୍ବାଚନ ପାଇଁ ଇସ୍ତାହାର ତାରିଖ ଏପ୍ରିଲ ୨୬ ଥିବା ବେଳେ ଏହି ଦିନଠାରୁ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ମେ ମାସ ୩ ତାରିଖ ରହିଥିବା ବେଳେ ପ୍ରାର୍ଥପତ୍ର ଦାଖଲ ଶେଷ ସମୟ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରହିଛି। ମେ ୪ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଥିବା ବେଳେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ମେ ୬ ତାରିଖ ରହିଛି। ମେ ୨୦ ତାରିଖରେ ମତଦାନ କରାଯିବ। ଜିଲାରେ ଜୁନ ୪ ତାରିଖରେ ଭୋଟ ଗଣତି ହେବ ବୋଲି ଜିଲାପାଳ ସୋନାଲ କହିଥିଲେ । ସହରର ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର ହୋଇଥିବା ବେଳେ ସେଠାରେ ମଧ୍ୟ ଷ୍ଟ୍ରଙ୍ଗ ରୁମ କରାଯାଇଛି। ଏହାସହ ବୌଦ୍ଧ ଜିଲାରେ ୩ ଲକ୍ଷ ୩୩ ହଜାର ୫୫୭ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୭୧ ହଜାର ୬୮ ଜଣ ଅଛନ୍ତି। ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୬୨ହଜାର ୪୮୦ ରହିଥିବା ବେଳେ ୯ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି ।

ଭୋଟଦାନ ପାଇଁ ଜିଲାରେ ସମୁଦାୟ ୪୧୧ ଗୋଟି ମତଦାନ କେନ୍ଦ୍ର ହୋଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ୧୯୪ ଗୋଟି ବୁଥ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ୨୧୭ ଗୋଟି ବୁଥ କରାଯାଇଛି। ସେଥିମଧ୍ୟରୁ ଜିଲାରେ ୬୮ ଗୋଟି ମାଓବାଦୀ ପ୍ରବଣ ବୁଥ ଚିହ୍ନଟ ହୋଇଥିବା ବେଳେ କଣ୍ଟାମାଳ ବିଧାନସଭାରେ ୪୬ ଓ ବୌଦ୍ଧ ବିଧାନସଭାରେ ୨୨ ଗୋଟି ବୁଥ ଚିହ୍ନଟ ହୋଇଛି। ଜିଲାରେ ସମସ୍ତ ବୁଥରେ ସିସି ଟିଭି ସଂଯୋଗ କରାଯିବ ବୋଲି ଜିଲାପାଳ ସୋନାଲ କହିଥିଲେ। ନିର୍ବାଚନ ସୁରୁଖୁରୁରେ ପରିଚାଳନା ପାଇଁ ୪୧୧ ଜଣ ପ୍ରିଜାଇଡିଂ ଅଫିସର , ୨୦୫୫ ଜଣ ପୋଲିଂ ଅଫିସର ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଥିବା କହିଥିଲେ। ଏହାସହ ନିର୍ବାଚନ ନେଇ କିଛି ଅସୁବିଧା ଦେଖାଦେଲେ ସେନେଇ ହେଲ୍‌ପ ଲାଇନ ନମ୍ବର ୧୯୫୦କୁ ଅଭିଯୋଗ କରିବାକୁ ଜିଲାପାଳ ସୋନାଲ କହିଥିଲେ। ଜିଲାରେ ଥିବା ସମସ୍ତ ହୋଡିଂ, ବ୍ୟାନରକୁ ହଟାଯାଇଥିବା ମଧ୍ୟ କହିଥିଲେ । ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଧିକାରୀ ଭାବେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ସମୟ ଯେହେତୁ ଖରାଦିନରେ ପଡିବ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଭୋଟର ଯେମିତି ଭୋଟ ଦେବା ସମୟରେ କିଛି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲାପାଳ ସୋନାଲ କହିଥିଲେ। ରାଜନୈତିକ ଦଳଗୁଡିକ ଯେପରି ଭୋଟରଙ୍କୁ ପ୍ରଭାବିତ କରିବେ ନାହିଁ ଓ ବେଆଇନ କାର୍ଯ୍ୟକଳାପ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷଣ ନଜର ରଖାଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ମତଦାନ ଏକ ମହାନ ପର୍ବ ବୋଲି କହିବା ସହ ଜିଲାର ସମସ୍ତ ମତଦାତା ମତଦାନ କରିବାକୁ ଅନୁରୋଧ କରିଥିଲେ। ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାରେ ହୋଇପାରିବ ସେ ନେଇ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା କହିବା ସହ ୨ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ଓ ୫୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ କରାଯିବ ବୋଲି କହିଥିଲେ। ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳଗୁଡିକରେ ୧୦ ଗୋଟି ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଥିବା ବେଳେ ସେମାନଙ୍କ ଗତିବିଧି ଉପରେ ନଜର ରହିଥିବା ଆରକ୍ଷୀ ଅଧୀକ୍ଷକ କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଡେପୁଟି କଲେକ୍ଟର(ଇଲେକସନ) ଶାଶ୍ୱତ ପ୍ରଧାନ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଜିଲାପାଳ ବିଭିନ୍ନ ରାଜନୈତିକ ଦଳ ସହ ନିର୍ବାଚନ ନେଇ ନିଆଯାଇଥିବା ପଦକ୍ଷେପ ଉପରେ କହିଥିଲେ। ଜିଲାରେ ଥିବା ହୋଡିଂ, ବ୍ୟାନର ଓ ସରକାରଙ୍କ ବିଭିନ୍ନ ଯୋଜାନର ହୋଡିଂମାନ ହଟାଇବାକୁ କହିଥିଲେ । ଏହାସହ ଯେଉଁ ରାଜନୈତିକ ଦଳ ପ୍ରଥମେ ସଭା ସମିତି ପାଇଁ ପରମିଶନ ମାଗିବ ତାକୁ ଆଗ ଦିଆଯିବ ବୋଲି ଜିଲାପାଳ କହିଥିଲେ। ପ୍ରାର୍ଥୀଙ୍କ ପାଇଁ ସୁବିଧା ପୋର୍ଟାଲ ଖୋଲାଯାଇଛି, ଏହି ପୋର୍ଟାଲରେ ମଧ୍ୟ ପ୍ରାର୍ଥୀ ମାନେ ନାମାଙ୍କନ ପତ୍ର ଭରି ପାରିବେ ବୋଲି ଜିଲାପାଳ କହିଥିଲେ। ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ନବ କୁମାର ମିଶ୍ର , ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, କଂଗ୍ରେସ ଜିଲା ଉପସଭାପତି ସମରେଶ ମିଶ୍ର, ବିଜେଡିର ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନକୁ ନେଇ ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକ

**ଡୁଙ୍ଗୁରିପାଲି, ୧୭।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନାରେ ରବିବାର ସନ୍ଧ୍ୟାରେ ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ଅଧ୍ୟକ୍ଷତାରେ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନକୁ ନେଇ ପୋଲିସ ଓ ଡୁଙ୍ଗୁରିପାଲି ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୯ରୁ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ। ଓଡିଶାରେ ୪ ଟି ପର୍ଯ୍ୟାୟରେ ମେ ୧୩,୨୦ ,୨୫, ଏବଂ ଜୁନ ୧ରେ ମତଦାନ ହେବ । ସେହିପରି ବଲାଙ୍ଗୀର ଲୋକସଭା ଓ ସୋନପୁର ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେ ୨୦ତାରିଖରେ ମତଦାନ ଅନୁଷ୍ଠିତ ହେବ। ନିରପେକ୍ଷ ନିର୍ବାଚନ ହେବ। ଯଦି କୌଣସି ସ୍ଥାନରେ ଅପ୍ରୀତିକର ଘଟଣା ହୁଏ, କେହି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରନ୍ତି, ଏ ନେଇ ସଠିକ ଖବର ପରିବେଷଣ କରିବା ସହ ପୋଲିସକୁ ଖବର ଦେବା ପାଇଁ ଥାନା ଅଧିକାରୀ ପଧାନ କହିଥିଲେ । ସେହିପରି ପ୍ରଚାର ବେଳେ ନେତାଙ୍କ ଆଚରଣ ଓ ଉଚ୍ଚାରଣ କିଭଳି ରହୁଛି ଓ ନିର୍ବାଚନ ଆଚରଣ ବିଧି କିଭଳି ପାଳନ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିବ । ସଠିକ ଖବର ପ୍ରକାଶ କରିବା, ପୋଲିସ ଓ ଗଣମାଧ୍ୟମ ପ୍ରତୀନିଧିଙ୍କ ମଧ୍ୟରେ ସମନ୍ୱୟ ରହିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ସବ୍ ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ, ସବଇନ୍ସପେକ୍ଟର ପ୍ରେମରାଜ ସାହୁ, ଏଏସଆଇ ମୋହନ ବରିହା, ଗଣମାଧ୍ୟମ ପ୍ରତିନିଧି ପବିତ୍ର ମୋହନ ପାଣ୍ଡିଆ,ମୁକେଶ ଭୋଇ, ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ପ୍ରଶାନ୍ତ ସେଠ, ପ୍ରେମଲାଲ ସେଠ, ମୋହନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ଅନ୍ୟ ପୋଲିସ କର୍ମଚାରୀ ବୃନ୍ଦ ।

## ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

**ବୌଦ୍ଧ, ୧୭।୩( ଅଜିତ କୁମାର ବାରିକ)**

ବୌଦ୍ଧ ପୋଲିସ ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ବୌଦ୍ଧ ଥାନା ପରିସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ କହିଥିଲେ, ବୌଦ୍ଧ ଥାନା ଅନ୍ତର୍ଗତ ଡିମିରିଖୋଲ ଗ୍ରାମ ନିକଟରେ ଥିବା ବିଡାମାସକା ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ବୌଦ୍ଧ ପୋଲିସକୁ ସୂଚନା ମିଳିଥିଲା। ଏନେଇ ବୌଦ୍ଧ ଏସଡିପିଓ କୁଲଦୀପ ମୀନା ଓ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କ ନେତୃତ୍ୱରେ ଏକ ଟିମ୍ ବିଡାମାସକା ଜଙ୍ଗଲ ଉପରେ ଚଢାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ତେବେ ପୋଲିସ ସେଠାରୁ ୧୫ କୁଇଣ୍ଟାଲ ୬୦ କିଲୋ ଗଞ୍ଜେଇ ଜବତ କରିଛି । ଏ ନେଇ ବୌଦ୍ଧ ଥାନାରେ ନଂ ୧୩୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଏସପି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଏସଡିପିଓ କୁଲଦୀପ ମୀନା ଓ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଉପସ୍ଥିତ ଥିଲେ ।



ଜବତ ଗଞ୍ଜେଇ ।

## ପ୍ରଶାସନ, ରାଜନୈତିକ ଦଳ ମଧ୍ୟରେ ବୈଠକ

# ଆଚରଣ ବିଧି ଅନୁପାଳନକୁ ଗୁରୁତ୍ୱ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳଗୁଡ଼ିକୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଗୋୟଲ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଦର୍ଶ ଆଚରଣ ବିଧି ଅନୁପାଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନିକ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ସେ ଅନୁରୋଧ କରିଥିଲେ। ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗ ମନୋଭାବକୁ ପ୍ରଶଂସା କରିବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କ ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଗଠନମୂଳକ ଯୋଗଦାନ ଦେଇଥିବା ଯୋଗୁ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଏବଂ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ନିର୍ବାଚନ ସମୟରେ ସଭା, ସମିତି ଆୟୋଜନ ନିମନ୍ତେ ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ସମସ୍ତଙ୍କୁ ଅନଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ଏସ୍‌ପି ପରାମର୍ଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ୱେବସାଇଟ୍‌ରେ ଉପଲବ୍ଧ ମୋବାଇଲ ଆପ୍‌ଗୁଡ଼ିକର ଡାଉନଲୋଡ୍, ଆବେଦନ ତଥା ପରିଚାଳନା ପ୍ରକ୍ରିୟା ବିଷୟରେ ମଧ୍ୟ ସେ ବୁଝାଇଥିଲେ। ସ୍ୱଚ୍ଛଭାବେ ସମସ୍ତ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏସ୍‌ପି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ନିର୍ବାଚନ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଜିଲା ସଦର ମହକୁମାର ପ୍ରମୁଖ ବିଭାଗ ଅଧିକାରୀ, ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଉପସ୍ଥିତ ଥିଲେ।

## ଗଞ୍ଜେଇ ମାମଲା: ଫେରାର ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନୋଟିସ ଜାରି

**ବାଉଁଶୁଣୀ, ୧୭।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଞ୍ଚଳରେ ଗଞ୍ଜେଇ ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିବା ଜଣେ ବ୍ୟକ୍ତିଙ୍କ ସମ୍ପତ୍ତି ବ୍ୟାଜାପ୍ତି ପାଇଁ ନୋଟିସ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଥାଇ ବାଉଁଶୁଣୀ ଥାନା ତାଲଗରି ଗ୍ରାମର ସୁଶାନ୍ତ ମଲ୍ଲିକ ଫେରାର ଅଛନ୍ତି। ଜିଲା ଦୌରାଜଜ୍‌ଙ୍କ ଅଦାଲତର ନିର୍ଦ୍ଦେଶ କ୍ରମେ ରବିବାର ବାଉଁଶୁଣୀ ପୋଲିସ ତାଲଗରିକୁ ଯାଇ ଆସନ୍ତା ୩୦ ଦିନ ମଧ୍ୟରେ ଅଭିଯୁକ୍ତ କୋର୍ଟରେ ହାଜର ନ ହେଲେ ତାଙ୍କର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରାଯିବ ବୋଲି ଗ୍ରାମରେ ନୋଟିସ ମାରି, ଡେଙ୍ଗୁରା ବଜାଇ ଓ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରିଥିବା ଦେଖିବାକୁ ମିଳିଥିଲା।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଅମରପାଲି, ୧୭।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କଦଳୀପାଲି ଗ୍ରାମରେ ଆୟୋଜିତ ଅଖଣ୍ଡ ଅଷ୍ଟପ୍ରହରୀ ନାମଯଜ୍ଞ ସହ ଅଖଣ୍ଡ ଜ୍ୟୋତି ଦୀପଯଜ୍ଞ ଏକ ଭକ୍ତିମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ନିମନ୍ତ୍ରିତ ୧୨ଟି ସଂକୀର୍ତ୍ତନ ଦଳ ଏହି ନାମଯଜ୍ଞରେ ଯୋଗଦେଇ ହରେକୃଷ୍ଣ ହରେରାମ ମହାମନ୍ତ୍ର ପରିବେଷଣ କରିଥିଲେ। ପୂର୍ଣ୍ଣାହୁତି ସମୟରେ କେନଝିରିଆପାଲିସ୍ଥିତ ଶ୍ରୀପ୍ରେମାନନ୍ଦ ଯୋଗାଶ୍ରମର ମୁଖ୍ୟ ଘୃଙ୍ଗାନନ୍ଦ ପୁରୀ ଜୀ ମହାରାଜ ଯୋଗଦେଇ ଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞରେ ପ୍ରମେଶ ସାହୁ ଓ ଝୁଲିତା ସାହୁ ଏବଂ ହୋମଯଜ୍ଞ ରେ ପୂର୍ଣ୍ଣଚନ୍ଦ୍ର ପଧାନ ଓ ବବିତା ପଧାନ ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧିବାସ ପୂର୍ବରୁ ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ହୋଇ ନାମ ମଣ୍ଡପ ଓ ଯଜ୍ଞ କୁଣ୍ଡ ନିକଟରେ ଜଳପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ରବିବାର ଦିନ ଏହାର ପୂର୍ଣ୍ଣାହୁତି ହୋଇଥିବା ବେଳେ ସକାଳୁ ନଗର କୀର୍ତ୍ତନ କରି ଗ୍ରାମ୍ୟ ପରିକ୍ରମା କରାଯାଇ ଦହିହାଣ୍ଡି ଭଙ୍ଗା ଯାଇଥିଲା। ଏହି ଅବସରରେ ବରଗଡ଼ ଜିଲାର ଭେଡେନ–ଖଲିଆପାଲି ଓ ଉଲୁଣ୍ଡା କେଶଲପୁରାର ମହିଳା ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କ ଦ୍ୱାରା ପରିବେଷିତ ବୈଠକୀ କୀର୍ତ୍ତନକୁ ଶତାଧିକ ଦର୍ଶକ ଉପଭୋଗ କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଭଗବତ ମଣ୍ଡଳୀ,ପଲ୍ଲୀ ମଙ୍ଗଳ ମଙ୍ଗଳେଶ୍ୱରୀ ଯୁବକ ସଂଘ , ମା' ମଙ୍ଗଳା, ମାଉଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା,ଏକତା ଗ୍ରୁପ ଓ ଗ୍ରାମବାସୀ ସହଯୋଗ କରିଥିଲେ।



କଦଳୀପାଲି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଶ୍ରଦ୍ଧାଳୁଙ୍କ ଗ୍ରାମ୍ୟ ପରିକ୍ରମା ।

## ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘ ସମ୍ମିଳନୀ

**ଘଣ୍ଟାପଡ଼ା, ୧୭।୩(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ଶ୍ରୀମାଲ ଗ୍ରାମରେ ଆଞ୍ଚଳିକ କୁମ୍ଭକାର ସଂଘ ଆମ୍ବଗାଁର ଆହ୍ୱାନ କ୍ରମେ ପଶ୍ଚିମ ଓଡିଶା କୁମ୍ଭାର ମହାସଂଘ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ସଭାପତି ହରିହର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପଶ୍ଚିମ ଓଡିଶା କୁମ୍ଭାର ମହାସଂଘ ସଭାପତି ସୁଶିଲ କୁମାର ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱନାଥ ରଣା, ଓକିଲ ଶେଷଦେବ ରଣା, ନନ୍ଦିକିଶୋର ରଣା, ଇନ୍ଦ୍ରରାଜ ରଣା, ଓମ ପ୍ରକାଶ ରଣା ଏବଂ ଅନୁଗୁଳ ସଭାପତି, ପୀତାମ୍ବର ପାଣ୍ଡେ, ଲଳିତ ପାଣ୍ଡେ, କୁଶଳେଶ୍ୱର ରଣା, ସମାଜସେବୀ ପିନାକ ରଣା, ଆଇନଜୀବୀ ସୁରେଶ ଚନ୍ଦ୍ର ରଣା, ଆମ୍ବଗାଁ ଗୌନ୍ତିଆ ମୋତିଲାଲ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ । ଅନ୍ୟ ଜାତିର ଝିଅକୁ ବିବାହ ନ କରିବା, କୁମ୍ଭକାର ସମାଜରେ ଭ୍ରଷ୍ଟାଚାର କରୁଥିବା ବ୍ୟକ୍ତିଙ୍କୁ ସମାଜ ଅସହଯୋଗ କରିବା ଏବଂ ଭ୍ରଷ୍ଟାଚାରୀଙ୍କୁ ସହଯୋଗ କରୁଥିବା ଲୋକଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ପାଇଁ ସମ୍ମିଳନୀରେ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା । ଶେଷରେ ମୋତିଲାଲ ରଣା ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ଆଚରଣବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)**



ଜିଲାପାଳ ଓ ଏସ୍‌ପି ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଉଛନ୍ତି ।

**ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱାରୋପ**

୨୦୨୪ ଲୋକସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ଶନିବାର ତାରିଖ ଘୋଷଣା କରିଛନ୍ତି। ଏଥିସହ ସାରା ଦେଶରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ଆଦର୍ଶ ଆଚରଣ ବିଧି ତତ୍କାଳ ଲାଗୁ ହୋଇଛି। ଏହି କ୍ରମରେ ବଲାଙ୍ଗୀର ଲୋକସଭା–୧୦ ଆସନ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେ ୨୦ ତାରିଖରେ ଭୋଟ ଗ୍ରହଣ ହେବ। ଉଭୟ ଲୋକସଭା ଓ ବିଧାନସଭା ପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନକୁ ଜିଲାରେ କିଭଳି ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତିକୁ ନେଇ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ ହୋଇଥିଲା। ନିର୍ବାଚନରେ ମତଦାତାଙ୍କ ଭାଗିଦାରୀ କିଭଳି ଅଧିକ ହୋଇପାରିବ ସେ ନେଇ ଜିଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଜିଲାପାଳ ଦାସ କହିଥିଲେ ଜିଲାରେ ୪ ଲକ୍ଷ ୭୦ହଜାର ୪୯ଜଣ ମତଦାତା ଅଛନ୍ତି। ବୀରମହାରାଜପୁର(୬୪)ଏସ୍‌ସି ଓ ସୋନପୁର(୬୫) ବିଧାନସଭା କ୍ଷେତ୍ରରେ ମୋଟ ୨ଲକ୍ଷ ୨୬ହଜାର ୬୦୦ ମହିଳା ମତଦାତା ଓ ୨ଲକ୍ଷ ୪୩ହଜାର ୪୩୪ ପୁରୁଷ ମତଦାତା ରହିଛନ୍ତି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୧୫ହଜାର ୩୫୩ ମତଦାତା ଥିବା ବେଳେ ସେଥିମଧ୍ୟରୁ ୩ ଜଣ ତୃତୀୟ ଲିଙ୍ଗ, ୧୮୦୦ ବରିଷ୍ଠ ନାଗରିକ ଓ ୧୩୦୯ଜଣ ଭିନ୍ନକ୍ଷମ ମତଦାତା ଅଛନ୍ତି। ସେହିପରି ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୫୪ହଜାର ୬୯୬ମତଦାତା ଥିବା ବେଳେ ସେଥିମଧ୍ୟରୁ ୧୨ଜଣ ତୃତୀୟ ଲିଙ୍ଗ, ୨୨୩୩ଜଣ ବରିଷ୍ଠ ନାଗରିକ, ୬୮୩୬ଜଣ ଯୁବ ଓ ୨୨୧୧ଜଣ ଭିନ୍ନକ୍ଷମ ମତଦାତା ରହିଛନ୍ତି। ଜିଲାରେ ମୋଟ ୫୮୬ଟି ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୫ଟି ସଖୀ ବୁଥ୍ କରାଯିବାକୁ ଯୋଜନା ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡିକରେ ପାନୀୟ ଜଳ ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା।

ଏପ୍ରିଲ ୨୬ତାରିଖରେ ବିଜ୍ଞପ୍ତି ଜାରି କରାଯିବ। ମେ ୩ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ। ୪ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲାରେ ଶାନ୍ତିଶୃଙ୍ଖଳାର ସହିତ କିଭଳି ଭୋଟ ଗ୍ରହଣ ହେବ ସେ ନେଇ ପୋଲିସ ସଜାଗ ଥିବା ଏସ୍‌ପି ଯଶପ୍ରତାପ ଶ୍ରୀମାଲ କହିଛନ୍ତି। ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ଭୋଟ କେନ୍ଦ୍ରଗୁଡିକରେ ଅଧିକ ସୁରକ୍ଷା ବାହିନୀଙ୍କୁ ମୁତୟନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ କୌଣସି ନୂଆ ପ୍ରକଳ୍ପର ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ ହେବ ନାହିଁ। ଆଚରଣ ବିଧିର ଉଲ୍ଲଂଘନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ରବିନ୍ଦ୍ର ନାଥ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ନିର୍ବାଚନ ଯଶୋସ୍ୱିନୀ ପୃଥାଳ ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇଥିଲେ। ପରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ବୁଢ଼ାରଜା ମନ୍ଦିରରେ ସଫେଇ ଅଭିଯାନ

ସମ୍ବଲପୁର,୧୭। ୩ (ଭବାନୀ ଶଙ୍କର ଭୋଇ)

ମା' କନ୍ୟକା ପରମେଶ୍ୱରୀ ବୈଶ୍ୟ ମହିଳା ସଂଘ ପକ୍ଷରୁ ରବିବାର ବୁଢାରଜା ପାହାଡ଼ରେ ଥିବା ପାହାଡେଶ୍ୱର ବାବାଙ୍କ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ବଲପୁର ସଭାନେତ୍ରୀ ଶୀଳା ରାଜକୁମାରୀଙ୍କ ନେତୃତ୍ୱରେ ମହିଳା ସଂଘର ସଦସ୍ୟାମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ । ବୁଢାରଜା ପାହାଡର ଐତିହାସିକ ମହତ୍ତ୍ୱ ରହିଥିବା ବେଳେ ବୁଢାରଜା ମନ୍ଦିରକୁ ପ୍ରତିଦିନ ଶତାଧିକ ଲୋକ ଦର୍ଶନ ପାଇଁ ଆସୁଛନ୍ତି। ତେଣୁ ଏହାକୁ ସଫାସୁତୁରା ରଖିବା ସହ ମନ୍ଦିର ପରିସରରେ ପ୍ଲାଷ୍ଟିକ ଆଦିକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ମହିଳା ସଂଘର ସଦସ୍ୟାମାନେ ମନ୍ଦିରକୁ ଆସିଥିବା ଭକ୍ତମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସଂଘର ସମ୍ପାଦିକ ଏସ. ଗୁଣବତୀ, କୋଷାଧ୍ୟକ୍ଷା ଗୀତାଞ୍ଜଳୀ ପାତ୍ର, ଉପସଭାନେତ୍ରୀ ଏସ.ଆରତୀଙ୍କ ସହ ବହୁ ସଦସ୍ୟା ଅଂଶଗ୍ରହଣ କରିଥିଲେ।

### ବଜରଙ୍ଗ ଦଳ ସମ୍ବଲପୁର ମହାନଗର ସଂଯୋଜକ ଦାୟିତ୍ୱ ପାଇଲେ ବିକାଶ

ସମ୍ବଲପୁର,୧୭।୩(ପ୍ରମୋଦ ବହିଦାର)

ବଜରଙ୍ଗ ଦଳର ନୂତନ ସମ୍ବଲପୁର ମହାନଗର ସଂଯୋଜକ ଭାବେ ବିକାଶ ଚନ୍ଦ୍ର ବେହେରା ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସହ ସମ୍ପାଦକ ଦାୟୀତ୍ୱରେ ଥିଲେ। ରାଉରକେଲା ଅମର ଭବନରେ ଶନିବାର ଓ ରବିବାର ଅୟୋଜିତ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର ଦୁଇ ଦିନିଆ ପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଶାର ବିଭିନ୍ନ ଜିଲାରେ ବଜରଙ୍ଗ ଦଳର ନୂତନ ପଦାଧିକାରୀମାନଙ୍କୁ ନିଯୁକ୍ତି ଘୋଷଣା କରାଯାଇଥିଲା। ଏହି କ୍ରମରେ ସମ୍ବଲପୁର ଜିଲାରେ ମହାନଗର ସଂଯୋଜକଙ୍କ ସହିତ ଜିଲା ସହ ସଂଯୋଜକ ଭାବେ ପ୍ରମୋଦ ଛନ୍ଦ, ଜିଲା ମିଳନ କେନ୍ଦ୍ର ପ୍ରମୁଖ ଭାବେ କିଶୋର ପାଢ଼ୀ, ଜିଲା ଗୋ ସୁରକ୍ଷା ପ୍ରମୁଖ ଭାବେ ଅଙ୍କିତ ସିଂ, ଜିଲା ମହାବିଦ୍ୟାଳୟ ପ୍ରମୁଖ ଭାବେ ଅମିତ ସୋନୀ, ଜିଲା କଳୋପାସନ ପ୍ରମୁଖ ଭାବେ ରୋହିତ ଝୁରିଆ, ଜିଲା ସୁରକ୍ଷା ପ୍ରମୁଖ ଭାବେ ଦୀପକ ଦାହାରେଙ୍କୁ ନୂତନ କରି ନିଯୁକ୍ତି ଦିଆଯାଇଥିଲା।

# ଉଜୁଡ଼ିଲା ପନିପରିବା ଚାଷ

ମ କୁଚିଣ୍ଡା,୧୭।୩(ବିରଞ୍ଚି ଦର୍ଜୀ)



ଜଣେ ଚାଷୀ କ୍ଷତିଗ୍ରସ୍ତ ଫସଲ ଦେଖୁଛନ୍ତି।

**କୁଚିଣ୍ଡାରେ କାଳବୈଶାଖି ତାଣ୍ଡବ, କୁଆପଥର ମାଡ଼**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ପ୍ରବଳ ଝଡତୋଫାନ ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହୋଇଛି। ଏଥିଯୋଗୁ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଫଳରେ ରଣକରଜ କରି ପନିପରିବା ଓ ଡାଲୁଅଧାନ ଚାଷ କରିଥିବା ଚାଷୀ ପ୍ରଭାବିତ ହୋଇଛନ୍ତି। କୁଆପଥର ମାଡ଼ ଯୋଗୁ ଶହଶହ ଏକର ଜମିରେ ଚାଷ ହୋଇଥିବା ଟମାଟୋ, ଆଳୁ, କୋବି, ବାଇଗଣ, ପୋଟଳ, ତରଭୁଜ, କଲରା, ଭେଣ୍ଡି, ଲଙ୍କା ମରିଚ, ଝୁଡ଼ଙ୍ଗ, ଲାଉ, କଖାରୁ, ଭେଣ୍ଡି, ଶୋରିଷ, ମକା, ମାଣ୍ଡିଆ, ମୁଗ ଓ ଡାଲୁଅ ଧାନ ଆଦି ନଷ୍ଟ ହୋଇଛି। ପାରୁଆଭାଡି ପଞ୍ଚାୟତର ପଣ୍ଡରିକଟା, ରାମତିଲେଇମାଲ, ଗୋଛରା ପଞ୍ଚାୟତର ଗୋଛରା, ଉଲଣ୍ଡା, କହ୍ଲେଇପାଲି, ଗୁରୁଆଁ, ଲଇଗୁରା, ବାଙ୍କେ ପଞ୍ଚାୟତର ଗୋପାଲପାଲି, ତମନଗୁଡା, ଡୁମେରମାଲ,ବାବୁମଲଟି, କୁନ୍ତରା ପଞ୍ଚାୟତର ଝାରମାଲ, ରଙ୍ଗିଆଟିକିରା, ପଣ୍ଡରୀପଥର, କାପୁଟିକିରା, କୁସୁମୀ ପଞ୍ଚାୟତର କୁସୁମୀ, ବମଲେଇକେଲା, ପଣ୍ଡିଆଡିପା ଆଦି ଗ୍ରାମର ବହୁଚାଷୀ କୁଆପଥର ମାଡ ଯୋଗୁ କ୍ଷତିର ଶିକାର ହୋଇଛନ୍ତି। ରାମତିଲେଇମାଲ ଗ୍ରାମର ବିଶ୍ୱନାଥ ବର, କୃଷ୍ଣଚନ୍ଦ୍ର ଲୁହା, ନିରଞ୍ଜନ ବର, ଘଁସିଆ କିଷାନ, ରଘୁ କିଷାନ, ରାମ କିଷାନ, ଗୁରୁଆଁ (ନୂଆପଡା)ର ଶୁଶିଳ କିଷାନ, ବିଷ୍ଣୁଚରଣ କିଷାନ, ସୁମନ୍ତ କିଷାନ, ସୂର୍ଯ୍ୟ କିଷାନ ଏବଂ ତାନପୁରା ଗ୍ରାମର ରାଜେଶ କିଷାନ ପ୍ରମୁଖ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଭଳି ଅଦିନିଆ ଝଡତୋଫାନ ଓ କୁଆପଥର ଯୋଗୁ କ୍ଷତିଗ୍ରସ୍ତ ଚାଷୀ ବ୍ୟାଙ୍କ ଋଣ କେମିତି ଶୁଝିବେ ଚିନ୍ତାରେ ପଡିଛନ୍ତି। ତେଣୁ ରାଜସ୍ୱ ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ସଂସ୍କୃତ ଶ୍ଳୋକ ଆବୃତ୍ତି କରୁଛି ୪ବର୍ଷର ଶିଶୁକନ୍ୟା

ସମ୍ବଲପୁର,୧୭ । ୩ (ଭବାନୀ ଶଙ୍କର ଭୋଇ)

**ଶିଶୁ ପ୍ରତିଭା ଆରାଧା ସାହୁ**



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ତବଲା ଗାଁର ଚାରିବର୍ଷର ଶିଶୁକନ୍ୟା ଆରାଧା ସାହୁ। ସଂସ୍କୃତ ଶ୍ଳୋକ ଆବୃତ୍ତି କରି ସମ୍ବଲପୁର ଜିଲାରେ ବେଶ ପରିଚିତ ହୋଇ ପାରିଛନ୍ତି। ବାପା ବିଜୟ କୁମାର ସାହୁ ଜଣେ ଯୋଗ ଶିକ୍ଷକ, ମା' ମିତା ସାହୁ ଜଣେ ଗୃହିଣୀ। ଜନ୍ମର ଦେଢବର୍ଷ ସମୟରୁ ଆରାଧା ବାପାଙ୍କ ଶ୍ଳୋକ ଆବୃତ୍ତି ଦେଖି ଆକର୍ଷିତ ହୋଇଥିଲେ। ଠିକ୍ ଭାବେ କଥା କହିପାରୁ ନ ଥିଲେ ମଧ୍ୟ ସେ ଶ୍ଳୋକଗୁଡିକ କହିବା ଆରମ୍ଭ କରିଥିଲେ। ବାପା ଯଜ୍ଞକାର୍ଯ୍ୟରେ ବସିବା ସମୟରେ ଝିଅ ଆସି ପାଖରେ ବସି ସବୁକୁ ଅନୁକରଣ କରିବା ଆରମ୍ଭ କରିଥିଲେ। ତିନିବର୍ଷ ହେବା ବେଳକୁ ଆରାଧା ଗୀତାର କଠିନ ଶ୍ଳୋକଗୁଡିକ ମନେରଖି ଆବୃତ୍ତି କରିପାରିଥିଲେ। ସୂଚନା ଯୋଗ୍ୟଯେ, ବିଦ୍ୟାଳୟକୁ ଯାଇ ଅକ୍ଷର ଶିଖିବା ପୂର୍ବରୁ ଆରାଧ ମନ୍ତ୍ର ଆବୃତ୍ତିରେ ବେଶ ପାରଙ୍ଗମ ହୋଇପାରିଥିଲେ। ଏହି ବିଷୟରେ ଜାଣିବା ପରେ ଆରାଧାଙ୍କୁ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମକୁ ମଧ୍ୟ ନିମନ୍ତ୍ରିତ ହୋଇ ସେଠାରେ ଗୀତା ଆବୃତ୍ତି କରିବା ଦ୍ୱାରା ବେଶ ପ୍ରଶଂସିତ ହୋଇପାରିଥିଲେ। ଏବେ ଆରାଧାଙ୍କୁ ମାତ୍ର ଚାରିବର୍ଷ ପୁରିଛି। ଗାଁ ପାଖ ସେରସୁଆଁତଲର ଏକ ଘରୋଇ ବିଦ୍ୟାଳୟରେ ନର୍ସରୀରେ ତାଙ୍କର ନାମ ଲେଖା ହୋଇଛି। ଯେଉଁ ବୟସରେ ଛୁଆମାନେ ଖେଳକୁଦରେ ବ୍ୟସ୍ତ ରହିଥାନ୍ତି ସେହି ବୟସରେ ଗୀତାର ଶ୍ଳୋକ, ଶିବତାଣ୍ଡବ ଆଦି ଆବୃତ୍ତି କରି ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି। ଯାହାକୁ ନେଇ ବାପା ମାଆଙ୍କ ସହ ପୁରା ପରିବାର ଏବଂ ଗାଁ ଲୋକେ ବେଶ ଖୁସି ପ୍ରକଟ କରିଛନ୍ତି। ବାପା ୨୦୧୫ରୁ ଗାଁ ଗାଁରେ ଯୋଗ ଶିକ୍ଷାର ପ୍ରଚାର ପ୍ରସାରରେ ଲାଗିଛନ୍ତି। ଗୋଟିଏ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଆରାଧା ନିଜର ଧିଶକ୍ତି ଯୋଗୁ ସମସ୍ତଙ୍କୁ ଆକର୍ଷିତ କରିପାରୁଛି। ବାପା ବିଜୟ ସାହୁ କୁହନ୍ତି, ପୁରାତନ ସମୟରେ ଶିଶୁମାନଙ୍କୁ ବେଦ, ପୁରାଣ ଆଦିର ଶିକ୍ଷା ଦିଆଯାଉଥିଲା। ଶହଶହ ଶ୍ଳୋକ ମନେରଖି ତାକୁ ଶିଶୁ ସମୟରୁ ଆବୃତ୍ତି କରିପାରୁଥିଲେ। ଆରାଧା ନିଜର ଇଚ୍ଛାରେ ସବୁ ଶିଖିବାକୁ ଇଚ୍ଛା କରୁଛି। ଆମେ ମା' ବାପା ହିସାବରେ ତାକୁ ଭଲ ସଂସ୍କାର ଦେବାକୁ ଚେଷ୍ଟା କରୁଛୁ। ହେଲେ ଆରାଧା ଅନ୍ୟ ପିଲାଙ୍କ ଭଳି ସାଧାରଣ ଜୀବନଯାପନ କରିବା ସହ ଅସାଧାରଣ ଭାବେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିପାରିଛି। ଆରାଧାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିବା ବେଳେ ସେ ଆଗକୁ ପାଠପଢିବା ସହ ଭାରତୀୟ ସଂସ୍କୃତି ବିଷୟରେ ଅଧିକ ଶିକ୍ଷା ଗ୍ରହଣ କରୁ ବୋଲି ବାପା ମାଆ ଆଶା ପ୍ରକଟ କରିଛନ୍ତି ।

# ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଭଲ କରିବ



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତିଙ୍କ ସହ ଅନ୍ୟମାନେ।

**ଖବରଦାତା ସମ୍ମିଳନୀରେ କଂଗ୍ରେସ ସମ୍ବଲପୁର ଜିଲା ସଭାପତିଙ୍କ ଦୃଢ଼ୋକ୍ତି**

ସମ୍ବଲପୁର,୧୭।୩(ପ୍ରମୋଦ ବହିଦାର)

ଆଗାମୀ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଭଲ କରିବ ଏବଂ ନିଶ୍ଚିତ ଭାବେ ସରକାର ଗଢ଼ିବ ବୋଲି ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଅପରାହ୍ଣରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସମ୍ବଲପୁର ଜିଲା ସଭାପତି ଜୟଶଙ୍କର ମିଶ୍ର ଅଧ୍ୟକ୍ଷତା କରି କହିଛନ୍ତି ଯେ, ଗତ ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଦଳ ମାତ୍ର ୯ଟି ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ମାତ୍ର ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ରାଜ୍ୟରେ ୯୦ରୁ ଅଧିକ ଆସନ ଦଖଲ କରିବ। ସେ କହିଛନ୍ତି ଯେ, କଂଗ୍ରେସର ନିର୍ବାଚନୀ ଇସ୍ତାହାର 'କଂଗ୍ରେସ୍ ଗ୍ୟାରେଣ୍ଟି' ଭାବେ ପ୍ରସ୍ତୁତ ହୋଇଛି। ଯାହାକୁ ପାଥେୟ କରି ଆଗାମୀ ନିର୍ବାଚନରେ ଲୋକଙ୍କ ପାଖକୁ ଯାଇ ଦଳ ଭୋଟରଙ୍କ ବିଶ୍ୱାସଭାଜନ ହେବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ 'କଂଗ୍ରେସ ଗ୍ୟାରେଣ୍ଟି'କୁ ବିଧିବଦ୍ଧ ଭାବେ ପାଳନ କରି ବୋନସ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ଧାର୍ଯ୍ୟ କରାଯିବ। ଏହା ବ୍ୟତୀତ କୃଷକଙ୍କ ସମସ୍ତ ଋଣ ଛାଡ଼ କରାଯିବ। ପ୍ରତ୍ୟେକ କୃଷକଙ୍କୁ ଭତ୍ତା ରୂପେ ମାସିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ରାଜ୍ୟର ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଘରୋଇ ବ୍ୟବହାର ପାଇଁ ଅତିକମ୍‌ରେ ୨ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏହିପରି ବିଭିନ୍ନ ଗ୍ୟାରେଣ୍ଟିକୁ ପୂରଣ କରାଯିବ ବୋଲି କଂଗ୍ରେସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରି ଭୋଟରଙ୍କ ନିକଟକୁ ଯାଇ ଗ୍ୟାରେଣ୍ଟି ସମ୍ପର୍କରେ ଅବଗତ କରାଯିବ ବୋଲି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ରାଜ୍ୟ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଜିଲା ଉପସଭାପତି ଅମରେନ୍ଦ୍ର ରାୟଗୁରୁ, ସୁବାସ ବିଶ୍ୱାଳ, ଚନ୍ଦ୍ରକାନ୍ତ ମହାନ୍ତି, ଗୋବିନ୍ଦ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନନ୍ଦ, ଜିଲା ମହିଳା କଂଗ୍ରେସ ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ ବେହେରା, ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାର, କଂଗ୍ରେସ ଜିଲା ଲିଗାଲ ସେଲ୍‌ର ବିଜିତେନ୍ଦ୍ର ପ୍ରଧାନ, ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ନିଶା କାରବାର ରୋକିବାକୁ ମିଳିତ ପାଟ୍ରୋଲିଂ

**ଅବକାରୀ ବିଭାଗ ପକ୍ଷରୁ ଓଡ଼ିଶା ଛତିଶଗଡ ମଧ୍ୟରେ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ**

ସମ୍ବଲପୁର,୧୭ । ୩ (ଭବାନୀ ଶଙ୍କର ଭୋଇ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ସୀମା ଛତିଶଗଡ ରାଜ୍ୟର ସୀମା ସହ ସଂଯୋଗ କରୁଥିବା ଯୋଗୁ ରାଜ୍ୟସୀମାରେ ଅନୈତିକ ସାମଗ୍ରୀ ପରିବହନକୁ କିଭଳି ରୋକାଯାଇ ପାରିବ ସେ ନେଇ ଓଡ଼ିଶା ଛତିଶଗଡ଼ ମଧ୍ୟରେ ରବିବାର ଆଭାସି ଜରିଆରେ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏବଂ ଛତିଶଗଡ ସୀମାକୁ ଲାଗି ରହିଥିବା ବିଭିନ୍ନ ଜିଲାର ଅବକାରୀ ଅଧିକାରୀମାନେ ଏହି ବୈଠକରେ ସାମିଲ ହୋଇଥିଲେ। ରାଜ୍ୟ ସମନ୍ୱୟ ବୈଠକ ସୀମାନ୍ତ ଅଞ୍ଚଳରେ ପରସ୍ପର ସହ ସୂଚନା ଆଦାନ ପ୍ରଦାନ କରିବା, ମିଳିତ ଭାବେ ଯାନବାହାନ ଯାଞ୍ଚ କରିବା ଏବଂ ରାତିରେ ସନ୍ଦିଗ୍ଧ ଗାଡି ଚଳାଚଳ ପ୍ରତି ନଜର ରଖିବା ଉପରେ ଆଲୋଚନା କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ବେଆଇନ ମଦ ଏବଂ ନିଶା ପରିବହନକୁ ବନ୍ଦ କରିବା ପାଇଁ ସୀମାନ୍ତ ଚେକ୍ ପୋଷ୍ଟରେ ପାଟ୍ରୋଲିଂ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳ ଅବକାରୀ ଯୁଗ୍ମ କମିଶନର ରାଜେନ୍ଦ୍ର ଭୋଥ୍ରା, ବିଳାସପୁର ଅବକାରୀ ଯୁଗ୍ମ କମିଶନର ବିଜୟ ସେନ୍ ଶର୍ମା, ରାୟପୁର ଅବକାରୀ ଯୁଗ୍ମ କମିଶନର ଅରବିନ୍ଦ ପାଟିଲ, ଅତିରିକ୍ତ କମିଶନର ରାମକୃଷ୍ଣ ମିଶ୍ର,ରାୟଗଡର ସହକାରୀ ଅବକାରୀ କମିଶନରଙ୍କ ସହ ଛତିଶଗଡର ସାରଙ୍ଗଗଡ, ମହାସମୁନ୍ଦ ଗରିଆବନ୍ଧ ଏବଂ ଜୋଶପୁର ସମେତ ଓଡିଶାର ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଏବଂ ନୂଆପଡ଼ାର ଜିଲା ଅବକାରୀ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

# ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ସ୍ପ୍ରିଙ୍ଗଫେଷ୍ଟ



ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ସମ୍ବଲପୁର,୧୭।୩(ବି.ଶଙ୍କର)

**ବିବିଧ କାର୍ଯ୍ୟକ୍ରମରେ ଭାଗନେଲେ ଛାତ୍ରୀଛାତ୍ର**

ବଦ୍ରିପ୍ରସାଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ (ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନ)ରେ ବାର୍ଷିକ ଉତ୍ସବ ସ୍ପ୍ରିଙ୍ଗଫେଷ୍ଟ -୨୦୨୪ ସମ୍ବଲପୁର ଜିଲା ଦେବେଇପାଲି ସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଟେକ୍ନୋଲୋଜି, ସଙ୍ଗୀତ, ନୃତ୍ୟ, ସୁସ୍ୱାଦୁ ଖାଦ୍ୟ ଓ ଡ୍ରାମା କାର୍ଯ୍ୟକ୍ରମରେ ହୋଇଥିଲା। ଏଥିସହ ବୈଷୟିକ ପ୍ରକଳ୍ପର ପ୍ରଦର୍ଶନୀ କରାଯାଇଥିଲ। ଡିପ୍ଲୋମା ଇଞ୍ଜିନିୟରିଂ, ବିସିଏ, ବିବିଏ, ବି.କମ, ନର୍ସିଂ ସହିତ ସମସ୍ତ ବିଭାଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଟେକ୍ନୋଫେଷ୍ଟ ଏବଂ ଆର୍ଟ, କ୍ରାଫ୍ଟ ପ୍ରଦର୍ଶନୀ ସହ ପ୍ରଥମ ଦିନରେ ଉତ୍ସବ ଆରମ୍ଭ ହୋଇଥିଲା। ଡିପ୍ଲୋମା ଇଞ୍ଜିନିୟରିଂର ଛାତ୍ରୀଛାତ୍ର ୨୫ଟି ଚମତ୍କାର ବୈଷୟିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହା ସହିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ଏବଂ ଚିତ୍ରକର ପ୍ରଦର୍ଶନୀ ସମସ୍ତଙ୍କୁ ବିସ୍ମିତ କରିଥିଲା। ସେହିପରି ଦ୍ୱିତୀୟ ଦିନରେ ବିତର୍କ, ପ୍ରବନ୍ଧ, ଗୀତ ଏବଂ ନୃତ୍ୟ ଏବଂ ପେଣ୍ଟିଂ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭରି ରହିଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇଥିଲା। ବିଚାରକମାନେ ପ୍ରଦର୍ଶନୀ ଏବଂ ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଛାତ୍ରୀଛାତ୍ର ଷ୍ଟଲରେ ବିକ୍ରି କରିଥିଲେ। ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ସଚିବ ସଞ୍ଜିବ ଅଗ୍ରୱାଲ, ପ୍ରିନ୍ସିପାଲ ସୌମ୍ୟଜିତ ମିଶ୍ର, ପରିଚାଳନା ସଦସ୍ୟା ଅନ୍ନପୂର୍ଣ୍ଣା ଅଗ୍ରୱାଲ, ଆଦର୍ଶ ଅଗ୍ରୱାଲ, ହର୍ଷିତା ଅଗ୍ରୱାଲ ଏବଂ ମିସ୍ ସାକ୍ଷୀ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରିଥିଲେ।

# ଭାରତ ବିକାଶ ପରିଷଦ ଆଲୋଚନାଚକ୍ର

ସମ୍ବଲପୁର,୧୭।୩(ବି.ଶଙ୍କର)




ଆଲୋଚନା ଚକ୍ରରେ ବକ୍ତା ଓ ଅତିଥିମାନେ।

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ନାଗରିକତା ସଂଶୋଧନ ଆଇନ (ସିଏଏ) ଶୀର୍ଷକ ଆଲୋଚନା ଚକ୍ର ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଶାଖା ସଭାପତି ମକରଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଡ. ଡମ୍ବରୁଧର ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରାନ୍ତୀୟ ସଭାପତି ଡ: ବିନୋଦ ବିହାରୀ ନାଏକ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରାନ୍ତୀୟ ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ଭାରତ ବିକାଶ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. ଡମ୍ବରୁଧର ପଟ୍ଟନାୟକ ତାଙ୍କ ଭାଷଣରେ କହିଲେ ଯେ , ନାଗରିକତା ସଂଶୋଧନ ଆଇନକୁ ବୁଝିବା ପାଇଁ ୧୯୪୭ ମସିହାକୁ ଯିବାକୁ ପଡ଼ିବ । ଧର୍ମ ଭିତ୍ତିରେ ଦେଶର ବିଭାଜନ ହେଲା ଏବଂ ଭାରତରୁ ଅଲଗା ହୋଇ ପାକିସ୍ତାନ ଇସଲାମିକ ଦେଶ ହୋଇଥିଲା । ସେତେବେଳେ ପାକିସ୍ତାନରେ ୨୪ ପ୍ରତିଶତ ହିନ୍ଦୁ ଜନସଂଖ୍ୟା ଥିଲାବେଳେ ବର୍ତ୍ତମାନ ତାହା ୧.୬ ପ୍ରତିଶତରେ ପହଞ୍ଚିଛି । ସେଠାରେ ଥିବା ହିନ୍ଦୁମାନଙ୍କ ସହ ସମସ୍ତ ସଂଖ୍ୟାଲଘୁଙ୍କ ଉପରେ ନିର୍ଯ୍ୟାତନା ଅଦ୍ୟାବଧି ଜାରି ରହିଛି । ତେଣୁ ସେଠାକାର ନିର୍ଯ୍ୟାତିତ ସଂଖ୍ୟାଲଘୁଙ୍କୁ ଭାରତରେ ନାଗରିକତା ପ୍ରଦାନ କରିବା ନୈତିକ କର୍ତ୍ତବ୍ୟ ଅଟେ । ସମାନତା ଓ ସ୍ୱତନ୍ତ୍ରତା ସମ୍ବଳିତ ମୌଳିକ ଅଧିକାର ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଅନ୍ୟ ଦେଶର ନାଗରିକଙ୍କ ପାଇଁ ନୁହେଁ । ତେଣୁ ସଂଶୋଧନ ଆଇନ ମୌଳିକ ଅଧିକାର ଉଲଂଘନ କରୁନାହିଁ । ନାଗରିକତ୍ୱ ପ୍ରଣୀତ ଆଇନକୁ ସମସ୍ତ ରାଜ୍ୟ ଗ୍ରହଣ କରିବାକୁ ବାଧ୍ୟ । ଏହି ଐତିହାସିକ ମାନବୀୟ ସମ୍ବେଦନଶୀଳ ଆଇନ ଆଫଗାନିସ୍ଥାନ, ପାକିସ୍ତାନ ଓ ବାଂଲାଦେଶ ନିର୍ଯ୍ୟାତିତ ହୋଇ ଆସିଥିବା ସେଠାକାର ସଂଖ୍ୟାଲଘୁ ହିନ୍ଦୁ, ଜୈନ, ବୌଦ୍ଧ, ଶିଖ ଓ ପାରସୀ ଧର୍ମାବଲମ୍ବୀ ଲୋକମାନଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ହେବ । ଡ: ରଶ୍ମିରେଖା ଜେନା ଓ ଜେ. ଗିରିଜା ଦେବୀ ରାଷ୍ଟ୍ର ଗାନ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ । ନୂତନ ସଦସ୍ୟ ଭାବରେ କରୁଣାସିନ୍ଧୁ ପ୍ରଧାନ ଶପଥ ଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ପରିଚାଳନା ଉନ୍ନତୀକରଣ କାର୍ଯ୍ୟକ୍ରମ

ବରଗଡ଼,୧୭ ।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଇମ୍ପେରିଆଲ କଲେଜରେ ପରିଚାଳନା ଉନ୍ନତୀକାରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅହମ୍ମଦାବାଦସ୍ଥିତ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଏବଂ ଭାରତୀୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟବସାୟ ଯୋଜନା, ଡିଜିଟାଲ ମାର୍କେଟିଂ, ଆକାଉଣ୍ଟିଂ, ପ୍ରୋଜେକ୍ଟ ଡକ୍ୟୁମେଣ୍ଟସ ଯୋଗାଣ, ଶୃଙ୍ଖଳା ପରିଚାଳନା ଭଳି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଷ୍ଣୁପ୍ରସାଦ ପଣ୍ଡା, ଉଦ୍ୟୋଗୀ ବିକାଶ ପରାମର୍ଶଦାତା ପ୍ରଦୀପ ମେହେର, ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ ଦୀପକ କୁମାର ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକ ମହେଶ୍ୱର ସାହୁ, ଦୁର୍ଗା ପ୍ରିୟଦର୍ଶିନୀ, ସିମେଣ୍ଟ କାରଖାନାର ସିଏସ୍‌ଆର ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ବ୍ୟବସ୍ଥା

ସମ୍ବଲପୁର,୧୭।୩(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଓ ଅନ୍ୟମାନେ।

କେନ୍ଦ୍ର ନିର୍ବାଚନ ଆୟୋଗ ଦେଶରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରି ସାରିଛନ୍ତି। ଫଳରେ ସମଗ୍ର ଦେଶରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ମଧ୍ୟ ଲାଗୁ ହୋଇସାରିଛି। ଦେଶରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ବେଳେ ଓଡ଼ିଶାରେ ଶେଷ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ତୃତୀୟ ପର୍ଯ୍ୟାୟରେ ସମ୍ବଲପୁରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ ଆୟୋଜନ ପାଇଁ ଜିଲା ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ତେବେ ଜିଲାରେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ତଥା ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏସମ୍ପର୍କରେ ସମ୍ବଲପୁର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୂଚନା ଦେଇଛନ୍ତି। ରବିବାର ମଧ୍ୟାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ସୂଚନା ଦେଇ କହିଛନ୍ତି ଯେ ଆଗାମୀ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ଡାକି ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ସୁଚାରୁ ରୂପେ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଛନ୍ତି। ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସମ୍ବଲପୁର, କୁଚିଣ୍ଡା, ରେଙ୍ଗାଲି ଓ ରେଢ଼ାଖୋଲ ସମ୍ବଲପୁର ଜିଲାରେ ରହିଥିବା ବେଳେ ଅନୁଗୋଳ ଜିଲାର ଛେଣ୍ଡିପଦା ଓ ଆଠମଲ୍ଲିକ ତଥା ଦେବଗଡ଼ ଜିଲାର ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ସମ୍ବଲପୁର ଜିଲାରେ ରହିଥିବା ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ହୋଇଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇ କହିଲେ ଯେ, ସମ୍ବଲପୁର ଜିଲାର ମୋଟ୍ ଭୋଟରଙ୍କ ସଂଖ୍ୟା ହେଉଛି ୮ ଲକ୍ଷ ୧୩ ହଜର ୪୨୦। ସେଥିମଧ୍ୟରୁ ୪ ଲକ୍ଷ ୩ ହଜାର ୮୮୩ ହେଉଛନ୍ତି ପୁରୁଷ ଓ ୪ ଲକ୍ଷ ୯ ହଜାର ୪୫୮ ହେଉଛନ୍ତି ମହିଳା ଭୋଟର। ଏହାବ୍ୟତୀତ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ହେଉଛି ୭୯। ମୋଟ ଭୋଟରଙ୍କ ମଧ୍ୟରୁ ୮୦ ବର୍ଷରୁ ଅଧିକ ଭୋଟର ଓ ନୂତନ ଭୋଟରଙ୍କ ସଂଖ୍ୟା ଯଥାକ୍ରମେ ୧୪,୭୫୪ ଓ ୧୮,୦୫୮ ତଥା ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଉଛି ୧୬୭୪୨। ସେ ଆହୁରି କହିଛନ୍ତି ଯେ, ସମ୍ବଲପୁର ଜିଲାରେ ଭୋଟ୍ ଗ୍ରହଣ ପାଇଁ ୯୪୮ଟି ବୁଥ ସ୍ଥାପନ କରାଯାଇଛି। ଯାହାକୁ ୧୧୦ଟି ସେକ୍ଟରରେ ଭାଗ କରାଯାଇଛି। ଉକ୍ତ ବୁଥ ଗୁଡ଼ିକ ମଧ୍ୟରେ ରହିଛି ସମ୍ପୂର୍ଣ୍ଣ ମହିଳାଙ୍କ ଦ୍ୱାରା ପରିଚାଳିତ ୧୨୨ଟି ସଖି ବୁଥ, ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ୨୫ଟି ଓ ୧୮୯ଟି ଆଦର୍ଶ ବୁଥ। ତେବେ ପ୍ରତି ନିର୍ବାଚନ ମଣ୍ଡଳିରେ ଗୋଟିଏ ଲେଖାଁଏ ବୁଥ ଦିବ୍ୟାଙ୍ଗଙ୍କ ପାଇଁ ଉର୍ଦ୍ଦିଷ୍ଟ ରହିଛି। ଏପରିକି କାଳବୈଶାଖି, ବର୍ଷା ଆଦିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁସାରେ ସମ୍ବଲପୁର ଲୋକସଭା ଓ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ଅପ୍ରେଲ୍ ୨୯ ରେ ବିଜ୍ଞପ୍ତି ପ୍ରକାଶିତ ହେବ। ସେହିଦିନ ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇ ଏହା ମେ ୬ରେ ଶେଷ ହେବ। ମେ ୭ ରେ ଯାଞ୍ଚ ପ୍ରକ୍ରିୟା ପରେ ୯ରେ ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଉକ୍ତଦିନ କାଏମ ରହିଥିବା ରାଜନୈତିକ ଦଳର ପ୍ରାର୍ଥୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ଏଭିଏମ୍ ମେସିନ କମିସନିଂ କରାଯାଇ ଆବଶ୍ୟକ ସ୍ଥଳେ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ମଧ୍ୟ ବଣ୍ଟନ କରାଯିବ। ମେ ୨୫ରେ ଭୋଟ ଗ୍ରହଣ କରାଯିବ।

ନିର୍ବାଚନ ସମୟରେ ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକବିଲା ତଥା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜଣେ ଲେଖାଁଏ ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଭିଡିଓ ଗ୍ରାଫର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଜିଲାରେ ମୋଟ ୧୨ଟି ଫ୍ଲାଇଂ ସ୍କ୍ୱାର୍ଡକୁ ନିୟୋଜିତ କରାଯାଇଛି। ଅପରାଧିକ ଗତିବିଧି ଉପରେ ନଜର ରଖିବା ପାଇଁ ଜିଲାରେ ୨୦ଟି ଚେକ୍ ପୋଷ୍ଟ ସ୍ଥାପନ କରାଯାଇଛି। ଯଦ୍ୱାରା ଆନ୍ତଃଜିଲା ଅପରାଧିକ ଗତିବିଧି ଉପରେ ରଖାଯାଇ ପାରିବ। ସେହିପରି ବିଜ୍ଞପ୍ତ ପ୍ରକାଶ ପାଇଲା ପରେ ନିର୍ବାଚନୀ ଗତିବିଧି ଉପରେ ନଜର ରଖିବା ପାଇଁ ଜିଲାରେ ଷ୍ଟାଟିକ୍ ସର୍ଭଲାନ୍ସ ଟିମ୍‌କୁ ମଧ୍ୟ ନିୟୋଜିତ କରାଯିବ ବୋଲି ଅଗ୍ରୱାଲ କହିଛନ୍ତି। ତେବେ ବର୍ତ୍ତମାନ ସମ୍ବେଦନଶୀଳ ବୁଥ ଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଚାଲିଛି। କିଛିଦିନ ମଧ୍ୟରେ ଚିହ୍ନଟ ପ୍ରକ୍ରିୟା ଶେଷ ହେଲା ପରେ ଏସମ୍ପର୍କରେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ(ସାଧାରଣ) ସୁଚାରୁ କୁମାର ବଳ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ସ୍ନେହା ଅରୁଗୁଲା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୋଶଲ ସେନା ଜିଲା ନୂତନ କର୍ମକର୍ତ୍ତା

ଲୋଇସିଂହା,୧୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା କୋଶଲ ସେନା ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଯୋଗେନ୍ଦ୍ର କର୍ମୀ ଜିଲା ସଭାପତି, ସମ୍ପାଦକଭାବେ ଇନ୍ଦ୍ରମଣୀ ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏନେଇ ରାଜ୍ୟ ସଭାପତି କୌସ୍ତୁବ ସାହୁ ପ୍ରେସ ଇସ୍ତାହାର ମଧ୍ୟମରେ ଜଣାଇଛନ୍ତି।

### ରାସ୍ତାରେ ଭାସୁଛି ମଇଳା ପାଣି

ଖଡ଼ିଆଲ,୧୭।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଖୁଦପେଜ ଗ୍ରାମର ମୁଖ୍ୟ ରାସ୍ତା କାଦୁଅ ପଚପଚ ହୋଇପଡିଛି। ଏହି ରାସ୍ତାରେ ଯାତାୟାତ ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପକ୍କା ରାସ୍ତା ସହ ଉଭୟପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ମଇଳା ପାଣି ରାସ୍ତାରେ ଭାସୁଛି। ଏହି ରାସ୍ତାରେ ଯାତାୟାତ କରି ଗ୍ରାମବାସୀ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପକ୍କା ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଗ୍ରାମବାସୀ ଲିଖିତଭାବେ ଜଣାଇ ଆସୁଛନ୍ତି । ହେଲେ ସେମାନଙ୍କ ଦାବି ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସରପଞ୍ଚ ଯଶୋଦା ଶତପଥୀଙ୍କୁ ପଚାରିବାରୁ ଏହି ରାସ୍ତାକୁ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସାମିଲ କରାଯାଇଛି। ଖୁବଶୀଘ୍ର ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱାରୋପ

ସୁନ୍ଦରଗଡ଼,୧୭।୩
(ଜୟ ନାରାୟଣ ମେଣ୍ଡୁଲି)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକରୀ ବୃନ୍ଦ।

- ନିର୍ବାଚନ ପାଇଁ ଖବରଦାତା ସମ୍ମିଳନୀ
- ସୁନ୍ଦରଗଡ଼ରେ ୧୫,୬୭,୦୬୫ ଭୋଟର
- ୩୭,୬୧୭ ନୂତନ ମତଦାତା

ସାଧାରଣ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ପରାଗ ଗଭାଲି ଅବାଧ ନିର୍ବାଚନ ପାଇଁ ଜିଲାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ଜିଲାରେ ନିର୍ବାଚନ ପଞ୍ଚମ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଜିଲାରେ ମୋଟ ୧୫,୬୭,୦୬୫ ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୭,୭୩,୫୭୧ ଜଣ ହେଉଛନ୍ତି ପୁରୁଷ ଭୋଟର ଏବଂ ୭,୯୩,୩୨୭ ଜଣ ମହିଳା ଭୋଟର,ତୃତୀୟ ଲିଙ୍ଗି ଭୋଟରଙ୍କ ସଂଖ୍ୟା ୧୬୭, ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୨୧,୦୪୨ ଏବଂ ୮୦ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ଭୋଟରଙ୍କ ସଂଖ୍ୟା ହେଉଛି ୯,୪୨୨। ସେହିଭଳି ନୂତନ ଭୋଟର (୧୮/୧୯ ବର୍ଷ) ଙ୍କ ସଂଖ୍ୟା ହେଉଛି ୩୭,୬୧୭ ଏବଂ ୨୦ ରୁ ୨୯ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ହେଉଛି ୩,୨୭,୭୩୭। ସେହିଭଳି ପୋଲିଂ ଷ୍ଟେସନ ସଂଖ୍ୟା ହେଉଛି ୧୮୪୭। ଇତିମଧ୍ୟରେ ଜିଲାରେ ପ୍ରାୟ ୧୨,୦୦୦ ପୋଲିଂ ଅଧିକାରୀଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ନିମନ୍ତେ ଜିଲାପାଳ, ସୁନ୍ଦରଗଡ଼ ରିଟର୍ଣ୍ଣିଂ ଅଧିକାରୀ ଥିବାବେଳେ ତଳସରା ବିଧାନସଭା କ୍ଷେତ୍ର ପାଇଁ ଉପଜିଲାପାଳ,ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ପାଇଁ ଅତିରିକ୍ତ ଜିଲାପାଳ (ସାଧାରଣ), ବୀରମିତ୍ରପୁର ପାଇଁ ଅତିରିକ୍ତ ଉପଜିଲାପାଳ,ପାନପୋଷ, ରଘୁନାଥପାଲି ପାଇଁ ଅତିରିକ୍ତ ଜିଲାପାଳ,ରାଉରକେଲା ନିମନ୍ତେ ଉପଜିଲାପାଳ, ପାନପୋଷ, ରାଜଗାଙ୍ଗପୁର ନିମନ୍ତେ ଅତିରିକ୍ତ ଜିଲାପାଳ (ରାଜସ୍ୱ), ସୁନ୍ଦରଗଡ଼ ଏବଂ ବଣାଇଁ ବିଧାନସଭା କ୍ଷେତ୍ର ନିମନ୍ତେ ଉପଜିଲାପାଳ ଏବଂ ବଣାଇଁରେ ହେଉଛନ୍ତି ରିଟର୍ଣ୍ଣିଂ ଅଧିକାରୀ। ନିର୍ବାଚନ ଘୋଷଣା ହେବା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ଏଥି ନିମନ୍ତେ ଜିଲାରେ ୨୨ଟି ଫ୍ଲାଇଙ୍ଗ ସ୍କାର୍ଡ ଗଠନ କରାଯାଇଛି। ଯାହାକି ଆଦର୍ଶ ଆଚରଣ ବିଧି ଉଲଘଂନ ଜନିତ ଅଭିଯୋଗ ଆଦି ଗୁଡ଼ିକ ବୁଝିବେ। ସେହିଭଳି ସି – ଭିଜିଲ ଆପ ଦ୍ୱାରା ମଧ୍ୟ ଏହି ଅଭିଯୋଗ ଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ। ଜିଲା ଯୋଗାଯୋଗ କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହୋଇଛି। ଏହାର ଟୋଲ ଫ୍ରି ନମ୍ବର ୧୯୫୦ ମାଧ୍ୟମରେ ମଧ୍ୟ ନିର୍ବାଚନ ସମ୍ବନ୍ଧିତ ଅଭିଯୋଗ ଗୁଡ଼ିକ ଦାଖଲ ହୋଇପାରିବ। ଏହି ଅବସରରେ ଜିଲାପାଳ ଡ. ଗଭାଲି ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଅନୈତିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କହିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିସ ପ୍ରହ୍ଲାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବଣାଇଁରେ ସର୍ବଦଳୀୟ ବୈଠକ

ବଣାଇଁ,୧୭।୩(ପ୍ରଦୀପ ତ୍ରିପାଠୀ)

ବଣାଇଁ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଏକ ସର୍ବଦଳୀୟ ବୈଠକ ଡାକି ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ଆଦର୍ଶ ଆଚରଣ ବିଧିକୁ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ । ଉକ୍ତ ନିର୍ବାଚନମଣ୍ଡଳୀ (ସଂରକ୍ଷିତ)ରେ ସମୁଦାୟ ୩୦୯ଟି ମତଦାତା କେନ୍ଦ୍ର ରହିଛି। ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୨୭ ହଜାର ୫ ଶହ ୪୩ ରହିଥିବା ବେଳେ ତନ୍ମଧ୍ୟରେ ପୁରୁଷ ମତଦାତା ୧ ଲକ୍ଷ ୧୧ ହଜାର ୬ ଶହ ୨୯ ଏବଂ ମହିଳା ମତଦାତା ୧ ଲକ୍ଷ ୧୫ ହଜାର ୮ ଶହ ୯୨ ରହିଛନ୍ତି। ସେହିଭଳି ମହିଳା ଓ ପୁରୁଷ ଅନୁପାତ ୧୦୦୦/୧୦୩୮ ରହିଛି । ବଣାଇଁ ବିଧାନସଭା କ୍ଷେତ୍ରରେ ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୧୩୦ ଓ ନୂତନ ମତଦାତାଙ୍କ ସଂଖ୍ୟା ୬ ହଜାର ୩ ଶହ ୭, ତୃତୀୟ ଲିଙ୍ଗୀଙ୍କ ସଂଖ୍ୟା ୨୨ ରହିଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚମ ପର୍ଯ୍ୟାୟରେ ଅୟୋଜିତ ହେବାକୁ ଥିବା ଏହି ନିର୍ବାଚନ ବଣାଇଁ ବିଧାନସଭା କ୍ଷେତ୍ର ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଏପ୍ରିଲ ୨୬ ରହିଛି। ଉକ୍ତ ଦିନଠାରୁ ବଣାଇଁ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ସକାଳ ୧୧ ଟାଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ହେଇ ପାରିବ । ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ମେ ୩ ତାରିଖ ଧାର୍ଯ୍ୟ କରାଯାଇଛି । ମେ ୪ ତାରିଖରେ ଯାଞ୍ଚ ଓ ୬ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ଅନୁରୂପ ଭାବେ ମେ ୨୦ରେ ମତଦାନ ହେବ।

# ଦେହରୁ ବାହାରିନି ଗୁଳି

## ଗୋରୁ ବୋଝେଇ ପିକ୍‌ଅପ ଗାଡ଼ି ଉପରକୁ ଗୁଳିମାଡ଼ ଘଟଣା


ଗୁଳିମାଡ଼ରେ ଗୁରୁତର ୨ ଯୁବକ।

କୁତ୍ରା,୧୭।୩(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ୧୦ ନଂ ରାଜ୍ୟ ରାଜପଥରୁ ଖଡକୁରବାହାଲ ଯିବା ରାସ୍ତାରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଉପରକୁ ଶୁକ୍ରବାର ଭୋର ସମୟରେ ଗୁଳିମାଡ଼ ହୋଇଥିଲା। ଏଥିରେ ଛତିଶଗଡ ରାଏଗଡ଼ ଜିଲା ଶକ୍ତି ଅଞ୍ଚଳର ବିକ୍ରମ ଟଣ୍ଡନ ଓ ସୁନୀଲ ରତ୍ନାକରଙ୍କ ଦେହରେ ଗୁଳିବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ ଦେହରୁ ଗୁଳି ବାହାରି ନ ଥିବା ଜଣାପଡିଛି। ରବିବାର ରାଏଗଡ଼ ସ୍ଥିତ ଏକ ଘରୋଇ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଛି। ତେବେ ଗୋରୁ ଭୋଝେଇ ପିକ୍‌ଅପ୍ ଭ୍ୟାନକୁ ପୋଲିସ ଛତିଶଗଡ଼ରୁ ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ କଡ଼ାକଡ଼ି ତଦନ୍ତ ଆରମ୍ଭ ହୋଇଥିବା ପୋଲିସ ପକ୍ଷରୁ ଜଣାପଡିଛି।

## ରାଉରକେଲା, ରଘୁନାଥପାଲ୍ଲୀ ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ

# ୬୯୧ କେନ୍ଦ୍ରରେ ହେବ ମତଦାନ

ରାଉରକେଲା,୧୭।୩(ବିପ୍ଳବ ରଞ୍ଜନ ଦାଶ)

୨୦୨୪ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏପ୍ରିଲ ୧୯ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରମରେ ସୁନ୍ଦରଗଡ ଜିଲାରେ ମେ ୨୦ତାରିଖ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଲୋକସଭା ଓ ବିଧାନସଭା ପାଇଁ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ରବିବାର ଆରଏମ୍‌ସି କାଉନସିଲ ହଲରେ ବିଭିନ୍ନ ରାଜନୈତିକ ଦଳ ଏବଂ ତିନୋଟି ନିର୍ବାଚନ ମଣ୍ଡଳୀ ନିର୍ବାଚନ ଦାୟିତ୍ୱରେ ଥିବା ରିଟର୍ନିଂ ଅଧିକାରୀଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜିଲାରେ ଲୋକସଭା ଓ ବିଧାନସଭା ନିର୍ବାଚନରେ ମୋଟ ୧୫ଲକ୍ଷ ୬୭ହଜାର ୬୫ଜଣ ମତଦାନ କରିବେ। ରାଉରକେଲା ନିର୍ବାଚନମଣ୍ଡଳୀରେ ମୋଟ ୧୯୭, ରଘୁନାଥପାଲ୍ଲୀରେ ୧୯୩ ଏବଂ ବୀରମିତ୍ରପୁରରେ ମୋଟ ୩୦୧ଟି କେନ୍ଦ୍ରରେ ମତଦାନ ହେବ ବୋଲି ସୂଚନା ଦିଆଯାଇଥିଲା। ରାଉରକେଲା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀ ତଥା ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ସରୋଜ କୁମାର ମିଶ୍ର ଶାନ୍ତିପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ଭାଜପା ବିଧାୟକ ଶଙ୍କର ଓରାମ, ବିଜେଡି ସଭାପତି ଗଗନ ପଣ୍ଡା, କଂଗ୍ରେସ ସଭାପତି କୀର୍ତ୍ତନ କୁମାର, ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ, ବହୁଜନ ସମାଜବାଦୀ ପାର୍ଟି ସଭାପତି ରଞ୍ଜନ କୁମାର ତନ୍ତୀ ଏବଂ ଆମ୍ ଆଦମୀ ପାର୍ଟି ସଭାପତି ବିଜୟ କୁମାର ତିୱାରୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ।

## ବଡ଼ଗାଁ କପ୍ କ୍ରିକେଟ ଉଦ୍‌ଯାପିତ

# ଗୁଡୁ ଇଲେଭେନ ଚାମ୍ପିୟନ



ମୁଖ୍ୟ ଅତିଥି ଚାମ୍ପିୟାନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

ବଡ଼ଗାଁ,୧୭।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ୬ ତାରିଖରୁ ଆରମ୍ଭ ହୋଇଥିବା ବଡ଼ଗାଁ କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେଇଯାଇଛି। ଜିଲାର ୧୦ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୟଙ୍ଗ କ୍ରିକେଟ କ୍ଲବ ରାଉରକେଲା ଓ ଗୁଡୁ ଇଲେଭେନ ମଧ୍ୟରେ ହୋଇଥିଲା। ଗୁଡୁ ଇଲେଭେନ ଟସ ଜିତି ଫିଲଡିଂ କରିଥିଲେ। ୟଙ୍ଗ କ୍ରିକେଟ କ୍ଲବ( ୱାଇସିସି) ନିର୍ଦ୍ଧାରିତ ୧୮ ଓଭରରେ ୧୩୭ ରନ କରିଥିଲା ବେଳେ ଜବାବରେ ଗୁଡୁ ଇଲେଭେନ ୧୭ ଓଭର ୪ ବଲରେ ବିଜୟ ଲକ୍ଷ ପୂରଣ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ଭାଜପା ବଡ଼ଗାଁ ମଣ୍ଡଳ ସଭାପତି ବାବୁଲି କର୍ସେଲେ, ଗଣ ମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ, ଚୈତନ୍ୟ ସା, ଗଙ୍ଗା ସା, ପିଣ୍ଟୁ ହୋତା, ଅବଦୁଲ ମଜିଦ ଯୋଗଦେଇ କୃତି ଖେଳାଳି, ଚାମ୍ପିୟନ ଓ ରନର୍ସ ଅପ ଟିମ୍‌କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଓ ରନର୍ସ ଅପ ଟିମକୁ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଓରିଏଣ୍ଟ କ୍ରିକେଟ କ୍ଲବର ବିଟୁ ନାୟକ, ଦେବୀ ପ୍ରସାଦ ପୁରୋହିତ, ସମ୍ପିତ ନାଏକ, ସୋନୁ ଦାସ, ରଞ୍ଜନ ପାଣିଗ୍ରାହୀ, ରବି ନାରାୟଣ ଗହିରଙ୍କ ସହିତ ସମସ୍ତ ଖେଳାଳି ଖେଳ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିକ୍‌ଅପ୍‌ରେ ଗୋରୁ ଚାଲାଣ, ୩ ଗିରଫ

କଣ୍ଟାବାଞ୍ଜି,୧୭।୩(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି–ଡୁରେକେଲା ପିଡବ୍ଲୁଡି ରାସ୍ତାର ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଏକ ପିକ୍‌ଅପ୍‌ରେ ଗୋରୁ ଚାଲାଣ ବେଳେ ଶନିବାର ରାତିରେ ପୋଲିସ ରାମସେନାର ଅଭିଯୋଗକ୍ରମେ ଧରିଥିଲା। ଚାଲାଣରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରାଉତମୁଣ୍ଡାର ଦିଲୀପ କେତକୀ(୨୯), ଟିଟିଲାଗଡ ଥାନା ଜଡାମୁଣ୍ଡାର ବିଶିକେଶନ ନାଗ (୪୨) ଓ ହୃଷୀକେଶ ନାଗ(୨୦)। ଏ ନେଇ ଥାନାରେ ଏକ ମାମଲା(୧୦୩/୨୪) ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ଉପକାରାଗାରାକୁ ପଠାଇ ଦିଆଯାଇଛି। ଉଦ୍ଧାର ସମସ୍ତ ଗୋରୁଙ୍କୁ ସ୍ଥାନୀୟ ଗୋଶାଳାକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। କଣ୍ଟାବାଞ୍ଜି ପୋଲିସ ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୯ଟା ବେଳେ ଡୁରେକେଲା ଥାନା ରାମୋଡ ଗାଁରୁ ଏକ ପିକ୍‌ଅପ ଭ୍ୟାନରେ ଗୋରୁ ଚାଲାଣ ହେଉଥିଲା। ରାମସେନାର ଧର୍ମାନନ୍ଦ ଜୁଏଡ ଘଟଣାସ୍ଥଳରୁ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଧର୍ମାନନ୍ଦ ଏବଂ ତାଙ୍କ ସାଥୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ନିୟନ୍ତ୍ରଣ ପଦ୍ଧତି ଯନ୍ତ୍ର ଉଦ୍‌ଘାଟିତ

ରାଉରକେଲା,୧୭।୩(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ଅକ୍ସିଜେନ ପ୍ଲାଣ୍ଟ କମ୍ପ୍ଲେକ୍ସରେ ଇନଷ୍ଟ୍ରୁମେଣ୍ଟେଶନ ବିଭାଗ ପରିଚାଳିତ ୟୋକୋଗାୱା ମେକ୍ ଷ୍ଟେଟ୍ ଅଫ ଆର୍ଟ କଂଟ୍ରୋଲ ସିଷ୍ଟମ ଉଦ୍‌ଘାଟିତ ହୋଇଯାଇଛି। ଏହି ନବୀକୃତ ନିୟନ୍ତ୍ରଣ ପଦ୍ଧତି ଯନ୍ତ୍ର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ. ଆର ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଇଲେକ୍ଟ୍ରିକାଲ ଓ ପାୱାର ବିଭାଗର ସିଜିଏମ୍ ଇନଚାର୍ଜ ବି.ଏସ କାର୍ଥା, ଇଏମ୍‌ଡି ଓ ଇଉଟିଲିଟି ବିଭାଗ ସିଜିଏମ ପି.ଏସ କନ୍ନନ, ଏସ୍‌ଏମ୍‌ଏସ୍–୨ ବିଭାଗର ସିଜିଏମ୍ ଟି. ପି ଶିବଶଙ୍କର, ଆଇ ଏଣ୍ଡ ଏ ବିଭାଗ ଜିଏମ ଇନଚାର୍ଜ ଏସ. ସି ପାତ୍ର, ଅକ୍ସିଜେନ ପ୍ଲାଣ୍ଟର ଜିଏମ ଇନ୍‌ଚାର୍ଜ ଆର. କେ ସାହା, ସୁରକ୍ଷା ବିଭାଗ ଜିଏମ ଇନଚାର୍ଜ ଆଶା କାର୍ଥା, ଇନଷ୍ଟ୍ରୁମେଣ୍ଟେଶନ ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଚୈତାଳୀ ଦାସ ଏବଂ ଆରଏସପି ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏସ. ସି ପାତ୍ର ଡିସିଏସ ନବୀକରଣରେ ଆବଶ୍ୟକତା ଓ ନୂତନ ସିଷ୍ଟମ ସହ ଉପଲବ୍ଧ ଅତିରିକ୍ତ ବୈଶିଷ୍ଟ୍ୟ ସହିତ ସମୁଦାୟ ସିଷ୍ଟମର କାର୍ଯ୍ୟକାରିତା ଉପରେ ଉପସ୍ଥାପନା କରିଥିଲେ।

ସୂଚନାଯୋଗ୍ୟ, ପୁରାତନ ଡିସିଏସ ସିଷ୍ଟମ ଅକ୍ସିଜେନ ପ୍ଲାଣ୍ଟର ବିଭିନ୍ନ ୟୁନିଟରେ ସ୍ଥାପନା କରାଯାଇଥିଲା। ଯାହା କାରଖାନାର ମୁଖ୍ୟ ଉପକରଣ ସହିତ ସଂଯୋଗ ହୋଇଥିଲା। ମାତ୍ର ସିଷ୍ଟମଗୁଡିକ ପୁରୁଣା ହେବାରୁ ବିଦ୍ୟମାନ ସିଷ୍ଟମକୁ ବଦଳାଇବା ଏକ ଯାନ୍ତ୍ରିକ ଆବଶ୍ୟକତା ଥିଲା। ତେବେ ନବୀକୃତ ସିଷ୍ଟମରେ ଡିସିଏସ୍‌ର ସର୍ବଶ୍ରେଷ୍ଠ ଅଗ୍ରୀମ ବୈଶିଷ୍ଟ୍ୟ ସହିତ ଷ୍ଟେଟ ଅଫ୍ ଆର୍ଟ ଟେକ୍ନୋଲୋଜିର ଅତ୍ୟାଧୁନିକ ବ୍ୟବସ୍ଥା ଜଡିତ ରହିଥିବା ବେଳେ ସମସ୍ତ ଡିସିଏସର ଏକୀକରଣ ଯୋଗୁ ଯେକୌଣସି ୟୁନିଟ ଉଭୟ ନିୟନ୍ତ୍ରଣ କକ୍ଷରୁ କାର୍ଯ୍ୟ ଷ୍ଟେଶନରୁ ପରିଚାଳିତ ଓ ତଦାରଖ କରାଯାଇପାରିବ। ତେବେ ଆରଏସପି ଅକ୍ସିଜେନ ପ୍ଲାଣ୍ଟ ବର୍ତ୍ତମାନ ଏକ ଇଣ୍ଟିଗ୍ରେଟେଡ ସିଷ୍ଟମ ସହିତ ସଜ୍ଜିତ ହୋଇଥିବା ବେଳେ କଣ୍ଟ୍ରୋଲ, ଇଣ୍ଟରଲକ୍ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ଯେକୌଣସି ଘଟଣାର ଅସୁବିଧାକୁ ଅତି ସହଜରେ ନିର୍ଣ୍ଣୟ କରିବ ବୋଲି କୁହାଯାଇଛି।



ଉଦଘାଟନ ଅବସରରେ ଆରଏସପି ଅଧିକାରୀ ଓ କର୍ମଚାରୀ।

# ପରିବେଶ ସୁରକ୍ଷା ଦିଗରେ ସମର୍ପିତ ହୋଇ କାର୍ଯ୍ୟକର

କୁତ୍ରା,୧୭।୩(ଦେବାଶିଷ ସାହୁ)

## ପ୍ରକୃତି ଶିବିରରେ ଯୋଗଦେଲେ ୫୦ ସବୁଜବାହିନୀ ଛାତ୍ରୀଛାତ୍ର

ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୫୦ ଜଣ ସବୁଜବାହିନୀ ଛାତ୍ରୀଛାତ୍ର ପ୍ରକୃତି ନିବାସ ସରଫଗଡ ପରିବେଶ ପର୍ଯ୍ୟଟନ ଗ୍ରାମ ବୁଢ୍ଢନଝରିଆର ଜଙ୍ଗଲ ମଧ୍ୟକୁ ଯାଇ ତାର ଜୈବବିବିଦ୍ଧତା, ବିଭିନ୍ନ ପ୍ରକାର ଗଛଲତା ସାଙ୍ଗକୁ ବ୍ୟପ୍ରାଣୀ,ପଶୁ ,ପକ୍ଷୀଙ୍କ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସହ କିଛି ସମୟ ପ୍ରକୃତି କୋଳରେ ସମୟ ଅତିବାହିତ କରିଥିଲେ। ପରିବେଷ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବେଷ ଗବେଷଣା, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ ସେଠାରେ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ସହ ସଫେଇ କରି ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବା ଦିଗରେ ଏକ ଶୋଭାଯାତ୍ରା କରିଥିଲେ। ଏଥିରେ ପ୍ଲାଷ୍ଟିକ ମୁକ୍ତ ଜୀବନ ବିଷୟରେ ନାରାବାଜି ଦେଇ ଲୋକଙ୍କୁ ସଚେତନ କରିବାକୁ ଚେଷ୍ଟା କରିଥିଲେ। ଏହି ଅବସରରେ ପରିବେଷ ଆଧାରିତ ନୃତ୍ୟ ପରିବେଷଣ କରି ଲୋକଙ୍କୁ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରେରଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଜିଲା କୋର୍ଟ ରେଜିଷ୍ଟ୍ରାର ଦିଲୀପ କୁମାର ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ଏକ ସବୁଜ ଶପଥ ପାଠ କରାଇଥିଲେ। ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କୁ ସମର୍ପିତ ହୋଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ଇକୋ କ୍ଲବ ସଂଯୋଜକ ତଥା ସବୁଜବାହିନୀ ପ୍ରଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିବା ବେଳେ ଶକ୍ତି ସଂରକ୍ଷଣ ବ୍ଲକ ସାଧିକା ଦୀପିକା କେର୍କେଟା, ପ୍ରକୃତି ପ୍ରେମୀ ରାଜେଶ ସାହୁ ଯୋଗଦେଇଥିଲେ।



ଅଧାପିକା ଅଧାପକଙ୍କ ଗହଣରେ ଛାତ୍ରୀଛାତ୍ର।

# ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳା ସଫଳତାର ଆଧାର

## ସରକାରୀ ମହିଳା କଲେଜ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ

ସୁନ୍ଦରଗଡ,୨୭।୩
(ଜୟ ନାରାୟଣ ମେଣ୍ଡୁଲି)



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଶଣ କରୁଛନ୍ତି।

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସ (ତେଜସ୍ୱିନୀ,ତପସ୍ୱିନୀଓ ଓଜସ୍ୱିନୀ) ସମୂହର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡନାୟକ ଅଧକ୍ଷତା କରି ଛାତ୍ରୀ ନିବାସର ଅନ୍ତେବାସିନୀମାନେ ଏକ ପରିବାର ପରି ପରସ୍ପର ସୁଖଦୁଃଖରେ ଭାଗିଦାରୀ ହୋଇ ପାଠ ପଢା ସହିତ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. କୁମୁଦିନୀ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତେବାସିନୀଙ୍କୁ ସମସ୍ତ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ ଆତ୍ମବିଶ୍ୱାସ ମାଧ୍ୟମରେ ଅତିକ୍ରମ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ପରାମର୍ଶ ଦେଇଥିଲେ।ଏଥିସହିତ ଉତ୍ତମ ଚରିତ୍ର ଗଠନ ଓ ଶୃଙ୍ଖଳିତ ଜୀବନ ଛାତ୍ରୀ ନିବାସ ଅନ୍ତେବାସୀଙ୍କ ସଫଳତାର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ତପସ୍ୱିନୀ ଛାତ୍ରୀ ନିବାସର ଅଧୀକ୍ଷିକା ଡ. ଭାନୁପ୍ରିୟା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏହି ଛାତ୍ରୀ ନିବାସରେ ଛାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି ବୋଲି କହିଥିଲେ। ଓଜସ୍ୱିନୀ ଛାତ୍ରୀ ନିବାସର ଅଧୀକ୍ଷିକା ସ୍ମିତରାଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ମୋନିସ୍କା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀ ନିବାସରେ ସେବା ଯୋଗାଉଥିବା ସମସ୍ତ କର୍ମଚାରୀଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ଏଥି ସହିତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ସହ ଅଧୀକ୍ଷିକା ଚାରୁଲତା ନାଏକ,ଡ.ସରୋଜିନୀ ମିଞ୍ଜ, ଜ୍ୟୋତି ରାଣୀ ଗୁପ୍ତା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ଅନ୍ତେବାସୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଂସ୍କୃତିକ ସମ୍ପାଦିକା ସ୍ନେହାରାଣୀ ଭୋଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପାରିବାରିକ କଳହରୁ ହତ୍ୟାକାଣ୍ଡ: ସାନର ଛୁରା ମାଡ଼ରେ ବଡ଼ଭାଇ ମୃତ


ଅଭିଯୁକ୍ତ ସାନଭାଇ ବିମ୍ବାଧର।

ଭବାନୀପାଟଣା,୧୭।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅନ୍ତର୍ଗତ ଦେଡଶୁଲି ପଞ୍ଚାୟତର ଗସକା ପଡାଗାଁରେ ରବିବାର ଘରୋଇ କଳହକୁ ନେଇ ହତ୍ୟାକାଣ୍ଡ ଘଟିଛି। ସାନଭାଇ ବିମ୍ବାଧର ମାଝି (୨୫)ଙ୍କ ଛୁରା ମାଡରେ ବଡ଼ଭାଇ ଦାସ ମାଝି (୨୮)ଙ୍କ ମୃତ୍ୟୁ ହୋଇଛି। ଘରୋଇ କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ହଠାତ୍ ଉତ୍ତେଜିତ ହୋଇଯାଇ ବିମ୍ବାଧର ଏକ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଦାସଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଏମ୍.ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏମ୍.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏମ.ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ବିମ୍ବାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଗୋପବନ୍ଧୁ ଗଡନାୟକ ଏଇ ମାମଲାର ବିଚାର କରି ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବୈଦିପାଲିର ଅଭିଯୁକ୍ତ ଦିଲୀପ କୁମାର ଭୋଇ (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଏବଂ ୪୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଭୋଇଙ୍କ ବିରୁଦ୍ଧରେ ୨୦୧୮ ମସିହାରେ ଅଭିଯୋଗ ହୋଇଥିଲା। ସଦର ଥାନାରେ ଆଇପିସି ୩୬୩, ୩୬୬, ୩୭୬, ୩୪୧, ୩୨୩ ଏବଂ ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା (୩୯/୨୦୧୮) ରୁଜୁ ହୋଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

# କଳାହାଣ୍ଡି ଜିଲାରେ ୧୧,୯୯, ୩୦୮ ଭୋଟର

ଭବାନୀପାଟଣା,୧୭।୩(ଉତ୍ତମ କୁମାର ଦାଶ)

- ପୁରୁଷ ୬୦୧୨୬୬, ମହିଳା ୫୯୭୯୭୩, ସମଲିଙ୍ଗୀ ୬୯
- ୨୭୧ଜଣ ଶହେ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟର
- ୧୭,୩୧୬ ଦିବ୍ୟାଙ୍ଗ, ୩୪,୬୫୮ ନୂଆ ଭୋଟର
- ଜିଲାରେ ମୋଟ ୧୪୧୦ଟି ପୋଲିଂ ଷ୍ଟେଶନ

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ରାଜ୍ୟର ପ୍ରଥମ ପର୍ଯ୍ୟାୟ ମେ' ୧୩ରେ କଳାହାଣ୍ଡି ଜିଲାରେ ଭୋଟ ଗ୍ରହଣ ହେବାକୁ ଥିବାରୁ ଏବେଠୁ ଜିଲାରେ ରାଜନୀତି ସରଗରମ ଦେଖାଦେଇଛି। ଚଳିତ ସାଧାରଣ ନିର୍ବାଚନରେ କଳାହାଣ୍ଡି ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧ଲକ୍ଷ ୯୯ହଜାର ୩୦୮ ଭୋଟର ରହିଥିବା ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ଏଥିରେ ପୁରୁଷ ଭୋଟର ୬ଲକ୍ଷ ୧ହଜାର ୨୬୬ ରହିଥିବାବେଳେ ମହିଳା ଭୋଟର ୫ଲକ୍ଷ ୯୭ହଜାର ୯୭୩ ଜଣ ରହିଛନ୍ତି। ସେହିପରି ଥାର୍ଡ ଜେଣ୍ଡର (ସମଲିଙ୍ଗୀ)ଭୋଟର ୬୯ ଜଣ ରହିଛନ୍ତି। ଅନ୍ୟପଟେ ସାଧାରଣ ନିର୍ବାଚନ ପାଇଁ ଜିଲାରେ ଏଥର ୧୪୧୦ଟି ପୋଲିଂ ଷ୍ଟେଶନ ହୋଇଛି। ସେହିପରି ନିର୍ବାଚନ ପରିଚାଳନା ପାଇଁ ୧୦ହଜାର ୧୫୨ ଜଣ ଅଧିକାରୀ,କର୍ମଚାରୀ ଦାୟିତ୍ୱ ତୁଲାଇବେ। ଏହାସହ ମତଦାନ ପାଇଁ ୧୧ ହଜାର ୧୭୨ଟି ଇଭିଏମ୍ ପ୍ରସ୍ତୁତ ହୋଇଛି। କଳାହାଣ୍ଡି ଜିଲାର ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ (୭୭)ରେ ସମୁଦାୟ ୨ ଲକ୍ଷ ୨୯ହଜାର ୪୧୮ ଭୋଟର ରହିଛନ୍ତି। ଏଥିରେ ପୁରୁଷ ଭୋଟର ୧ଲକ୍ଷ ୧୧ହଜାର ୮୯୯, ମହିଳା ୧ଲକ୍ଷ ୧୭ହଜାର ୪୯୯ ଓ ୨୦ ଜଣ ସମଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୯୬ଟି ପୋଲିଂ ଷ୍ଟେଶନ ହୋଇଛି। ଜୁନାଗଡ ନିର୍ବାଚନ ମଣ୍ଡଳୀ (୭୮)ରେ ସମୁଦାୟ ୨ଲକ୍ଷ ୪୫ହଜାର ୫୫୫ ଭୋଟର ରହିଛନ୍ତି। ଏଥିରେ ପୁରୁଷ ୧ଲକ୍ଷ ୨୪ହଜାର ୨୩୨, ମହିଳା ୧ଲକ୍ଷ ୨୧ ହଜାର ୩୧୯ ଓ ୪ଜଣ ସମଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୭୪ଟି ପୋଲିଂ ଷ୍ଟେଶନ ହୋଇଛି। ଧର୍ମଗଡ ନିର୍ବାଚନ ମଣ୍ଡଳୀ (୭୯) ରେ ସମୁଦାୟ ୨ଲକ୍ଷ ୬୦ହଜାର ୬୫୨ ଭୋଟର ରହିଛନ୍ତି। ଏଥିରେ ପୁରୁଷ ୧ଲକ୍ଷ ୩୧ ହଜାର ୩୭୯, ମହିଳା ୧ଲକ୍ଷ ୨୯ ହଜାର ୨୬୭ ଓ ୬ଜଣ ସମଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୯୩ଟି ପୋଲିଂ ଷ୍ଟେସନ ହୋଇଛି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀ (୮୦) ରେ ସମୁଦାୟ ୨ଲକ୍ଷ ୩୨ହଜାର ୭୮୦ ଜଣ ଭୋଟର ରହିଛନ୍ତି। ଏଥିରେ ପୁରୁଷ ୧ଲକ୍ଷ ୧୭ହଜାର ୧୧୫, ମହିଳା ୧ଲକ୍ଷ ୧୫ହଜାର ୬୪୫ ଓ ୨୦ଜଣ ସମଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୬୮ଟି ପୋଲିଂଷ୍ଟେଶନ ହୋଇଛି। ନର୍ଲା ନିର୍ବାଚନ ମଣ୍ଡଳୀ(୮୧)ରେ ସମୁଦାୟ ୨ଲକ୍ଷ ୩୦ହଜାର ୯୦୩ ଜଣ ଭୋଟର ରହିଛନ୍ତି। ଏଥିରେ ପୁରୁଷ ୧ଲକ୍ଷ ୧୬ହଜାର ୬୪୧,ମହିଳା ୧ଲକ୍ଷ ୧୪ହଜାର ୨୪୩ ଓ ୧୯ ଜଣ ସମଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୭୯ଟି ପୋଲିଂଷ୍ଟେଶନ ହୋଇଛି। ଜିଲାରେ ଏଥର ୧୮ ରୁ ୧୯ ବର୍ଷ ମଧ୍ୟରେ ସମୁଦାୟ ୩୪ହଜାର ୬୫୮ ଜଣ ନୂଆ ଭୋଟର ରହିଥିବାବେଳେ ଏଥିରେ ପୁରୁଷ ୧୯ହଜାର ୪୬୯,ମହିଳା ୧୫ହଜାର ୧୮୭ ଓ ସମଲିଙ୍ଗୀ ୨ଜଣ ଭୋଟର ରହିଛନ୍ତି। ସେହିପରି ୨୦ ରୁ ୨୯ ବର୍ଷ ମଧ୍ୟରେ ସମୁଦାୟ ୨ଲକ୍ଷ ୬୮ହଜାର ୯୭୨ଜଣ ଭୋଟର ରହିଥିବାବେଳେ ଏଥିରେ ପୁରୁଷ ୧ଲକ୍ଷ ୪୦ହଜାର ୩୯୮,ମହିଳା ୧ଲକ୍ଷ ୨୮ହଜାର ୫୪୧ ଓ ସମଲିଙ୍ଗୀ ୩୩ଜଣ ଭୋଟର ରହିଛନ୍ତି। ସେହିପରି ସିନିୟର ସିଟିଜିନ୍ (ବରିଷ୍ଠ ନାଗରିକ) ୮୫ ବର୍ଷରୁ ଊର୍ଦ୍ଧ୍ୱ ମଧ୍ୟରେ ସମୁଦାୟ ୨୪ ହଜାର ୮୬୯ ଜଣ ଭୋଟର ରହିଥିବାବେଳେ ଏଥିରେ ପୁରୁଷ ୧୦ହଜାର ୫୪ ଓ ମହିଳା ୧୪ହଜାର ୮୧୫ ଭୋଟର ରହିଛନ୍ତି। ସେହିପରି ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୁଦାୟ ୨୭୧ ଜଣ ଭୋଟର ରହିଥିବାବେଳେ ଏଥିରେ ପୁରୁଷ ୯୩ ଓ ମହିଳା ୧୭୮ ଜଣ ଭୋଟର ରହିଛନ୍ତି। ଅନ୍ୟପକ୍ଷରେ,ଏଥର ଜିଲାରେ ଦିବ୍ୟାଙ୍ଗ ଭୋଟର ସମୁଦାୟ ୧୭ହଜାର ୩୧୬ ଜଣ ରହିଛନ୍ତି। ଏଥିରେ ପୁରୁଷ ୯୯୯୫, ମହିଳା ୭୩୧୮ ଓ ସମଲିଙ୍ଗୀ ୩ଜଣ ଭୋଟର ରହିଛନ୍ତି।

# ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସଭା


କୈବର୍ତ୍ତ ମହାସଭାରେ ଉପସ୍ଥିତ କର୍ମକର୍ତ୍ତା।

ରିଷିଡା,୧୭।୩(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା କର୍ଲାମୁଣ୍ଡା ଶାଖାର ବ୍ଲକସ୍ତରୀୟ ସଭା ପରମାନନ୍ଦପୁରସ୍ଥିତ ବାରେଣି ଚେତନା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ଥାୟୀ ସଭାପତି ବିଦ୍ୟାଧର ବାଗ ଯୋଗଦେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା କୈବର୍ତ୍ତ ସମାଜ ସଭାପତି ଈଶ୍ୱର ଚନ୍ଦ୍ର ନାଏକ, ଜିଲା ସମ୍ପାଦକ ବୁଡୁମହାଲିଙ୍ଗ, ଲଦୁରମା ଝାକର, କେସିଙ୍ଗା ସମ୍ପାଦକ ସୁଦାମ ମହାଲିଙ୍ଗ, ମ.ରାମପୁର ସମ୍ପାଦକ ଭଜମନ ଦେହେରୀ, ନର୍ଲା ବ୍ଲକ ସଭାପତି ଦାମୋଦର ସେଠ, ଅଶୋକ ତରିୟା, ଲିଲୁ ନାଏକ, ରତିଲାଲ ସେଠ, ପିତାମ୍ବର ସା, ରବିନ ନାଏକ, ସଦାନନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ନାରୀ ଶିକ୍ଷା, ନିଶା ନିବାରଣ ଏବଂ ସମାଜ ପ୍ରତି ବିଭିନ୍ନ ସମସ୍ୟା ଆସୁଥିବା, ସମାଜ ସଂସ୍କାର ଉପରେ ଉପସ୍ଥିତ ଥିବା ମହାସଭାର ସଦସ୍ୟମାନେ ନିଜର ବକ୍ତବ୍ୟ ଦେଇ ଆଲୋଚନା କରିଥିଲେ। ଶେଷରେ ବ୍ଲକ ସମ୍ପାଦକ ରବୀନ୍ଦ୍ର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ପୁରୁଣା କୋଠା ଭଙ୍ଗାଯାଉ



ବିଦ୍ୟାଳୟର ପୁରୁଣା କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି।

ଥୁଆମୂଳ ରାମପୁର,୧୭।୩(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କିଆପଦର ଗ୍ରାମ ପଞ୍ଚାୟତର ଭଟାଗୁଡ଼ା ଗ୍ରାମରେ ଥିବା ବିଦ୍ୟାଳୟର ପୁରୁଣା କୋଠା ଭଙ୍ଗାଯାଉ ବୋଲି ଦାବି ହେଉଛି। ଏହି ବିଦ୍ୟାଳୟ ୧୯୯୯ ମସିହାରୁ ଆରମ୍ଭ କରାଯାଇଥିବା ବେଳେ ସେହି ସମୟରେ ଜଣେ ପୂର୍ବତନ ନିୟମିତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ନୂତନ କୋଠା ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପାଣ୍ଠିରୁ ପଚାଶ ଲକ୍ଷ ଟଙ୍କାର ଅନୁଦାନରେ ପୁଣି ଆଉ ଏକ କୋଠା ନିର୍ମାଣ ହୋଇଥିଲା। ହେଲେ ସେଇ ପୁରୁଣା ଶ୍ରେଣୀ ଗୃହକୁ ସେମିତି ଛାଡ଼ିଦେଇଛନ୍ତି। ବର୍ତ୍ତମାନ ସେହି କୋଠା ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଯାହାକି ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ମଣୁଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବାରମ୍ବାର କୋଠା ଭାଙ୍ଗିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ଭଙ୍ଗା ଯାଇନାହିଁ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କୁନି ପିଲାମାନେ ଖେଳାଖେଳି କରୁଥିବା ସମୟରେ ଭଙ୍ଗା କୋଠା ଆଡ଼କୁ ଚାଲିଯାଉଛନ୍ତି। ତେଣୁ ଭାଙ୍ଗି ପଡ଼ିଲେ ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କା ରହିଛି। ବିପଦସଙ୍କୁଳ କୋଠା ଭାଙ୍ଗିବା ଜରୁରୀ ହୋଇପଡ଼ିଛି। ଏହି ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି ସମସ୍ୟାର ସମାଧାନ ଯଦି ଶୀଘ୍ର କରା ନ ଯାଏ ତାହା ହେଲେ ଗ୍ରାମବାସୀ ତଥା ଅଭିଭାବକ ବିଦ୍ୟାଳୟକୁ ତାଲା ପକାଇଦେବେ ବୋଲି ଚେତାବନୀ ଦେଇଛନ୍ତି। ପୁରୁଣାଗୁମା କ୍ଲଷ୍ଟର ସିଆରସିସି ରଶ୍ମିରଞ୍ଜନ ସେଠୀ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ।

## ନିର୍ବାଚନ ପାଇଁ ଅସ୍ତ୍ରଶସ୍ତ୍ର ଜମା ଦେବାକୁ ନିର୍ଦ୍ଦେଶ

**ନିର୍ବାଚନ ଶେଷ ପରେ ଫେରସ୍ତ ଦିଆଯିବ**

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ସାଧାରଣ ନିର୍ବାଚନ ୨୦୨୪ ପାଇଁ ତାରିଖ ଘୋଷଣା ହେବା ସହିତ ସମଗ୍ର ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏ ପରିପ୍ରେକ୍ଷୀରେ ଜିଲାର ସମସ୍ତ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ରଖିଥିବା ବ୍ୟକ୍ତିବିଶେଷଙ୍କୁ ନିଜ ନିକଟସ୍ଥ ଥାନାରେ ଉପଯୁକ୍ତ ସ୍ୱୀକୃତି ସହ ଅସ୍ତ୍ରଶସ୍ତ୍ର ଜମା ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଥନାଧିକାରୀଙ୍କୁ ମଧ୍ୟ ସାଧାରଣ ନିର୍ବାଚନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଏଡାଇବା ସକାଶେ ଅସ୍ତ୍ରଶସ୍ତ୍ର ଜମାକୁ ସୁନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସୁରକ୍ଷା ବାବଦରେ ବ୍ୟାଙ୍କ, ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣା ଆଦିରେ ନିୟୋଜିତ ସମସ୍ତ ସୁରକ୍ଷାକର୍ମୀଙ୍କୁ ଏଥିରୁ ବାଦ ଦିଆଯାଇଛି। ଜିଲାର ସମସ୍ତ ଥାନାଧିକାରୀ ସମସ୍ତ ନିଜସ୍ତରରେ ଯାଞ୍ଚ କରିବା ସହ ସୁରକ୍ଷାରେ ନିୟୋଜିତ କର୍ମୀଙ୍କୁ ବାଦ ଦେବେ। ନିର୍ବାଚନ ଶେଷ ହେବା ପରେ ସେସବୁ ଅସ୍ତ୍ର ସେମାନଙ୍କୁ ଫେରସ୍ତ କରାଯିବ।

# ବିକାଶରେ ଦକ୍ଷତା ପରୀକ୍ଷା 'ଭାଟ'



ଜଣେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧୬।୩ (ଉତ୍ତମ କୁମାର ଦାଶ)

**ଭାଗନେଲେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ବିକାଶ ୱିଜ୍‌ଡମ୍ ପାର୍କରେ ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ଭାଟ (ବିକାଶ ଆପଟିଚ୍ୟୁଡ଼ ଟେଷ୍ଟ) ପରୀକ୍ଷା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଭବାନୀପାଟଣାର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଏକାଡେମୀକ ଇନ୍‌ଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷା ଆରତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭାଟ ପରୀକ୍ଷାରେ କଳାହାଣ୍ଡି ସମେତ ବଲାଙ୍ଗିର, ନୂଆପଡ଼ା, ନବରଙ୍ଗପୁର, ଆଦି ଜିଲାର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଭାଗ ନେଇଥିଲେ। ଅଧକ୍ଷା ଆରତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡି. ନାଗେଶର ରାଓ ବିକାଶର ଗୁଣାତ୍ମକ ଶିକ୍ଷା ମାନଦଣ୍ଡ ଉପରେ ବିଷଦ ଭାବେ ବ୍ୟାଖ୍ୟା କରି ଶିକ୍ଷାର ସମସ୍ତ ଅନୁକୂଳ ବ୍ୟବସ୍ଥା ପୂରଣ କରିବାକୁ ବଦ୍ଧପରିକର ବୋଲି ମତ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡି.ଶ୍ୟାମ ଶିକ୍ଷାର ଗୁଣାତ୍ମକମାନ ଓ ବିଦ୍ୟାର୍ଥୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ ଡି.ରାମ କୁମାର ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏକାଡେମିକ ଇନଚାର୍ଜ ଡି.ବିଜୟା ବର୍ତ୍ତମାନର ଶିକ୍ଷା ପଦ୍ଧତି ଓ ତାର ଭିତ୍ତିଭୂମି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଦଶମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ଏନ. ଦିବ୍ୟରଶ୍ମି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

**ଗ୍ରାମବାସୀଙ୍କ ସହ ଆଲୋଚନା କଲେ ନରସିଂହ, ସମରେନ୍ଦ୍ର**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବରକାନୀ ଗ୍ରାମପଞ୍ଚାୟତର ମାଙ୍କଡଚୁଆଁଠାରେ ରବିବାର ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ବିଧାୟକ ନରସିଂହ ମିଶ୍ର ଏବଂ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସଭାରେ ପଞ୍ଚାୟତ ଅନ୍ତର୍ଗତ ବରକାନୀ, ମାଙ୍କଡଚୁଆଁ, ପଣ୍ଡରାପିଟା, ଅଏଁଲାଚୁଆ ଏବଂ ନାରାୟଣପୁର ଗାଁର ଲୋକେ ଯୋଗଦେଇ ବିଧାୟକ ମିଶ୍ର ଏବଂ ଏଆଇସିସି ସଦସ୍ୟ ସମରେନ୍ଦ୍ରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭୁଲ ନୀତି ଯୋଗୁ କିପରି ଛାତ୍ର, ଯୁବକ, ମହିଳା, କୃଷକ, ଶ୍ରମିକ, ବୟସ୍କ ନାଗରିକ, ଭିନ୍ନକ୍ଷମମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ଉପରେ ଆଲୋଚନା ହୋଇଥିଲା। ଦୀର୍ଘ ବର୍ଷ ହେଲା ରାଜ୍ୟ ସରକାର ଏବଂ ୧୦ବର୍ଷ କେନ୍ଦ୍ରର ଶାସନ କରୁଥିବା ଭାଜପା ସରକାର ଯୁବକ, ଛାତ୍ର ଓ କୃଷକମାନଙ୍କୁ କିପରି ପ୍ରତାରଣା କରିଛି ସେ ଉପରେ ସମରେନ୍ଦ୍ର କହିଥିଲେ । ସରକାରଙ୍କ ମିଥ୍ୟା ପ୍ରଲୋଭନରେ ନ ପଡି ଲୋକେ ଉଚିତ ଜନ ପ୍ରତିନିଧି ବାଛନ୍ତୁ ଯେଉଁମାନେ ଆଗାମୀ ୫ ବର୍ଷ ଲୋକଙ୍କ ସହ ରହି ସେମାନଙ୍କ ସମସ୍ୟା ସମାଧାନ କରିବେ ବୋଲି କହିଥିଲେ। ଲୋକଙ୍କ ସମସ୍ୟା ସମାଧାନ ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଥିଲେ। ବିଧାୟକ ମିଶ୍ର ତାଙ୍କ କାର୍ଯ୍ୟକାଳ ଭିତରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବଳଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରକାନୀ ଗୌନ୍ତିଆ ଶିବ ସିଂ ମାଝି, ଦଶରଥ ନାଏକ, କଳ୍ପ ପୁରୋହିତ, ପୂର୍ବତନ ସରପଞ୍ଚ ସତ୍ୟବାନ ସାହୁ ଉପସ୍ଥିତ ଥିଲେ।


ମାଙ୍କଡଚୁଆଁଠାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

# ଜିଲାର ଉନ୍ନତି ପାଇଁ ନାଗରିକ କମିଟି ବଦ୍ଧପରିକର

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ନାଗରିକ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ନାଗରିକ କମିଟି ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା**

ବଲାଙ୍ଗୀର ଜିଲା ନାଗରିକ କଲ୍ୟାଣ ମହାସଂଘ ପକ୍ଷରୁ ସଦାଇପାଲି ପଲ୍ଲୀଶ୍ରୀ ବିହାରସ୍ଥିତ ସାଇଟ କଲେଜ ପରିସରରେ ରବିବାର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲ୍ୟାଣ ମହାସଂଘ ସଭାପତି ପ୍ରଭାକର ମିଶ୍ର, କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ଉପସଭାପତି ବ୍ରଜ କିଶୋର ପଣ୍ଡା, ସାଧାରଣ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ଓ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସଭାପତି ମିଶ୍ର କମିଟିର ଆଭିମୁଖ୍ୟ ସମ୍ପର୍କରେ କହିବା ପରେ ନବନିର୍ବାଚିତ ନାଗରିକ କମିଟି କର୍ମକର୍ତ୍ତା, କମିଟି ନିର୍ବାଚନ ଅଧିକାରୀ, ଉପଅଧିକାରୀ ଏବଂ ସରକାରୀ ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ବିଶ୍ୱାଳ ସ୍ୱାଗତ କରିଥିଲେ।

ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ କେବଳ ବଲାଙ୍ଗୀର ସହରାଞ୍ଚଳ ନୁହେଁ ବରଂ ସମଗ୍ର ଜିଲାର ଉନ୍ନତି ପାଇଁ ନାଗରିକ କମିଟି କାର୍ଯ୍ୟ କରିବା ସକାଶେ ବଦ୍ଧପରିକର। ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ନାଗରିକ କମିଟିର କର୍ମକର୍ତ୍ତା ଆଗାମୀ ଦିନରେ ଜନସାଧାରଣଙ୍କ ଭାବାବେଗକୁ ବିଚାରକୁ ନେଇ ଜିଲାର ଉନ୍ନତି ସାଧନ କରିବା ପାଇଁ ଅନୁରୋଧ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ଆଡ୍‌ଭୋକେଟ ତଥା ନିର୍ବାଚନ ଅଧିକାରୀ ଅଶୋକ କୁମାର ମିଶ୍ର, ନିର୍ବାଚନ ଉପଅଧିକାରୀ ଗୋବିନ୍ଦ ମିଶ୍ର ଓ ନରେନ୍ଦ୍ର କବାଟ, ସରକାରୀ ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ନାଗରିକ କମିଟି ସଭାପତି ଡ. ମିଶ୍ର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ମଧୁସୂଦନ ନାୟକ, ଯୁଗ୍ମ ସମ୍ପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଗଜେନ୍ଦ୍ର ତ୍ରିଭୁବନଦାଶ ଭମର, କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ମହାକୁର, ପ୍ରଦୀପ ସାହୁ, ଋତୁରାଜ ସିଂ, ବିନୟ ମିଶ୍ର, ପ୍ରଫେସର ତରୁଣ ମିଶ୍ର, ଗୌରଚନ୍ଦ୍ର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଡା. ପ୍ରମୋଦ ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟଙ୍କୁ ସ୍ମାରକୀ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ନାଗରିକ କମିଟି ପୂର୍ବତନ ସଭାପତି ବିକ୍ରମାନନ୍ଦ ବହିଦାର, ଓଷ୍ଟାର ପୂର୍ବତନ ସଭାପତି ପୁରନ୍ଦର ଦାଶ, ସଙ୍ଗଠକ ଭଗବାନ ବରଗୋଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ତଥା ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଅଘରିଆ ସମାଜ ସମ୍ପାଦକ ଦିଗାମ୍ବର ନାଏକ, ସୁଧାଂଶୁ ଶେଖର ବାବୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ପାଢୀ ଓ ସାଇଟ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କୂଅରୁ ଗଳିତ ମୃତଦେହ ଉଦ୍ଧାର

**ଗାଇସିଲେଟ, ୧୭।୩(ଦୁର୍ଗା ତ୍ରିବେଦୀ):** ଗାଇସିଲେଟ ଥାନା ଅଧୀନ ଦେବାହାଲ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ହେଲେ କନ୍ଦାଗାଡ ଗ୍ରାମର ସୁରେନ୍ଦ୍ର ବରିହା। ସୁରେନ୍ଦ୍ର ମାନସିକ ବିକୃତ ଏବଂ ସେ ଗତ ୬ତାରିଖରୁ ନିଖୋଜ ଥିଲେ। ତାଙ୍କ ମୃତଦେହ ଉକ୍ତ କୂଅରେ ପଡିଥିବା ଖବର ପାଇ ଗାଇସିଲେଟ ଆଇଆଇସି ପ୍ରଶାନ୍ତ କୁମାର ସାମଲ ଘଟଣାସ୍ଥଳକୁ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି।

### ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲିରେ ଚାଲିଥିବା ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାର ସମ୍ପନ୍ନ ହୋଇଛି। ୭ଦିନ ଧରି ଏହି ମହୋତ୍ସବ ଚାଲିଥିଲା। ଅନ୍ତିମ ଦିବସରେ ପ୍ରଥମେ ଶ୍ରୀ ଶ୍ରୀ ଦଧିବାମନଙ୍କ ମନ୍ଦିର ଚୂଡ଼ାରେ ରୀତିନୀତିରେ ନେତ ବନ୍ଧା ଯାଇଥିଲା। ଯଜ୍ଞ ମଣ୍ଡପରେ ମଣ୍ଡପ ଦେବତା ପୂଜା, ଚକ୍ର କଳସ, ଧ୍ୱଜାଦି ପୂଜା, ସର୍ବଦେବତା ହୋମଯୁପ, ଧ୍ୱଜ କଳସ ସ୍ଥାପନ, ଦେବତାମାନଙ୍କର ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି, ଆଶିର୍ବାଦ, ଦେବତା ବିସର୍ଜନ, ପ୍ରସାଦ ସେବନ ହୋଇଥିଲା । ଦଧିବାମନ ସ୍ୱାମୀଙ୍କ ମାଉସୀ ଅର୍ଦ୍ଧାସିନୀ ଦେବୀ ତଥା ଛାୟା ଦେବୀ ଓ ମାୟାଦେବୀଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ମଣ୍ଡପ ପରିକ୍ରମା କଲା ପରେ ନୂତନ ମନ୍ଦିର ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହେରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତାପ ମହାପାତ୍ର, ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ସରୋଜ କୁମାର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଯୁବ ସଙ୍ଗଠକ ସୁବ୍ରତ ସିଂ, ସରପଞ୍ଚ ଗୋବିନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।


ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ସମାପନ କରିବାକୁ ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ସୋହେଲା ଅଞ୍ଚଳରେ ରବିବାର ମିଳିତ ଫ୍ଲାଗମାର୍ଚ୍ଚ କରାଯାଉଛି।

# ସୋହେଲାରେ ପୋଲିସ, ସିଆର୍‌ପିଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

**ସୋହେଲା, ୧୭।୩ (ଅଶ୍ୱିନୀ କୁମାର ପାତ୍ର)**

ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ସମାପନ କରିବାକୁ ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ସୋହେଲାରେ ମିଳିତ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ରବିବାର ତବ, ଲୁହୁରାଚଟି, ଗ୍ରିଞ୍ଜାଲ ଗାଁ ସମେତ ସୋହେଲାରେ ସୁରକ୍ଷାକର୍ମୀ ଫ୍ଲାଗମାର୍ଚ୍ଚ କରିଛନ୍ତି। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଆଇଆଇସି ପ୍ରଣୟ ମୁର୍ମୁ, ଏସ୍‌ଆଇ ଅରୂପ ବାରାକ, ଏସ୍‌ଆଇ ଅନିମା ଏକ୍କା, ଏସ୍‌ଆଇ ରବି ନାରାୟଣ ପଧାନ, ଏଏସ୍‌ଆଇ ସଚ୍ଚିଦାନନ୍ଦ ପଧାନ, ସୁଶାନ୍ତ ଭୋଇ, ପୁଷ୍ପା ଡୁଙ୍ଗଡୁଙ୍ଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଫ୍ଲାଗମାର୍ଚ୍ଚ ଦ୍ୱାରା ସାଧାରଣ ଜନତାଙ୍କ ମନରେ ପୋଲିସ ପ୍ରଶାସନ ପ୍ରତି ବିଶ୍ୱାସ ବଢିବ ବୋଲି ଏସ୍‌ଡିପିଓ ଭୋଇ ଜଣାଇଛନ୍ତି।

# ସ୍ୱଚ୍ଛ, ମୁକ୍ତ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ-୨୦୨୪କୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ନିର୍ବାଚନ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଜିଲାପାଳ ଗୋୟଲ ସୂଚନା ଦେଇଥିଲେ, ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ବରଗଡ଼ ଲୋକସଭା ଏବଂ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା ଏବଂ ଭଟଲି ବିଧାନସଭା ପାଇଁ ପଞ୍ଚମ ପର୍ଯ୍ୟାୟରେ ନିର୍ବାଚନ କରାଯିବ। ପଞ୍ଚମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ଏପ୍ରିଲ ୨୬ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ମେ ୩ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଛି। ମେ ୬ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବାବେଳେ ମେ ୨୦ତାରିଖରେ ମତଦାନ ଏବଂ ଜୁନ ୪ତାରିଖରେ ଭୋଟ୍ ଗଣତି ହେବ ବୋଲି ଜିଲାପାଳ ଗୋୟଲ ସୂଚନା ଦେଇଥିଲେ।

ଜିଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲାସ୍ତରୀୟ ମିଡ଼ିଆ ସାର୍ଟିଫିକେଟ୍, ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ, ପ୍ରାର୍ଥୀ କୈନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁଡ଼ିକ ଯଥା ସି-ଭିଜିଲ୍ ଆପ୍, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପ ଲାଇନ ଏବଂ ସକ୍ଷମ ଆପ୍ ବିଷୟରେ ବିସ୍ତୃତ ବିବରଣୀ ଦେବା ସହିତ ନିର୍ବାଚନ ଟୋଲ ଫ୍ରି ନଂ-୧୯୫୦କୁ ଫୋନ କରି ନିଜର ଅଭିଯୋଗ କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲା ନିର୍ବାଚନ ପରିପ୍ରେକ୍ଷୀରେ ଅଧିକ ସୂଚନା ଦେବାକୁ ଯାଇ ଜିଲାପାଳ ଗୋୟଲ କହିଥିଲେ, ଜିଲାରେ ମତଦାତା ସଂଖ୍ୟା ୧୧ଲକ୍ଷ ୮୧ହଜାର ୮୯୩ ରହିଛି। ସେମାନଙ୍କ ମଧ୍ୟରେ ୫ଲକ୍ଷ ୮୬ହଜାର ୩୫୩ ମହିଳା ଏବଂ ୫ଲକ୍ଷ ୯୫ହଜାର



ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ।

୪୯୪ ପୁରୁଷ ମତଦାତା ଅଛନ୍ତି। ସମୁଦାୟ ଭୋଟରମାନଙ୍କ ମଧ୍ୟରୁ ୧୧ହଜାର ୧୯୬ଜଣ ଶାରୀରିକ ଅକ୍ଷମ ହୋଇଥିବାବେଳେ ୨ଲକ୍ଷ ୩୦ହଜାର ୯୭୬ଜଣ ନୂଆ ଭୋଟର ଅଛନ୍ତି। ୮୩୧୫ଜଣଙ୍କ ବୟସ ୮୫ବର୍ଷରୁ ଅଧିକ ଅଟେ। ଜିଲାର ୫ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ନିଂ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଜିଲାରେ ସମୁଦାୟ ୧୩୯୭ବୁଥ୍‌ରେ ମତଦାନ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

ସମଗ୍ର ଜିଲାରେ ନିର୍ବାଚନୀ ପରିଚାଳନା ଏବଂ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବା ସହିତ ସ୍ୱଚ୍ଛ, ମୁକ୍ତ, ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନାକୁ ଜିଲାପାଳ ଗୁରୁତ୍ୱ ଦେଇଥିବାବେଳେ ଏଥିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା ସୂଚନା ଦେଇ କହିଥିଲେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏବେଠାରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଯାଞ୍ଚ ଚାଲିଥିବାବେଳେ ଫ୍ଲାଗମାର୍ଚ୍ଚ ମଧ୍ୟ କରାଯାଉଛି। କୌଣସି ପ୍ରକାର ଦ୍ୱନ୍ଦ୍ୱ, ହିଂସା ଏବଂ ଅପରାଧିକ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବ୍ୟବସ୍ଥା କରାଯାଇଛି। କିଭଳି ଠିକ୍ ସମୟରେ ଏବଂ ଠିକ୍ ଉପାୟରେ ନିର୍ବାଚନ ପରିଚାଳନା କରିହେବ, ପୋଲିସ ପ୍ରଶାସନ ସେଥିପ୍ରତି ପ୍ରସ୍ତୁତ ରହିଥିବା ଏସ୍‌ପି କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ନିର୍ବାଚନ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବରଗଡ଼ ଜିଲା**

- ଜିଲାରେ ୧୧ଲକ୍ଷ ୮୧ହଜାର ୮୯୩ ଭୋଟର
- ଏଥର ୨ଲକ୍ଷ ୩୦ହଜାର ୯୭୬ ନୂଆ ଭୋଟର
- ମେ ୨୦ରେ ମତଦାନ
- ଜୁନ୍ ୪ରେ ଫଳାଫଳ

### ଶୁଣ୍ଡି ସମାଜର ବାର୍ଷିକ ସମାବେଶ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଶୁଣ୍ଡି ସମାଜର ଜିଲାସ୍ତରୀୟ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍ଧବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ସମାବେଶରେ ୨୪ଜଣ ଝିଅପୁଅଙ୍କ ବିବାହ ପ୍ରସ୍ତାବ ଆଗତ ହୋଇଥିଲା। ଜିଲାର ସବୁ ବ୍ଲକ ସମେତ ସୋନପୁର, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ଛତିଶଗଡ଼ ରାଜ୍ୟରୁ ପ୍ରତିନିଧିମାନେ ସମାବେଶରେ ଯୋଗଦାନ କରିଥିଲେ। ନାରୀ, ଯୁବ ସଙ୍ଗଠନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସମାବେଶରେ ମତପ୍ରକାଶ ପାଇଥିଲା। ସମାଜର ଜଣେ ଗରିବ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଯାଦବ ସମାଜର ଅମରେନ୍ଦ୍ର ନାରାୟଣ ଯାଦବ, ଭୁଲିଆ ସମାଜର ରାମକୃଷ୍ଣ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଶୁଣ୍ଡି ସମାଜର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ପୃଥ୍ୱୀରାଜ ବେହେରା ମଞ୍ଚାସୀନ ଥିଲେ। ଖଡ଼ିରତ୍ନ ବେହେରା, ନବୀନ ବେହେରା, ଗୁନା ସାହୁ, ସତ୍ୟନାରାୟଣ ସାହୁ ଯୋଗଦାନ କରିଥିଲେ। ପାଣ୍ଡବ ବେହେରା ସଭା ପରିଚାଳନା କରିଥିଲେ। ଶରତ ବେହେରା, ନୀଳମାଧବ ସାହୁ, ମୋରାରଜୀ ସାହୁ, ପ୍ରକାଶ ସାହୁ, ନିରଞ୍ଜନ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଗ୍ରାମବାସୀ ଓ ବୁଦ୍ଧିଜୀବୀ।

**ଗାଇସିଲେଟ, ୧୭।୩(ଦୁର୍ଗା ତ୍ରିବେଦୀ)**

ଗାଇସିଲେଟ ପଞ୍ଚାୟତର ସରପଞ୍ଚ କଲଙ୍ଗାପାଲି ଗ୍ରାମର ସ୍ୱର୍ଗତ ଦାମୋଦର ଦାଶଙ୍କ ତିରୋଧାନ ତଥା ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ ସାହୁ କଲ୍ୟାଣ ମଣ୍ଡପରେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଘାଏ ଦେଖତ କଲାପଟା ସାହିତ୍ୟକୁଟୁମ୍ ଓ ଗଙ୍ଗାଧର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟ କେତନ ତ୍ରିପାଠୀ, ଚାଷୀନେତା ଅରବିନ୍ଦ ପଣ୍ଡା, ରବିନ୍ଦ୍ର କୁମାର ପଣ୍ଡା, ପ୍ରହଲ୍ଲାଦ ସାହୁ, ସୁଦାମ ଚରଣ ପୁରୋହିତ, ଚିତ୍ରସେନ ସାହୁ, ଆର୍ତ୍ତତ୍ରାଣ ଯୋଷୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। କୋଶଲୀ କବି ବୈରାଗୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

# କୋଶଳ ଇତିହାସ ଉନ୍ମୋଚିତ

**ପଦ୍ମପୁର, ୧୭।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ସ୍ଥିତ ସିରଜିନା ଆରୁ ସାଂସ୍କୃତିକ ପକ୍ଷରୁ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନ ରବିବାର ପାଳିତ ହୋଇଯାଇଛି। ସୁଶ୍ରୀ ଜିତେଶ୍ୱରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ରାଜେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଅନୁଗୁଳର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ଅକ୍ଷୟ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ପଦ୍ମଶ୍ରୀ ଗୌନ୍ତିଆ ପଶ୍ଚିମ ଓଡ଼ିଶାର ଅସ୍ମିତାର ରୂପକାର ବୋଲି କହିଥିଲେ। ସନ୍ତୋଷ ସିଂହ ଠାକୁର, ଯଶୋବନ୍ତ ବିଶ୍ୱାଳ, ଡ଼ ଅବନୀକାନ୍ତ ସାହୁ, ଶେଷଦେବ ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱର୍ଣ୍ଣକାନ୍ତି ପତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଆଖଣ୍ଡଳ ଦାଶ, ନରୋତ୍ତମ ଦାଶ, ସୁରେଶ ଚୌହାନ, ପ୍ରତିମା ବାରିକ, ଡ଼ ଅବନୀ କାନ୍ତ ସାହୁ, ଭୋଜରାଜ ବାବୁ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ସୁରେଶ ଚୌହାନଙ୍କ କୋଶଳ ଇତିହାସ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କରୁଣାକର ମେହେର, ହରିବୋଲ ମେହେର, ରଘୁନାଥ ପୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ କୋଶଳ ଇତିହାସକୁ ଉନ୍ମୋଚନ କରୁଛନ୍ତି।

## ଆକାଶବାଣୀ ଶ୍ରୋତା ସଂଘର ସମ୍ମିଳନୀ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଆକାଶବାଣୀର ରାଜ୍ୟସ୍ତରୀୟ ବାର୍ଷିକ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀ ଶ୍ରୋତା ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ପ୍ରସାର ଭାରତୀର ମୁଖ୍ୟ ଅଶୋକ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ବଲପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ଫିଙ୍କ୍ ମୁଖ୍ୟବକ୍ତା, ଗବେଷକ ମୋହନ ସାହୁ, ଡଃ ତପସ୍ୱିନୀ ଗୁରୁ, ସୂର୍ଯ୍ୟ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆକାଶବାଣୀର ବିଭିନ୍ନ ଦିଗ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୋହେଲାର ଶୁକ୍ରୁ କାଣ୍ଡଙ୍କୁ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ଶିବଶଙ୍କର ପୂଜାରୀଙ୍କୁ ଗୀତିକାର କ୍ଷିତିପତି ସାହୁ ସ୍ମୃତି ସମ୍ମାନ, ମୋହନଲାଲ ସିଂ କନ୍ହେଇଙ୍କୁ ହରେକୃଷ୍ଣ ପୂଜାରୀ ନାଟ୍ୟକାର ସମ୍ମାନ, ସଂଘମିତ୍ରା ପଟେଲଙ୍କୁ ସମାଜସେବୀ ବିପିନ ବିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଧିଷ୍ଠିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଆକାଶବାଣୀ ଶ୍ରୋତା ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

# ମିଲେଟ ସେଣ୍ଟର ଉଦ୍‌ଘାଟିତ

**ପାଇକମାଲ, ୧୭।୩(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ଅଧୀନ ବୁକୁରାମୁଣ୍ଡାରେ ରବିବାର ଓଡ଼ିଶା ମିଲେଟ ମିଶନ ତରଫରୁ ଅହିଂସା କ୍ଲବ ସହାୟତାରେ ଏକ ମିଲେଟ ଟିଫିନ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପାଇକମାଲ ବ୍ଲକ ସିଡିପିଓ ବାସନ୍ତୀ ପୂର୍ତ୍ତି ମୁଖ୍ୟ ଅତିଥି ଓ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତିର ବିପିସି ଦୈତାରି ବେହେରା, ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ବାରିକ, ଏମ୍‌ବିକେ ପୁଷ୍ପାଞ୍ଜଳି ଭୋଇ, ଓଡ଼ିଶା ମିଲେଟ ମିଶନ ପାଇକମାଲ ବ୍ଲକ ସଂଯୋଜକ ଗୌର ଚରଣ ସାହୁ ଓ ରାକେଶ କୁମାର ପ୍ରଧାନ ଯୋଗଦେଇ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଉପକାରିତା ବିଷୟରେ ମତପ୍ରକାଶ କରିଥିଲେ। ବୁକୁରମୁଣ୍ଡା ଗ୍ରାମର କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଭ୍ୟ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଏସ୍‌ଏଚ୍‌ଜି ମହିଳା।

## ପରିଚାଳନା ଉନ୍ନତୀକରଣ କାର୍ଯ୍ୟକ୍ରମ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଇମ୍ପେରିଆଲ କଲେଜରେ ପରିଚାଳନା ଉନ୍ନତୀକାରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅହମ୍ମଦାବାଦସ୍ଥିତ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଏବଂ ଭାରତୀୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟବସାୟ ଯୋଜନା, ଡିଜିଟାଲ ମାର୍କେଟିଂ, ଆକାଉଣ୍ଟିଂ, ପ୍ରୋଜେକ୍ଟ ଡକ୍ୟୁମେଣ୍ଟସ ଯୋଗାଣ, ଶୃଙ୍ଖଳା ପରିଚାଳନା ଭଳି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଷ୍ଣୁପ୍ରସାଦ ପଣ୍ଡା, ଉଦ୍ୟୋଗୀ ବିକାଶ ପରାମର୍ଶଦାତା ପ୍ରଦୀପ ମେହେର, ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ ଦୀପକ କୁମାର ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକ ମହେଶ୍ୱର ସାହୁ, ଦୁର୍ଗା ପ୍ରିୟଦର୍ଶିନୀ, ସିମେଣ୍ଟ କାରଖାନାର ସିଏସ୍‌ଆର ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ପୋଷଣ ପକ୍ଷ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଷ୍ଟିକର ଖାଦ୍ୟର ଉପକାରିତା, ଶିଶୁଙ୍କ ଯତ୍ନ, ଶିଶୁଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ପଠାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରାୟଣ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସୁସ୍ଥ ଶରୀର ନିମନ୍ତେ ପୋଷଣଯୁକ୍ତ ଖାଦ୍ୟର ଗୁରୁତ୍ୱ ଉପରେ ବୁଝାଇ କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମ୍ଭାର ପୋଷଣ ପକ୍ଷ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ବୁଝାଇବା ସହିତ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କୁ ଦିଆଯାଉଥିବା ପୋଷଣଯୁକ୍ତ ଖାଦ୍ୟ ବିଷୟରେ କହିଥିଲେ। ମାଣ୍ଡିଆ, ବାଜରା ଭଳି ପୁଷ୍ଟିକର ଖାଦ୍ୟକୁ ପ୍ରାଧାନ୍ୟ ଦେଇ ନିଜ ଦୈନନ୍ଦିନ ଖାଦ୍ୟରେ ସେଗୁଡ଼ିକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମିଲେଟ୍ ଖାଦ୍ୟ ମେଳା ପ୍ରଦର୍ଶିତ ହୋଇଥିଲା ଏବଂ ଅତିଥିମାନେ ବୁଲି ଦେଖିଥିଲେ ।


ଅତିଥିମାନେ ମିଲେଟ୍ ଖାଦ୍ୟମେଳା ବୁଲି ଦେଖୁଛନ୍ତି ।

## ସଂକ୍ଷେପରେ

### ଚିକିତ୍ସିତ ହୋଇ ଟ୍ରେନ୍‌ରେ ଫେରିବାବେଳେ ଯାତ୍ରୀଙ୍କ ମୃତ୍ୟୁ

**ରାଉରକେଲା,୧୭।୩(ଦିନେଶ ମିଶ୍ର)**

ଗୁଜୁରାଟସ୍ଥିତ ଜିଏମ୍‌ଇଆରଏସ୍ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଜଣେ ଯାତ୍ରୀ ଟ୍ରେନ ଯୋଗେ ଫେରୁଥିବାବେଳେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯାତ୍ରୀ ଜଣଙ୍କ ହେଲେ ଝାଡ଼ଖଣ୍ଡର ଝୁନାର ମାରାଣ୍ଡି(୩୨)। ଏ ନେଇ ରାଉରକେଲା ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ଜିଲା ପୁରୁମପାହାଡ଼ି ଗ୍ରାମର ଝୁନାର ୬ ମାସ ଧରି ଯକୃତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ମାସ ତଳେ ଗୁଜୁରାଟ ସ୍ଥିତ ଜିଏମ୍‌ଇଆର୍‌ଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଶୁକ୍ରବାର ହାୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ ଯୋଗେ ଫେରୁଥିବା ବେଳେ ଶନିବାର ରାତିରେ ରାଉରକେଲା ରେଳ ଷ୍ଟେଶନ ପୂର୍ବରୁ ରାସ୍ତାରେ ମୃତ୍ୟୁବରଣ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର,୧୭।୩(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିନସ୍ଥ ଫାଲସାକାନି ହରିଣଡୁବା ଗ୍ରାମରେ ଜଣେ ମହିଳାଙ୍କ ରବିବାର ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ସୁମନ୍ତି କୁଜୁର(୨୩)। ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ମୃତଦେହ ଜବତ କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାମୁତାବକ ସୁମନ୍ତି ୨ ବର୍ଷ ତଳେ ବିବାହ କରିଥିଲେ।

# ଟଏଲେଟରେ ତାଲା, ସୁରକ୍ଷା ଢିଲା



ଟଏଲେଟ୍‌ରେ ତାଲା ପଡ଼ିଛି।



ନିଷେଧ ପ୍ରବେଶ ପଥରେ ଯାତ୍ରୀ ଯାଉଛନ୍ତି।

**ରାଉରକେଲା,୧୭।୩ (ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲା ରେଲୱେ ଷ୍ଟେଶନ**

ଦକ୍ଷିଣ-ପୂର୍ବ ରେଲୱେ ଅଧୀନ ରାଉରକେଲା ଷ୍ଟେଶନରେ ଦୈନିକ ୫୫ଟି ଟ୍ରେନ ଅଟକିବା ସହିତ ଭୁବନେଶ୍ୱର ସମେତ ଦିଲ୍ଲୀ, ମୁମ୍ବାଇ, କଲିକତା, ଚେନ୍ନାଇ, ଅହମଦାବାଦ ଓ ପୁନେ ଭଳି ଦେଶର ବିଭିନ୍ନ ମେଟ୍ରୋ ସହରକୁ ଯାତ୍ରା କରନ୍ତି। ଏପରିକି ଜମ୍ମୁ କଶ୍ମୀର ପର୍ଯ୍ୟନ୍ତ ଯାତ୍ରୀମାନେ ଏହି ଷ୍ଟେଶନ ଦେଇ ରେଳ ଯାତ୍ରା କରିଥାନ୍ତି। ଏଣୁ ଷ୍ଟେଶନରେ ସର୍ବଦା ଯାତ୍ରୀଙ୍କ ଭିଡ଼ ଲାଗି ରହିଥାଏ। ମାତ୍ର ପରିତାପର ବିଷୟ ଏଠାରେ ରେଳ ଯାତ୍ରୀଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁସାରେ, ଷ୍ଟେଶନର ୪ ଓ ୫ନଂ. ପ୍ଲାଟଫର୍ମରେ ଲିଫ୍ଟ ଥିଲେ ମଧ୍ୟ ଲିଫ୍ଟ ପ୍ରାୟ ସମୟ ଅଚଳ ରହୁଛି। ସେହିପରି ୨ ଓ ୩ ନଂ. ପ୍ଲାଟଫର୍ମ ଲିଫ୍ଟ ମଧ୍ୟ ଅଚଳ ରହୁଛି। ଫଳରେ ବୟସ୍କ ରେଳଯାତ୍ରୀମାନେ ଉକ୍ତ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବାକୁ କଷ୍ଟ ଭୋଗୁଛନ୍ତି। କେବଳ ୧ନଂ. ପ୍ଲାଟଫର୍ମ ସ୍ୱୟଂଚାଳିତ ସିଡ଼ି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ପ୍ଲାଟଫର୍ମ ସ୍ୱୟଂଚାଳିତ ସିଡ଼ି ପ୍ରାୟ ସମୟରେ ଉପଲବ୍ଧ ହେଉନାହିଁ। ଏହାବ୍ୟତୀତ ୪ ଓ ୫ନଂ. ପ୍ଲାଟଫର୍ମରେ ରେଳଯାତ୍ରୀଙ୍କ ଟଏଲେଟ ସୁବିଧା ମଧ୍ୟ ନାହିଁ। ପୁରୁଷ ଟଏଲେଟରେ ତାଲା ଝୁଲୁଥିବା ବେଳେ ଅନ୍ୟ ଏକ ପୁରୁଷ ଟଏଲେଟ ବ୍ୟବହାର ଉପଯୋଗୀ ରହୁନାହିଁ। ଷ୍ଟେଶନକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ସାର୍ବଜନିନ ଟଏଲେଟ ତିଆରି ହେଉନି। ଅନ୍ୟପଟେ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଢିଲା ଥିବା କୁହାଯାଉଛି। ରେଳଯାତ୍ରୀଙ୍କ ସାମାନ ତନଖି ପାଇଁ ଷ୍ଟେଶନ ପ୍ରବେଶ ପଥରେ ସ୍କାନର ବ୍ୟବସ୍ଥା ଥିଲେ ମଧ୍ୟ ରେଳଯାତ୍ରୀ ପ୍ରସ୍ଥାନ କରିବା ସମୟରେ କୌଣସି ସୁରକ୍ଷା କର୍ମୀ ସେଠାରେ ରହୁ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବହୁ ରେଳଯାତ୍ରୀ ନିଷେଧ କରାଯାଇଥିବା ପ୍ରବେଶ ପଥ ଦେଇ ମଧ୍ୟ ବିନା ତନଖିରେ ଷ୍ଟେଶନକୁ ଅନାୟାସରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଷ୍ଟେଶନ ସୁରକ୍ଷା ଲାଗି ଆରପିଏଫ୍ କମାଣ୍ଡର ପଦବୀ ଦୀର୍ଘଦିନ ହେଲା ଖାଲି ରହିଥିବା ବେଳେ ତାହା ପୂରଣ ହେଉନାହିଁ। ଏ ନେଇ ରାଉରକେଲା ରେଲୱେ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଉଭୟ ଲିଫ୍ଟ ପୂର୍ବରୁ ବିଦ୍ୟୁତ ଜନିତ ସମସ୍ୟା ଯୋଗୁ ନିଷ୍କ୍ରିୟ ଥିଲା। ମାତ୍ର ତାହା ମରାମତି ହୋଇଯାଇଛି। ଯାତ୍ରୀମାନେ ଲିଫ୍ଟ ବ୍ୟବହାର କରୁନାହାନ୍ତି। ଆଗକୁ ସମୁଦାୟ ଲିଫ୍ଟ ରେଳଯାତ୍ରୀଙ୍କ ସୁବିଧା ଲାଗି ଉପଲବ୍ଧ କରାଯିବ। ସେହିପରି ଖୁବଶୀଘ୍ର ଟଏଲେଟ ନିର୍ମାଣ ସହିତ ପ୍ରବେଶ ପଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଖାଲି ପଦବୀ ପୂରଣ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କହିପାରିବେ ବୋଲି ଦାଶ କହିଥିଲେ।

# ନକଲି ବିଦେଶୀ ମଦ ଜବତ, ୩ ଗିରଫ

**ରାଉରକେଲା,୧୭।୩(ଦିନେଶ ମିଶ୍ର)**

ଏକ ଅଟୋ ଯୋଗେ ରାଉରକେଲାରୁ ନକଲି ବିଦେଶୀ ମଦ ଚାଲାଣ କରୁଥିବାବେଳେ ଅବକାରୀ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳର ରାଜୁ ସାହୁ(୩୮), ବସନ୍ତ ସାହୁ(୩୦) ଏବଂ ଓମ୍ ବାଗ୍(୪୨)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ରାଉରକେଲା ଅବକାରୀ ପୋଲିସ ଏକ ମାମଲା (ନଂ.୪୯୭/୨୪) ରୁଜୁ କରିଛି। ଅଭିଯୁକ୍ତମାନଙ୍କଠାରୁ ୭୨ ଲିଟର ନକଲି ବିଦେଶୀ ମଦ, ୧୩୭ଟି ଠିପି, ୨୧୦ଟି ବିଭିନ୍ନ ମଦ କମ୍ପାନୀର ଲେଭଲ ସାଙ୍ଗକୁ ୬୦ଟି ଖାଲି ମଦବୋତଲ ଓ ଏକ ବାଇକ୍ (ନଂ.ଓଡ଼ି୧୪ଏଚ୍/୧୯୫୦)କୁ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ୫ଟାରେ ମାଲଗୋଦାମ ଅଞ୍ଚଳର ଓମ୍ ଏବଂ ବସନ୍ତ ଏକ ଅଟୋ (ନଂ.ଓଡ଼ି୧୪ଭି/୩୭୮୬) ଯୋଗେ ୭୨ ଲିଟର ନକଲି ବିଦେଶୀ ମଦ ନେଇ ରାଉରକେଲା ରିଂରୋଡ ଦେଇ ଝିରପାଣି ଅଞ୍ଚଳକୁ ଯାଇଥିଲେ। ଏ ନେଇ ସୂଚନା ପାଇ ରାଉରକେଲା ଅବକାରୀ ପୋଲିସ ପୂର୍ବରୁ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଲୁଚି ରହିଥିଲା। ଉକ୍ତ ଅଟୋ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ପାଖରେ ପହଞ୍ଚିବା ପରେ ପୋଲିସ ଅଟୋକୁ ଅଟକାଇ ଯାଞ୍ଚ କରିବା ବେଳେ ଅଟୋରେ ବିପୁଳ ପରିମାଣର ନକଲି ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ଅବକାରୀ ପୋଲିସ ଅଟୋ ଡ୍ରାଇଭର ଓମ୍ ଓ ବସନ୍ତଙ୍କୁ ପଚରାଉଚରା କରିବାରୁ ଏହାର ମାଷ୍ଟରମାଇଣ୍ଡ ରାଜୁ ସାହୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ରାଜୁଙ୍କୁ କାବୁ କରିବା ସହ ତାଙ୍କଠାରୁ ଏକ ପେଟି ନକଲି ବିଦେଶୀ ମଦ ଜବତ କରିଥିଲା। ସୁପରିଣ୍ଟେଣ୍ଡେଣ୍ଟ ଶେଖ୍ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଚଢ଼ାଉରେ ରାଉରକେଲା ଅବକାରୀ ଅତିରିକ୍ତ ଏସ୍‌ପି ଅର୍ଚ୍ଚନା ବାରିକ, ଏସ୍‌ଆଇ ଅଜୟ ପ୍ରଧାନ, ମନୁ ଆୟେଲ, କନଷ୍ଟେବଳ ବବଲୁ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, ଲକ୍ଷ୍ମୀ ପାଣିଗ୍ରାହୀ, ସପନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ଜବତ ମଦ ଓ ଗିରଫ ଅଭିଯୁକ୍ତ।

# କଂଗ୍ରେସ ଆସିଲେ କୃଷିଋଣ ଛାଡ଼ ହେବ


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃତ୍ୱ।

**ରାଉରକେଲା,୧୭।୩(ବିପ୍ଳବ ରଞ୍ଜନ ଦାଶ)**

**ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

ରାଉରକେଲା ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ରାଉରକେଲା ଜିଲା ସାଙ୍ଗଠନିକ ଜିଲା ଅଧ୍ୟକ୍ଷ ରବି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ କୃଷ ଋଣ ଛାଡ, କୃଷି ଏବଂ କୃଷକଙ୍କ ବିକାଶ ନିମନ୍ତେ ଚାଷୀଙ୍କ ଧାନ କିଣା ଯିବ,ଧାନ କୁଇଣ୍ଟାଲ ପିଛା ୩ହଜାର ଟଙ୍କା କରାଯିବ। ସେହିପରି ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କୃଷକଙ୍କୁ ମାସିକ ୨ହଜାର ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୩ହଜାର ଭତ୍ତା ପ୍ରଦାନ ପ୍ରଦାନ କରାଯିବ। ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ, ପ୍ରତ୍ୟେକ ଗାଁରେ ଗୋଶାଳା ନିର୍ମାଣ ସହ ଗୋବର ଗ୍ୟାସ ପ୍ଲାଣ୍ଟ ସ୍ଥାପନ, ଓମଫେଡ ମାଧ୍ୟମରେ ସମସ୍ତ ଗୋପାଳକଙ୍କ କ୍ଷୀର କିଣାଯିବା, ରାଜ୍ୟର ଦକ୍ଷିଣ, ପଶ୍ଚିମ ଏବଂ ଉତ୍ତର ଭାଗରେ କୃଷି ବିଦ୍ୟାଳୟ ପ୍ରତିଷ୍ଠା, ରାଜ୍ୟରେ ଶିଳ୍ପ ଉଦ୍ୟୋଗର ପୁନରୁଦ୍ଧାର, ବ୍ୟାଙ୍କ ଅଫ ଓଡ଼ିଶା ପ୍ରତିଷ୍ଠା, ଖଣିଜ ଉତ୍ତୋଳନରେ ରାଜ୍ୟ ବ୍ୟବସାୟୀଙ୍କୁ ପ୍ରାଥମିକତା, ମହିଳା ସମାଜର ବିକାଶ ନିମନ୍ତେ ଏସ୍‌ଏଚ୍‌ଜି ନାଁରେ ଥିବା ସମସ୍ତ ଋଣ ଛାଡ, ରାଜ୍ୟରେ ଶିକ୍ଷିତ ଯୁବବର୍ଗଙ୍କ ଉନ୍ନତି ପାଇଁ ୫ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି, ସାମାଜିକ ନ୍ୟାୟ, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶମୁଖି ବିଭିନ୍ନ କାର୍ଯ୍ୟକ୍ରମ ସହିତ ରାଜ୍ୟର ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ବସ୍ତି ଅଞ୍ଚଳ ଉନ୍ନତି ଆଦି କରାଯିବ ବୋଲି ଘୋଷଣା କରାଯାଇଥିଲା। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ହମିଦ ହୁସେନ, ପ୍ରଭାତ ମହାପାତ୍ର, ବିରେନ ସେନାପତି, ନିହାର ଦାଶ, ଆଶିଷ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ବରଙ୍କୁ ଉଠାଇ ନେଲା ପୋଲିସ

**ସୁନ୍ଦରଗଡ଼,୧୭।୩(ଜୟ ନାରାୟଣ ମେଣ୍ଡୁଲି)**

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲେ। ଯୁବତୀ ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ। ଶେଷରେ ପ୍ରେମିକାଙ୍କୁ ଛାଡି ଅନ୍ୟତ୍ର ବିବାହ କରିବାକୁ ମନସ୍ଥ କରିଥିଲେ ଯୁବକ। ବରବେଶରେ ଯାଉଥିବାବେଳେ ଉଠାଇ ନେଲା ପୋଲିସ। ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ଧରୁଆଡ଼ିହି ଥାନା ଅଞ୍ଚଳରେ। ସୂଚନା ମୁତାବକ, ଧରୁଆଡ଼ିହି ଥାନା ସଲଙ୍ଗାବୁଡ଼ ଗ୍ରାମର ଜଣେ ଯୁବତୀଙ୍କ ସହିତ ସମ୍ବଲପୁର ଜିଲା ବାମରା ଖୋଖୋ ପଡ଼ାର ଜଣେ ଯୁବକଙ୍କ ୭ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ସଲଙ୍ଗାବୁଡ଼ ଆସି ଯୁବତୀଙ୍କ ଘରେ ରହି ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗତ ୫ବର୍ଷ ହେବ ଯୁବକ ଜଣକ କାମ କରିବାକୁ ଚେନ୍ନାଇ ଚାଲିଯାଇଥିଲେ। ଏପରିକି ନିଜର ଫୋନ ନମ୍ବର ବଦଳାଇ ଦେଇଥିବାରୁ ଯୁବତୀ ତାଙ୍କ ସହିତ ଯୋଗାଯୋଗ କରିପାରି ନ ଥିଲେ। ଗତ ସପ୍ତାହ ତଳେ ଯୁବତୀ ଜଣଙ୍କ ପ୍ରେମିକ ଘରକୁ ଆସି ଧରୁଆଡ଼ିହିରେ ନିଜ ମାମୁଁ ଝିଅଙ୍କୁ ବିବାହ କରୁଥିବା ଖବର ପାଇଥିଲେ। ଏ ନେଇ ସେ ପ୍ରଥମେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଧରୁଆଡ଼ିହି ଥାନାରେ ଅଭିଯୋଗ କରିବାକୁ ପୋଲିସ କହିଥିଲା। ରବିବାର ଯୁବକ ଜଣଙ୍କ ବରବେଶରେ ବାହାରି କନ୍ୟା ଘରକୁ ଯାଉଥିବା ବେଳେ ଧରୁଆଡ଼ିହି ଥାନା ପୋଲିସ ବରଙ୍କୁ ଥାନାକୁ ଉଠାଇ ନେଇଥିଲା। ପୋଲିସ କାର ସହିତ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି।

# ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବା ଯୁବପିଢ଼ିଙ୍କ ଦାୟିତ୍ୱ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ରାଉରକେଲା,୧୭।୩(ଦିନେଶ ମିଶ୍ର)**

**■ ୨୭ରେ ହେବ ଦୋଳ ମେଳଣ ଉତ୍ସବ**

**■ ଯୋଗଦେବେ ୪୦ରୁ ଊର୍ଦ୍ଧ୍ୱ ବିମାନ**

ରାଉରକେଲା ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଚଳିତ ବର୍ଷ ଦଶମ ଦୋଳ ମେଳଣ ଉତ୍ସବ ପାଳନ କରାଯିବ। ଏ ନେଇ କେନ୍ଦ୍ରୀୟ ଦୋଳ ମେଳଣ ସମିତି ପକ୍ଷରୁ ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ବର୍ତ୍ତମାନ ଯୁବପିଢ଼ିଙ୍କ ଦାୟିତ୍ୱ ବୋଲି ଅଧ୍ୟକ୍ଷ ରାଉତରାୟ କହିବା ସହ ଚଳିତ ବର୍ଷ ଦୋଳ ମେଳଣକୁ କିଭଳି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ନେଇ ସୂଚନା ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରାଉରକେଲାରେ ଦୋଳମେଳଣ ସେକ୍ଟର-୭ ସ୍ଥିତ ଦୁର୍ଗାପୂଜା ପଡ଼ିଆରେ ୨୭ ତାରିଖ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ସହରରେ ଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ମନ୍ଦିର କମିଟିକୁ ସମିତି ପକ୍ଷରୁ ୧୯ ତାରିଖରୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ମେଳଣକୁ ଆସୁଥିବା ୪୦ରୁ ଊର୍ଦ୍ଧ୍ୱ ବିମାନ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ସାଙ୍ଗକୁ ଆସ୍ଥାନ ବ୍ୟବସ୍ଥା କରାଯାଇଛି। ଏଥିସହ ସମିତି ପକ୍ଷରୁ ଦୋଳମେଳଣ ପଡ଼ିଆରେ ଭଜନ, ଓଡ଼ିଶୀନୃତ୍ୟ, କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସଭାପତି ବିରାଜ ମୋହନ ବିଶ୍ୱାଳ ସୂଚନା ଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ଦୋଳ ମେଳଣ ସମିତି ପକ୍ଷରୁ ଏକ ସ୍ମରଣିକା 'ପରମ୍ପରା ୨୦୨୪' ଉନ୍ମୋଚନ କରାଯିବ। ଏହି ମେଳଣରେ ଶ୍ରୀରାଧାଗୋବିନ୍ଦଙ୍କୁ ସଜ୍ଜିତ କରି ବିମାନରେ ବସାଇ ଆଣିଥିବା ଶ୍ରେଷ୍ଠ ବିମାନକୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ଉପଦେଷ୍ଟା ବିଷ୍ଣୁଚରଣ ବିଶ୍ୱାଳ କହିଥିଲେ। କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ୨୦୨୩-୨୪ ବର୍ଷ ସମିତିର ଆୟବ୍ୟୟ ଉପରେ ସୂଚନା ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ବିଷ୍ଣୁଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ ପ୍ରମୁଖ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମିଳନୀରେ ଉପଦେଷ୍ଟା ଉତ୍ତମ ସାମଲ, ମାନସୀ ଜେନା, କାର୍ଯ୍ୟକାରୀ ସଭାପତି ଜୟନ୍ତୀ ଦାସ, ରେଖା କୋଠାରୀ, ବିଷ୍ଣୁପ୍ରିୟା ନାୟକ, ସୁଭଦ୍ରା ପ୍ରଧାନ, ସରସ୍ୱତୀ ବେହେରା, ସରିତା ନାୟକ, ବାସନ୍ତୀ ଜେନା, ଅକ୍ଷୟ ରାଉତ, କପିଳେଶ୍ୱର ମିଶ୍ର, କମଳାକାନ୍ତ ସାମଲ, ରାମଚନ୍ଦ୍ର ଦାସ, ଦୀପ୍ତିରଞ୍ଜନ ବାରିକ, ନରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ସଦସ୍ୟ ଶୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମ୍ୟୁଜିକ୍ ସର୍କଲର ବସନ୍ତ ଉତ୍ସବ ଉଦ୍‌ଘାଟିତ

**ରାଉରକେଲା,୧୭।୩(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ମେହର ଭବନ ପରିସରରେ ରାଉରକେଲାର ସର୍ବପୁରାତନ ସଙ୍ଗୀତ ନୃତ୍ୟ ଅନୁଷ୍ଠାନ ମ୍ୟୁଜିକ୍ ସର୍କଲର ୪୭ତମ ବସନ୍ତ ଉତ୍ସବ ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ବିଭାଗ, କଲିକତା ସ୍ଥିତ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତଥା ଆରଏସ୍‌ପି ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଭାପତି ମହେନ୍ଦ୍ର ପଟ୍ଟନାୟକ ସ୍ୱାଗତ କରିଥିଲେ। ଏହି ପଞ୍ଚଦିବସୀୟ ଉତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଡାକ୍ତର କୃପାସିନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟରେ ସର୍ବଦା ମାଧୁର୍ଯ୍ୟ ଓ ସ୍ୱଷ୍ଟଲେଖା ହିଁ ପାଠକଙ୍କୁ ଆକୃଷ୍ଟ କରିଥାଏ ବୋଲି ସେ ମତପ୍ରକାଶ କରିଥିଲେ। ଭଦ୍ରକ ଜିଲା ଆଗରାପଡ଼ା ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ଡକ୍ଟର ନାରାୟଣ ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇ 'ବସନ୍ତର କଥା ଓ ଗାଥା' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପରେ ବସନ୍ତର କଥା ସାହିତ୍ୟର ବର୍ତ୍ତମାନ ସ୍ଥିତି ଉପରେ ଉପସ୍ଥିତ ସାହିତ୍ୟିକମାନେ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ଶୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ବହୁ ଭାଷାଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ପତ୍ରିକା 'ବାସନ୍ତିକା' ଉନ୍ମୋଚନ କରାଯାଇଥିଲା। ବହୁ ଭାଷୀ କବି ସମ୍ମିଳନୀରେ ରାଉରକେଲାର କବୟିତ୍ରୀ କବିମାନେ ଉପସ୍ଥିତ ରହି କବିତା ପାଠ କରିଥିଲେ। ଉତ୍ସବ ଆରମ୍ଭରେ ଗୁରୁ ବାବାଜୀ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୀଲ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଦସ୍ୟା ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅସ୍ତିତ୍ୱ ହରାଉଛି କ୍ରୀଡ଼ା ଉଦ୍ୟାନ

**ରାଉରକେଲା,୧୭।୩ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ବିଭିନ୍ନ ଛକ ଓ ବସ୍ତିରେ ଲୋକମାନଙ୍କ ସକାଳୁଆ ବ୍ୟାୟାମ ପାଇଁ ଆରଏମସି ପକ୍ଷରୁ କ୍ରୀଡ଼ା ଉଦ୍ୟାନ ନିର୍ମାଣ କରାଯାଇଛି। ଏ ବାବଦରେ ଆରଏମ୍‌ସି କୋଟି କୋଟି ଟଙ୍କା ବ୍ୟୟ କରିଛି। ମାତ୍ର ଅନେକ ସ୍ଥାନରେ ବ୍ୟାରିକେଡ ନ ଥିବାରୁ ପାର୍କଗୁଡ଼ିକ ଅସ୍ତିତ୍ୱ ହରାଇବାରେ ଲାଗିଛି। ୪ନଂ. ୱାର୍ଡର ପ୍ରଧାନପାଲି ଶ୍ରୀମା ବିଦ୍ୟାପୀଠ ବନପୋଷ ନିକଟସ୍ଥ କ୍ରୀଡ଼ା ଉଦ୍ୟାନ ଓ ରଥପଡ଼ିଆ ନିକଟ ନବନିର୍ମିତ କ୍ରୀଡ଼ା ଉଦ୍ୟାନରେ ଏଭଳି ଦେଖିବାକୁ ମିଳିଛି। ଦୀର୍ଘମାସ ହେଲା ଏହି ଉଭୟ ଉଦ୍ୟାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବ୍ୟାୟାମ ଉପକରଣ ସ୍ଥାପନ ହୋଇଛି। ତେବେ ରଥପଡ଼ିଆ ନିକଟ କ୍ରୀଡ଼ା ଉଦ୍ୟାନରେ ବ୍ୟାରିକେଡ ଲଗାଯାଇଥିବା ବେଳେ ଶ୍ରୀମା ବିଦ୍ୟାପୀଠ ନିକଟସ୍ଥ କ୍ରୀଡ଼ା ଉଦ୍ୟାନରେ ବ୍ୟାରିକେଡ ଲଗାଯାଇନାହିଁ। ଫଳରେ ଉଦ୍ୟାନ ପରିସରସ୍ଥ ପଡ଼ିଆ ଦିନକୁ ଦିନ ଅଳିଆ ଆବର୍ଜନା, ବୁଲା ଗୋରୁଙ୍କ ମଳମୂତ୍ରରେ ସନ୍ତସନ୍ତିଆ ହୋଇପଡ଼ିଛି। ଏ ଦିଗରେ ଆରଏମସି ପକ୍ଷରୁ ଦୃଷ୍ଟି ଦେବାକୁ ଅଞ୍ଚଳର ବୁଦ୍ଧଦେବ ସା, ଧନଞ୍ଜୟ ସା, ରୋହିତ ତନ୍ତୀ ଏବଂ ଅଜୁ ସା ପ୍ରମୁଖ ବନପୋଷ ବସ୍ତି ବାସିନ୍ଦା ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ବନପୋଷର ଶ୍ରୀମା ବିଦ୍ୟାପୀଠ କ୍ରୀଡା ଉଦ୍ୟାନ ସମେତ ବହୁ ସ୍ଥାନରେ ବ୍ୟାରିକେଡ ଲାଗିବାର ଅଛି। କିଛି ସ୍ଥାନରେ ବ୍ୟାରିକେଡ ଲାଗିନାହିଁ। ବ୍ୟାରିକେଡ ଲାଗିବା ପରେ କ୍ରୀଡ଼ା ଉଦ୍ୟାନ ସମୂହ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ସେ କହିଥିଲେ।


ବନପୋଷ ମୁକୁଳା କ୍ରୀଡ଼ା ଉଦ୍ୟାନ।

## ସଂକ୍ଷେପରେ

### କୂଅରୁ ଗଳିତ ମୃତଦେହ ଉଦ୍ଧାର

**ଗାଇସିଲେଟ, ୧୭।୩(ଦୁର୍ଗା ତ୍ରିବେଦୀ):** ଗାଇସିଲେଟ ଥାନା ଅଧୀନ ଦେବାହାଲ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ହେଲେ କନ୍ଦାଗାଡ ଗ୍ରାମର ସୁରେନ୍ଦ୍ର ବରିହା। ସୁରେନ୍ଦ୍ର ମାନସିକ ବିକୃତ ଏବଂ ସେ ଗତ ୬ତାରିଖରୁ ନିଖୋଜ ଥିଲେ। ତାଙ୍କ ମୃତଦେହ ଉକ୍ତ କୂଅରେ ପଡିଥିବା ଖବର ପାଇ ଗାଇସିଲେଟ ଆଇଆଇସି ପ୍ରଶାନ୍ତ କୁମାର ସାମଲ ଘଟଣାସ୍ଥଳକୁ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି।

### ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲିରେ ଚାଲିଥିବା ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାର ସମ୍ପନ୍ନ ହୋଇଛି। ୭ଦିନ ଧରି ଏହି ମହୋତ୍ସବ ଚାଲିଥିଲା। ଅନ୍ତିମ ଦିବସରେ ପ୍ରଥମେ ଶ୍ରୀ ଶ୍ରୀ ଦଧିବାମନଙ୍କ ମନ୍ଦିର ଚୂଡ଼ାରେ ରୀତିନୀତିରେ ନେତ ବନ୍ଧା ଯାଇଥିଲା। ଯଜ୍ଞ ମଣ୍ଡପରେ ମଣ୍ଡପ ଦେବତା ପୂଜା, ଚକ୍ର କଳସ, ଧ୍ୱଜାଦି ପୂଜା, ସର୍ବଦେବତା ହୋମଯୁପ, ଧ୍ୱଜ କଳସ ସ୍ଥାପନ, ଦେବତାମାନଙ୍କର ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି, ଆର୍ଶିର୍ବାଦ, ଦେବତା ବିସର୍ଜନ, ପ୍ରସାଦ ସେବନ ହୋଇଥିଲା । ଦଧିବାମନ ସ୍ୱାମୀଙ୍କ ମାଉସୀ ଅର୍ଦ୍ଧାସିନୀ ଦେବୀ ତଥା ଛାୟା ଦେବୀ ଓ ମାୟାଦେବୀଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ମଣ୍ଡପ ପରିକ୍ରମା କଲା ପରେ ନୂତନ ମନ୍ଦିର ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହେରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତାପ ମହାପାତ୍ର, ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ସରୋଜ କୁମାର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଯୁବ ସଙ୍ଗଠକ ସୁବ୍ରତ ସିଂ, ସରପଞ୍ଚ ଗୋବିନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।



ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ସମାପନ କରିବାକୁ ପୋଲିସ ଏବଂ ସିଆରପିଏଫ ପକ୍ଷରୁ ସୋହେଲା ଅଞ୍ଚଳରେ ରବିବାର ମିଳିତ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ସୋହେଲାରେ ପୋଲିସ, ସିଆର୍‌ପିଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

**ସୋହେଲା, ୧୭।୩ (ଅଶ୍ୱିନୀ କୁମାର ପାତ୍ର)**

ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ସମାପନ କରିବାକୁ ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ସୋହେଲାରେ ମିଳିତ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ରବିବାର ତବ, ଲୁହୁରାଚଟି, ଗ୍ରିଞ୍ଜାଲ ଗାଁ ସମେତ ସୋହେଲାରେ ସୁରକ୍ଷାକର୍ମୀ ଫ୍ଲାଗମାର୍ଚ୍ଚ କରିଛନ୍ତି। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଆଇଆଇସି ପ୍ରଣୟ ମୁର୍ମୁ, ଏସ୍‌ଆଇ ଅରୂପ ବାରାକ, ଏସ୍‌ଆଇ ଅନିମା ଏକ୍କା, ଏସ୍‌ଆଇ ରବି ନାରାୟଣ ପଧାନ, ଏଏସ୍‌ଆଇ ସଚ୍ଚିଦାନନ୍ଦ ପଧାନ, ସୁଶାନ୍ତ ଭୋଇ, ପୁଷ୍ପା ଡୁଙ୍ଗଡୁଙ୍ଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଫ୍ଲାଗମାର୍ଚ୍ଚ ଦ୍ୱାରା ସାଧାରଣ ଜନତାଙ୍କ ମନରେ ପୋଲିସ ପ୍ରଶାସନ ପ୍ରତି ବିଶ୍ୱାସ ବଢିବ ବୋଲି ଏସ୍‌ଡିପିଓ ଭୋଇ ଜଣାଇଛନ୍ତି।

# ସ୍ୱଚ୍ଛ, ମୁକ୍ତ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ-୨୦୨୪କୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ନିର୍ବାଚନ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଜିଲାପାଳ ଗୋୟଲ ସୂଚନା ଦେଇଥିଲେ, ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ବରଗଡ଼ ଲୋକସଭା ଏବଂ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା ଏବଂ ଭଟଲି ବିଧାନସଭା ପାଇଁ ପଞ୍ଚମ ପର୍ଯ୍ୟାୟରେ ନିର୍ବାଚନ କରାଯିବ। ପଞ୍ଚମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ଏପ୍ରିଲ ୨୬ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ମେ ୩ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଛି। ମେ ୬ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବାବେଳେ ମେ ୨୦ତାରିଖରେ ମତଦାନ ଏବଂ ଜୁନ ୪ତାରିଖରେ ଭୋଟ୍ ଗଣତି ହେବ ବୋଲି ଜିଲାପାଳ ଗୋୟଲ ସୂଚନା ଦେଇଥିଲେ।

ଜିଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲାସ୍ତରୀୟ ମିଡ଼ିଆ ସାର୍ଟିଫିକେଟ୍, ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ, ପ୍ରାର୍ଥୀ କୈନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁଡ଼ିକ ଯଥା ସି-ଭିଜିଲ୍ ଆପ୍, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପ ଲାଇନ ଏବଂ ସକ୍ଷମ ଆପ୍ ବିଷୟରେ ବିସ୍ତୃତ ବିବରଣୀ ଦେବା ସହିତ ନିର୍ବାଚନ ଟୋଲ ଫ୍ରି ନଂ-୧୯୫୦କୁ ଫୋନ କରି ନିଜର ଅଭିଯୋଗ କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲା ନିର୍ବାଚନ ପରିପ୍ରେକ୍ଷୀରେ ଅଧିକ ସୂଚନା ଦେବାକୁ ଯାଇ ଜିଲାପାଳ ଗୋୟଲ କହିଥିଲେ, ଜିଲାରେ ମତଦାତା ସଂଖ୍ୟା ୧୧ଲକ୍ଷ ୮୧ହଜାର ୮୯୩ ରହିଛି। ସେମାନଙ୍କ ମଧ୍ୟରେ ୫ଲକ୍ଷ ୮୬ହଜାର ୩୫୩ ମହିଳା ଏବଂ ୫ଲକ୍ଷ ୯୫ହଜାର ୪୯୪ ପୁରୁଷ ମତଦାତା ଅଛନ୍ତି। ସମୁଦାୟ ଭୋଟରମାନଙ୍କ ମଧ୍ୟରୁ ୧୧ହଜାର ୧୯୬ଜଣ ଶାରୀରିକ ଅକ୍ଷମ ହୋଇଥିବାବେଳେ ୨ଲକ୍ଷ ୩୦ହଜାର ୯୭୬ଜଣ ନୂଆ ଭୋଟର ଅଛନ୍ତି। ୮୩୧୫ଜଣଙ୍କ ବୟସ ୮୫ବର୍ଷରୁ ଅଧିକ ଅଟେ। ଜିଲାର ୫ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ନିଂ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଜିଲାରେ ସମୁଦାୟ ୧୩୯୭ବୁଥରେ ମତଦାନ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

ସମଗ୍ର ଜିଲାରେ ନିର୍ବାଚନୀ ପରିଚାଳନା ଏବଂ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବା ସହିତ ସ୍ୱଚ୍ଛ, ମୁକ୍ତ, ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନାକୁ ଜିଲାପାଳ ଗୁରୁତ୍ୱ ଦେଇଥିବାବେଳେ ଏଥିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏସପି ପ୍ରହଲ୍ଲାଦ ସହାଇ ମୀନା ସୂଚନା ଦେଇ କହିଥିଲେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏବେଠାରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଯାଞ୍ଚ ଚାଲିଥିବାବେଳେ ଫ୍ଲାଗମାର୍ଚ୍ଚ ମଧ୍ୟ କରାଯାଉଛି। କୌଣସି ପ୍ରକାର ଦ୍ୱନ୍ଦ୍ୱ, ହିଂସା ଏବଂ ଅପରାଧିକ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବ୍ୟବସ୍ଥା କରାଯାଇଛି। କିଭଳି ଠିକ୍ ସମୟରେ ଏବଂ ଠିକ୍ ଉପାୟରେ ନିର୍ବାଚନ ପରିଚାଳନା କରିହେବ, ପୋଲିସ ପ୍ରଶାସନ ସେଥିପ୍ରତି ପ୍ରସ୍ତୁତ ରହିଥିବା ଏସପି କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ନିର୍ବାଚନ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ।

**ବରଗଡ଼ ଜିଲା**

- ଜିଲାରେ ୧୧ଲକ୍ଷ ୮୧ହଜାର ୮୯୩ ଭୋଟର
- ଏଥର ୨ଲକ୍ଷ ୩୦ହଜାର ୯୭୬ ନୂଆ ଭୋଟର
- ମେ ୨୦ରେ ମତଦାନ
- ଜୁନ୍ ୪ରେ ଫଳାଫଳ

### ଶୁଣ୍ଡି ସମାଜର ବାର୍ଷିକ ସମାବେଶ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଶୁଣ୍ଡି ସମାଜର ଜିଲାସ୍ତରୀୟ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍ଧବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ସମାବେଶରେ ୨୪ଜଣ ଝିଅପୁଅଙ୍କ ବିବାହ ପ୍ରସ୍ତାବ ଆଗତ ହୋଇଥିଲା। ଜିଲାର ସବୁ ବ୍ଲକ ସମେତ ସୋନପୁର, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ଛତିଶଗଡ଼ ରାଜ୍ୟରୁ ପ୍ରତିନିଧିମାନେ ସମାବେଶରେ ଯୋଗଦାନ କରିଥିଲେ। ନାରୀ, ଯୁବ ସଙ୍ଗଠନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସମାବେଶରେ ମତପ୍ରକାଶ ପାଇଥିଲା। ସମାଜର ଜଣେ ଗରିବ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଯାଦବ ସମାଜର ଅମରେନ୍ଦ୍ର ନାରାୟଣ ଯାଦବ, ଭୁଲିଆ ସମାଜର ରାମକୃଷ୍ଣ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଶୁଣ୍ଡି ସମାଜର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ପୃଥ୍ୱୀରାଜ ବେହେରା ମଞ୍ଚାସୀନ ଥିଲେ। ଖଡ଼ିରତ୍ନ ବେହେରା, ନବୀନ ବେହେରା, ଗୁନା ସାହୁ, ସତ୍ୟନାରାୟଣ ସାହୁ ଯୋଗଦାନ କରିଥିଲେ। ପାଣ୍ଡବ ବେହେରା ସଭା ପରିଚାଳନା କରିଥିଲେ। ଶରତ ବେହେରା, ନୀଳମାଧବ ସାହୁ, ମୋରାରଜୀ ସାହୁ, ପ୍ରକାଶ ସାହୁ, ନିରଞ୍ଜନ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା କଂଗ୍ରେସ କମିଟିର ମିଶ୍ରଣ ପର୍ବ



ଦଳରେ ସାମିଲ ହୋଇଥିବା କର୍ମୀ।

**ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ କେଲଡା ପଞ୍ଚାୟତ ଝୁଣ୍ଟିବାହାଲ ଗ୍ରାମରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ମାଧବ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ ବେହେରା, କେଦାର କିଷାନ, ସୁରେନ୍ଦ୍ର ରଞ୍ଜ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ପଦ୍ମିନୀ ମୁଣ୍ଡା, ପ୍ରକାଶ ଜାମୁଡା ଓ ଦେବେନ୍ଦ୍ର ହେମ୍ବ୍ରମଙ୍କ ସମେତ କେଲଡା ଓ ଆଖାପଖ ଗ୍ରାମର ବହୁ ମହିଳା ପୁରୁଷ କଂଗ୍ରେସରେ ଯୋଗଦେଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର ଓ ଶ୍ରୀତମ ସାହୁଙ୍କ ସମେତ କେଲଡା ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି ।

**୧୬ ବର୍ଷରୁ କମ ହକି ପ୍ରତିଯୋଗିତା**

# ତୁଳସୀତଇଳା ଚାମ୍ପିୟନ

**ଦେବଗଡ଼, ୧୭।୩ ( ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ରେଙ୍ଗାଳବେଡା ସ୍ଥିତ ଗୋହିରା ହାଇସ୍କୁଲ ଖେଳପଡିଆଠାରେ ୧୬ ବର୍ଷରୁ କମ ବୟସର ବାଳକ ହକି ଦଳ ଗୁଡିକୁ ନେଇ ରବିବାର ଏକ ଜିଲା ସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ରେଙ୍ଗାଳବେଡା ସେକ୍ସନର ଫରେଷ୍ଟର ପ୍ରଦୀପ କୁମାର ଶତପଥି ଯୋଗ ଦେଇଥିଲେ। ଜିଲାର ମୋଟ ୬ଟି ହକିଦଳ (୧୬ ବର୍ଷରୁ କମ)କୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବୈଶ୍ୟପଡା ହକି କ୍ଲବକୁ ପରାସ୍ତ କରି ତୁଳସୀତଇଳାର ନେତାଜୀ କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଙ୍ଗାଳବେଡା ସ୍ଥିତ ଗୋହିରା ହାଇସ୍କୁଲର ଶିକ୍ଷକ ସତୀନାଥ ପ୍ରଧାନ, ପ୍ରଶାନ୍ତ କୁଜୁର ଓ ପଙ୍କଜ ବାରିକ ପରିଚାଳନା କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ସମ୍ମାନିତ ଅତିଥିଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, କୁନମୁନ ମହାପାତ୍ର ଓ ଧିରେନ ପ୍ରଧାନ ଯୋଗଦେଇ ଚାମ୍ପିୟନ ତୁଳସୀତଇଳାର ନେତାଜୀ କ୍ଲବ ଓ ରନର୍ସ ଅପ ବୈଶ୍ୟପଡା ହକି କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳି।

# ଆକାଶବାଣୀ ଶ୍ରୋତା ସଂଘର ସମ୍ମିଳନୀ

**ବରଗଡ଼, ୧୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଆକାଶବାଣୀର ରାଜ୍ୟସ୍ତରୀୟ ବାର୍ଷିକ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀ ଶ୍ରୋତା ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ପ୍ରସାର ଭାରତୀର ମୁଖ୍ୟ ଅଶୋକ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ବଲପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ଫିଙ୍କ୍ ମୁଖ୍ୟବକ୍ତା, ଗବେଷକ ମୋହନ ସାହୁ, ଡଃ ତପସ୍ୱିନୀ ଗୁରୁ, ସୂର୍ଯ୍ୟ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆକାଶବାଣୀର ବିଭିନ୍ନ ଦିଗ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୋହେଲାର ଶୁକ୍ରୁ କାଣ୍ଡଙ୍କୁ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ଶିବଶଙ୍କର ପୂଜାରୀଙ୍କୁ ଗୀତିକାର କ୍ଷିତିପତି ସାହୁ ସ୍ମୃତି ସମ୍ମାନ, ମୋହନଲାଲ ସିଂ କନ୍ହେଇଙ୍କୁ ହରେକୃଷ୍ଣ ପୂଜାରୀ ନାଟ୍ୟକାର ସମ୍ମାନ, ସଂଘମିତ୍ରା ପଟେଲଙ୍କୁ ସମାଜସେବୀ ବିପିନ ବିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଧିଷ୍ଠିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଆକାଶବାଣୀ ଶ୍ରୋତା ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

# ନିର୍ବାଚନ ପାଇଁ ସମନ୍ୱୟ ବୈଠକ

**ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)**

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ କରିବା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଲିସ ଓ ଜିଲାପାଳଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ମେ ୨୫ରେ ହେବାକୁ ଥିବା ମତଦାନକୁ ଆବଦ୍ଧ, ସ୍ୱଚ୍ଛ ଓ ପ୍ରୋଭଲନ ମୁକ୍ତ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ଜିରୋ ରି ପୋଲର ଲକ୍ଷ୍ୟ ନେଇ ସମାପନ କରିବା କ୍ଷେତ୍ରରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କହିଥିଲେ, ନିର୍ବାଚନ ହେଉଛି ଗଣତନ୍ତ୍ରର ମହା ପର୍ବ । ତେଣୁ ଏହାର ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ଆଇନ ରକ୍ଷାକାରୀଙ୍କ ମଧ୍ୟରେ ଆପସ ବୁଝାମଣା ଆବଶ୍ୟକ ବୋଲି କହିଥିଲେ। ନିର୍ବାଚନ ସମୟରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ମାନଙ୍କ ଅର୍ଥ କାରବାର ଉପରେ ନଜର ରଖାଯିବ। ନିର୍ବାଚନ ସମୟରେ ଟଙ୍କା, ଉପହାର, ମାଦକ ଦ୍ରବ୍ୟ ବଣ୍ଟନ ବନ୍ଦ କରାଯିବ। ଗାଡି ଗୁଡିକୁ ଯାଞ୍ଚ କରାଯିବ । କୌଣସି ପ୍ରାର୍ଥୀ କିମ୍ବା ପ୍ରତିଦ୍ୱନ୍ଦି ରାଜନୈତିକ ଦଳ ପ୍ରଶାସନର ବିନା ଅନୁମତିରେ ସଭା ଶୋଭାଯାତ୍ରା କରିପାରିବେ ନାହିଁ। ସରକାରୀ ଅଧିକାରୀମାନେ ସଂପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାରକୁ ରୋକିବା ପାଇଁ ବ୍ୟାଙ୍କ ଗୁଡ଼ିକର ସହାୟତା ନିଆଯିବ। ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଛି। ଅପରାଧୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଅବଗତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ରିଟର୍ଣ୍ଣିଂ ଅଫିସର ତଥା ଉପ ଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ୩ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ , ତହସିଲଦାର, ସତନ୍ତ୍ର ପବ୍ଲିକ ପସିକ୍ୟୁଟର, ସରକାରୀ ଓକିଲ ଓ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ବିଭିନ୍ନ ସ୍ଥାନରେ ଲୋକାଭିମୁଖୀ ପ୍ରକଳ୍ପ ଲୋକାର୍ପିତ

**ସମ୍ବଲପୁର, ୧୭।୩(ପ୍ରମୋଦ ବହିଦାର)**

ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣକାରୀ ସଂସ୍ଥା ଏଲ୍ ଏଣ୍ଡ ଟି ଓ ଏହାର ନିର୍ମାଣ ବିଭାଗ ପକ୍ଷରୁ ମିଳିତ ଭାବେ ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ଅନେକ ଲୋକାଭିମୁଖି ପ୍ରକଳ୍ପ ଲୋକାର୍ପିତ ହୋଇଛି। ସେଥିମଧ୍ୟରେ ରେଙ୍ଗାଲି ରାମଚନ୍ଦ୍ର ନଗରସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଏକ ଶୌଚାଳୟ ବ୍ଲକ ନିର୍ମାଣ କରାଯାଇଥିବାବେଳେ ରେଙ୍ଗାଲି, ଭାଲୁବାହାଲ ଓ ନୁଆଁଖୁରୀ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଁଏ ଆର୍‌ଓ ୱାଟର ପ୍ଲାଣ୍ଟ ଓ ୱାଟର ସଫ୍ଟନର ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଅଞ୍ଚଳରେ ଗ୍ରାମବାସୀ ବିଶେଷ କରି ଶିଶୁ ଓ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୋଇ ପାରିବ ବୋଲି ଏଲ୍ ଏଣ୍ଡ ଟି ପକ୍ଷରୁ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ରାମଚନ୍ଦ୍ରନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ସମ୍ବଲପୁର ଜିଲା ପଞ୍ଚାୟତ ଅତିରିକ୍ତ ନିର୍ବାହୀ ଅଧିକାରୀ ଟୁନୁ ମେହେର ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରି ଏହାଦ୍ୱାରା ବିଶୁଦ୍ଧ ପାନୀୟ ଜଳ ସହିତ ଏକ ସ୍ୱଚ୍ଛ ଓ ସୁରକ୍ଷିତ ଶୌଚାଳୟରୁ ଅଧ୍ୟୟନରତ ଛାତ୍ରୀଛାତ୍ର ବିଶେଷ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଏଲ୍‌ଏଣ୍ଡଟି ପ୍ରକଳ୍ପ ମୁଖ୍ୟ ଡି.କେ ବାରିକ ଉକ୍ତ ପ୍ରକଳ୍ପର ଆବଶ୍ୟକତା ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଲେ ଯେ, ଏହି ଜଳ ବିଶୋଧନାଗାର ଦ୍ୱାରା ଅଞ୍ଚଳବାସୀଙ୍କ ସହ ଛାତ୍ରୀଛାତ୍ରଙ୍କୁ ଅନ୍ତତଃ ପକ୍ଷେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହିତ ଏକ ସୁସ୍ଥ, ସ୍ୱଚ୍ଛ ଓ ନିରାପଦ ଶୌଚାଳୟ ଯୋଗାଇ ଦେବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଯଦ୍ୱାରା ଏଅଞ୍ଚଳରେ ଗ୍ରାମବାସୀଙ୍କ ସହିତ ପ୍ରାୟ ୪୫୦ ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ରାଉତ, ଶିକ୍ଷକ ରାଜକିଶୋର ବାଗ, ଶିକ୍ଷୟିତ୍ରୀ ନିରୋଭାପ୍ରଭା ସୁନାନୀ ପ୍ରମୁଖଙ୍କ ସହିତ ବିଦ୍ୟାଳୟର କର୍ମଚାରୀ ଓ ବହୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ସୁଜାତା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଏଲ୍‌ଏଣ୍ଡଟି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରାଯାଉଛି।

## ସରକାରୀ ପ୍ରକଳ୍ପରୁ ଫଟୋ ହଟିଲା

ପଦ୍ମପୁର,(ପ୍ରଦୀପ୍ତ ଦାଶ): ରାଜ୍ୟରେ ନିର୍ବାଚନ ଘୋଷଣା ପରେ ତତ୍କାଳ ଆଚରଣବିଧି ଲାଗୁ ହୋଇଛି। ଫଳରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସରକାରୀ ପ୍ରକଳ୍ପ, ଯାନବାହନରେ ଥିବା ଦଳୀୟ ପ୍ରଚାର ପୋଷ୍ଟରକୁ ହଟାଇ ଦିଆଯାଉଛି। ସୂଚନା ଫଳକରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋକୁ କଳା କପଡାରେ ଘୋଡାଇ ଦିଆଯାଇଛି। ଏକକାଳୀନ ସମସ୍ତ ସରକାରୀ ବସ୍‌ରେ ଥିବା ବ୍ୟାନର, ପୋଷ୍ଟର ହଟାଯାଉଥିବାରୁ ନିର୍ବାଚନ ମାହୋଲ ଧୀରେ ଧୀରେ ସରଗରମ ହେଉଛି।

**ଆଦର୍ଶ ଆଚରଣ ବିଧି ଲାଗୁ ହେଲାଣି**

# ସୋନପୁର: ହୋର୍ଡିଂ ହଟୁନି



ସୁବର୍ଣ୍ଣପୁର ସହର କଳିଙ୍ଗନଗର ବସ୍ତି ସମ୍ମୁଖରେ ଜାଗା ମିଶନ ଯୋଜନାର ହୋର୍ଡିଂ ଲାଗିଛି ।


ମୃତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟାଳୟ ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ହୋର୍ଡିଂ ପୂର୍ବ ଭଳି ରହିଛି ।

**ସୋନପୁର,୧୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ଆସନ୍ତା ଲୋକସଭା ଓ ଓଡିଶା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ଶନିବାର ତାରିଖ ଘୋଷଣା କରିଛନ୍ତି। ଓଡିଶାରେ ୪ ପର୍ଯ୍ୟାୟରେ ନିର୍ବାଚନ ହେବ। ନିର୍ବାଚନ କମିଶନର ଶନିବାର ଅପରାହ୍ନ ୩ଟାରେ ନିର୍ବାଚନ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। କ୍ଷମତାସୀନ ସରକାର ଓ ରାଜନୈତିକ ଦଳ ଆଦର୍ଶ ଆଚରଣ ବିଧି ନିୟମାବଳୀକୁ ଅନୁପାଳନ କରିବା କଥା। ତେବେ ସୁବର୍ଣ୍ଣପୁର ଜିଲାରେ ଆଚରଣବିଧି ଲାଗୁ ହେବାର ୨୪ ଘଣ୍ଟା ପରେ ବି ଏହାକୁ ଅନୁପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। ପୌରପରିଷଦ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବିଦ୍ୟୁତ୍ ବିଭାଗ ଓ ମୃତ୍ତିକା ସଂରକ୍ଷଣ ଭଳି ଜିଲାର କିଛି ବିଭାଗ ସରକାରଙ୍କ ପ୍ରଚାର ହୋଡିଂକୁ ଏ ପର୍ଯ୍ୟନ୍ତ ହଟାଇ ନାହାନ୍ତି। ସୁବର୍ଣ୍ଣପୁର ମୃର୍ତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା କ୍ଷେତ ପୋଖରୀ ଚାଷୀଙ୍କ ପାଇଁ ବହୁ ଉପକାରୀ ଶୀର୍ଷକ ରାଜ୍ୟ ସରକାରଙ୍କ ବାର୍ତ୍ତା ଓ ଯୋଜନା ସମ୍ପର୍କିତ ହୋର୍ଡିଂ ସେମିତି ରହିଛି। ସୋନପୁର ତହସିଲ ଅଫିସ ସମ୍ମୁଖରେ ବିଦ୍ୟୁତ୍ ବିଭାଗର ପ୍ରଚାର ହୋଡିଂ ଲାଗିଥିବା ବେଳେ ତାହାକୁ ଢଙ୍କା ଯାଇନି। ସେହିପରି ଜିଲା ସଦର ମହକୁମା ପଟାଭାଡି ରାସ୍ତାର କଳିଙ୍ଗନଗର ବସ୍ତି ସମ୍ମୁଖରେ ସରକାରଙ୍କ ଜାଗା ମିଶନ ଯୋଜନା ସମ୍ପର୍କିତ ହୋର୍ଡିଂକୁ ହଟାଯାଇନି। ଗ୍ରାମାଞ୍ଚଳରେ ସରକାରଙ୍କ ଯୋଜନାର ପ୍ରଚାର ସମ୍ପର୍କିତ ଏଭଳି ବହୁ ହୋଡିଂ ପୂର୍ବ ଭଳି ରହିଥିବା ଦେଖିବାକୁ ମିଳିଛି। ଏହା ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ ହୋଇଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ଜୁନାଗଡ଼,୧୭।୩ (ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ଗ୍ରାମ ଆମ୍ବଗଛ ତୋଟାଠାରେ ରବିବାର କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ବ୍ଲକ ସଭାପତି ପରମେଶ୍ୱର ମୋଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ତୁଲେଶ୍ୱର ନାଏକଙ୍କ ଆହ୍ୱାନକ୍ରମେ ବ୍ଲକର ୩୪ଟି ପଞ୍ଚାୟତର ସଭାପତି, ୱାର୍ଡ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ କମିଟିର କର୍ମକର୍ତ୍ତା ଓ ବୁଥ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ତୃଣମୂଳସ୍ତରରୁ କଂଗ୍ରେସ ଦଳକୁ ମଜବୁତ କରିବା ପାଇଁ ଏହି କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ କଂଗ୍ରେସର ୧୦ଟି ଗ୍ୟାରେଣ୍ଟିକୁ ଲୋକଲୋଚନକୁ ଆଣିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା। ଏହି ସଭାରେ ଦୁନ୍ଦେଲମାଲର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପଟେଲ,ବକ୍ସି ତୁଳସୀପାଲି ନାଏବ ସରପଞ୍ଚ ମଧୁଯ୍ୟ ତାଣ୍ଡି ଓ ବେଲଗୁଡାର ପୁରୁନ୍ଦର ଶବର କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ହାବସପୁର ଜୋନ ସଭାପତି ନୀଳମଣି ପୁଞ୍ଜି, ଦାସିଗାଁ ଜୋନ ସଭାପତି ଲକ୍ଷ୍ମଣ ଭୋଇ, ନାନ୍ଦୋଳ ଜୋନ ସଭାପତି ଫିରୋଜ ମାଝି, ଆଟିଗାଁ ଜୋନ ସଭାପତି ଏକା ରାମ ସୁନାନୀ, ନବୀନ ଟାକରି, ଦେବେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା।

## କଣ୍ଠଶିଳ୍ପୀ ବିରଞ୍ଚି ନାଏକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଲୋଇସିଂହା,୧୭।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗର ପ୍ରଖ୍ୟାତ ପ୍ରଭାତୀ ଭଜନ କଣ୍ଠଶିଳ୍ପୀ ବିରଞ୍ଚି ନାରାୟଣ ନାଏକଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଜନ ପ୍ରଭାତୀ ଭଜନ ପ୍ରଯୋଜକ ଓ ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନ ସଭାପତି ସୁଧୀର ଆଚାର୍ଯ୍ୟ, କେଦାର ଥନାପତି, ସଙ୍ଗୀତଜ୍ଞ ମକଲେଶ ଚକ୍ରବର୍ତ୍ତୀ, ଗୋପାଳ ଥାନପତି, କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ବ୍ୟାସଦେବ ପୁରୋହିତ, ନବୀନ କୁଅଁର ସୁଶୀଲ ମହାଲିଙ୍ଗ, ହରିନାରାୟଣ ନାଏକ ପ୍ରମୁଖ କଣ୍ଠଶିଳ୍ପୀ ଭଜନ ପରିବେଷଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ବିରଞ୍ଚି ପ୍ରଭାତୀ ଭଜନ ମଧ୍ୟମରେ ଘରେ ଘରେ ପରିଚିତ ଥିଲେ ବୋଲି ସାଥୀ କଣ୍ଠଶିଳ୍ପୀ କହିଥିଲେ।

## ରାଜନୈତିକ ଦଳ ସହ ଜିଲା ପ୍ରଶାସନର ବୈଠକ



ରାଜନୈତିକ ସହ ଜିଲା ପ୍ରଶାସନର ବୈଠକରେ ଅଧିକାରୀ ଓ ଦଳର କର୍ମକର୍ତ୍ତା।

**ଭବାନୀପାଟଣା,୧୭।୩(ଉତ୍ତମ କୁମାର ଦାଶ)**

### ସାଧାରଣ ନିର୍ବାଚନ ପ୍ରସ୍ତୁତି

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାର ବିଭିନ୍ନ ରାଜନୈତିକ ଦଳ ସହ ଜିଲା ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡି,ଏସ୍‌ପି ଅଭିଲାସ ଜି, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାନିଧି ପାଢ଼ି, ନିର୍ବାଚନ ସଂଯୁକ୍ତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡି ମହାନନ୍ଦିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଯୋଗଦେଇଥିଲେ। ବୈଠକରେ ନିର୍ବାଚନ ଆଚରଣ ବିଧି ଓ ନିର୍ବାଚନ ଘୋଷଣାପତ୍ରର ନିୟମାବଳୀ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭା କିପରି ଶାନ୍ତିଶୃଙ୍ଖଳା ସହ ସୁରୁଖୁରୁରେ ପରିଚାଳନା ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଭାଜପା ପକ୍ଷରୁ ଜୟଶଙ୍କର ନାଏକ, ବିଜେଡିର ଭବାନୀଶଙ୍କର ମିଶ୍ର, କଂଗ୍ରେସର ଉତ୍ସବ ସାହୁ, ସିପିଏମର୍ ନବ କିଶୋର ପଟ୍ଟନାୟକ, ଆମ ଆଦମି ପାର୍ଟି ପକ୍ଷରୁ କୃତିବାସ ମୁଣ୍ଡ ପ୍ରମୁଖ ସହ ଅନେକ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜଗନ୍ନାଥପଡ଼ା ରାମଲୀଳା ପାଇଁ ପ୍ରସ୍ତୁତି

**ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଜଗନ୍ନାଥପଡାର ଚର୍ଚ୍ଚିତ ରାମଲୀଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଗନ୍ନାଥପଡା ନାଟ୍ୟ ସଂସଦ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରସ୍ତୁତିରେ ସଂସଦର ସମସ୍ତ ସଦସ୍ୟ, କଳାକାର ଏବଂ ଜନସାଧାରଣ ସହଯୋଗ କରୁଛନ୍ତି। ଆଗାମୀ ୧୯ ତାରିଖଠାରୁ ରାମଜୀପଡା ରଘୁନାଥ ମନ୍ଦିରରୁ ଆଜ୍ଞାମାଳ ଆଣି ରାମଲୀଳା ରିହର୍ସଲ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ବଲାଙ୍ଗୀର ମାଉସୀ ମା’ ମନ୍ଦିର ପ୍ରାଙ୍ଗଣରେ ଏନେଇ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚିଦାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଦାଶିବ ରଚିତ ରାମଲୀଳା ନାଟକ ଅଭିନୀତ ହେବ। ଏଥିରେ ବଛା ବଛା ଆଞ୍ଚଳିକ କଳାକାର ଅଂଶଗ୍ରହଣ କରିବେ। ଗୁରୁ ବାଳମୁକୁନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପୁଣି ଥରେ କିପରି ରାମଲୀଳାକୁ ସଫଳ କରାଯାଇପାରିବ ସେ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କଳାକାର ଚୟନ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସଭାରେ ସଭ୍ୟମାନେ ନିଜ ଅନୁଭୂତି ଓ ମତାମତ ଉପସ୍ଥାପନ କରିଥିଲେ। ବରିଷ୍ଠ ଡାକ୍ତର ରୁଦ୍ରନାରାୟଣ ପଟେଲ ନାଟ୍ୟ ସଂସଦକୁ କିପରି ଲୋକାଭିମୁଖୀ କରାଯିବ ଏବଂ ବଲାଙ୍ଗୀର ଜିଲାର ଐତିହ୍ୟ ତଥା ସାଂସ୍କୃତିକ ପରିଚୟ କିପରି ଅତୁଟ ରଖାଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ମାଉସୀ ମା’ ମନ୍ଦିରରେ କଳାକାର ଚୟନ କରାଯାଇଥିଲା । ବାସୁଦେବ ବେହେରା, ସୁଶାନ୍ତ ଚୋପଦାର, ମନୋରଞ୍ଜନ ରାଉତ, ସୁବାସ ସାଏ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୈଳେନ କୁମାର ବାବୁ, ମାନସ ରଞ୍ଜନ ସାହୁ, ଆନନ୍ଦ ମିଶ୍ର, କୁମୁଦ ନାଏକ, ଅରୁଣ କୁମର ରାଉତ, ଚୈତନ୍ୟ ମଟାରୀ, ଘୁଣ୍ଟୁଗୋପାଳ ମିଶ୍ର, ସଞ୍ଜୀବ ସାହାଣୀ, ମନୋରଞ୍ଜନ ବେହେରା, ସଂଗ୍ରାମ ନାଏକ, ଶ୍ୟାମସୁନ୍ଦର ସାଏ, ଘନଶ୍ୟାମ ସାଏ, ଜୟନ୍ତ ନାଏକ, ଅଶ୍ୱିନୀ ନାଏକ, ରାମକୃଷ୍ଣ ପଟେଲ, ସମରେନ୍ଦ୍ର ପଟେଲ, ଜିତେନ୍ଦ୍ର ବଢ଼ିଆ, ସୁବ୍ରତ ପଟ୍ଟନାୟକ, ସତ୍ୟନାରାୟଣ ମାଝି, ପୁରୁଷୋତ୍ତମ ଦେବତା, ରାମଚନ୍ଦ୍ର ନାଏକ, ସଚ୍ଚିକାନ୍ତ ମିଶ୍ର, କୁଳମଣି ପଟେଲ ଉପସ୍ଥିତ ଥିଲେ। ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।


ଜଗନ୍ନାଥପଡା ରାମଲୀଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ ଓ କଳାକାର।

## ବଲାଙ୍ଗୀର, ସୁବର୍ଣ୍ଣପୁରରେ ଲାଗିବ ୫୦୦ସୋଲାର ଲାଇଟ




**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି)**

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର୍) ପଦକ୍ଷେପଗୁଡିକର ଏକ ଅଂଶ ଭାବେ ସୁନ୍ଦରଗଡସ୍ଥିତ ଏନଟିପିସି ଦର୍ଲିପାଲି ବାଲଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲାର ଆଖପାଖ ଅଞ୍ଚଳରେ ୫୦୦ ସୋଲାରର ଷ୍ଟ୍ରିଟ ଲାଇଟ ସ୍ଥାପନ ପାଇଁ ଶନିବାର ସଞ୍ଜୋଗ ଏନଜିଓ ସହିତ ୧.୧୮କୋଟିରୁ ଅଧିକ ମୂଲ୍ୟର ୨ଟି ଏମଓୟୁ ସ୍ୱାକ୍ଷର କରିଛି। ସଞ୍ଜୋଗ କାଣ୍ଟାବାଞ୍ଜିରେ ଅବସ୍ଥିତ ଏକ ପ୍ରସିଦ୍ଧ ଏନଜିଓ। ଜୀବିକା ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେଏହି ଅନୁଷ୍ଠାନ କାର୍ଯ୍ୟ କରୁଛି। ମାର୍ଚ୍ଚ ୧୬ରେ ପ୍ରତୀଭା ସିଂ, ଏଜିଏମ (ଏଚଆର), ଏନଟିପିସି ଦର୍ଲିପାଲି ଏବଂ କମଲେଶ କୁମାର ମହାନ୍ତି, ସଚିବ, ଏନଟିପିସି ଦର୍ଲିପାଲି ଏବଂ ସଞ୍ଜୋଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ପରେ ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲାରେ ସଞ୍ଜୋଗ ଦ୍ୱାରା ୫୦୦ ସୋଲାର ଷ୍ଟ୍ରିଟ ଲାଇଟ ଲଗାଯିବ। ସୋଲାର ଆଲୋକ ସ୍ଥାପନ ଦ୍ୱାରା ଅକ୍ଷୟ ଶକ୍ତି ଏବଂ ପରିବେଶ ସ୍ଥିରତା ବୃଦ୍ଧି ହେବ। ଏହି ଏମଓୟୁ ମାଧ୍ୟମରେ ଏନଟିପିସି ଦର୍ଲିପାଲି ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ପରିବେଶ ଅନୁକୂଳ ଆଲୋକିତ କରିବ ଏବଂ ଗ୍ରାମାଞ୍ଚଳର ବିକାଶରେ ସହାୟକ ହେବ ବୋଲି କୁହାଯାଇଛି।

## ୨ ଢାବାରୁ ବିଦେଶୀ ମଦ ଜବତ, ୨ଗିରଫ

**ଲୋଇସିଂହା,୧୭।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଥାନା ଅନ୍ତର୍ଗତ ରୁଗୁଡ଼ିଖାଲ ଆର୍ମି ଢ଼ାବା ଓ ରାମପୁର ଗୁଗୁଲ ଢ଼ାବାରେ ରବିବାର ସନ୍ଧ୍ୟାରେ ଚଢାଉ କରି ବିପୁଳ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ଆର୍ମି ଢ଼ାବାରୁ ବିଭିନ୍ନ ବ୍ରାଣ୍ଡର ୧୫୮ ବୋତଲ ବିଦେଶୀ ମଦ ଜବତ ହୋଇଛି।ଏହାର ପରିମାଣ ୬୩ .୪୧୦ ଲିଟର ହେବ। ଏହି ଢ଼ାବାରୁ ଦଳଗଞ୍ଜନ ସାହୁଙ୍କୁ ଗିରଫ କରାଯାଇଛି। ଥାନାରେ ଏକ ମାମଲା(ନଂ.୧୦୨/୨୪)ୟୁ/ଏସ ୫୨(ଏ)ଅବକାରୀ ଆଇନରେ ରୁଜୁ ହୋଇଛି। ସେହିପରି ଗୁଗୁଲ ଢ଼ାବାରୁ ବିଭିନ୍ନ ବ୍ରାଣ୍ଡର ୨୭ ବୋତଲ ବିଦେଶୀ ମଦ(୧୭ଲିଟର) ଜବତ ହୋଇଛି। ଏଠାରୁ କାହ୍ନା ସାହୁଙ୍କୁ ଗିରଫ କରିଛି ପୋଲିସ। ଥାନାରେ ଏକ ମାମଲା(ନଂ ୧୦୧/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

## ସୁବଳୟାକୁ ଏନ୍‌ଏସି ଘୋଷଣା ପରେ ବିଧାୟକଙ୍କୁ ସ୍ୱାଗତ

**ଅମରପାଲି,୧୭।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗଡଜାତ ଅଞ୍ଚଳ ସୁବଳୟାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ରବିବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ସୁବଳୟାରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ବେହେରାଙ୍କ ଉଦ୍ୟମ କ୍ରମେ ସୁବଳୟା ଏନଏସି ଘୋଷଣା ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଗତ ମାସ ୨୭ ତାରିଖରେ ସୁବଳୟାକୁ ଏନଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା ସୁବଳୟା କ୍ରିୟାନୁଷ୍ଠାନ କମିଟି । ଦାବିକୁ ଯଥାର୍ଥ ଅନୁଭବ କରି ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୨୨ଟି ଅଞ୍ଚଳକୁ ଏନଏସି ମାନ୍ୟତା ଦେଇଥିଲେ। ଏଥିରେ ସୁବଳୟାର ନାମ ଘୋଷଣା ହୋଇଥିଲା। ଏନେଇ ସୁବଳୟାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି .କେ.ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସୂଚନା ଥାଉ କି ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ବୀରମହାରାଜପୁର, ସୁବଳୟା ଓ ଉଲୁଣ୍ଡା କୁ ରାଜ୍ୟ ସରକାର ଏନଏସି ଘୋଷଣା କରିଛନ୍ତି । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଜୋନ- ୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ,ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରୀ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁବଳୟା ସହରରେ ଏକ ଶୋଭାଯାତ୍ରା କରାଯାଇଥିଲା। ଶତାଧିକ ବିଜେଡି କର୍ମୀ ,ସମର୍ଥକ ଓ ସାଧାରଣ ଲୋକେ ଶୋଭାଯାତ୍ରାରେ ସାମିଲ ଥିଲେ। ସୁବଳୟା କ୍ରିୟାନୁଷ୍ଠାନ କମିଟିର ଆବାହକ ହରିହର ସାହୁ, ସଞ୍ଜୀବ ମେହେର, ଶେଷଦେବ ବାରିକ, ଟୁନା ମେହେର, କ୍ଷୀର ମେହେରଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ।


ସୁବଳୟାରେ ଶୋଭାଯାତ୍ରା।

## ଉଦନ୍ତୀ ମହୋତ୍ସବ ଉଦ୍‌ଯାପିତ

**ସିନାପାଲି,୧୭।୩(ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲିଠାରେ ଆୟୋଜିତ ଉଦନ୍ତୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟି ଉପସଭାପତି ଲିଙ୍ଗରାଜ ଘିଭେଲା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣଗ୍ରାହୀ, ସମ୍ମାନୀତ ଅତିଥିଭାବେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଉତ୍ସବ ପାଳନ କମିଟି ଉପସଭାପତି ଅଜିତ ଯୋଶୀ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ପୂର୍ବତ୍ନତନ ବ୍ଲକ ଉପାଧ୍ୟକ୍ଷ ସୁବାସ ଅଗ୍ରୱାଲ, ସରପଞ୍ଚ ସୁନିତା ମେହେର ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱର ସଙ୍ଗମ କଳାକାର ସଙ୍ଗୀତ ଗାନ କରିଥିଲେ। କମିଟି ସମ୍ପାଦକ ବୈଷ୍ଣବ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମାରୋହରେ ସ୍ଥାନୀୟ କଳାକାର ଲିଙ୍ଗରାଜ ମେହେର ଓ ତବଲା ବାଦକ ମଧୁବାରି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌତମ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିବ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସାନୂର୍ଯ୍ୟ ମେହେର ପୁରସ୍କାର ବିତରଣ ଓ ଲୋଚନ ମେହେର ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାତ ମେହେର ଓ ଧବଳେଶ୍ୱର ମେହେର ମାନପତ୍ର ପଠନ କରିଥଲେ। ସଭା ପ୍ରାରମ୍ଭରେ ବେଣୁଧର ମେହେରଙ୍କ ଲିଖିତ ଗୀତକୁ ସଙ୍ଗୀତଜ୍ଞ ତ୍ରିନାଥ ମେହେରଙ୍କ ସ୍ୱର ସଂଯୋଜନାରେ ସ୍ୱର ସଙ୍ଗମ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ସମିତି ପକ୍ଷରୁ ବେଦପାଠ ଅନୁଷ୍ଠିତ ହୋଇଥିଲା। ଅସୀମା ପଣ୍ଡାଙ୍କ ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ଅସୀମା ପଣ୍ଡାଙ୍କ ଗୀତରେ ମତୁଆଲା ଦର୍ଶକ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ୍ୟ ସେ ପ୍ରଜାପତି**
**ବରକୁ କନ୍ୟା ଭେଟାଭେଟି।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ, ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ଖୁଞ୍ଚା ପାଳକୁ**
**ଛଅ ଗୁଞ୍ଚା ଚାଳକୁ**
**କନିଆ ଭାରିଯା ପରକୁ**
**କଣ ଗୋଞ୍ଚା ଘର ଚୋରକୁ**
**ଅଶିଣ ମାସରେ ରୋଇଲେ ଧାନ**
**ନ ଅଣ୍ଟଇ ରାଜା କରକୁ।**

ଧାନ ଖୁଞ୍ଚା ପାଳ ହେବା ପରି ଛଅ ଗୁଞ୍ଚା କେବଳ ଚାଳ ପାଇଁ ଲୋଡ଼ା ହୋଇଥାଏ। ବୃଦ୍ଧ କାଳେ ବିଭା ହୋଇଥିବା ତରୁଣୀ ଭାର୍ଯ୍ୟା ପରପୁରୁଷ ପ୍ରତି ମନ ବଳେଇଥାଏ। ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସଦାସର୍ବଦା ଆଖେଇଥାଏ। ସେହିପରି ଡେରିରେ ଧାନଚାଷ ଆରମ୍ଭ କଲେ ଅଧିକ ଅମଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୬ ଥାକିଆ ରାସ୍ତା ନିର୍ମାଣରେ ଚଞ୍ଚକତା

- ଚୋରଦା-ଡୁବୁରୀ କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା
- ଡିଭାଇଡରରେ ଧୂଳି, କଳାପାଉଁଶ ଗଦା

ଯାଜପୁର, ୧୭।୩ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ପୂର୍ତ୍ତ ବିଭାଗ ଅଧୀନରେ ୫୯.୧୮ କୋଟି ଟଙ୍କାର ୬ ଥାକିଆ ରାସ୍ତା ପ୍ରକଳ୍ପ ୪ ଥାକିଆ ଭାବେ ନିର୍ମାଣ ହୋଇଛି। ଏହା ପୁଣି ବହୁ ଗୁରୁତ୍ୱପୂର୍ଣ୍ଣ ଯାଜପୁର ରୋଡ ଚୋରଦା ଛକଠାରୁ ଡୁବୁରୀ ପର୍ଯ୍ୟନ୍ତ ଏସ୍ଏଚ୍-୧୦ ନମ୍ବର କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା। ରାସ୍ତାର ଅଧିକାଂଶ ଅଣଓସାରିଆ ଭାବେ ନିର୍ମାଣ ହୋଇଛି। ରାସ୍ତାରେ ଦିଆଯାଉଥିବା ଧଳା ରଙ୍ଗର ଚିହ୍ନ ଭଲ ଭାବେ ଦେଖାଯାଉ ନାହିଁ। କହିବାବାହୁଲ୍ୟ, ୨୦୧୯ରୁ ଆରମ୍ଭ ହୋଇଥିବା ଏହି ରାସ୍ତା ଏବେବି ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ଏହାବାଦ୍ ଡିଭାଇଡରର ଉଭୟ ପାର୍ଶ୍ୱରେ ବିପୁଳ ପରିମାଣର କଳାଗୁଣ୍ଡ ଓ ଧୂଳି ଜମି ରହୁଛି। ରାସ୍ତା କଡରେ ଥିବା ଗଛଗୁଡ଼ିକର ରଙ୍ଗ ସବୁଜ ସ୍ଥଳେ ଧୂସର ବର୍ଣ୍ଣର ଦେଖାଯାଉଛି। ଫଳରେ ବାରଗାଡିଆ, ନଡିଆଭଙ୍ଗା, ସାରଙ୍ଗପୁର, ମାନପୁର ପ୍ରଭୃତି ଗ୍ରାମବାସୀ ଧୂଳିଧୂଆଁରେ ରୁନ୍ଧି ହେଉଛନ୍ତି। ଦେଶର ଷ୍ଟିଲ ହବ ଭାବେ ପରିଗଣିତ କଳିଙ୍ଗନଗର ଶିଳ୍ପାଞ୍ଚଳର ଏଭଳି ରାସ୍ତାର ଅବସ୍ଥାକୁ ଦେଖିଲେ ଦେଶବିଦେଶରୁ ଆସୁଥିବା ଆଗନ୍ତୁକଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ଫଳରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ସୁଦୃଢ଼ ଗମନାଗମନ ବ୍ୟବସ୍ଥା ଥିବା ଷ୍ଟିଲ ହବ୍‌ର ଲକ୍ଷ୍ୟ ଏଠାରେ ପରାହତ ହେଉଥିବା ମତପ୍ରକାଶ ପାଇଛି।



ଦେଶର ଅନ୍ୟତମ ଶିଳ୍ପାଞ୍ଚଳ ଭାବେ କଳିଙ୍ଗନଗର ପରିଚିତ ହୋଇ ସାରିଛି। ଏଠାରେ ୧୫ରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି। ଫଳରେ ଗମନାଗମନକୁ ଅତି ସହଜ ଓ ସୁରକ୍ଷିତ କରିବାକୁ ଡୁବୁରୀଠାରୁ ଯାଜପୁର ରୋଡ ଓ ୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବା ଲକ୍ଷ୍ୟରେ ଏକ ୬ ଥାକିଆ ରାସ୍ତା ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ ଦାୟିତ୍ୱ ବିଜୟ କନଷ୍ଟ୍ରକ୍ସନକୁ ଦିଆଯାଇଥିଲା। ୨୦୧୯ ମାର୍ଚ୍ଚ ୭ରୁ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ୨୦୨୦ ଜୁନ୍ ୮ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ପ୍ରସ୍ତାବିତ ୬ ଥାକିଆ ରାସ୍ତାକୁ ୪ ଥାକିଆ ରାସ୍ତାରେ ସୀମିତ ରଖାଯାଇଛି। ଏପରିକି କେତେକାଂଶରେ ୪ ଥାକିଆ ପର୍ଯ୍ୟନ୍ତ ମଧ୍ୟ ନିର୍ମାଣ ହୋଇ ପାରିନାହିଁ। ରାସ୍ତାର ଡିଭାଇଡର ଓ ସେଥିରେ ଗଛ ଲଗାଇବା କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇଛି। ମଞ୍ଜୁର ଅର୍ଥରୁ ସିଂହଭାଗ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଚଲୁ କରିଥିବାର ଅଭିଯୋଗ ହେଉଛି। ଚୋର୍ଦା ଛକଠାରୁ କୁସୁନପୁର ବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ନ କରି ରାସ୍ତା ନିର୍ମାଣ ହୋଇଥିବାରୁ ଅଣଓସାରିଆ ହୋଇ ପଡ଼ିରହିଛି। ଫଳରେ ସୁରକ୍ଷିତ ଗମନାଗମନ ବ୍ୟାହତ ହେଉଛି। ବିଭିନ୍ନ ସମୟରେ ଏଥିପାଇଁ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରାସ୍ତାରୁ ଧୂଳି ସଫା କରିବାକୁ ଆସୁଥିବା ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହେଉ ନ ଥିବାରୁ ପଥଚାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଶୂନ । ଜିଲାର ଜଣେ ପ୍ରଭାବଶାଳୀ ନେତା ପୂର୍ତ୍ତ ବିଭାଗର ରକ୍ଷାକବଚ ପାଲଟିଥିବାରୁ କେହି ହସ୍ତକ୍ଷେପ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଯଦ୍ଦ୍ୱାରା ଜିଲାରେ ଏଫ୍-୨ ଆଳରେ ଅନେକ କୋଟି ଟଙ୍କା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରମାନେ ଲୁଟି ନେଇଥିବା ଚର୍ଚ୍ଚା ହେଉଛି । ଏହାବାଦ୍ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଅଧିକାଂଶ ସ୍ଥାନରେ ରାସ୍ତା ଦବି ଯାଇଥିବା ଦେଖିବାକୁ ମିଳିଛି ।

ଏ ସଂକ୍ରାନ୍ତରେ ଯାଜପୁର ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି ଅଧିଗ୍ରହଣ ସମସ୍ୟା ହେତୁ କେତେକାଂଶରେ ୬ ଥାକିଆ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ରାସ୍ତା ନିର୍ମାଣ ଅନୁସାରେ ବିଲ ପ୍ରସ୍ତୁତ ହୋଇଛି। ରାସ୍ତା ସଫା କରିବାକୁ କୌଣସି ଅର୍ଥ ଆସୁନାହିଁ ବୋଲି ସେ କହିଛନ୍ତି।

## ପିଠିରେ ଗଳି ଛାତିରେ ବାହାରିଲା ଗଛଡାଳ

ଉଦଳା, ୧୭।୩
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ବଇଦାଖଡ଼ି ଗ୍ରାମର ଜଣେ ଯୁବକଙ୍କ ପିଠିରେ ଗଛ ଡାଳ ପଶି ଛାତିପଟେ ବାହାରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ସୁବାସ ମାରାଣ୍ଡି। ସୂଚନା ଅନୁଯାୟୀ, ରବିବାର ସୁବାସ ଓ ତାଙ୍କ ସାଙ୍ଗ କୁଅଁର ସୋରେନ ଗ୍ରାମରେ ଥିବା ଏକ ଗଛ ଉପରେ ବସାବାନ୍ଧି ଥିବା ଚଢ଼େଇ ଧରିବାକୁ ଯାଇଥିଲେ। ଉଭୟ ଗଛରେ ଚଢ଼ିଥିବା ବେଳେ ହଠାତ୍ ଗଛ ଡାଳ ଭାଙ୍ଗି ପଡ଼ିବାରୁ ସେମାନେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ସୁବାସଙ୍କ ପିଠିରେ ଗଛ ଡାଳ ପଶି ଛାତିପଟେ ବାହାରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ୩ଶହ ସରକାରୀ ଅଧିକାରୀଙ୍କୁ ଠକିଛନ୍ତି ନକଲି ଇଡି ଅଧିକାରୀ

## ଢେଙ୍କାନାଳରୁ ଦୁଇଭାଇଙ୍କୁ ଗିରଫ କଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୧୭।୩
(ସୂର୍ଯ୍ୟକାନ୍ତ ବେହେରା)

ଠକେଇ ପାଇଁ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅଧିକାରୀ ପରିଚୟ ଦେଉଥିଲେ। ଓଡ଼ିଶା ଏବଂ ଝାଡ଼ଖଣ୍ଡର ୩୦୦ରୁ ଅଧିକ ସରକାରୀ ଅଧିକାରୀଙ୍କ ସମେତ ବଡ଼ବଡ଼ିଆ ଲୋକଙ୍କୁ ନିଜ ଜାଲରେ ଫସାଇ ଲକ୍ଷ ଲକ୍ଷ ଟଙ୍କା ଲୁଟିଥିଲେ। ଠକେଇ ଟଙ୍କାରେ ବିଳାସମୟ ଜୀବନ ବିତାଉଥିଲେ। ଶେଷରେ ଛତ୍ରପୁର ସବ୍‌କଲେକ୍ଟର ତଥା ଏସ୍‌ଡିଏମ୍ ଦେବଦତ୍ତ ମହନ୍ତଙ୍କଠାରୁ ଟଙ୍କା ଲୁଟିବାକୁ ଉଦ୍ୟମ ବେଳେ ନକଲି ଇଡି ଅଧିକାରୀ ସାଜିଥିବା ଦୁଇ ଭାଇଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ସହର ଦୋଳମଣ୍ଡପ ସାହିର ତାରିଣୀ ସେନ ମହାପାତ୍ର ଓ ବ୍ରହ୍ମାଶଙ୍କର ମହାପାତ୍ର। ଉଭୟଙ୍କଠାରୁ ଗୋଟିଏ ଡେସ୍କଟପ୍, ଗୋଟିଏ ଲାପ୍‌ଟପ୍, ୫ ମୋବାଇଲ ଫୋନ୍, ବ୍ୟାଙ୍କ ପାସ୍‌ବୁକ, ନକଲି ପରିଚୟ ପତ୍ର, ୧୭ ଫେକ୍ ଏଟିଏମ୍ ଓ ଡେବିଟ କାର୍ଡ ଜବତ କରାଯାଇଛି। ତଦନ୍ତବେଳେ ଏସ୍‌ଟିଏଫ ଅଧିକାରୀ ଜାଣିବାକୁ ପାଇଛନ୍ତି ଏମାନଙ୍କ ମଧ୍ୟରୁ ଜଣେ କମର୍ସ ଗ୍ରାଜୁଏଟ ହୋଇଥିବାବେଳେ ଆଉଜଣେ ଯୁକ୍ତ ୨ ସହ ବିସିଏ ଡ୍ରପ୍‌ଆଉଟ୍। ଦେବଦତ୍ତଙ୍କ ଅଭିଯୋଗ ଆଧାରରେ ଏସ୍‌ଟିଏଫ୍ ଦଫା ୪୧୯, ୪୨୦, ୩୮୪, ୩୮, ୫୦୬ ଓ ୧୨୦(ବି)ରେ ଏକ ମାମଲା (ନଂ.୧୫/୨୪) ରୁଜୁ କରି ଅଭିଯୁକ୍ତ ଦୁଇଭାଇଙ୍କୁ ଛତ୍ରପୁର ଏସ୍‌ଡିଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଦୁଇ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଫୋନ୍ ପେ', ଗୁଗଲ ପେ' ଆଦି ମାଧ୍ୟମରେ ୧୬ ଲକ୍ଷରୁ ଅଧିକ ଟଙ୍କା ଆସିଥିବା ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଜାଣିବାକୁ ପାଇଛି।



ତାରିଣୀ ସେନ ମହାପାତ୍ର ଓ ବ୍ରହ୍ମାଶଙ୍କର ମହାପାତ୍ର।

### ଝାଡ଼ଖଣ୍ଡରେ ଆରମ୍ଭ କରିଥିଲେ ଅପରାଧ ସାମ୍ରାଜ୍ୟ

ଅଭିଯୁକ୍ତ ଦୁଇ ଭାଇ ତାରିଣୀ ଓ ବ୍ରହ୍ମାଶଙ୍କର ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କଠାରୁ ସୁଧରେ ଟଙ୍କା ନେଇ ଶୁଝୁ ନ ଥିଲେ। ଟଙ୍କା ଦେଇଥିବା ଲୋକେ ବାରମ୍ବାର ମାଗିବାରୁ ଉଭୟ ଢେଙ୍କାନାଳ ଛାଡି ଝାଡଖଣ୍ଡର ରାଞ୍ଚିକୁ ଚାଲି ଯାଇଥିଲେ। ସେଠାରେ ସେମାନେ ମାସିକ ୧୦ ହଜାର ଟଙ୍କାରେ ଏକ ଭଡା ଘର ନେଇ ରହି ସ୍ଥାନୀୟ ଏକ ଏନ୍‌ଜିଓ 'ଉପକାର'ରେ କାମ କରୁଥିଲେ। ପରେ ଉକ୍ତ ସଂସ୍ଥାର ପରିଚାଳନା ଦାୟିତ୍ୱ ନେଇଥିଲେ ମଧ୍ୟ ଭଲ ଚାଲୁ ନ ଥିବାରୁ ସେମାନେ ଠକେଇ କରିବାକୁ ଯୋଜନା କରିଥିଲେ। ସରକାରୀ ଅଧିକାରୀଙ୍କୁ ଠକି ମୋଟା ଅଙ୍କର ଟଙ୍କା ହାତେଇବାକୁ ନକଲି ଇଡି ଅଧିକାରୀ ସାଜିଥିଲେ। ଏଥିପାଇଁ ସେମାନେ ଇଡି ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ପଢ଼ାପଢ଼ି କରିବା ସହ ସୋସିଆଲ ମିଡିଆରୁ ଠକେଇର କୌଶଳ ଶିଖିଥିଲେ। ପରେ ଭୁବନେଶ୍ୱରସ୍ଥିତ ଇଡିର ଅତିରିକ୍ତ ନିର୍ଦ୍ଦେଶକ ପରିଚୟରେ ଠକେଇ ଆରମ୍ଭ କରିଥିଲେ। ସମୟକ୍ରମେ ଉଭୟ କମ୍ପ୍ୟୁଟର ଅପରେଶନ ଶିଖିବା ସହ କମ୍ପ୍ୟୁଟରରେ ନକଲି ଡକ୍ୟୁମେଣ୍ଟ, ଲେଟର ହେଡ୍ ତିଆରି କ୍ଲିୟରାନ୍ସ ଚିଠି, ଲୋଗୋ ଇତ୍ୟାଦି କରିବାରେ ଅଭିଜ୍ଞ ହୋଇଯାଇଥିଲେ। ଏପରି କି ଓଡ଼ିଶା ଓ ଝାଡଖଣ୍ଡର ରାଞ୍ଚିରୁ ଗୋଟିଏ ଲେଖାଏ ସିମ୍ କିଣିଥିଲେ। ଇଡି ସମ୍ବନ୍ଧୀୟ କେସ୍ ଥିବା ବିଭିନ୍ନ ରାଜ୍ୟର ସରକାରୀ ଅଧିକାରୀଙ୍କ ନମ୍ବର ବିଭିନ୍ନ ଉତ୍ସବରୁ ସଂଗ୍ରହ କରିବା ପରେ ହ୍ୱାଟ୍‌ସଆପ୍ ଭଏସ କଲ୍‌ରେ ସମ୍ପୃକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରୁଥିଲେ। ନିଜକୁ ଇଡିର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ମିଶ୍ର ବୋଲି କହୁଥିଲେ। ଅଭିଯୁକ୍ତଦ୍ୱୟ ବିଶ୍ୱାସ ଜନ୍ମାଇବା ପାଇଁ ଟ୍ରୁ କଲର୍ ଏବଂ ହ୍ୱାଟସ୍‌ଆପ ପ୍ରୋଫାଇଲରେ ସଞ୍ଜୟ ମିଶ୍ର ଇଡି ନାମରେ ସେଭ୍ କରିଥିଲେ। ଯେଉଁ ଅଧିକାରୀଙ୍କ ନାମରେ ଯେଉଁ ପ୍ରକାର ମାମଲା ରହିଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ ଇଡି ତଦନ୍ତ ଆରମ୍ଭ କରିବାକୁ ଯାଉଛି କହି ଭୟ ଦେଖାଉଥିଲେ। କୌଣସି ସରକାରୀ ଅଧିକାରୀ ହ୍ୱାଟସ୍‌ଆପ୍‌ରେ ପ୍ରତିକ୍ରିୟା ନ ଦେଲେ ସେମାନେ ଏସ୍‌ଏମ୍‌ଏସ୍ / ହ୍ୱାଟସଆପ୍ ମେସେଜ୍ ପଠାଉଥିଲେ। ସଞ୍ଜୟ ମିଶ୍ର, ଇଡି ନିର୍ଦ୍ଦେଶକ ନାଁରେ ଦିଆଯାଉଥିବା ମେସେଜ୍‌ରେ ଉଲ୍ଲେଖ ରହୁଥିଲା ଯେ, 'ମୋର ତଦନ୍ତକାରୀ ଅଧିକାରୀ ତୁମକୁ ସଂଯୋଗ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ତୁମେ କଲରେ ଯୋଗଦେଇ ନାହଁ। ତେଣୁ ତୁରନ୍ତ କଲ କର। ଏହା ଅତ୍ୟନ୍ତ ଜରୁରୀ। ନ ହେଲେ ରେଡ୍ ହେବ।' ତେବେ ଅଧିକାରୀ ଜଣକ ଭୟରେ କଲ୍ ଉକ୍ତ ନମ୍ବରରେ ଯୋଗାଯୋଗ କରିବା ପରେ ଅଭିଯୁକ୍ତମାନେ ମାମଲା ରଫାଦଫା ସହ ସମାଧାନ, କେସ୍ ବନ୍ଦ ହୋଇଯିବ କହି ଟଙ୍କା ଦାବି କରୁଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତମାନେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ନିକଟକୁ ନକଲି କ୍ଲିୟରାନ୍ସ ଚିଠି (ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ) ପଠାଉଥିଲେ। ଏହିଭଳି ବଡ଼ବଡ଼ିଆ ଲୋକଙ୍କ ସହ ପ୍ରାୟ ୩୪୦ଜଣଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି।

### କେମିତି ଧରାପଡ଼ିଲେ

ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଛତ୍ରପୁର ଉପଜିଲାପାଳଙ୍କୁ ଯୋଗାଯୋଗ କରି ନିଜକୁ ଇଡିର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ମିଶ୍ର ବୋଲି ପରିଚୟ ଦେଇ କହିଥିଲେ, ତୁମ ନାଁରେ ଭିଜିଲାନ୍ସରେ ତଦନ୍ତ ଚାଲିଛି। ଆମକୁ ଇଡିର ନିର୍ଦ୍ଦେଶକ ପଠାଇଛନ୍ତି। ତେଣୁ ମାମଲା ରଫାଦଫା ପାଇଁ ନିର୍ଦ୍ଦେଶକଙ୍କୁ ଦେଖା କରିବାକୁ କହିବା ସହ ୬ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଏନେଇ ଉପଜିଲାପାଳ ଯାଞ୍ଚ କରିବାରୁ ଇଡିରେ ସଞ୍ଜୟ ମିଶ୍ର ନିର୍ଦ୍ଦେଶକ ନ ଥିବା ଜାଣିବା ପରେ ଡାକ ଯୋଗେ ଏସ୍‌ଟିଏଫ୍ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ପଠାଇଥିଲେ। ଏହାପରେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଧରିବାକୁ ଯୋଜନା କରିଥିଲା।

# ପିଲା ଚୋରି କରିବାକୁ ଆସି ମାଡ଼ ଖାଇଲେ ଆନ୍ଧ୍ରର ୨ ବ୍ୟକ୍ତି

କୋରାପୁଟ/ନାରାୟଣପାଟଣା, ୧୭।୩ (ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତ ବନ୍ଧୁଗାଁ ବ୍ଲକରେ କିଛି ଦିନ ଧରି ପିଲା ଚୋରି ହେଉଥିବା ନେଇ ଏକ ଅଡିଓ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲା। ଫଳରେ ସନପୋଲମଣ୍ଡା ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ଶନିବାର ବିଳମ୍ବିତ ରାତିରେ ଆନ୍ଧ୍ର ପ୍ରଦେଶରୁ କେତେଜଣ ଅପରିଚିତ ବ୍ୟକ୍ତି ସନପୋଲମଣ୍ଡା ଗ୍ରାମରେ ପହଞ୍ଚି ଗାଁ ମୁଣ୍ଡର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜଗି ରହିଥିଲେ। ସେମାନେ ତେଲୁଗୁ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ପିଲା ଚୋର ର୍ୟାକେଟ୍ ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ବିଳମ୍ବିତ ରାତିରେ ଗ୍ରାମର କେତେ ଜଣ ଲୋକ ପରିସ୍ରା କରିବାକୁ ଉଠିଥିବା ବେଳେ ଏମାନଙ୍କୁ ଦେଖିଥିଲେ। ପରେ ଗ୍ରାମବାସୀ ପାଟି କରି ଅନ୍ୟମାନଙ୍କୁ ଜଣାଇ ୨ ବ୍ୟକ୍ତିଙ୍କୁ ଧରିଥିଲେ। ତେବେ ସେମାନଙ୍କ ସହ ଥିବା ଅନ୍ୟ କେତେ ଜଣ ବ୍ୟକ୍ତି ଖସି ପଳାଇଥିଲେ। ଧରାପଡିଥିବା ୨ ବ୍ୟକ୍ତିଙ୍କୁ ଗ୍ରାମବାସୀ ନିସ୍ଙୁକ ମାଡ଼ମାରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଉପୁଡ଼ିଲା ଗଛ, ଉଡ଼ିଲା ଛପର

## କାଳବୈଶାଖୀ

ବ୍ରହ୍ମବରଦା, ୧୭।୩
(ଯଯାତି କେଶରୀ ବେହେରା)

କାଳବୈଶାଖୀ ଯୋଗୁ ରବିବାର ଅପରାହ୍ନରେ ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘଣ୍ଟାକୁ ୮୦ରୁ୧୦୦ କିଲୋମିଟର ବେଗରେ ପବନ ବହିବା ସହ ଘନଘନ ବିଜୁଳି ଘଡ଼ଘଡ଼ି ମାରିବା ଦ୍ୱାରା ବହୁ ବ୍ୟକ୍ତିଙ୍କ ବୈଦ୍ୟୁତିକ ସାମଗ୍ରୀ ପୋଡ଼ିଯାଇଛି। ସ୍ଥାନେସ୍ଥାନେ ଗଛ ଉପୁଡ଼ିବା ସହ ଆମ୍ବ, ଚାକୁଣ୍ଡା, ଶଜନା, ଆକାଶିଆ ପରି ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିରହିଛି। ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଘରର ଚାଳ, ଛପର ଉଡ଼ିଯାଇଛି। ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାର ବ୍ରହ୍ମବରଦା କଲେଜ ଛକ ନିକଟରେ ଏକ ବିରାଟକାୟ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିବା ଦ୍ୱାରା କିଛି ସମୟ ପାଇଁ ଉକ୍ତ ରାସ୍ତାଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଗଛ କାଟି ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି କାଳ ବୈଶାଖୀ ତାଣ୍ଡବରେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।



ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାରେ ଗଛ ଭାଙ୍ଗିପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ସୁରକ୍ଷା ନାହିଁ, ଯାଉଛି ...

ଅଧିକାରୀମାନଙ୍କ ଜ୍ଞାତସାରରେ ଥାଇ ବି ସେମାନେ ଅଣଦେଖା କରିଆସୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ଯେଉଁମାନେ ଏନେଇ ମୁହଁ ଖୋଲୁଛନ୍ତି ସେମାନଙ୍କ ସ୍ୱରକୁ କଳେବଳେ କୌଶଳେ ଚାପି ଦିଆଯାଉଛି। ଗତ ୨୧।୮।୨୦୨୩ରେ ରାହାଡ଼ପୁର ଖାଦାନର ୮ ନମ୍ବର କ୍ୱାରୀରେ ଏକ ହିଟାଚି ମେଶିନ ଓଲଟି ଏକାଧିକ ଶ୍ରମିକ ଆହତ ହୋଇଥିଲେ। ଜେନାପୁର ଥାନା ଅଞ୍ଚଳରେ ଗତ ୮।୭।୨୦୨୧ରେ ସାମଲ କ୍ରଶରରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଜେନାପୁର ଥାନାରେ ୨୪୬/୨୦୨୧ ରେ ଏକ ମାମଲା ରୁଜୁ କରାଯାଇଥିଲା। କୁସୁନପୁର ଜଙ୍ଗଲ ଜମିରେ ଥିବା ବେଆଇନ ପଥର ଖାଦାନରେ ଗତ ୨୦୨୦ ସେପ୍ଟେମ୍ବରରେ ସପ୍ତାହକ ମଧ୍ୟରେ ୨ ଜଣ ଶ୍ରମିକଙ୍କ ଅକାଳ ବିୟୋଗ ଘଟିଥିଲା। ପଥର ଖାଦାନ ଓ କମ୍ପ୍ରେସର ମାଲିକ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରି ଗମ୍ଭାରିଆ ଗ୍ରାମର ମୃତ ଶ୍ରମିକ ମଦନ ବାର୍ଲାଙ୍କ ମୃତଦେହକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡି ଦେଇଥିଲେ। ଏଭଳି ଭାବେ ଗତ ୫ ବର୍ଷ ମଧ୍ୟରେ ବେଆଇନ ଖାଦାନଗୁଡିକରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଯେଉଁ ଘଟଣା ଲୋକଲୋଚନକୁ ଆସୁଛି ସେ ନେଇ କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଅନେକ ଘଟଣାକୁ ଚାପି ଦିଆଯାଉଛି। ଏହିକ୍ରମରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେଉଛି ବୋଲି ଅଭିଯୋଗ ହେଉଛି।

ଇଏସ୍ଆଇ ଆକ୍ଟ ୧୯୪୮ ରେ ଲାଗୁ ହେବା ପରେ ଓଡ଼ିଶାରେ ୩୦।୧।୧୯୬୦ରୁ କାର୍ଯ୍ୟକାରୀ ହୋଇଆସୁଛି। ବୀମା ବାବଦକୁ ଆଇନର ବ୍ୟବସ୍ଥାନୁଯାୟୀ ଶ୍ରମିକ କର୍ମଚାରୀ ତାଙ୍କ ମଜୁରିର ୦.୭୫ ପ୍ରତିଶତ ଏବଂ ନିଯୁକ୍ତିଦାତା ୩.୨୫ ପ୍ରତିଶତ ଅର୍ଥ ବୀମା ନିଗମ ଜରିଆରେ ସରକାରଙ୍କଠାରେ ପୈଠ କରି ସରକାରୀ ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେବା କଥା। ହେଲେ ଏଭଳି ଏକ କଲ୍ୟାଣକାରୀ ବୀମା ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଯାଜପୁର ଭଳି ଏକ ଶିଳ୍ପ ସମୃଦ୍ଧ ଜିଲାରେ ଅବହେଳା କରାଯିବାରୁ ଉଭୟ ଶ୍ରମିକ ଶ୍ରେଣୀର ସାମାଜିକ ସୁରକ୍ଷାକୁ ଗୋଟିଏ ପଟେ ବିପନ୍ନ କରାଯିବା ସହ ଅନ୍ୟପଟେ ସରକାର ମଧ୍ୟ ବିପୁଳ ରାଜସ୍ୱ ହରାଇବାରେ ଲାଗିଛନ୍ତି। ଏହି ବୀମା ଯୋଜନାର କାର୍ଯ୍ୟକାରିତା ପାଇଁ ନିଗମ ପକ୍ଷରୁ ନିଯୁକ୍ତ ଅଧିକାରୀମାନେ ଏହି ବ୍ୟତିକ୍ରମ ପାଇଁ ସମ୍ପୂର୍ଣ୍ଣ ଦାୟୀ ଥିବାବେଳେ ଶିଳ୍ପ କାରଖାନା ଓ ପ୍ରତିଷ୍ଠାନଗୁଡିକୁ ଏଥିରୁ ମୁକ୍ତି ଦେଇ ସମୟ ଗଡାଇ ଚାଲିବା ରହସ୍ୟଜନକ। ଇଏସ୍ଆଇ ଯୋଜନାନୁଯାୟୀ ଶକ୍ତି ବ୍ୟବହାରକାରୀ ସଂସ୍ଥା, ବ୍ୟବସାୟିକ ଅନୁଷ୍ଠାନ, ଅନ୍ୟାନ୍ୟ ସଂସ୍ଥା ଯେଉଁଠି ୧୦ ବା ତା'ଠାରୁ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜିତ ଥିବେ ଅବା ଶକ୍ତି ବ୍ୟବହାର କରୁ ନ ଥିବା ଶିଳ୍ପ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ, ଅନ୍ୟାନ୍ୟ ସଂସ୍ଥା ଯେଉଁଠି ୨୦ ବା ତଦୂର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିବେ ସେମାନେ ଏହି ଆଇନ ଓ ଯୋଜନାର ପରିସରଭୁକ୍ତ ହେବେ । ଏଥିରେ ଶ୍ରମିକ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯିବା ଆବଶ୍ୟକ। ହେଲେ ଜିଲାର ପଥର ଖାଦାନ ଓ କ୍ରଶରଗୁଡିକରେ ବିନା ପଞ୍ଜୀକରଣରେ ଶ୍ରମିକ ନିୟୋଜନ କରାଯାଉଥିବାରୁ ମୃତକଙ୍କ ପରିବାରବର୍ଗ ଏହି ଯୋଜନାର ସୁଫଳ ପାଇ ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

### ଭୂପେଶ ବଘେଲଙ୍କ ...

ସମ୍ପୃକ୍ତ ଥାଇ ଲାଞ୍ଚ ନେଇ ବେଆଇନ କାର୍ଯ୍ୟକୁ ଅନୁମତି ଦେଇଥିଲେ ବୋଲି ଇଡି କହିଥିଲା। ଛତିଶଗଡ଼ ବିଧାନସଭା ନିର୍ବାଚନ ପୂର୍ବରୁ ଚନ୍ଦ୍ରାକର ଏବଂ ଉପଲ ନାମକ ୨ ଅଭିଯୁକ୍ତଙ୍କୁ ଇଡି ଧରିଥିବାବେଳେ ସେମାନେ ମହାଦେବ ଆପ୍ ତରଫରୁ ବଘେଲଙ୍କୁ ୫୦୮ କୋଟି ଟଙ୍କା ଦେଇଥିବା କହିଥିଲେ।

### ଇଲେକ୍ଟୋରାଲ ବଣ୍ଡରୁ ...

ଇଞ୍ଜିନିୟରିଂ (୧୦୫ କୋଟି), ଇଣ୍ଡିଆ ସିମେଣ୍ଟ (୧୪ କୋଟି) ଏବଂ ସନ୍‌ଟିଭି (୧୦୦ କୋଟି)। ଅଳ୍ପ କେତୋଟି ଦଳ ସେମାନଙ୍କୁ ଚାନ୍ଦା ଦେଇଥିବା ଦାତାଙ୍କ ନାଁ ପ୍ରକାଶ କରିଥିବାବେଳେ ସେଥିରୁ ଡିଏମ୍‌କେ ଅନ୍ୟତମ। ତେବେ ସର୍ବାଧିକ ଚାନ୍ଦା ପାଇଥିବା ଭାଜପା, ତୃଣମୂଳ କଂଗ୍ରେସ, କଂଗ୍ରେସ ଏବଂ ଏଏପି ନିର୍ବାଚନ କମିଶନଙ୍କ ନିକଟରେ ସବିଶେଷ ତଥ୍ୟ ପ୍ରଦାନ କରି ନ ଥିଲେ। ଜେଡିଏସ୍ ବଣ୍ଡରୁ ୮୯.୭୫ କୋଟି ଟଙ୍କା ପାଇଥିବାବେଳେ ମେଘା ଇଞ୍ଜିନିୟରିଂ ୫୦ କୋଟି ଟଙ୍କା ଚାନ୍ଦା ଦେଇଛି। ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଇଲେକ୍ଟୋରାଲ ବଣ୍ଡରୁ ୧୮୧.୩୫ କୋଟି ଟଙ୍କା ପାଇଥିବାବେଳେ ଶିବସେନା ୬୦.୪ କୋଟି, ଆର୍‌ଜେଡି ୫୬ କୋଟି, ସମାଜବାଦୀ ପାର୍ଟି ୧୪.୦୫ କୋଟି, ଅକାଳୀ ଦଳ ୭.୨୬ କୋଟି, ଏଆଇଏଡିଏମ୍‌କେ ୬.୦୫ କୋଟି ଏବଂ ନ୍ୟାଶନାଲ କନ୍‌ଫରେନ୍ସ ୫୦ ଲକ୍ଷ ଟଙ୍କା ଚାନ୍ଦା ପାଇଛି। ଅନ୍ୟପକ୍ଷରେ ସିପିଆଇ(ଏମ୍), ଏଆଇଏଡିଏମ୍‌କେ ଏବଂ ବିଏସ୍‌ପି ଇଲେକ୍ଟୋରାଲ ବଣ୍ଡରୁ ଆଦୌ ଚାନ୍ଦା ପାଇ ନ ଥିବା ଘୋଷଣା କରିଛନ୍ତି। ରାଜନୈତିକ ଦଳଗୁଡ଼ିକଠାରୁ ଇସିଆଇ ପାଇଥିବା ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟକୁ ସିଲ୍ ନ ଖୋଲି ସୁପ୍ରିମକୋର୍ଟରେ ଦାଖଲ କରିଥିଲେ। ଅଦାଲତଙ୍କ ଗତ ୧୫ ତାରିଖର ନିର୍ଦ୍ଦେଶକ୍ରମେ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରି ଉକ୍ତ ତଥ୍ୟଗୁଡ଼ିକର ହାର୍ଡ କପି ସହ ଡିଜିଟାଇଜ୍‌ଡ ରେକର୍ଡକୁ ଏକ ପେନ୍ ଡ୍ରାଇଭ୍‌ରେ ନିର୍ବାଚନ କମିଶନଙ୍କୁ ଫେରାଇ ଦେଇଥିଲେ। ଇସିଆଇ ସେହି ତଥ୍ୟଗୁଡ଼ିକୁ ରବିବାର ନିଜ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନ ଲଢ଼ିପାରିବେନି ପୂର୍ବତନ ଏମ୍‌ପି ପ୍ରାର୍ଥୀ

## ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ ନ କରିବା ପ୍ରସଙ୍ଗ

**ପାଟଣା,୧୭।୩(ବୀର କିଶୋର ଦାଶ)**

୨୦୧୯ ସାଧାରଣ ନିର୍ବାଚନରେ ଖର୍ଚ୍ଚ ବିବରଣୀ ଦାଖଲ କରି ନ ଥିବା ୩୫ ପ୍ରାର୍ଥୀଙ୍କୁ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଅଯୋଗ୍ୟ ଘୋଷଣା କରିଛନ୍ତି। ଏ ନେଇ ଶନିବାର କମିଶନର ଅଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ତାଲିକାରେ ଥିବା ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରପାରିବେ ନାହିଁ। ତାଲିକାରେ କେନ୍ଦୁଝର ଜିଲ୍ଲା ଏମ୍‌ପି ସିଟ୍ (ଏସ୍‌ଟି ବର୍ଗ ପାଇଁ ସଂରକ୍ଷିତ)ରୁ ୨୦୧୯ରେ ପ୍ରାର୍ଥୀ ଭାବେ ଲଢ଼ିଥିବା ବିଶ୍ୱ ଆଦିବାସୀ ସଂଘ ସଭାପତି ଡ. ସୁଦର୍ଶନ ଲୋହାର୍‌ଙ୍କ ନାମ ରହିଛି। ତାଙ୍କ ଘର ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଟାଇଁଶିରା ଗାଁରେ। ସେ ଲୋକସଭା ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ କରି ନ ଥିବା କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜନ ପ୍ରତିନିଧି ଆଇନ ୧୯୫୧ର ଧାରା ୧୦(ଏ) ଅନୁଯାୟୀ ସୁଦର୍ଶନ ଅନ୍ୟୂନ ୩ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଜଣାପଡ଼ିଛି।

# ପୋଖରୀ ଖୋଳା ବେଳେ ବାହାରିଲା ଶ୍ରୀକୃଷ୍ଣଙ୍କ ମୂର୍ତ୍ତି

**ଭଦ୍ରକ,୧୭।୩(ସନାତନ ରାଉତ)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଓଡ଼ଙ୍ଗ ଗ୍ରାମର ମଲ୍ଲିକ ସାହିରେ ରବିବାର ଏକ ପୋଖରୀ ଖୋଳା ଯାଉଥିବା ବେଳେ ଶ୍ରୀକୃଷ୍ଣଙ୍କ ପଥର ମୂର୍ତ୍ତି ଉଦ୍ଧାର ହୋଇଛି। ଗ୍ରାମର ନାରାୟଣ ପୁହାଣ, ଜଗନ୍ନାଥ ପୁହାଣ, ବଳରାମ ପୁହାଣ, ରଘୁନାଥ ପୁହାଣ ଓ ଲୋକନାଥ ପୁହାଣଙ୍କ ଇଜ୍‌ମାଇଲ ଜାଗାରେ ପୋତି ହୋଇଥିବା ପୋଖରୀକୁ ମେଶିନ ସାହାଯ୍ୟରେ ଖୋଳା ଯାଉଥିଲା। ପ୍ରାୟ ୯ ଫୁଟ୍ ତଳୁ ଏହି ମୂର୍ତ୍ତି ମିଳିଛି। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ବାହାରିବା ପରେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଏହି ମୂର୍ତ୍ତିକୁ ସଫା କରି ଜମି ମାଲିକଙ୍କ ଠାକୁର ଘରେ ରଖାଯାଇଛି।



ଉଦ୍ଧାର ହୋଇଥିବା ଶ୍ରୀକୃଷ୍ଣଙ୍କ ମୂର୍ତ୍ତି।

ବହୁ ପୁରାତନ କାଳରୁ ଏହି ସ୍ଥାନରେ ପୋଖରୀ ଥିଲା। ଏହା କାଳକ୍ରମେ ପୋତି ହୋଇଯାଇଥିବାରୁ ପୂର୍ବରୁ ଏଠାରେ ମୂର୍ତ୍ତି ପୂଜା ହେଉଥିବା ଅନୁମାନ କରାଯାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ରାଜକୀୟ ଖାଦ୍ୟମେଳାରେ ପ୍ରଶଂସା ସାଉଣ୍ଟିଲେ ମ୍ରିନାଲ କୁମାରୀ

## ଢେଙ୍କାନାଳର ବରା, ଘୁଗୁନି ଓ ମଗଜି ପ୍ରସ୍ତୁତ କରିଥିଲେ

**ଢେଙ୍କାନାଳ,୧୭।୩(ରତନ ନାୟାର)**

ଗୁଜରାଟର ଅହମ୍ମଦାବାଦସ୍ଥିତ ସାବରମତୀ ନଦୀ କୂଳରେ ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜକୀୟ ଖାଦ୍ୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫୁଡ୍ ଫର ଥଟ୍ ତଥା ଅନୁଚିନ୍ତା ପାଇଁ ଖାଦ୍ୟ-୨୦୨୪ ଶୀର୍ଷକ ଏହି କର୍ମଶାଳାରେ ବାଲାସିନୋରେ, ଛୋଟା ଉଦୟପୁର, ମହାରାଷ୍ଟ୍ର କୋହ୍ଲାପୁରର ମାନ୍‌କାର, ଗଣ୍ଡୋଲ ଏବଂ ଓଡ଼ିଶାର ଢେଙ୍କାନାଳ ରାଜ ପରିବାର ପ୍ରତିନିଧିତ୍ୱ କରିଥିଲେ। ଏହି ମେଳାରେ ଢେଙ୍କାନାଳ ରାଜ ପରିବାରର ସଦସ୍ୟ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସ୍ତ୍ରୀ ଯୁବରାଣୀ ମ୍ରିନାଲ କୁମାରୀଙ୍କ ଦ୍ୱାରା ପ୍ରସ୍ତୁତ ଢେଙ୍କାନାଳର ବରା ଓ ଘୁଗୁନି, ପିଠଉ ବଟାଦିଆ ପାଳଛତୁ ଭଜା, ଛେନାପୋଡ଼, ଫେଣି ଏବଂ ଢେଙ୍କାନାଳ ମଗଜି ପରସା ଯାଇଥିଲା, ଯାହାକି କର୍ମଶାଳାରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ସେହିପରି ମୁଖ୍ୟ ଭୋଜନ ପାଇଁ କାନିକା, ଡାଲମା, ଦହି ବାଇଗଣ, ବଡ଼ିଚୁରା, ଘାଣ୍ଟ ତରକାରୀ, ଶିମ୍ବରାଇ ଓ ଟମାଟୋ ଖଜୁରୀ ଖଟା ରହିଥିଲା। ଅଧିକ ଚାହିଦା ହେତୁ ଶିମ୍ବରାଇ ଓ ଟମୋଟୋ ଖଜୁରୀ ଖଟାକୁ ଦୁଇଥର ପ୍ରସ୍ତୁତ କରାଯାଇଥିଲା। ଏହି କର୍ମଶାଳାରେ ଗୁଜରାଟର ମୁଖ୍ୟ ଶାସନ ସଚିବ ରାଜ କୁମାର ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱିନୀ କୁମାର, ସାବରମତୀ ରିଭର ଫ୍ରଣ୍ଟ ଡେଭେଲପମେଣ୍ଟ କର୍ପୋରେଶନ ଅଧ୍ୟକ୍ଷ କେଶବ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ରିନାଲ କୁମାରୀଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ସୂଚନା ଦେଇଛନ୍ତି। ମ୍ରିନାଲ କୁମାରୀ ସୌରାଷ୍ଟ୍ର ୱାଙ୍କାନେର ମହାରାଜ କୁମାର ରଣଜିତ୍ ସିଂହଙ୍କ କନ୍ୟା ହୋଇଥିବା ବେଳେ ଢେଙ୍କାନାଳର ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ବଡ଼ବୋହୂ।



ରାଜକୀୟ ଖାଦ୍ୟ ମେଳାରେ ଅଂଶଗ୍ରହଣ କରିଥିବା ଢେଙ୍କାନାଳ ରାଜ ପରିବାରର ଯୁବରାଣୀ ମ୍ରିନାଲ କୁମାରୀ (ଡାହାଣରୁ ତୃତୀୟ)।

# ସ୍ୱାଧୀନତା ସଂଗ୍ରାମୀ ସୁନାରାମ ସିଂଙ୍କ ପରଲୋକ

**ନୀଳଗିରି,୧୭।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ମାଟିର ସୁଯୋଗ୍ୟ ସନ୍ତାନ, ଭାରତ ଛାଡ଼ ଆନ୍ଦୋଳନର ମହାନାୟକ, ନୀଳଗିରି ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ତଥା ସ୍ୱାଧୀନତା ସଂଗ୍ରାମୀ ସୁନାରାମ ସିଂଙ୍କ ରବିବାର ସନ୍ଧ୍ୟା ୭ଟାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା। ୧୯୨୪ ଏପ୍ରିଲ ୧୬ରେ ବର୍ତ୍ତମାନର ଜାମୁଡିହା ପଞ୍ଚାୟତ ଅଧୀନ ଗୋଡ଼ିଶୂଳ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଖୁବ୍ ମେଧାବୀ ଛାତ୍ର ଭାବରେ ରେମୁଣା ହାଇସ୍କୁଲରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ପରେ ଲୋକସମ୍ପର୍କ ବିଭାଗରେ କିଛିଦିନ ପାଇଁ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଦେଶ ମାତୃକା ପ୍ରେମରେ ଉଦ୍‌ବୁଦ୍ଧ ହୋଇ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରିକି ସାଇକେଲରେ ସେ ରାଞ୍ଚି ପର୍ଯ୍ୟନ୍ତ ଯାଉଥିଲେ। ସେଥିପାଇଁ ତାଙ୍କୁ ବାରମ୍ବାର ଜେଲ ଯିବାକୁ ପଡ଼ିଥିଲା। ୧୯୪୮ରେ ନୀଳଗିରି ଗଡ଼ଜାତ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ଜନସେବାରେ ନିଜକୁ ନିୟୋଜିତ କରି ସେତେବେଳର ଅବିଭକ୍ତ ଜଡିଦା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ ମଧ୍ୟ କରାଯାଇଛି। ମୃତ୍ୟୁ ଖବର ପାଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ସ୍ୱାଧୀନତା ସଂଗ୍ରାମୀ ସୁନାରାମ ସିଂ


# ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଅନିତା ପଣ୍ଡା**

ପୂର୍ବତନ ସମ୍ପାଦିକା ଫତେପୁର ସେବାସମବାୟ ସମିତି
ସା- ହରିହରପୁର ଶାସନ, ପୋ- ଫତେପୁର, ଭାୟା- ଖଇରା, ପିନ୍- ୭୫୬୦୪୮

ଆବିର୍ଭାବ: ୦୨।୧୦।୧୯୮୩
ତିରୋଧାନ: ୧୬।୦୩।୨୦୧୬

ତୁମେ ଯେଉଁଠି ବି ଥାଅ ଭଲରେ ଥାଅ। ତୁମର ଅମର ଆତ୍ମା ସଦ୍‌ଗତି ଲାଭ କରୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ଇତି: ଶୋକସନ୍ତପ୍ତ ସ୍ୱାମୀ, କନ୍ୟା, ବାପା, ମାଆ, ଶଶୁର, ଶାଶୁ, କକା, କାକି, ଦେଢ଼ଶୁର, ଦିଅର, ପରିବାରବର୍ଗ ଓ ଶୁଭେଚ୍ଛୁ।

ଧ-୨୭୯୯

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ ଲାଲବାହାଦୂର ସାହୁ**

(ପୂର୍ବତନ ନଗରପାଳ, କୋଣାର୍କ ଏନଏସି )

ଆବିର୍ଭାବ:- ୧୧.୦୧.୧୯୬୬
ତିରୋଧାନ:- ୧୮.୦୩.୨୦୨୦

ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପତ୍ନୀ,ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

ଧ-୨୭୯୮

**୩୬ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ସୁହାସିନୀ ତ୍ରିପାଠୀ**

ଆବିର୍ଭାବ- ୦୫.୦୫.୧୯୫୧ (ପୁରୀ)
ତିରୋଧାନ- ୨୫.୦୨.୧୯୮୮ (କେଉଁଝର)

ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମପାଇଁ ପ୍ରେରଣାର ଏକ ମହାନ ଉତ୍ସ। ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ। ଆଜିର ଏହି ୩୬ ତମ ପୂଣ୍ୟ ତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ : ଝିଅ, ଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ, ପୁଅ, ବୋହୂ-ବାବୁନା ଓ ମାମୁନି, ନାତି-କୁଟୁ, ଡୁକି ଓ ଫୁକି, ନାତୁଣୀ-ପ୍ରାଚୀ, ଶୈବି ଓ ନୈଶା ନାତୁଣୀ ବୋହୂ-ଅସ୍ମିତା, ନାତୁଣୀ ଜ୍ୱାଇଁ-ନିଲ, ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୭୫୫୨୫

**୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କବି ବଂଶୀଧର ମିଶ୍ର**

ସନ୍ତରା, କୁଜଙ୍ଗ, ଜଗତ୍‌ସିଂହପୁର

ଆବିର୍ଭାବ: ୨୦।୦୬।୧୯୩୧
ତିରୋଧାନ: ୧୪।୦୩।୨୦୦୦ (ଦୋଳ ନବମୀ)

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ: ପ୍ରମିଳା ମିଶ୍ର, ପୁତ୍ର ଓ ପୁତ୍ରବଧୂ: ବାବୁନି, ଗୀତା, ଟିକୁ, ମୁନା, ସଞ୍ଜୁ, କୁନା, ମିନି, ନାତି ଓ ନାତୁଣୀବୋହୂ: ବାପି, କୁନି, ଏନୁ, ମାମି, ନାତୁଣୀ ଓ ନାତୁଣୀଜ୍ୱାଇଁ: ଗୁଗୁ, ଚଗୁଲୁ, ଲିପି, ବବୁଲୁ, ସେଲି, ଡଲୁ, ସୁମି, ଅଣନାତି, ଅଣନାତୁଣୀ: ଧନ, ଗୌରବ, ଆଡ୍‌ଲିନ୍।

ଧ-୨୭୭୮

# Classified Everyday 0674-2580101, 2549949



## REAL ESTATE

### SALE

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ Extension BDA Zoneରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ 17,40,000/-ରେ ବିକ୍ରି କରାଯିବ। 6370469894. D-75929

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277. D-2706

Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277. D-2705

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

## TO LET

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742

## HEALTH CARE

Relax, Refresh your body, Mind at Saikrupa Spa with best therapies. 8984068077. D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

[illegible]


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍.ମୋକଦ୍ଦମା ନଂ.-୧୬୨୨/୨୦୧୮

ନୋଟିସ୍

ଫକୀର ମୋହନ ସାହୁ, ବୟସ ୭୫ବର୍ଷ, ପିତା: ୰ପଦ୍ମନାଭ ସାହୁ, ସା: ଇନ୍ଦ୍ରଭବନ, କାଠଗଡ଼ା ସାହି, ଥାନା- ଲାଲବାଗ, ଜିଲ୍ଲା- କଟକ ....ବାଦୀ

ବନାମ

୧. ତହସିଲଦାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ବସୁନ୍ଧରା ବୈଭବ, ମାର୍ଫତ୍ ଚେୟାରମ୍ୟାନ ଦେବପ୍ରିୟ ବିଧାର, ସ୍ୱାମୀ- ପ୍ରଫୁଲ୍ଲ କୁମାର ବିଧାର, ସା- ପ୍ଲଟ୍ ନଂ.-୪୨୧/୧୬୧୭, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୩. ଅଧିକାରୀ ସାହୁ, ପିତା- ବନମାଳୀ ସାହୁ, ସା- ଯୁଝଗଡ଼, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪. ବସୁନ୍ଧରା ଇଷ୍ଟେଟ୍ ଡେଭଲପର୍ସ, କାନନ ବିହାର, ମାର୍ଫତ୍ ଚେୟାରମ୍ୟାନ୍ ପ୍ରଫୁଲ୍ଲ କୁମାର ବିଧାର, ପିତା- ୰ବେଣୁଧର ବିଧାର, ସା- ଏମ୍.ଆଇ.ଜି.-୨, ହାଉସ ନଂ.-୨, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୫. ଇନ୍ଦ୍ରମଣି ସାହୁ, ପିତା: ବାଲୁଙ୍କି ସାହୁ, ୬. ଚମ୍ପା ସାହୁ, ସ୍ୱାମୀ- ପୁନ ସାହୁ, ୭. ଯୋଗେନ୍ଦ୍ର ସାହୁ, ପିତା- ପୁନ ସାହୁ, ୮. ସରସ୍ୱତୀ ସାହୁ, ପିତା- ପୁନ ସାହୁ, ୯. ପାର୍ବତୀ ସାହୁ, ପିତା- ପୁନ ସାହୁ, ୧୦. ମୂଳି ସାହୁ, ପିତା- ଫକୀର ସାହୁ

କ୍ରମିକ ନଂ.-୫ରୁ ୧୦ ସମସ୍ତଙ୍କ ଠିକଣା- ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ...ପ୍ରତିବାଦୀମାନେ

ଏତଦ୍ୱାରା ପ୍ରତିବାଦୀମାନେ ୧ରୁ ୧୦ମାନଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୦୯।୦୫।୨୦୨୪ରିଖ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ: ମୌଜା- କୃଷ୍ଣନଗର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୪୪ | ୬୨ | ୦.୦୬୭ ୧/୨ ଡିସିମିଲ | - | ବିଆଳି |
| ସାବକ ମିଉଟେସନ୍ | - | - | - | - | - |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ୍ | ୨୪୦ | ୮୬୪ | ୦.୦୪୦ ଡିସିମିଲ | - | ଶାରଦ -୧ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା ୧୬।୦୩।୨୦୨୪

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୩, ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୭୯୫

ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍.ମୋକଦ୍ଦମା ନଂ.-୧୬୨୧/୨୦୧୮

ନୋଟିସ୍

ଫକୀର ମୋହନ ସାହୁ, ବୟସ ୭୫ବର୍ଷ, ପିତା: ୰ପଦ୍ମନାଭ ସାହୁ, ସା: ଇନ୍ଦ୍ରଭବନ, କାଠଗଡ଼ା ସାହି, ଥାନା- ଲାଲବାଗ, ଜିଲ୍ଲା- କଟକ ....ବାଦୀ

ବନାମ

୧. ତହସିଲଦାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ଅଧିକାରୀ ସାହୁ, ପିତା- ବନମାଳୀ ସାହୁ, ସା- ଯୁଝଗଡ଼, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ବସୁନ୍ଧରା ଇଷ୍ଟେଟ୍ ଡେଭଲପର୍ସ, କାନନ ବିହାର, ମାର୍ଫତ୍ ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ବିଧାର, ପିତା- ୰ବେଣୁଧର ବିଧାର, ସା- ଏମ୍.ଆଇ.ଜି.-୨, ହାଉସ୍ ନଂ.-୨, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୪. ବସୁନ୍ଧରା ବୈଭବ, ମାର୍ଫତ୍ ଚେୟାରମ୍ୟାନ ଦେବପ୍ରିୟ ବିଧାର, ସ୍ୱାମୀ ପ୍ରଫୁଲ୍ଲ କୁମାର ବିଧାର, ସା- ପ୍ଲଟ୍ ନଂ.-୪୨୧/୧୬୧୭, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା। ....ପ୍ରତିବାଦୀମାନେ

ଏତଦ୍ୱାରା ପ୍ରତିବାଦୀ ନଂ.-୧ରୁ ୧୦ମାନଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୦୯।୦୫।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ: ମୌଜା- କୃଷ୍ଣନଗର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୧୧ | ୬୩ | ୦.୦୫୭ ୧/୨ ଡିସିମିଲ | - | ବିଆଳି |
| | ୨୬ | ୬୪ | ୦.୦୨୪ ଡିସିମିଲ | - | |
| | ୪୪ | ୬୨ | ୦.୦୬୭ ୧/୨ ଡିସିମିଲ | - | ବିଆଳି |
| ସାବକ ମିଉଟେସନ୍ | - | - | - | - | - |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ୍ | ୧୪ | ୮୮୧ | ୦.୦୭୪ ଡିସିମିଲ | - | ଶାରଦ -୩ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା ୧୬।୦୩।୨୦୨୪

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୭୯୬

In the Court of Civil Judge, Senior Division, Nimapara
C.S No.-57/2019

ଗୋପାଳ ଚନ୍ଦ୍ର ନାୟକ .....ବାଦୀ

ବନାମ

ପ୍ରକାଶ ଚନ୍ଦ୍ର ସାହୁ ଓଗେର ....ପ୍ରତିବାଦୀମାନେ

ବିଜ୍ଞାପନ

ଏତଦ୍ୱାରା ପୁରୀ ଜିଲ୍ଲା କୋଣାର୍କ ଥାନା ଅଧୀନ ମୌଜା- ଗୁହାଳପୁରର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ମୌଜା- ଗୁହାଳପୁର, ହାଲ ଖାତା ନଂ.-୨୫୨ ଅଧୀନ ପ୍ଲଟ୍ ନଂ.-୧୨୯୬, ଏ୩୪.୭୦ ଡିସିମିଲି ସ୍ଥ ପଶ୍ଚିମ ତରଫ ଏ୩.୦୦ ବୃତ୍ତି ହାଲ ବନ୍ଦୋବସ୍ତରେ ଗୋଚର କିସମରେ ରେକର୍ଡ ହୋଇଅଛି। ବାଦୀଙ୍କ ପିତା ଜମିଦାରଙ୍କଠାରୁ ହୁକୁମନାମା ବଳରେ ଓ ହାତ ପଟ୍ଟା ଓ ପାଉତି ବଳରେ ତା ୧୮।୧୨।୧୯୪୨ରିଖ ଠାରୁ ଉପରୋକ୍ତ ବୃତ୍ତି ପାଇ ଆବାଦ କରି ସ୍ଥିତିବାନ ସ୍ୱତ୍ୱ ହାସଲ କରି ଅଛନ୍ତି ଓ ବାଦୀ ଅଦ୍ୟାବଧି ମାଲିକ ଦଖଲକାର ଅଛନ୍ତି। ହାଲ ବନ୍ଦୋବସ୍ତରେ ସରକାର ଏହାକୁ ଗୋଚର କିସମରେ ଭୁଲରେ ରେକର୍ଡ କରି ଅଛନ୍ତି। ମୌଜା ଗୁହାଳପୁର ସାମିଲ ନୂଆଗାଁର ଗ୍ରାମବାସୀମାନେ ଉପରୋକ୍ତ ଏ୩.୦୦ ଜମି ଉପରେ ଜବରାନ ରାସ୍ତା ତିଆରି କରୁଅଛନ୍ତି। ଏହାକୁ ପ୍ରତିବାଦ କରି ବାଦୀ ନିମାପଡ଼ା ମୁକାମ ସିଭିଲ ଜଜ୍, ସିନିୟର ଡିଭିଜନ୍‌ଙ୍କ କୋର୍ଟରେ ସି.ଏସ୍. ନଂ.-୫୭/୨୦୧୯ ମୋକଦ୍ଦମା ଆଗତ କରି ଗ୍ରାମବାସୀ ଓ ସରକାରଙ୍କ ବିରୁଦ୍ଧରେ ମୋକଦ୍ଦମା ସମ୍ପତ୍ତି ଉପରେ ସ୍ଥିତିବାନ୍ ସ୍ୱତ୍ୱ ଘୋଷଣା ପୂର୍ବକ ଚିରସ୍ଥାୟୀ ନିଷେଧାଜ୍ଞା ଆଦେଶ ପାଇଁ ଆଗତ କରି ଅଛନ୍ତି। ଏଥିରେ ଗୁହାଳପୁର ଗ୍ରାମବାସୀମାନଙ୍କର କୌଣସି ଦାବି ଆପତ୍ତି ଥିଲେ ଆସନ୍ତା ତା୧୮।୦୪।୨୦୨୪ରିଖ ଦିବା ୭ଘଣ୍ଟା ସମୟରେ ନିମାପଡ଼ା ସିଭିଲ ଜଜ୍ ସିନିୟର ଡିଭିଜନ୍‌ଙ୍କ କୋର୍ଟରେ ଉପରୋକ୍ତ ମୋକଦ୍ଦମାରେ ହାଜର ହୋଇ ଦାବି ଆପତ୍ତି କରିପାରିବେ। ତାରିଖ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ସ୍ୱାକ୍ଷର- ସିଭିଲ୍ ଜଜ୍, ସିନିୟର ଡିଭିଜନ୍, ନିମାପଡ଼ା

ଧ-୨୭୯୭

# ନବମ ବିଜୟ ସହ ଶୀର୍ଷରେ ଓଏଫ୍‌ସି



ଓଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୭।୩**
**(ସରୋଜ ଜେନା)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ରବିବାର ଇଷ୍ଟବେଙ୍ଗଲକୁ ୨-୦ ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହା ସହ ୧୧ ମ୍ୟାଚ୍‌ରୁ ନବମ ବିଜୟ ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି ଓଏଫ୍‌ସି। ରବିବାର

**ଇଣ୍ଡିଆନ ଓମେନ୍ସ ଲିଗ୍**

ଓଏଫ୍‌ସି ପକ୍ଷରୁ ଇନ୍ଦୁମତୀ କାଥିରସେନ(୭୦) ଓ ୱିନ୍ (୯୦+୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍ ଆରମ୍ଭରୁ ଓଏଫ୍‌ସି ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଇଷ୍ଟବେଙ୍ଗଲକୁ ଚାପରେ ରଖିଥିଲା। ତେବେ ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ପ୍ରଥମାର୍ଦ୍ଧ ଶେଷରେ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିବା ଇନ୍ଦୁମତୀ ଓଏଫ୍‌ସି ତରଫରୁ ପ୍ରଥମ ଗୋଲ ଦେଇଥିଲେ। ଇନ୍ଦୁମତୀ ୭୦ତମ ମିନିଟରେ ସ୍କୋର କରିବା ସହ ଦଳକୁ ୧-୦ରେ ଆଗୁଆ କରିଥିଲେ। ଇଷ୍ଟବେଙ୍ଗଲ ପକ୍ଷରୁ ଗୋଲ ପରିଶୋଧ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ମ୍ୟାଚ୍ ଶେଷ ହେବାର କିଛି ମିନିଟ ପୂର୍ବରୁ ଇଞ୍ଜୁରି ଟାଇମ୍‌ରେ ୱିନ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ବିଜୟ ପରେ ୧୧ ମ୍ୟାଚ୍‌ରୁ ୯ମ ବିଜୟ ସହ ୨୮ ପଏଣ୍ଟ ହାସଲ କରି ଗୋକୁଲମ କେରଳକୁ ଗାଦିଚ୍ୟୁତ କରି ପ୍ରଥମ ସ୍ଥାନରେ ପହଞ୍ଚିଛି। ସଞ୍ଜୁଙ୍କୁ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଓଏଫ୍‌ସି ଏହାର ଅନ୍ତିମ ଲିଗ୍ ମ୍ୟାଚ୍ ୨୪ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

# ଭାରତ ଫେରିଲେ ବିରାଟ କୋହଲି

**ନୂଆଦିଲ୍ଲୀ, ୧୭।୩(ପି.ଟି.)**



ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି ଷ୍ଟାର କ୍ରିକେଟର ବିରାଟ କୋହଲି। ସନ୍ତାନ ଜନ୍ମ ପାଇଁ ଟିମ୍ ଇଣ୍ଡିଆରୁ ଛୁଟି ନେଇଥିବା ବିରାଟ ରବିବାର ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ନିଜ ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ ବୋଲି ଜଣାପଡିଛି। ଆଇପିଏଲ୍ ୨୦୨୪ ପୂର୍ବରୁ କୋହଲି ୟୁକେରୁ ଫେରିଛନ୍ତି। ବିରାଟ କୋହଲି ଦ୍ୱିତୀୟ ଥର ପାଇଁ ପିତା ହେବାର ସୌଭାଗ୍ୟ ଲାଭ କରିବା ପୂର୍ବରୁ ଟିମ୍ ଇଣ୍ଡିଆରୁ ଛୁଟି ନେଇଥିଲେ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରି ଯାଇଥିଲେ କୋହଲି। ପ୍ରଥମେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଓହରି ଯାଇଥିବା କହିଥିବା ବେଳେ ପରବର୍ତ୍ତୀ ସମୟରେ ପୁତ୍ର ସନ୍ତାନର ଜନ୍ମ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଆସନ୍ତା ୨୨ ତାରିଖରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ ଆରସିବି। ଟୁର୍ନାମେଣ୍ଟକୁ

**ଆର୍‌ସିବି ଟ୍ରେନିଂ କ୍ୟାମ୍ପ୍‌ରେ ଯୋଗଦେବେ**

୫ ଦିନ ବାକି ରହିଥିବା ବେଳେ କୋହଲି ଭାରତ ଫେରିଛନ୍ତି। ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ କୋହଲି ମୁମ୍ବାଇର ଛତ୍ରପତି ଶିବାଜୀ ବିମାନବନ୍ଦରରୁ ବାହାରକୁ ଆସୁଥିବାର ଭିଡିଓ ପୋଷ୍ଟ କରାଯାଇଥିଲା। ବିଗତ ସିଜନରେ କୋହଲି ୬୩୯ ରନ୍ ସ୍କୋର କରିଥିଲେ। ବ୍ୟକ୍ତିଗତ ଭାବେ କୋହଲି ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଆରସିବି ଥରେ ହେଲେ ଟ୍ରଫି ହାସଲ କରିବାରେ ସମର୍ଥ ହୋଇନାହିଁ।

# ପାକିସ୍ତାନର କୋଚ୍ ହେବେନି ୱାଟସନ, ସାମି

**କରାଚୀ, ୧୭।୩ (ପି.ଟି.)**

ପାକିସ୍ତାନ କ୍ରିକେଟ ଦଳ ବିଦେଶୀ କୋଚ୍ ସନ୍ଧାନରେ ରହିଥିବା ବେଳେ ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଶେନ୍ ୱାଟସନ ଏବଂ ପୂର୍ବତନ ୱେଷ୍ଟଇଣ୍ଡିଆନ ଅଧିନାୟକ ଡାରେନ ସାମି ଜାତୀୟ ଦଳର ପରବର୍ତ୍ତୀ କୋଚ୍ ଦୌଡ଼ରୁ ଓହରିଯାଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ କରାଯାଇଥିବା ଆପ୍ରୋଚ୍‌କୁ ସାମି ଟାଳି ଦେଇଛନ୍ତି। ଇତିମଧ୍ୟରେ ୱେଷ୍ଟଇଣ୍ଡିଜ ହ୍ୱାଇଟବଲ୍ ଟିମ୍‌ର ମୁଖ୍ୟ କୋଚ୍ ଭାବେ ୱେଷ୍ଟଇଣ୍ଡିଜ ବୋର୍ଡ ସହ ତାଙ୍କର ଚୁକ୍ତି ହୋଇଥିବା ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ୱାଟସନ ପାକିସ୍ତାନ ବୋର୍ଡ ଅଫରକୁ ପ୍ରତ୍ୟାଖ୍ୟାନ କରି ଶନିବାର ରାତିରେ ସ୍ୱଦେଶ ଫେରିଯାଇଛନ୍ତି। ଖବର ଅନୁସାରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ମ୍ୟାଚ ବେଳେ ପିସିବିର ଅଫିସିଆଲମାନେ କରାଚୀଠାରେ ୱାଟସନଙ୍କ ସହ ଆଲୋଚନା କରିଥିଲେ ଏବଂ ତାଙ୍କୁ ମୁଖ୍ୟ କୋଚ୍ ପଦବୀ ଯାଚି ଥିଲେ। ୱାଟସନ ପ୍ରଥମାବସ୍ଥାରେ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେ ଆର୍ଥିକ ଏବଂ ଅନ୍ୟ କେତେକ ସର୍ତ୍ତ ରଖିଥିଲେ। ପିସିବି ୱାଟସନଙ୍କ ଆର୍ଥିକ ଦାବିକୁ ଅଣ୍ଟେ ବହୁତେ ମାନି ନେଇଥିଲା। ମାତ୍ର ପ୍ରସ୍ତାବିତ ପ୍ୟାକେଜ ପାକିସ୍ତାନ ମିଡିଆ ଓ ସୋସିଆଲ ମିଡିଆରେ ଲିକ୍ କରିଯାଇଥିଲା। ଅଷ୍ଟ୍ରେଲୀୟ ଜଣକ ଭଦ୍ରତାର ସହକାରେ ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଆଇପିଏଲ୍‌ରେ କମେଣ୍ଟେଟର ଭାବେ କାର୍ଯ୍ୟକରିବାର ଲାଗି ସେ ପୂର୍ବରୁ ପ୍ରତିଶ୍ରୁତି ଦେଇ ସାରିଛନ୍ତି। ପୁନଶ୍ଚ ୟୁଏସ୍‌ଏ ଲିଗ୍ ଏବଂ ତାଙ୍କ ପରିବାର ସହ ସେ ସମୟ ଦେବାକୁ ଚାହାନ୍ତି ବୋଲି ଦର୍ଶାଇ ସ୍ୱଦେଶ ଫେରିଯାଇଛନ୍ତି। ଖବର ଅନୁସାରେ ପିସିବି ୱାଟସନଙ୍କୁ କୁଆଡେ ବାର୍ଷିକ ୨ ନିୟୁତ ଡଲାର ଦେବାକୁ ରାଜି ହୋଇଥିଲା। ପିସିବିକୁ ବର୍ତ୍ତମାନ କାମଚଳା ବ୍ୟବସ୍ଥା କରିବାକୁ ପଡ଼ିବ। ମାର୍ଚ୍ଚ ୨୫ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଘରୋଇ ଟି୨୦ ସିରିଜ ପାଇଁ କାବୁଲରେ ହେବାକୁଥିବା ଜାତୀୟ ଦଳର ଟ୍ରେନିଂ କ୍ୟାମ୍ପ ପାଇଁ କାମଚଳା ବ୍ୟବସ୍ଥା କରିବାକୁ ହେବ।

# ବ୍ଲାକ୍‌ପାନ୍ଥର ଚାମ୍ପିୟନ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ଭୁବନେଶ୍ୱର, ୧୭।୩**
**(ସରୋଜ ଜେନା)**

ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ସେକ୍ରେଟାରିଆଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଇନ୍‌ଡୋର ହଲ୍‌ରେ ଖେଳାଯାଇଥିବା ଟୁର୍ନାମେଣ୍ଟରେ ରୁଷ୍ଟୁ ସାହୁଙ୍କ ବ୍ଲାକପାନ୍ଥର ଦଳ ଚାମ୍ପିୟନ ହୋଇଛି। କିଙ୍ଗ୍ କୋବ୍ରା ରନରଅପ୍ ରହିଥିବା ବେଳେ ଅଲିଭ ରିଡ୍‌ଲେ ତୃତୀୟ ସ୍ଥାନରେ

**ସେକ୍ରେଟାରିଆଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ**

ରହିଥିଲା। କିଙ୍ଗ୍ କୋବ୍ରାର ମୋତିଲାଲ କାଲୋଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଓସ୍‌ବାର ପୂର୍ବତନ ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ସଭାପତି କୃତୀ ଖେଳାଳିଙ୍କୁ ୩୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ ବାର୍ଷିକ ରିପୋର୍ଟ ପଠନ କରିଥିଲେ। ଉପସଭାପତି ବିଶ୍ୱଜିତ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଶନାଥ ପ୍ରଧାନ, ଯୁଗ୍ମ ସଚିବ କାହ୍ନୁଚରଣ ପାଣିଗ୍ରାହୀ ଓ ଶ୍ୱେତାମ୍ବର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରେଫରି ଅଂଶୁମାନ ମହାଳିକ ମ୍ୟାଚ୍ ପରିଚାଳନା କରିଥିଲେ। ଯୁଗ୍ମସଚିବ ଶ୍ୱେତାମ୍ବର ନାୟକ ଓ କାହ୍ନୁ ଚରଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# 'କୋହଲିଙ୍କୁ ଟି୨୦ ବିଶ୍ୱକପ ଦଳରେ ଚାହାନ୍ତି ରୋହିତ'

**ନୂଆଦିଲ୍ଲୀ, ୧୭।୩**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପରେ ବିରାଟ କୋହଲିଙ୍କ ସାମିଲ ହେବା ଉପରେ ଆଶଙ୍କା ପ୍ରକାଶ କରି ଅନେକ ରିପୋର୍ଟ ସାମ୍ନାକୁ ଆସିଥିଲା। ତେବେ ରବିବାର ୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ କୀର୍ତ୍ତି ଆଜାଦ ଏହାକୁ ଖଣ୍ଡନ କରିଛନ୍ତି। ଯେ କୌଣସି ପରିସ୍ଥିତିରେ ମଧ୍ୟ ବିରାଟ କୋହଲିଙ୍କୁ ନିଜ ଦଳରେ ରଖିବାକୁ ଚାହିଁବେ ଅଧିନାୟକ ରୋହିତ ଶର୍ମା। ୨୦୧୩ ଚାମ୍ପିୟନ୍ସ ଟ୍ରଫି ପରଠାରୁ ଭାରତ କୌଣସି ଆଇସିସି ଟୁର୍ନାମେଣ୍ଟ ବିଜୟୀ ହୋଇ ନାହିଁ। ଭାରତ ଏହାର ଟାଇଟଲ ମରୁଡି ଶେଷ କରିବା ପ୍ରୟାସରେ ଥିବା ବେଳେ କୋହଲି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମତ ଦେଇଛନ୍ତି କୀର୍ତ୍ତି ଆଜାଦ। ବିଭିନ୍ନ ରିପୋର୍ଟ ଅନୁସାରେ ଟି୨୦ରେ କୋହଲି ଫର୍ମରେ ନ ଥିବା ନେଇ ଆଲୋଚନା ହେଉଛି। ତେବେ ନିକଟରେ ଅଧିନାୟକ ରୋହିତ ଶର୍ମା ଓ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ନେଇ କହିଛନ୍ତି ଆଜାଦ। ନିଜ ଟିମ୍‌ରେ କୋହଲିଙ୍କୁ ସାମିଲ କରିବାକୁ ରୋହିତ ଦାବି କରିଥିବା କହିଛନ୍ତି ଆଜାଦ୍। ପୁଅ ଅକାୟର ଜନ୍ମ ପାଇଁ ଟିମ୍ ଇଣ୍ଡିଆରୁ ଛୁଟି ନେଇଥିବା ବିରାଟ ରବିବାର ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରି ଯାଇଥିବା କୋହଲି ବର୍ତ୍ତମାନ ଆଇପିଏଲ୍ ଜରିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି।

# ଆଇପିଏଲ୍ ଆରମ୍ଭରୁ ଖେଳିବେ ଆୟର

**କୋଲକାତା, ୧୭।୩ (ପି.ଟି.)**



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭରୁ ଖେଳିବେ କୋଲକାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ଶ୍ରେୟସ ଆୟର। ଦଳର ଟ୍ରେନିଂ କ୍ୟାମ୍ପ୍‌ରେ ଯୋଗଦାନ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଆୟରଙ୍କ ପିଠିରେ ସମସ୍ୟା ଦେଖାଦେଇଥିବାରୁ ଲିଗ୍‌ର ପ୍ରଥମ ପର୍ଯ୍ୟାୟରେ ତାଙ୍କ ଖେଳିବା ନେଇ ସନ୍ଦେହ ରହିଥିଲା। ଶନିବାର ସହରରେ ପହଞ୍ଚିବା ପରେ କେକେଆର ତରଫରୁ ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏପ୍ରିଲରେ ଅସ୍ତ୍ରୋପଚାର ପରେ ୨୯ବର୍ଷୀୟ ଆୟର ଗତ ସିଜନରେ ଖେଳିପାରି ନ ଥିଲେ। ସେପ୍ଟେମ୍ବରରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ତାଙ୍କ ପିଠିରେ ପୁଣି ସମସ୍ୟା ଦେଖାଦେଇଥିଲା। ସେ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ମାତ୍ର ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ସିରିଜର ଅବଶିଷ୍ଟ ତିନୋଟି ଗେମ୍‌ରୁ ସେ ବାଦ୍ ପଡ଼ିଥିଲେ। ଆୟର ମୁମ୍ବାଇ ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲରୁ ଓହରିଯାଇଥିଲେ ମଧ୍ୟ ସେମିଫାଇନାଲ ଓ ଫାଇନାଲ ଖେଳିଥିଲେ। ତେବେ ପିଠିରେ ସମସ୍ୟା ଦେଖାଦେବାରୁ ବିଦର୍ଭ ବିପକ୍ଷ ଫାଇନାଲର ଶେଷ ଦୁଇଦିନ ସେ ଫିଲ୍‌ଡିଂ କରିପାରି ନ ଥିଲେ। ମାର୍ଚ୍ଚ ୨୩ରେ ଇଡେନ ଗାର୍ଡେନ୍ସଠାରେ ସନ୍‌ରାଇଜର୍ସ ବିପକ୍ଷରେ କେକେଆର ଏହାର ଅଭିଯାନ ଆରମ୍ଭ କରିବ।

# ସନ୍‌ରାଇଜର୍ସରେ ଯୋଗଦେଲେ ହେଡ୍

**ହାଇଦ୍ରାବାଦ, ୧୭।୩ (ପି.ଟି.):** ଅଷ୍ଟ୍ରେଲିଆର ଷ୍ଟାର୍ ଓପନର ଟ୍ରାଭିସ ହେଡ୍ ଆଗାମୀ ଆଇପିଏଲ୍ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦର ଟ୍ରେନିଂ କ୍ୟାମ୍ପରେ ଯୋଗଦେଇଛନ୍ତି। ଏହି ୩୦ବର୍ଷୀୟ ଖେଳାଳି ଭାରତରେ ଅଷ୍ଟ୍ରେଲିଆର ୫୦ ଓଭର ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୬ବର୍ଷ ପରେ ଆଇପିଏଲ୍ ଖେଳିବାକୁ ଯାଉଛନ୍ତି। ହେଡ୍ ଗତଥର ୨୦୧୭ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ଆଇପିଏଲ୍ ଖେଳିଥିଲେ। ବାମହାତୀ ଓପନର ତାଙ୍କ ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅଧୀନରେ ଖେଳିବେ। କମିନ୍ସଙ୍କୁ ଏଡେନ୍ ମାରକ୍ରାମଙ୍କ ସ୍ଥାନରେ ଅଧିନାୟକ ଭାବେ ନିଯୁକ୍ତି ଦିଆଯାଇଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦୧୬ରେ ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ନରଙ୍କ ନେତୃତ୍ୱରେ ଆଇପିଏଲ୍ ଟାଇଟଲ ଜିତିଥିଲା।

# ହରିୟାଣା, ଓଡ଼ିଶା କ୍ୱାର୍ଟରରେ

**ପୁଣେ, ୧୭।୩ (ପି.ଟି)**

ହକି ଇଣ୍ଡିଆ ଜାତୀୟ ମହିଳା ହକି ଚାମ୍ପିୟନଶିପ୍‌ରେ ରବିବାର ହରିୟାଣା, ଓଡ଼ିଶା, ମିଜୋରାମ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ହରିୟାଣା ଓ ଓଡ଼ିଶା ସେମାନଙ୍କର ଏହି ବିଜୟ ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୁଲ୍ 'ଡି'ର ଏକ ମ୍ୟାଚ୍‌ରେ ହରିୟାଣା ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ୨୨-୦ ଗୋଲ୍‌ରେ ପୁଡୁଚେରୀକୁ ହରାଇ ଦେଇଥିଲା। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ପୁଲ୍ 'ଇ'ର ଏକ ମୁକାବିଲାରେ ଚଣ୍ଡିଗଡ଼ ବିପକ୍ଷରେ ଓଡ଼ିଶା ୬-୧ ଗୋଲ୍‌ରେ ବିଜୟ ଲାଭ କରିଛି। ପୁଲ୍ 'ଏ'ରେ ମିଜୋରାମ ୨୦-୨ ଗୋଲ୍‌ରେ ରାଜସ୍ଥାନକୁ ପରାସ୍ତ କରିଛି। ରବିବାର ପୁଲ୍ 'ଏଫ୍'ର ଅନ୍ୟ ଏକ ମ୍ୟାଚରେ ପଞ୍ଜାବ ୮-୦ ଗୋଲ୍‌ରେ ହକି ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁଲ୍ 'ଜି'ରେ ମଣିପୁର ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି।

# ୧୬ ବର୍ଷର ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**



ଗୁଲ୍‌ବୀର ସିଂ

ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ଆଥ୍‌ଲେଟ ଗୁଲ୍‌ବୀର ସିଂ ପୁରୁଷ ୧୦,୦୦୦ ମିଟରରେ ରହିଥିବା ୧୬ ବର୍ଷର ପୁରୁଣା ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି। କାଲିଫର୍ନିଆର ସାନ୍ ଜୁଆନ୍ କାପିଷ୍ଟ୍ରାନୋଠାରେ ଅନୁଷ୍ଠିତ ଇଭେଣ୍ଟରେ ଭାରତର ଏହି ୨୫ ବର୍ଷୀୟ ଆଥ୍‌ଲେଟ ୨୭.୪୧.୮୧ ଟାଇମିଂରେ ପୂର୍ବରୁ ଅର୍ଥାତ୍ ୨୦୦୮ରେ ସୁରେନ୍ଦ୍ର ସିଂ (୨୮:୦୨.୮୯)ଙ୍କ ନାମରେ ରହିଥିବା ଜାତୀୟ ରେକର୍ଡକୁ ୨୦ ସେକେଣ୍ଡରୁ ଅଧିକ ସମୟ ବ୍ୟବଧାନରେ ଭାଙ୍ଗି ଦେଇଥିଲେ। ଗୁଲ୍‌ବୀରଙ୍କ ଏହି ପ୍ରୟାସ ଅଲିମ୍ପିକ କ୍ୱାଲିଫିକେଶନ ପାଇଁ ଯଥେଷ୍ଟ ନ ଥଲା। ପ୍ୟାରିସ ଗେମ୍ସ ପାଇଁ କ୍ୱାଲିଫିକେଶନ ସମୟ ୨୭:୦୦.୦୦ ରହିଛି। ଏହି ହିଟ୍‌ରେ ଭାଗ ନେଇଥିବା ଅନ୍ୟ ଭାରତୀୟ କାର୍ତ୍ତିକ କୁମାର ୨୮:୦୧.୯୦ ଟାଇମିଂରେ ରେସ୍ ଶେଷ କରିଥିଲେ। ସୁରେନ୍ଦ୍ରଙ୍କଠାରୁ ମଧ୍ୟ ତାଙ୍କ ଟାଇମିଂ ଭଲ ରହିଥିଲା। ସମାନ ଇଭେଣ୍ଟରେ ଭାଗ ନେଇଥିବା ଅବିନାଶ ସାବ୍‌ଲେ ହିଟ୍ ଶେଷ କରିପାରି ନ ଥିଲେ। ସେ ରେସ୍‌ର ୧୫ତମ ଲାପ୍‌ରେ ଆଉଟ ହୋଇଯାଇଥିଲେ। ଅନ୍ୟପକ୍ଷରେ ମହିଳା ୧୦,୦୦୦ ମିଟରରେ ପାରୁଲ ଚୌଧାରୀ ୩୨:୦୨.୦୮ ଟାଇମିଂରେ ନୈରାଶ୍ୟଜନକ ୨୦ତମ ସ୍ଥାନରେ ରହିଥିଲେ। ମହିଳାମାନଙ୍କ ଲାଗି ପ୍ୟାରିସ କ୍ୱାଲିଫିକେଶନ ଟାଇମିଂ ୩୦:୪୦.୦୦ ରହିଛି।

**ଆନ୍ତଃଜିଲା କଳାହାଣ୍ଡି କପ୍**

# ରାଜେଶ, ସମ୍ପିତଙ୍କ ଶତକ



ରାଜେଶ ଧୂପର



ସମ୍ପିତ ସାହୁ

**ଭୁବନେଶ୍ୱର, ୧୭।୩**
**(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ରବିବାର ଆରମ୍ଭ ହୋଇଛି ସିନିୟର ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ। ଡାଇମଣ୍ଡ ଏ ଓ ବି ଗ୍ରୁପ୍‌ର ମ୍ୟାଚ ହୋଇଥିବା ବେଳେ ରାଜେଶ ଧୂପର ଓ ସମ୍ପିତ କୁମାର ସାହୁ ଶତକ ହାସଲ କରିଛନ୍ତି। ପ୍ରଥମ ଦିନରେ ଭୁବନେଶ୍ୱର ଏ, କଟକ ବି, ସୁନ୍ଦରଗଡ, କଟକ ଏ, ଯାଜପୁର ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେକୁ ୧୦ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର ଏ। ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ୧୬୧ ରନ୍‌ରେ ଅଲଆଉଟ ହୋଇଥିଲା। ଅଙ୍କିତ ଯାଦବ ୫୦ ରନ୍ ସ୍କୋର କରିଥିବା ବେଳେ ଭୁବନେଶ୍ୱର ପକ୍ଷରୁ ଶୋଭନ ସ୍ୱାଇଁ ୫ ଉଇକେଟ ନେଇଥିଲେ। ଭୁବନେଶ୍ୱର ପକ୍ଷରୁ ରଘୁନାଥ ମଲ୍ଲ ୯୨ ଓ ଶାନ୍ତନୁ ମିଶ୍ର ୫୮ ରନ୍ କରିବା ସହ ପ୍ରଥମ ଉଇକେଟରେ ୧୬୩ ରନ୍ ଯୋଡିଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ କଟକ ବି ୭ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଖୋର୍ଦ୍ଧା ୫୦ ଓଭରରେ ୮ ଉଇକେଟରେ ୨୪୭ ରନ୍ କରିଥିଲା। ଜ୍ୟୋତି ବେହେରା ୬୦ ଓ ଆର୍ଯ୍ୟଶ୍ରୀ ଭଞ୍ଜ ୫୬ ରନ୍ ସ୍କୋର କରିଥିଲେ। ସମ୍ପିତ ବେଜା ଓ ପ୍ରଦୀପ୍ତ ଦାଶ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ପିତ ସାହୁଙ୍କ ଅପରାଜିତ ୧୧୩ ଓ ଅନିଲ ପରିଡାଙ୍କ ୭୯ ରନ୍ ବଳରେ କଟକ ବି ୩ ଉଇକେଟରେ ୨୫୧ ରନ୍ କରିଥିଲା।

ନିମପୁର ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ ୮୬ ରନ୍‌ରେ ସମ୍ବଲପୁର ଏ'କୁ ପରାସ୍ତ କରିଛି। ଗୋବିନ୍ଦ ପୋଦ୍ଦାରଙ୍କ ୭୫ ଓ ଅଙ୍କିତ ସିଂଙ୍କ ୫୦ ରନ୍ ବଳରେ ସୁନ୍ଦରଗଡ ୮ ଉଇକେଟରେ ୨୬୭ ରନ୍ କରିଥିଲା। ଦିନ ଦାସ ୪ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଏ ୧୮୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସୟଦ ଜାକି ୫୧ ରନ୍ କରିଥିବା ବେଳେ ଅମିତ ଦାସ ୩ ଓ ସ୍ୱସ୍ତିକ ସାମଲ ୨ ଉଇକେଟ ନେଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଝାରସୁଗୁଡାକୁ ୮ ଉଇକେଟରେ ପରାସ୍ତ କରିଛି କଟକ ଏ। ପ୍ରଥମେ ବ୍ୟାଟିଂ କରି ସାଗର ରାଉତଙ୍କ ୫୬ ରନ ବଳରେ ଝାରସୁଗୁଡା ୧୮୭ ରନ୍‌ରେ ଅଲଆଉଟ ହୋଇଥିଲା। ରାମଚନ୍ଦ୍ର ବେହେରା ଓ ଜାମଳ ମହାପାତ୍ର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜେଶ ଧୂପରଙ୍କ ୧୧୪ ରନ୍ ବଳରେ କଟକ ୨ ଉଇକେଟ ହରାଇ ୧୯୧ ରନ୍ କରିଥିଲା।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଢେଙ୍କାନାଳକୁ ୧୦ ଉଇକେଟରେ ପରାସ୍ତ କରିଛି ଯାଜପୁର। ପପ୍ପୁ ରାୟ ୪ ଉଇକେଟ ନେବାରୁ ଢେଙ୍କାନାଳ ୧୧୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଯାଜପୁର ଆଦିତ୍ୟ ଜେନାଙ୍କ ୭୩ ରନ୍ ବଳରେ ବିନା କ୍ଷତିରେ ମ୍ୟାଚକୁ ଜିତି ନେଇଥିଲା।

ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚ୍‌ରେ ବାଲେଶ୍ୱର ୪୨ ରନ୍‌ରେ ରାଉରକେଲାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଆଶୁତୋଷ ମାର୍ଣ୍ଡି ସର୍ବାଧିକ ୪୫ ରନ୍ କରିଥିଲେ। ଶୁଭଙ୍କର ବିଶ୍ୱାସ ଓ ଉମେଶ ଯାଦବ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସର୍ବେଶ୍ୱର ମହାନ୍ତିଙ୍କ ୫ ଉଇକେଟ ସଫଳତା କାରଣରୁ ରାଉରକେଲା ୧୪୨ ରନ୍‌ରେ ଅଲଆଉଟ ହୋଇଥିଲା।

## ଉପକାରୀ ଭିଟାମିନ୍ 'ଡି'



ଆମେ ସୁସ୍ଥ ରହିବା ପଛରେ ଭିଟାମିନ୍‌ର କେତେ ଭୂମିକା ରହିଛି ତାହା କହିବା ବାହୁଲ୍ୟ ମାତ୍ର। ସେଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ଭିଟାମିନ୍ 'ଡି'। ଏହାର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳେ ଆମେ କିଛି ସମୟ ଏହା ସଂସ୍ପର୍ଶରେ ଆସିବା ନିହାତି ଦରକାର। ଶରୀରରେ ଉକ୍ତ ଭିଟାମିନ୍‌ର ଅଭାବ ହେଲେ ବିଶେଷଭାବରେ ଅସ୍ଥିଜନିତ ସମସ୍ୟା ଦେଖାଯାଇଥାଏ। କେବଳ ସେତିକି ନୁହେଁ, ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମ୍‌ଥାଏ, ତେବେ ସେ ହୃଦ୍‌ଘାତ ହେବା ସହ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର ଆଦିରେ ଏହି ଭିଟାମିନ୍ ଭରି ରହିଛି। ଏ ସମ୍ପର୍କିତ ଅଧିକ ଜାଣିବା ପାଇଁ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## କିଡ୍‌ନୀ ସମସ୍ୟାର କାରଣ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବି ବାଧା ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିକୁ ଖାଦ୍ୟରେ ସାମିଲ୍ କରନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏଭଳି ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ କାରଣ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ କିଡ୍‌ନୀ ପ୍ରତି କ୍ଷତିକାରକ। କିଡ୍‌ନୀଜନିତ ରୋଗର କୌଣସି ଲକ୍ଷଣ ଜାଣିପାରିଲେ ତେବେ ବିଳମ୍ବ ନ କରି ଯଥାଶୀଘ୍ର ଅଭିଜ୍ଞ କିଡ୍‌ନୀ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ବାସି ରୁଟି ଓ ସ୍ୱାସ୍ଥ୍ୟ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ସକାଳେ ଆମେ ଠିକ୍ ସମୟରେ ଯଥେଷ୍ଟ ପରିମାଣର ଜଳଖିଆ ଖାଇବା ଉଚିତ। ଏଥିପାଇଁ ରୁଟି ଅତି ଉତ୍ତମ ବୋଲି ପୁଷ୍ଟିବିଜ୍ଞାନୀମାନଙ୍କର ମତ। କାରଣ ଖଣ୍ଡିଏ ୪୦ ଗ୍ରାମ୍ ଓଜନର ରୁଟିରେ ଥାଏ ପ୍ରାୟ ୩.୧ ଗ୍ରାମ୍ ପ୍ରୋଟିନ, ୧୮.୫ ଗ୍ରାମ୍ ଶ୍ୱେତସାର ଏବଂ ୩.୭ ଗ୍ରାମ୍ ଚର୍ବି। ତହିଁରୁ ମିଳୁଥିବା ୩୦୦ କ୍ୟାଲୋରିର ୬୨ ଶତାଂଶ ଶ୍ୱେତସାର, ୧୧ ଶତାଂଶ ପ୍ରୋଟିନ ଏବଂ ୨୮ ଶତାଂଶ ଚର୍ବିରୁ ମିଳିଥାଏ। ତେବେ ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ସବୁବେଳେ ଆମେ ତାହା ପ୍ରସ୍ତୁତ କରିବାକୁ ସମୟ ପାଉନା। ସେଥିପାଇଁ ରାତିରୁ ରୁଟି ତିଆରି କରି ସକାଳକୁ ରଖିଦେବା ଏକ ଉତ୍ତମ ବିକଳ୍ପ। ପୁନଶ୍ଚ ଏହା ସ୍ୱାସ୍ଥ୍ୟ ପାଇଁ ମଧ ଅଧିକ ଉପାଦେୟ।''

ସକାଳ ଜଳଖିଆକୁ 'ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଜନ' ବୋଲି କୁହାଯାଏ। ଏହାର କାରଣ ହେଲା ଯେ, ରାତିରେ ଦୀର୍ଘ ସମୟ ଧରି ଆମେ କିଛି ଖାଇ ନ ଥାଉ। ଏଣୁ ଶରୀରରେ ରକ୍ତ ଶର୍କରା ସହିତ ଅଧିକାଂଶ ପୁଷ୍ଟିର ପରିମାଣ ହ୍ରାସ ପାଇଥାଏ। ସକାଳର ଜଳଖିଆ ଏସବୁର ଭରଣା କରେ। ଆମର ଶକ୍ତି ବୃଦ୍ଧି କରେ ଏବଂ ସଚେତନତା ବଢ଼ାଏ। ଏହାପରେ ଆମ ଶରୀରର ଯୋପଚୟ ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୁଏ। ପୁନଶ୍ଚ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହା ସୁସ୍ୱାସ୍ଥ୍ୟ, ଉତ୍ତମ ସ୍ମରଣ ଶକ୍ତି ଓ ମନଯୋଗିତା ତଥା ଅପୂରଣଧାରୀ କୋଲେଷ୍ଟରଲ, ମଧୁମେହ, ହୃଦ୍‌ରୋଗ ଏବଂ ପୃଥୁଳତାର ଆଶଙ୍କା ହ୍ରାସ କରିବା ସହିତ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ସକାଳ ଜଳଖିଆ ଖାଇବାରେ ବିଳମ୍ବ ଘଟିଲେ ଶରୀର ଜୈବିକ ଛନ୍ଦ ବଦଳିଯିବା, ରକ୍ତ ଶର୍କରା (ଗ୍ଲୁକୋଜ) ହ୍ରାସ ଯୋଗୁ ମାଂସପେଶୀ ଓ ମସ୍ତିଷ୍କ ଉତ୍ତମ ରୂପେ କାର୍ଯ୍ୟ ନ କରିବା ଇତ୍ୟାଦି ଘଟିଥାଏ। ଏଣୁ ସକାଳେ ଆମେ ଠିକ୍ ସମୟରେ ଯଥେଷ୍ଟ ପରିମାଣର ଜଳଖିଆ ଖାଇବା ଉଚିତ। ଏଥିପାଇଁ ରୁଟି ଅତି ଉତ୍ତମ ବୋଲି ପୁଷ୍ଟିବିଜ୍ଞାନୀମାନଙ୍କର ମତ। କାରଣ ଖଣ୍ଡିଏ ୪୦ ଗ୍ରାମ୍ ଓଜନର ରୁଟିରେ ଥାଏ ପ୍ରାୟ ୩.୧ ଗ୍ରାମ୍ ପ୍ରୋଟିନ, ୧୮.୫ ଗ୍ରାମ୍ ଶ୍ୱେତସାର ଏବଂ ୩.୭ ଗ୍ରାମ୍ ଚର୍ବି। ତହିଁରୁ ମିଳୁଥିବା ୩୦୦ କ୍ୟାଲୋରିର ୬୨ ଶତାଂଶ ଶ୍ୱେତସାର, ୧୧ ଶତାଂଶ ପ୍ରୋଟିନ୍ ଏବଂ ୨୮ ଶତାଂଶ ଚର୍ବିରୁ ମିଳିଥାଏ। ତେବେ ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ସବୁବେଳେ ଆମେ ତାହା ପ୍ରସ୍ତୁତ କରିବାକୁ ସମୟ ପାଉନା। ସେଥିପାଇଁ ରାତିରୁ ରୁଟି ତିଆରି କରି ସକାଳକୁ ରଖିଦେବା ଏକ ଉତ୍ତମ ବିକଳ୍ପ। ପୁନଶ୍ଚ ଏହା ସ୍ୱାସ୍ଥ୍ୟ ପାଇଁ ମଧ ଅଧିକ ଉପାଦେୟ।





ସାଧାରଣତଃ ବାସି ଖାଦ୍ୟକୁ ସ୍ୱାସ୍ଥ୍ୟ ପାଇଁ ଅନୁପଯୋଗୀ ବୋଲି ମନେକରାଯାଏ। କାରଣ ସେଥିରେ ବିବିଧ ପୌଷ୍ଟିକ ଉପାଦାନମାନ ହ୍ରାସ ପାଇବା ସହିତ ନାନାଦି ବିଷାକ୍ତ ରସାୟନ ଏବଂ ରୋଗ ସୃଷ୍ଟି କରୁଥିବା ସୂକ୍ଷ୍ମ ଜୀବମାନ ଉତ୍ପନ୍ନ ହେବାର ଆଶଙ୍କା ଅଧିକ ଥାଏ। କିନ୍ତୁ ବାସି ରୁଟି କ୍ଷେତ୍ରରେ ତାହା ଠିକ୍ ଓଲଟା। କାରଣ ଏହା ସଜ ରୁଟି ତୁଳନାରେ ଅଧିକ ଖାଦ୍ୟୋପଯୋଗୀ ବୋଲି ପ୍ରମାଣିତ ହୋଇଛି ନିମ୍ନୋକ୍ତ ତଥ୍ୟଗୁଡ଼ିକରୁ।

- ଏହାର 'ଗ୍ଲାଇସେମିକ ଇଣ୍ଡେକ୍ସ' ତୁଳନାତ୍ମକ ଭାବେ କମ୍। କାରଣ ରାତିରେ ତିଆରି କରି ରଖିଦେଲେ ସକାଳକୁ ରୁଟି ଶୀତଳ ହୋଇଯାଏ। ତା'ପରେ ଆମେ ତାକୁ ଗରମ କରି ଖାଉ। ଏହି ପ୍ରକ୍ରିୟାରେ ତହିଁରେ ଥିବା ଶ୍ୱେତସାରଗୁଡ଼ିକର ସଂରଚନା ବଦଳିଯାଏ। ଅତଏବ ଆମେ ଖାଇଲା ପରେ ତାହା ଶର୍କରାକୁ ରୂପାନ୍ତରିତ ହେବା ପ୍ରକ୍ରିୟା ମନ୍ଥର ହୋଇଯାଏ। ଏହା ବଳରେ ସେଥିରୁ ଉତ୍ପନ୍ନ ଗ୍ଲୁକୋଜ ଏକ ନିର୍ଦ୍ଦିଷ୍ଟ ହାରରେ ଧୀରେ ଧୀରେ ରକ୍ତରେ ମିଶେ। ଏଣୁ ତହିଁରେ ମାତ୍ରା ସ୍ଥିର ରହେ। ସେଥିପାଇଁ ମଧୁମେହ ରୋଗୀଙ୍କ ପାଇଁ ଏହା ଅଧିକ ଉପାଦେୟ।
- ତିଆରି ହେଲା ପରେ ରୁଟିକୁ ଅଧିକ ସମୟ ଧରି ରଖିବା ଫଳରେ ତହିଁରେ ଜଟିଳ ଶ୍ୱେତସାରର ଆଂଶିକ ବିଘଟନ ଘଟେ। ଏଣୁ ତାହା ହଜମ କରିବା ସହଜ ହୁଏ। ସହଜରେ ଖାଦ୍ୟ ହଜମ କରି ପାରୁ ନ ଥିବା ଲୋକ ଏହା ଖାଇବା ଭଲ। ପୁନଶ୍ଚ ବାସି ରୁଟିରେ ଗ୍ଲୁଟେନ୍ କମ୍ ମାତ୍ରାରେ ଥାଏ। ଏହା ପାକସ୍ଥଳୀ ଉପରେ କମ୍ ଚାପ ଦିଏ। ଯେଉଁମାନେ ସଜ ରୁଟି ସହଜରେ ହଜମ କରିପାରନ୍ତି ନାହିଁ ସେମାନେ ଏହା ଖାଇବା ଉଚିତ। ଏପରିକି 'ଗ୍ଲୁଟେନ୍ ଅସହିଷ୍ଣୁ' ଲୋକେ ମଧ୍ୟ ଏଥିରୁ କିଛି ମାତ୍ରାରେ ଖାଇଲେ ଚଳିବ।
- ବାସି ରୁଟି 'ପୋବାଇଓଟିକ୍ସ'ର ଏକ ଉତ୍ତମ ଉତ୍ସ। ଏହା ଆମ ଅନ୍ତନଳୀରେ ଥିବା ଉପକାରୀ ଜୀବାଣୁ, ଭୂତାଣୁ, ଇଷ୍ଟ ଆଦି ସୂକ୍ଷ୍ମ ଜୀବମାନଙ୍କୁ ପ୍ରତିପୋଷଣ କରେ।
- ରୁଟି ବାସି ହେବାକୁ ଲାଗିଲେ ତହିଁରେ ଚାଲିଥିବା କ୍ୱଣ୍ଟନ ପ୍ରକ୍ରିୟା ହେତୁ ବିବିଧ ଅତ୍ୟାବଶ୍ୟକ ସୂକ୍ଷ୍ମଜୀବମାନ ସୃଷ୍ଟି ହୁଅନ୍ତି। ଅନ୍ତନଳୀର ଜୈବ ପରିମାଣର ସନ୍ତୁଳନ ରକ୍ଷା, ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ ପୁଷ୍ଟିର ଉତ୍ତମ ଶୋଷଣ ଏବଂ ଏପରିକି ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ କରିବାରେ ଏହା ସାହାଯ୍ୟ କରେ।
- ରୁଟି ବାସି ହେଲେ ମଧ୍ୟ ତାହାର ପୌଷ୍ଟିକତା ଅତୁଟ ରହିଥାଏ। ଅବଶ୍ୟ ଏହାଫଳରେ ଏଥିରେ ଥିବା କେତେକ ଭିଟାମିନ୍ କିଛି ମାତ୍ରାରେ ହ୍ରାସ ପାଏ। ତେବେ ମୋଟାମୋଟି ଭାବେ ଏହା ସଜ ରୁଟି ପରି ସମାନ ଭାବରେ ପୁଷ୍ଟିକର। ବାସି ରୁଟି ଖାଇଲେ ଏହା ସହଜରେ ହଜମ ହୋଇଥାଏ। ଫଳରେ ତହିଁରୁ ଶରୀରକୁ ପୁଷ୍ଟିଗୁଡ଼ିକ ସହଜରେ ପ୍ରାପ୍ତ ହୋଇଥାଏ।

ଏସବୁ ଦୃଷ୍ଟିରୁ ବିଚାର କଲେ ବାସି ରୁଟି ଆମ ସ୍ୱାସ୍ଥ୍ୟ ପାଇଁ ଅଧିକ ଉପାଦେୟ। ତେବେ ତାହାକୁ ବେଶି ସମୟ ନ ରଖି ରାତିରେ ତିଆରି କରି ସକାଳେ ଖାଇବା ଉଚିତ। ଆମ ଆୟୁର୍ବେଦ ଶାସ୍ତ୍ରରେ ଏଥିପାଇଁ ଉପଦେଶ ରହିଛି। ତଦନୁଯାୟୀ ଏହା ବାତ, ପିତ୍ତ ଏବଂ କଫକୁ ନିୟନ୍ତ୍ରଣ କରେ। ମେଦବହୁଳତା ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ସକାଳେ ବାସି ରୁଟି ଖାଇଲେ ତାହା ଏଭଳି ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ। ତେଣୁ ସକାଳ ଜଳଖିଆରେ ବାସି ରୁଟିକୁ ଅଗ୍ରାଧିକାର ଦେଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୭୩୦୧୪୬୦



## ଅତ୍ୟଧିକ ଚିନ୍ତା କରୁଥିଲେ..

ଅତ୍ୟଧିକ ଚିନ୍ତା କରୁଥିଲେ ତାହା ଶରୀର ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଏଥିରୁ ଆରୋଗ୍ୟ ଲାଭ କରିବାରେ ଏହା ସମସ୍ୟା ସୃଷ୍ଟି କରିପାରେ। 'ଅତ୍ୟଧିକ ଚିନ୍ତା ଏବଂ ତାହାର ସ୍ୱାସ୍ଥ୍ୟ ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ଗବେଷଣା କରିବା ପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀ ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ଜଣେ ବ୍ୟକ୍ତି କୌଣସି ସମସ୍ୟାରେ ପଡ଼ିଲେ ତାହାକୁ ନେଇ ଅଧିକ ଚିନ୍ତା କରିବା ଠିକ୍ ନୁହେଁ। ତାହାର କିପରି ସମାଧାନ କରାଯାଇପାରିବ ସେ ନେଇ ଉପାୟ ବାହାର କରନ୍ତୁ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଜଣେ ନିଜକୁ ଚିନ୍ତାଠାରୁ କେତେକାଂଶରେ ଦୂରେଇ ରଖିପାରିବ।

## ସ୍ମରଣ ଶକ୍ତି ବଢ଼ାଇବାର ସହଜ ଉପାୟ

ଆମର ସ୍ମରଣ ଶକ୍ତି ସବୁବେଳେ ସକ୍ରିୟ ରହିବା ନିହାତି ଦରକାର। ଏହାକୁ ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ରହିଛି। ବାସ୍ ପ୍ରତିଦିନ କିଛି ଅଙ୍ଗୁର ଖାଆନ୍ତୁ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ସ୍ମରଣ ଶକ୍ତିକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଅଧିକ ରହିଛି। ୟୁନିଭର୍ସିଟି ଅଫ୍ ଟୋକିଓ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଏହାକୁ ନିୟମିତ ଖାଇଲେ ଆମକୁ ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଉପଶମ ମିଳିଥାଏ। ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ଜଣେ ବ୍ୟକ୍ତି ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହା ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ ବି କମାଇଦିଏ। ଅଙ୍ଗୁର ଦୃଷ୍ଟିଶକ୍ତି ମଧ୍ୟ ବଢ଼ାଇଥାଏ। ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



## ସ୍ମାର୍ଟ ରୋବୋ



ଆଜିକାଲି ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଯାଉଛି। ଏପରିକି ଚିକିତ୍ସାରେ ଏହାକୁ ଉପଯୋଗ କରାଯାଇ ଅପରେଶନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ସୁଚାରୁ ରୂପେ ସମ୍ପାଦିତ ହୋଇପାରୁଛି। ବିଶେଷଭାବରେ ଜଣେ କାମ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏହି ସମୟରେ ସେ ଅନ୍ୟ ଜଣଙ୍କର ସହଯୋଗ ଲୋଡ଼ିବା କିଛି ନୂଆ କଥା ନୁହେଁ। ଯଦି ଆପଣ ନିଜ କାମଟିକୁ କରିବା ସମୟରେ କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏ ନେଇ ଚିନ୍ତା କରନ୍ତୁ ନାହିଁ। ଯଦି ଆପଣ ଏଭଳି ସମସ୍ୟା ବିଷୟରେ ସ୍ମାର୍ଟ ରୋବୋକୁ ସୂଚନା ଦେଲେ ତେବେ ସେ ଠିକ୍ ସମୟରେ ଏହାର ଉଚିତ ସମାଧାନ କରିପାରିବ। ହଁ, ଏଭଳି ଏକ ରୋବୋକୁ ଜାପାନର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ଏପରିକି ନିଜ କାମ ପୂର୍ବରୁ ଯଦି ଆପଣ ତା' ସହ ଆଲୋଚନା କରନ୍ତି, ତେବେ ସେ ଏ ନେଇ ଅନେକ ଉପାଦେୟ ତଥ୍ୟ ଯୋଗାଇ ଦେବ। ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିସାରିଛି। ତେବେ ଏହି ରୋବୋକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଉକ୍ତ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରନ୍ତୁ। କାରଣ ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଯଦି ଅସୁସ୍ଥ ଲାଗୁଛି ତେବେ ସମ୍ପୂର୍ଣ୍ଣ ସୁସ୍ଥ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ।
- ଶୋଇବା ପୂର୍ବରୁ ଅଧିକ ସମୟ ଟିଭି ଦେଖନ୍ତୁ ନାହିଁ। କାରଣ ଏହା ସୁନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।
- ଯଦି ଆପଣଙ୍କ ବୟସ ୪୦ ଟପିଲାଣି ତେବେ ଡାଇବେଟିସ୍, ବ୍ଲଡପ୍ରେସର ଏବଂ ଦୃଷ୍ଟି ଶକ୍ତି ପରୀକ୍ଷା କରାଇ ନିଅନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଏହାର ପୂର୍ବାପର ସମ୍ପର୍କରେ ସୂଚନା ଦିଅନ୍ତୁ। ଯଦି ଏ ନେଇ ଆପଣଙ୍କ ନିକଟରେ କୌଣସି ପୁରୁଣା ପ୍ରେସକ୍ରିପସନ ଅଛି ତେବେ ତାହାକୁ ଡାକ୍ତରଙ୍କୁ ଦେଖାଇବାକୁ ଭୁଲନ୍ତୁ ନାହିଁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗ ଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ। ଏଗୁଡ଼ିକ ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ଯୋଗ, ପ୍ରାଣାୟାମ, ବ୍ୟାୟାମ ଆଦି କରି କମାଇପାରିବେ। ଡାକ୍ତରଙ୍କ ସହ ବି ପ୍ରତି ମାସରେ ପରାମର୍ଶ କରନ୍ତୁ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଓଜନକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।



# ଖଣିଜତୈଳ



ଡ. କମଳାକାନ୍ତ ଜେନା

''୧୮୫୯ ମସିହାରେ ପ୍ରଥମେ ମାଟିଖୋଳି ଖଣିଜତୈଳ ବାହାର କରାଯାଇଥିଲା। ପରେ କୋଇଲା ବଦଳରେ ଏହି ତୈଳ ଓ ଜାଳେଣିବାଷ୍ପର ବହୁଳ ବ୍ୟବହାର ହେଲା। କେବଳ ଜାଳେଣି ନୁହେଁ, ଏଥିରୁ ରଙ୍ଗ, ପ୍ଲାଷ୍ଟିକ୍, ସିନ୍ଥେଟିକ୍ ରବର, ସାବୁନ୍, ମହମ, ଜେଲି, ସାର ଓ ବିସ୍ଫୋରକ ଦ୍ରବ୍ୟ ଇତ୍ୟାଦି ପ୍ରସ୍ତୁତ କରାଗଲା। ବର୍ତ୍ତମାନ ଏହାର ବ୍ୟବହାର ଆହୁରି ବ୍ୟାପକ ହୋଇଛି। କିନ୍ତୁ ଏହାର ବ୍ୟବହାର ଆଜି ବାୟୁମଣ୍ଡଳକୁ ଅତି ମାତ୍ରାରେ ପ୍ରଦୂଷିତ କରିସାରିଲାଣି।''

ଶକ୍ତି କହିଲେ ବସ୍ତୁର କାର୍ଯ୍ୟ କରିବାର ସାମର୍ଥ୍ୟକୁ ବୁଝାଯାଏ। ତେଣୁ ଆମ ପାଖରେ କିମ୍ବା ଯନ୍ତ୍ର ପାଖରେ ଶକ୍ତି ଥିଲେ କାମ କରିବା ସମ୍ଭବ ହେବ। ଏବେ ଜଣେ କହିପାରିବ ଯେ, ଗୋଟିଏ ବସ୍ତୁ ଯେତିକି କାମ କରିପାରିବ, ସେଇ ପରିମାଣର କାମକୁ ସେହି ବସ୍ତୁର ଶକ୍ତି କୁହାଯାଏ। ଉଭୟ କାର୍ଯ୍ୟ ଓ ଶକ୍ତିକୁ 'ଜୁଲ୍' ଏକକରେ ମାପ କରାଯାଏ। ଶକ୍ତି ହେଉଛି ବହୁରୂପୀ। ଏହାକୁ ଆମେ ଯାନ୍ତ୍ରିକଶକ୍ତି, ବିଦ୍ୟୁତ୍‌ଶକ୍ତି, ପବନଶକ୍ତି, ସୌରଶକ୍ତି, ଆଲୋକଶକ୍ତି ଏମିତି ଅନେକ ରୂପରେ ପାଇପାରିବା। ଶକ୍ତି ଗୋଟିଏ ରୂପରୁ ଆଉ ଏକ ରୂପକୁ ପରିବର୍ତ୍ତିତ ହୋଇପାରିବ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସମୁଦାୟ ଶକ୍ତିର ପରିମାଣ ସବୁବେଳେ ସମାନ ରହିଛି।

ଶକ୍ତିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ। ସୂର୍ଯ୍ୟ କିରଣରୁ ଶକ୍ତି ନେଇ ବୃକ୍ଷଲତା ନିଜର ଖାଦ୍ୟ ପ୍ରସ୍ତୁତ କରନ୍ତି ଓ ବଢ଼ନ୍ତି। ବୃକ୍ଷଲତାର ବିଭିନ୍ନ ଅଂଶକୁ ଖାଇ ମଣିଷ ଓ ଜୀବଜନ୍ତୁମାନେ ବଞ୍ଚିରହନ୍ତି। ଆମେ ତ ସେହି ଖାଦ୍ୟରୁ ଶକ୍ତି ପାଉ। କିନ୍ତୁ କଳକାରଖାନା ଓ ଗାଡ଼ିମୋଟର ଚାଳିବା ପାଇଁ କୋଇଲା, କିରୋସିନ, ଡିଜେଲ, ପେଟ୍ରୋଲ ଓ ସି.ଏନ୍.ଜି.ରୁ ଶକ୍ତି ପାଆନ୍ତି। ଖଣିଜତୈଳରୁ କିରୋସିନି, ଡିଜେଲ ଓ ପେଟ୍ରୋଲ ଇତ୍ୟାଦି ଜାଳେଣି ଆମକୁ ମିଳେ। ଖଣିଜତୈଳ ହେଉଛି ମାଟିତଳୁ ମିଳୁଥିବା ଅଶୋଧିତ ତୈଳ। ଗଭୀର ମହାସାଗର ଶଯ୍ୟାରେ ସାମୁଦ୍ରିକ ଜୀବ ଓ ଗଛଲତାର ଅବଶେଷାଂଶ ବାଲିକାଦୁଅରେ ମିଶି ନିୟୁତ ନିୟୁତ ବର୍ଷ ଧରି ମାଟିତଳେ ଅମ୍ଳଜାନର ଅନୁପସ୍ଥିତିରେ ରହିବା ଫଳରେ ପ୍ରବଳ ଚାପ ଓ ତାପ ଦ୍ୱାରା ତାହା କଳାରଙ୍ଗର ବହଳିଆ ତେଲରେ ପରିଣତ ହୁଏ। ଗଭୀର ଗାତ ଖୋଳି ପଥର କାଟି ଏହାକୁ ମାଟି ତଳୁ ବାହାର କରାଯାଏ। ଖୋଳିବା ସମୟରେ ପ୍ରଚୁର ଜାଳେଣି-ବାଷ୍ପ ମଧ୍ୟ ମିଳେ। ମାଟି ତଳୁ ମିଳିଥିବା ବହଳିଆ କଳାତେଲକୁ ଶୋଧିତ କଲାପରେ ସେଥିରୁ ପେଟ୍ରୋଲ୍, ଡିଜେଲ୍, କିରୋସିନ, ଲୁବ୍ରିକେଟିଙ୍ଗ ତେଲ, ପ୍ଲାଷ୍ଟିକ୍ ଇତ୍ୟାଦି ମିଳିଥାଏ। ଏଥିରୁ ବୁଝାପଡୁଛି, ଖଣିଜତୈଳ ଆମ ପାଇଁ ଅତି ମୂଲ୍ୟବାନ୍ ଉପାଦାନ।



୧୮୫୯ ମସିହାରେ ପ୍ରଥମେ ମାଟିଖୋଳି ଖଣିଜତୈଳ ବାହାର କରାଯାଇଥିଲା। ପରେ କୋଇଲା ବଦଳରେ ଏହି ତୈଳ ଓ ଜାଳେଣିବାଷ୍ପର ବହୁଳ ବ୍ୟବହାର ହେଲା। କେବଳ ଜାଳେଣି ନୁହେଁ, ଏଥିରୁ ରଙ୍ଗ, ପ୍ଲାଷ୍ଟିକ୍, ସିନ୍ଥେଟିକ୍ ରବର, ସାବୁନ୍, ମହମ, ଜେଲି, ସାର ଓ ବିସ୍ଫୋରକ ଦ୍ରବ୍ୟ ଇତ୍ୟାଦି ପ୍ରସ୍ତୁତ କରାଗଲା। ବର୍ତ୍ତମାନ ଏହାର ବ୍ୟବହାର ଆହୁରି ବ୍ୟାପକ ହୋଇଛି। କିନ୍ତୁ ଏହାର ବ୍ୟବହାର ଆଜି ବାୟୁମଣ୍ଡଳକୁ ଅତିମାତ୍ରାରେ ପ୍ରଦୂଷିତ କରିସାରିଲାଣି। ପୃଥିବୀରେ ଅନୁଭୂତ ସମୁଦାୟ ଖଣିଜତୈଳର ୪ ଭାଗରୁ ୧ ଭାଗ ତୈଳ କେବଳ ସାଉଦି ଆରବରେ ରହିଛି। ତେବେ ଆଲଜେରିଆ, ଇଣ୍ଡୋନେସିଆ, ଇରାନ୍, ଇରାକ୍, କୁଏଟ୍, ଲିବିଆ, ନାଇଜେରିଆ, ସାଉଦି ଆରବ, ଆରବ ଓ ଭେନେଜୁଏଲା ଇତ୍ୟାଦି ରାଷ୍ଟ୍ରଗୁଡ଼ିକରେ ପୃଥିବୀର ୬୭ ପ୍ରତିଶତ ଖଣିଜତୈଳ ଗଚ୍ଛିତ ରହିଛି। ଭାରତରେ ନଗଣ୍ୟ ପରିମାଣର ତୈଳ ଦିଗ୍‌ବୋଇ, ଆସାମ ଓ ଗୁଜରାଟରେ ମିଳିଥାଏ। ମାଟି ତଳେ ଥିବା ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌କୁ ଠାବ କରିବା ଓ ସଂଗ୍ରହ କରିବାରେ ଅଧିକ ଖର୍ଚ୍ଚ ହୁଏ। ଖଣିଜତୈଳ ପୃଥିବୀକୁ ପ୍ରାୟ ୬୦ ପ୍ରତିଶତ ଶକ୍ତି ଯୋଗାଇ ଆସୁଛି। କିନ୍ତୁ ପୃଥିବୀର ଗଚ୍ଛିତ ତୈଳ ତ୍ୱରାନ୍ୱିତ ବେଗରେ ହ୍ରାସ ପାଉଛି, ଯାହାକି ଉଦ୍‌ବେଗର ବିଷୟ। ତୈଳସଂକଟର ସମାଧାନ ପାଇଁ ଆମେ ଯଥାସମ୍ଭବ କମ୍ ତେଲ ଖର୍ଚ୍ଚ କରିବା ଓ ସୌରଶକ୍ତିର ଅଧିକ ବ୍ୟବହାର କରିବା ଉଚିତ।

-ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭଦ୍ରକ
ମୋ: ୯୪୩୯୫୦୧୬୫୧

DHARITRI
ଧରିତ୍ରୀ 50 Years

www.orissakhabar.com/ www.dharitri.com   ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23.   ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୮/୨୦୨୪   Bhubaneswar, Monday, March 18/ 2024

# ୧୬ ବର୍ଷରେ ଆରସିବିକୁ ପ୍ରଥମ ଟାଇଟଲ

**ନୂଆଦିଲ୍ଲୀ,୧୭।୩**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ରବିବାର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ଉଇକେଟରେ ପରାସ୍ତ କରି ଦଳ ଏହାର ପ୍ରଥମ ଟାଇଟଲ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ଜବାବରେ ଆରସିବି ୩ ବଲ୍ ବାକି ଥାଇ ୨

**ଓମେନ୍ସ ପ୍ରିମିୟର ଲିଗ୍**

ଉଇକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲା। ଉଭୟ ଆଇପିଏଲ ଓ ଡବ୍ଲ୍ୟୁପିଏଲକୁ ମିଶାଇ ଆରସିବି ୧୬ ବର୍ଷରେ ପ୍ରଥମ ଟ୍ରଫି ହାସଲ କରିଛି।

ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପକ୍ଷରୁ ଶେଫାଳି ବର୍ମା(୪୪) ଓ ମେଗ୍ ଲାନିଙ୍ଗ(୨୩) ପ୍ରଥମ ଉଇକେଟରେ ୬୪ ରନ୍ ଯୋଡିଥିଲେ। ପ୍ରଥମ ୭ ଓଭରରେ ଦିଲ୍ଲୀ ୬୪ ରନ୍ କରିଥିବା ବେଳେ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା ସୋଫି ମୋଲିନକ୍ସ ଝଡ। ଅଷ୍ଟମ ଓଭରରେ ୩ ଉଇକେଟ ନେବା ସହ ସେ କ୍ୟାପିଟାଲ୍ସ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ପ୍ରଥମ ବଲ୍‌ରେ ଶେଫାଳି ବର୍ମା ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସମାନ ଓଭରର ତୃତୀୟ ଓ ଚତୁର୍ଥ ବଲରେ ଜେମିମା ରୋଡ୍ରିଗୁଏଜ ଓ ଆଲିସ୍ କାପ୍‌ସି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଶେଫାଳି ବର୍ମା ୨୭ ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୪୪ ରନ୍ କରିଥିଲେ। ଶେଫାଳି ଓ ଲାନିଙ୍ଗଙ୍କ ବ୍ୟତୀତ ରାଧା ଯାଦବ ୧୨ ଓ ଅରୁନ୍ଧତୀ ରେଡ୍ଡୀ ୧୦ ରନ୍ କରିବାରେ ସମର୍ଥ ହୋଇଥିଲେ। ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜ ଓ ଆଲିସ୍ କାପ୍‌ସିଙ୍କୁ ଆଉଟ କରି ସୋଫି ମୋଲିନକ୍ସ ଟପ୍ ଅର୍ଡରକୁ ଛାରଖାର କରିଥିବା ବେଳେ ଶ୍ରେୟଙ୍କା ପାଟିଲ ୪ ଓ ଆଶା ଶୋଭନା ୨ ଉଇକେଟ ନେଇ ନିମ୍ନକ୍ରମକୁ ଶେଷ କରିଥିଲେ। ସ୍ପିନରଙ୍କ ଖାତାକୁ ୯ ଉଇକେଟ ଯାଇଥିବା ବେଳେ ଜଣେ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ଜବାବରେ ଆରସିବି ୧୯.୩ ଓଭରରେ ୨ ଉଇକେଟରେ ୧୧୫ ରନ୍ କରି ବିଜୟୀ ହୋଇଥିଲା। ଏଲିସ୍ ପେରୀ ସର୍ବାଧିକ ୩୫ ରନ୍ କରି ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦୁଇ ଓପନର ସ୍ମୃତି ମାନ୍ଧନା ଓ ସୋଫି ଡିଭାଇନ୍ ଯଥାକ୍ରମେ ୩୧ ଓ ୩୨ ରନ୍ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଶିଖା ପାଣ୍ଡେ ଓ ମିନ୍ନୁ ମଣି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୧୮.୩ ଓଭରରେ ୧୧୩/୧୦(ଶେଫାଳି ବର୍ମା–୪୪, ମେଗ୍ ଲାନିଙ୍ଗ–୨୩, ରାଧା ଯାଦବ–୧୨, ଶ୍ରେୟଙ୍କା ପାଟିଲ–୪/୧୨, ସୋଫି ମୋଲିନକ୍ସ–୩/୨୦, ଆଶା ଶୋଭନା–୨/୧୪)। ଆରସିବି ୧୯.୩ ଓଭରରେ ୧୧୫/୨ ( ଏଲିସ୍ ପେରୀ–୩୫*, ସୋଫି ଡିଭାଇନ୍–୩୨, ସ୍ମୃତି ମାନ୍ଧନା–୩୧, ଶିଖା ପାଣ୍ଡେ–୧/୧୧, ମିନ୍ନୁ ମଣି–୧/୧୨)।



ଗୋଟିଏ ଓଭରରେ ୩ ଉଇକେଟ ନେଇଥିବା ସୋଫି ମୋଲିନକ୍ସ।

### ଅରେଞ୍ଜ କ୍ୟାପ୍

| ଖେଳାଳି | ଦଳ | ମ୍ୟାଚ୍ | ରନ୍ |
|---|---|---|---|
| ମେଗ୍ ଲାନିଙ୍ଗ | ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩୩୧ |
| ଏଲିସ୍ ପେରୀ | ଆରସିବି | ୮ | ୩୧୨ |
| ଦୀପ୍ତି ଶର୍ମା | ୟୁପି ୱାରିଅର୍ଜ | ୮ | ୨୯୫ |
| ବେଥ୍ ମୁନି | ଗୁଜରାଟ ଜାଏଣ୍ଟ୍ସ | ୮ | ୨୮୫ |
| ସ୍ମୃତି ମାନ୍ଧନା | ଆରସିବି | ୯ | ୨୬୯ |

### ପର୍ପଲ କ୍ୟାପ୍

| ଖେଳାଳି | ଦଳ | ମ୍ୟାଚ୍ | ଉଇକେଟ |
|---|---|---|---|
| ମାରିଜେନ୍ କାପ୍ | ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୧୧ |
| ସୋଫି ଏକ୍ଲେଷ୍ଟୋନ | ୟୁପି ୱାରିଅର୍ଜ | ୮ | ୧୧ |
| ଜେସ୍ ଜୋନାସେନ୍ | ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୧୧ |
| ରାଧା ଯାଦବ | ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୧୦ |
| ତନୁଜା କନ୍ୱର | ୟୁପି ୱାରିଅର୍ଜ | ୮ | ୧୦ |



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଅଞ୍ଜଳି ମିଶ୍ର ଚାମ୍ପିୟନ

**ରାଜ୍ୟ ସ୍କୁଲ ଓପନ ଚେସ୍**

**ଭୁବନେଶ୍ୱର, ୧୭।୩**
**(ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରୟାଲ ପବ୍ଲିକ ସ୍କୁଲ କେଶୁରା, ଭୁବନେଶ୍ୱର ସହଯୋଗରେ ପ୍ରଥମ ଲକ୍ଷ୍ମୀପ୍ରିୟା ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ଥାନୀୟ ବ୍ରହ୍ମେଶ୍ୱର ହାଇସ୍କୁଲର ଅଞ୍ଜଳି ମିଶ୍ର ୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗର ଆଦିତ୍ୟ ଜେନା ୪ ପଏଣ୍ଟ ସହ ରନରଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ନମସ୍ୟା ନଳିନୀ (ସେଣ୍ଟ ଜାଭିୟର ସ୍କୁଲ, କେଦାରଗୌରୀ), ସିଦ୍ଧାର୍ଥ ମଲିକ (ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ), ଅଂଶୁମାନ ପତି (ମଦର୍ସ ପବ୍ଲିକ ସ୍କୁଲ, ୟୁନିଟ୍ –୧), ରୁଦ୍ର ପ୍ରତାପ ମିଶ୍ର (ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର), ଆର୍ଯ୍ୟଂଶ ମିଶ୍ର (ସେଣ୍ଟ ଜାଭିୟର ସ୍କୁଲ, ସାମନ୍ତରାପୁର),ଶ୍ରେୟସ ମହାପାତ୍ର (ଏଲଆର ଡିଏଭି ସ୍କୁଲ, ଗଣ୍ଡରପୁର), ତପୋତନ୍ମୟ ନାୟକ (ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର) ଏବଂ ଶ୍ରୀୟାଂଶୀ ବେହେରା (ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍–୮)। ବାଳିକା ବିଭାଗରେ ଦେବସ୍ମିତା ପାଣି ପ୍ରଥମ ଏବଂ ନୟୋନିକା ଦାସ ଦ୍ୱିତୀୟ ହୋଇଥିଲେ। ସେହିପରି ୧୪ ବର୍ଷରୁ କମ୍ ବିଭାଗରେ ଅନ୍ୱେଷା ମହାପାତ୍ର ଓ ଆରିହାନ୍ ମିଶ୍ର ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ୧୨ ବର୍ଷରୁ କମ୍ ବିଭାଗରେ ସାଇ ରଞ୍ଜନ ମିଶ୍ର ଓ ଓମ୍ ସ୍ୱରୂପ ପାଢ଼ୀ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ୧୦ ବର୍ଷରୁ କମ୍ ବିଭାଗରେ ଦିବ୍ୟାଂଶ ମହନ୍ତ ପ୍ରଥମ ଏବଂ ଚିରାଗ ମୁଖାର୍ଜୀ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୮ବର୍ଷରୁ କମ୍ ବିଭାଗରେ ଅଦ୍ୱିତ ଆଚାର୍ଯ୍ୟ ଓ ଅଧିତ ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଇନ୍‌ସପେକ୍ଟର ଷ୍ଟେଟ୍ ଇଣ୍ଟେଲିଜେନ୍ସ ପ୍ରିୟଦର୍ଶିନୀ ନାୟକ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଡାରେକ୍ଟର ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ଆଦିତ୍ୟ କୁମାର ମହାନ୍ତି ଏବଂ ତାଙ୍କ ନାତୁଣୀ ସୌମ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷ ହକି ଦଳ ପାଇଁ ଡଚ୍ ଗୋଲ୍‌କିପିଙ୍ଗ୍ କୋଚ୍

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସ ଲାଗି ପୁରୁଷ ହକି ଦଳର ପ୍ରସ୍ତୁତି ସକାଶେ ଭାରତ ଡଚ୍ ଗୋଲ୍ କିପିଙ୍ଗ ବିଶାରଦ ଡେନିସ୍ ଭାନ୍ ଡି' ପଲ୍‌ଙ୍କୁ ନିଯୁକ୍ତି ଦେଇଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ କୋଚିଙ୍ଗ କ୍ୟାମ୍ପରେ ସେ ଯୋଗଦେବେ। ସେ ପି.ଆର. ଶ୍ରୀଜେସ, କ୍ରିଶନ ପାଠକ ଓ ସୁରଜ କାରକେରାଙ୍କ ସହ କାର୍ଯ୍ୟ କରିବେ। ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନଙ୍କ ତତ୍ତ୍ୱାବଧାନରେ ୧୦ ଦିନିଆ ସ୍ପେଶାଲ ଗୋଲ୍‌କିପିଙ୍ଗ କ୍ୟାମ୍ପ ଅନୁଷ୍ଠିତ ହେବ। ଏହା ମାର୍ଚ୍ଚ ୨୬ରେ ଶେଷ ହେବ। ଏହାର ସପ୍ତାହକ ପରେ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ପୁରୁଷ ହକି ଦଳ ପାଇଁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଦଳ ଏଥର ପୋଡିୟମ ଫିନିଶ କରିବାକୁ ଲକ୍ଷ୍ୟ ରଖିଛି। ଏଥିଲାଗି ଦଳକୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଏହି ସ୍ୱତନ୍ତ୍ର କୋଚିଂ କ୍ୟାମ୍ପରେ ବିଶେଷକରି ଗୋଲ୍ କିପିଙ୍ଗ ଓ ଡ୍ରାଗ୍ ଫ୍ଲିକିଙ୍ଗ ଉପରେ ଗୁରୁତ୍ୱ ଆରୋପ କରାଯାଉଛି। ଭାନ୍ ଡର ପଲ୍ ପୂର୍ବରୁ ଏସିଆନ ଗେମ୍ସ ପୂର୍ବରୁ ଜୁଲାଇ ଓ ସେପ୍ଟେମ୍ବରରେ ଭାରତୀୟ ଦଳର ଦୁଇଟି ସ୍ୱତନ୍ତ୍ର କ୍ୟାମ୍ପ ପରିଚାଳନା କରିଥିଲେ।





ଆଇପିଏଲ୍ ୨୦୨୪ ପୂର୍ବରୁ କୋଲ୍‌କାତାର ଇଡେନ୍‌ଗାର୍ଡେନ୍‌ରେ କୋଲ୍‌କାତା ନାଇଟ ରାଇଡର୍ସର ଅଭ୍ୟାସ କ୍ୟାମ୍ପ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ